
# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଏପ୍ରିଲ ୧୪/୨୦୧୯ (୨୦ ପୃଷ୍ଠା) Bhubaneswar, Sunday, April 14/2019 (ଛୁଟିଦିନ ସହ) | ★★★★

୪୫ଶ ଭାଗ ୧୩୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-







କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ୫ ବର୍ଷ ଶାସନ କାଳରେ ଜନସାଧାରଣ ବାକ୍ ସ୍ୱାଧୀନତା ହରାଇଛନ୍ତି।

–ଆର୍. ମୁଥାରାସନ, ତାମିଲନାଡୁ ସିପିଆଇ ସମ୍ପାଦକ



## ସଂକ୍ଷେପରେ

### ଏନ୍‌କାଉଣ୍ଟରରେ ୨ ଜୈଶ୍ ଆତଙ୍କବାଦୀ ନିହତ

**ଶ୍ରୀନଗର,୧୩।୪(ପି.ଟି.):** ଜମ୍ମୁ-କଶ୍ମୀରର ଶୋପିଆନ୍ ଜିଲାରେ ଶନିବାର ସୁରକ୍ଷା ବଳ ସହ ଏନ୍‌କାଉଣ୍ଟରରେ ୨ ଜଣ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ନିହତ ହୋଇଛନ୍ତି। ଏମାନେ ଅନେକ ସାଧାରଣ ନାଗରିକ ଓ ପୋଲିସ କର୍ମଚାରୀଙ୍କ ହତ୍ୟା ସହ ସମ୍ପୃକ୍ତ ଥିଲେ। ନିହତ ଆତଙ୍କବାଦୀ ରାୱଲପୋରା ଅଞ୍ଚଳର ଆବିଦ୍ ୱାଗେ ଏବଂ ଆମ୍‌ଶେପୋରାର ଶାହଜାହାନ ମିର୍ ବୋଲି ଜଣାପଡିଛି। ଶୋପିଆନ ଜିଲାର ଗହଣ୍ଡ ଅଞ୍ଚଳରେ ଆତଙ୍କବାଦୀମାନେ ଆତ୍ମଗୋପନ କରିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ଶନିବାର ସକାଳେ ସୁରକ୍ଷା ବାହିନୀ ଉକ୍ତ ଅଞ୍ଚଳକୁ ଘେରିଯାଇ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲା। ଆତଙ୍କବାଦୀମାନେ ଯବାନଙ୍କୁ ଦେଖି ଗୁଳି ଚଳାଇବାରୁ ସୁରକ୍ଷା ବଳ ଏହାର ପାଲଟା ଜବାବ ଦେଇଥିଲା। ଏନ୍‌କାଉଣ୍ଟର ସ୍ଥଳରୁ ଆତଙ୍କବାଦୀଙ୍କ ମୃତଦେହ ଓ ଗୁଳିଗୋଳା ଜବତ ହୋଇଛି।

### 'କଂଗ୍ରେସ ଶାସିତ ରାଜ୍ୟ ଦଳକୁ ନିର୍ବାଚନୀ ପାଣ୍ଠି ଯୋଗାଉଛି'



ମୀନାକ୍ଷୀ ଲେଖି

**ନୂଆଦିଲ୍ଲୀ,୧୩।୪(ପି.ଟି.):** କଂଗ୍ରେସ ଶାସିତ ରାଜ୍ୟଗୁଡ଼ିକୁ ଦଳ ନିର୍ବାଚନୀ ପାଣ୍ଠି ଲାଗି ଏଟିଏମ୍ ଭାବେ ବ୍ୟବହାର କରୁଥିବା ଭାଜପା ଅଭିଯୋଗ କରିଛି। ଏହି ରାଜ୍ୟଗୁଡ଼ିକରୁ କଳାଟଙ୍କା ନିର୍ବାଚନ ପ୍ରଚାରରେ ବ୍ୟୟ ହେଉଥିବା ଭାଜପା ମୁଖପାତ୍ର ମୀନାକ୍ଷୀ ଲେଖି କହିଛନ୍ତି। ନିକଟରେ ହୋଇଥିବା ଚଢ଼ାଉରୁ ତୋଗଲକ ରୋଡ ନିର୍ବାଚନ ଦୁର୍ନୀତି ସ୍ପଷ୍ଟ ହୋଇଛି ବୋଲି ଭାଜପା ମୁଖପାତ୍ର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଆୟକର ବିଭାଗ ପକ୍ଷରୁ ୫୨ଟି ସ୍ଥାନରେ ଚଢ଼ାଉ କରାଯାଇ ୨୮୧ କୋଟି ଟଙ୍କା ଜବତ ହୋଇଥିଲା। ମଧ୍ୟପ୍ରଦେଶରେ ଗରିବଙ୍କ ପାଇଁ ଉଦ୍ଦିଷ୍ଟ ପାଣ୍ଠିକୁ ନିର୍ବାଚନ ପ୍ରଚାରରେ ଖର୍ଚ୍ଚ ପାଇଁ ରଖାଯାଇଥିଲା ବୋଲି ଭାଜପା ଅଭିଯୋଗ କରିଛି।

## ଜାଲିଆନୱାଲାବାଗ୍ ଗଣହତ୍ୟାକୁ ୧୦୦ ବର୍ଷ

# ଦୁଃଖ ପ୍ରକାଶ କଲା ବ୍ରିଟେନ

**ଅମୃତସର,୧୩।୪(ଆଇଏଏନ୍‌ଏସ୍)**



ଜାଲିଆନୱାଲାବାଗ୍ ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ଉପରାଷ୍ଟ୍ରପତି ଏମ୍ ଭେଙ୍କାୟା ନାଇଡୁଙ୍କ ସହ ଅନ୍ୟ ନେତୃବୃନ୍ଦ।

ଜାଲିଆନୱାଲାବାଗ୍ ହତ୍ୟାକାଣ୍ଡର ୧୦୦ତମ ବାର୍ଷିକୀରେ ଶହୀଦ ଜନତାଙ୍କ ଉଦ୍ଦେଶ୍ୟରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଶନିବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ବ୍ରିଟିଶ ହାଇକମିଶନର ଡୋମିନିକ୍ ଆସ୍କୁିଥ ଉପସ୍ଥିତ ରହି ଏହି ହତ୍ୟାକାଣ୍ଡ ପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ପଞ୍ଜାବ ରାଜ୍ୟପାଳ ଭି.ପି. ସିଂ ବଦନୋରଙ୍କ ସହିତ ଉପରାଷ୍ଟ୍ରପତି ଜାତୀୟ ସ୍ମାରକୀ ନିକଟରେ ଛିଡାହୋଇ ନୀରବ ପ୍ରାର୍ଥନା କରିଥିଲେ। ପଞ୍ଜାବ ପୋଲିସ ଏବଂ ବିଏସ୍‌ଏଫ୍ ଯବାନ ମଧ୍ୟ ୧୯୧୯ ଏପ୍ରିଲ ୧୩ରେ ନିହତ ନିରୀହ ଜନତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉପରାଷ୍ଟ୍ରପତି ଉକ୍ତ ଦୁଃଖଦାୟକ ଘଟଣାର ୧୦୦ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ମାରକୀ ମୁଦ୍ରା ଏବଂ ଡାକଟିକଟ ଉନ୍ମୋଚନ କରିଥିଲେ।

ପୂର୍ବାହ୍ନରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଏବଂ କ୍ୟାବିନେଟ ମନ୍ତ୍ରୀ ନବଜୋତ ସିଂ ସିଦ୍ଧୁଙ୍କ ସମେତ ଅନେକ ନେତା ଜାତୀୟ ସ୍ମାରକୀ ନିକଟରେ ଉପସ୍ଥିତ ରହି ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ୧୦୦ବର୍ଷ ତଳେ 'ବୈଶାଖୀ' ଦିବସରେ ଘଟିଥିବା ଏହି ଦୁଃଖଦାୟକ ଘଟଣାକୁ ସ୍ମରଣ କରିବା ପାଇଁ ବହୁ ସଂଖ୍ୟକ ଲୋକ ସେଠାରେ ସମବେତ ହୋଇଥିଲେ। ଲୋକ ସଭା ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ନେତାମାନେ ରାଜନୈତିକ ବିବୃତି ଦେବାରୁ ନିବୃତ୍ତ ରହିଥିଲେ।

ସୂଚନାଯୋଗ୍ୟ, ୧୯୧୯ ଏପ୍ରିଲ ୧୩ରେ ଅମୃତସରର ଜାଲିଆନ ୱାଲାବାଗ୍‌ଠାରେ ହଜାର ହଜାର ଲୋକ ସମବେତ ହୋଇ ବ୍ରିଟିଶ ସରକାରଙ୍କ ଦମନମୂଳକ ରାଓ୍ୱଲଟ ଆଇନ ବିରୋଧରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଥିଲାବେଳେ ବ୍ରିଗେଡିୟର ଜେନେରାଲ ରେଜିନାଲ୍ଡ ଡାୟରଙ୍କ ନେତୃତ୍ୱରେ ବ୍ରିଟିଶ ସୈନ୍ୟବାହିନୀ ନିରୀହ ଜନତାଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇବାରୁ ୩୭୯ ଲୋକଙ୍କ ମୃତ୍ୟୁ ଘଟିଥିଲା ବୋଲି ସରକାରୀ ଭାବେ କୁହାଯାଇଥିଲା। ବ୍ରିଟିଶ ହାଇକମିଶନର ଡୋମିନିକ୍ ଆସ୍କୁିଥ ଉପସ୍ଥିତ ରହି ଏହି ହତ୍ୟାକାଣ୍ଡ ପାଇଁ ଗଭୀର ଦୁଃଖ ପ୍ରକାଶ କରିଥିବା ବେଳେ ବ୍ରିଟିଶ ସରକାରଙ୍କ ପକ୍ଷରୁ କ୍ଷମା ମାଗିବା ବିଷୟରେ ନିରବ ରହିଥିଲେ। ପୂର୍ବରୁ ବ୍ରିଟେନ ପ୍ରଧାନମନ୍ତ୍ରୀ ଥେରେସା ମେ ଉକ୍ତ ଘଟଣା ପାଇଁ କେବଳ ଦୁଃଖ ପ୍ରକାଶ କରିଥିବାରୁ ଏହା ଯଥେଷ୍ଟ ନୁହେଁ ବୋଲି ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ କହିଥିଲେ। ୧୯୧୯ ଏପ୍ରିଲ ୧୩ ହତ୍ୟାକାଣ୍ଡ ପାଇଁ ସେ ବ୍ରିଟିଶ ସରକାରଙ୍କଠାରୁ କ୍ଷମାପ୍ରାର୍ଥନା ଦାବି କରିଥିଲେ। ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ହେଉଛି ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ କଳଙ୍କିତ ଅଧ୍ୟାୟ।

- କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଶ୍ରଦ୍ଧାଞ୍ଜଳି ଅର୍ପଣ
- ୧୯୧୯ ଏପ୍ରିଲ ୧୩ ଭାରତ ସ୍ୱାଧୀନତା ସଂଗ୍ରାମ ଇତିହାସର କଳଙ୍କିତ ଅଧ୍ୟାୟ
- ବ୍ରିଟେନ ସରକାରଙ୍କ କ୍ଷମା ପ୍ରାର୍ଥନା ଦାବି କଲେ ଅମରିନ୍ଦର

### ଡାୟରଙ୍କ ପାଇଁ ୨୬୦୦୦ ପାଉଣ୍ଡ ସଂଗ୍ରହ କରିଥିଲା ବ୍ରିଟିଶ ଖବରକାଗଜ

**ନୂଆଦିଲ୍ଲୀ,୧୩।୪(ପି.ଟି.)**



ଜାଲିଆନୱାଲାବାଗ ଗଣହତ୍ୟା ପାଇଁ ଦାୟୀ ବ୍ରିଟିଶ-ଭାରତୀୟ ସୈନ୍ୟ ବାହିନୀର ବ୍ରିଗେଡିୟର ଜେନେରାଲ ରେଜିନାଲ୍ଡ ଡାୟରଙ୍କ ପାଇଁ ବ୍ରିଟେନର ଏକ ଖବରକାଗଜ 'ମର୍ଣ୍ଣିଂ ପୋଷ୍ଟ' ସେତେବେଳେ ୨୬ ହଜାର ପାଉଣ୍ଡ ସଂଗ୍ରହ କରିଥିଲା। ସଦ୍ୟ ପ୍ରକାଶିତ ଏକ ପୁସ୍ତକରୁ ଉପରୋକ୍ତ ତଥ୍ୟ ମିଳିଛି। 'ଜାଲିଆନୱାଲାବାଗ୍' ନାମକ ଉକ୍ତ ପୁସ୍ତକ ଅନୁଯାୟୀ, ୧୯୨୦ ଜୁଲାଇରେ ବ୍ରିଟିଶ କର୍ତ୍ତୃପକ୍ଷ ଡାୟରଙ୍କୁ ତାଙ୍କ ପଦରୁ ବରଖାସ୍ତ କରିଥିଲେ। ଏହାର କିଛି ଦିନ ପରେ ମର୍ଣ୍ଣିଂ ପୋଷ୍ଟରେ 'ଦି ମ୍ୟାନ ହୁ ସେଭ୍‌ଡ ଇଣ୍ଡିଆ' ଶୀର୍ଷକରେ ଏକ ଲେଖା ପ୍ରକାଶ ପାଇଥିଲା। ଉକ୍ତ ଲେଖାକୁ ପଢ଼ି ଇଂଲଣ୍ଡର ହଜାର ହଜାର ଲୋକ ବୁଝିଥିଲେ, ଭାରତରେ ସେମାନଙ୍କ ଦେଶର ଲୋକମାନଙ୍କ ଜୀବନ ଜେନେରାଲ ଡାୟରଙ୍କ କାର୍ଯ୍ୟ ଉପରେ ନିର୍ଭର କରୁଥିଲା, ଯେଉଁଥିପାଇଁ ସେ ଏଭଳି କାର୍ଯ୍ୟ କରିଥିଲେ। ଏଭଳି ଲେଖାରେ ପ୍ରଭାବିତ ହୋଇ ଇଂଲଣ୍ଡର ଲୋକମାନେ ଡାୟରଙ୍କ ପାଇଁ ସହାୟତା ଯୋଗାଇ ଦେବାକୁ ଆଗେଇ ଆସିଥିଲେ।

## ଅଯୋଧ୍ୟା ସ୍ଥଳରେ ପୂଜା ଆବେଦନ ଖାରଜ

# ଦେଶକୁ ଶାନ୍ତିରେ ରହିବାକୁ ଦେବନି: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୩।୪**



ଅଯୋଧ୍ୟାର ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ବିବାଦୀୟ ଜମିରେ ଥିବା ୯ଟି ପୁରୁଣା ମନ୍ଦିରରେ ଧର୍ମୀୟ କାର୍ଯ୍ୟ ପାଇଁ ଅନୁମତି ଦେବାକୁ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। 'ଆପଣମାନେ ଦେଶକୁ ଶାନ୍ତିରେ ରହିବାକୁ ଦେବେନି' ବୋଲି ଆବେଦନକାରୀଙ୍କ ଉପରେ ସର୍ବୋଚ୍ଚ ଅଦାଲତ ବିରକ୍ତି ପ୍ରକାଶ କରି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ଜଷ୍ଟିସ ସଞ୍ଜୀବ ଖାନ୍ନାଙ୍କ ଖଣ୍ଡପୀଠ କହିଛନ୍ତି। ଆଲ୍ଲାହାବାଦ ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚ୍ ପୂର୍ବରୁ ଉକ୍ତ ବିବାଦୀୟ ସ୍ଥଳୀରେ ପୂଜା କରିବାକୁ ଅନୁମତି ଦେଇ ନ ଥିଲେ। ଜାନୁୟାରୀ ୧୦ରେ ଲକ୍ଷ୍ନୌ ବେଞ୍ଚ ଆବେଦନକୁ ଖାରଜ କରିଦେବା ସହ ଆବେଦନକାରୀଙ୍କୁ ୫ ଲକ୍ଷ ଟଙ୍କା ଜରିମାନା ଧାର୍ଯ୍ୟ କରିଥିଲେ। ଉକ୍ତ ରାୟ ବିରୋଧରେ ଆବେଦନକାରୀ ପଣ୍ଡିତ ଅମରନାଥ ମିଶ୍ର ସୁପ୍ରିମକୋର୍ଟକୁ ଯାଇଥିଲେ। ଅଯୋଧ୍ୟା ପ୍ରସଙ୍ଗକୁ ନେଇ ଉସ୍‌କାଇବା ବନ୍ଦ କର ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଅଯୋଧ୍ୟା ଜମି ବିବାଦର ଆପୋସ ସମାଧାନ ଲାଗି ସୁପ୍ରିମକୋର୍ଟ ନିକଟରେ ୩ ଜଣିଆ ମଧ୍ୟସ୍ଥ କମିଟି ଗଠନ କରିଛନ୍ତି। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଏଫ୍.ଏମ୍.ଆଇ କାଲିଫୁଲ୍ଲାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ଆର୍ଟ ଅଫ ଲିଭିଙ୍ଗ ଫାଉଣ୍ଡେଶନର ପ୍ରତିଷ୍ଠାତା ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ରବିଶଙ୍କର ଏବଂ ବରିଷ୍ଠ ଆଇନଜୀବୀ ଶ୍ରୀରାମ ପଞ୍ଚୁ ସଦସ୍ୟ ରହିଛନ୍ତି।



ତାମିଲନାଡୁର ରାମନାଥପୁରମ୍‌ଠାରେ ନିର୍ବାଚନୀ ସଭା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଜ୍ୟ ନେତୃବୃନ୍ଦ ସମ୍ବର୍ଦ୍ଧିତ କରୁଛନ୍ତି।

## ମୋଦିଙ୍କ ଭଳି ଦେଖାଯାଉଥିବା ପ୍ରାର୍ଥୀ ଲଢ଼ୁଛନ୍ତି ନିର୍ବାଚନ

# 'ୱାନ୍ ଭୋଟ୍, ୱାନ୍ ନୋଟ୍' ସ୍ଲୋଗାନ ପାଇଁ ନୋଟିସ ଜାରି

**ଲକ୍ଷ୍ନୌ,୧୩।୪(ପି.ଟି)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭଳି ଦେଖାଯାଉଥିବା ଜଣେ ବ୍ୟକ୍ତି ଲୋକ ସଭା ନିର୍ବାଚନନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ 'ୱାନ୍ ଭୋଟ, ୱାନ୍ ନୋଟ' ସ୍ଲୋଗାନ ପାଇଁ ଚର୍ଚ୍ଚାରେ ଅଛନ୍ତି। ଉକ୍ତ ସ୍ଲୋଗାନ ଦ୍ୱାରା ସେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଥିବା ଦର୍ଶାଇ ତାଙ୍କୁ ନୋଟିସ ଜାରି କରାଯାଇଛି। ଏହି ଚର୍ଚ୍ଚିତ ବ୍ୟକ୍ତି ହେଉଛନ୍ତି ଅଭିନନ୍ଦନ ପାଠକ। ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲକ୍ଷ୍ନୌ ଲୋକ ସଭା ଆସନରୁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ବାରାଣସୀ ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ। ଅଭିନନ୍ଦନ ପ୍ରାର୍ଥିପତ୍ର ଦାଖଲ କରିବା ପରେ ଗଣମାଧ୍ୟମକୁ କହିଥିଲେ, ତାଙ୍କର ସ୍ଲୋଗାନ ହେଉଛି- 'ୱାନ୍ ଭୋଟ୍, ୱାନ୍ ନୋଟ୍'। ଏଥିପାଇଁ ଶୁକ୍ରବାର ସଂଧ୍ୟାରେ ଜିଲା ମାଜିଷ୍ଟ୍ରେଟ୍ କୌଶଲରାଜ ଶର୍ମା ପାଠକଙ୍କ ପାଖକୁ ଏକ ନୋଟିସ ଜାରି କରିଛନ୍ତି। ଭୋଟରଙ୍କୁ ଟଙ୍କାର ଲୋଭ ଦେଖାଇବା ଏହି ସ୍ଲୋଗାନର ଉଦ୍ଦେଶ୍ୟ ଥିବାରୁ ଏହା ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କରୁଛି ବୋଲି ମାଜିଷ୍ଟ୍ରେଟ୍ ଦର୍ଶାଇଛନ୍ତି।

ମୋଦିଙ୍କ ମୁହଁର ସାଦୃଶ୍ୟ ବହନ କରୁଥିବା ପାଠକଙ୍କ ପୋଷାକ ଏବଂ ଭାଷଣ ଦେବାର ଶୈଳୀ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଭଳି।



# ଧ୍ୱସ୍ତ ଅର୍ଥନୀତିକୁ ସୁଧାରିବ 'ନ୍ୟାୟ' : ରାହୁଲ

**ମହୀଶୂର,୧୩।୪**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିମୁଦ୍ରୀକରଣ ଦେଶର ଅର୍ଥନୀତିକୁ ଧ୍ୱଂସ କରିଛି। କଂଗ୍ରେସ ଆଣିଥିବା 'ନ୍ୟାୟ ଯୋଜନା' ଧ୍ୱସ୍ତ ଅର୍ଥନୀତିକୁ ସୁଧାରିବାରେ ମୁଖ୍ୟ ଭୂମିକା ନେବ ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶନିବାର ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ କହିଛନ୍ତି। ମହୀଶୂରଠାରେ ରାହୁଲ କହିଛନ୍ତି, ନୋଟବନ୍ଦୀ ଯୋଗୁ ଅର୍ଥନୀତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଅନେକ ଶିଳ୍ପସଂସ୍ଥା ବନ୍ଦ ହୋଇଛି। ବେରୋଜଗାରୀ ବଢ଼ିଛି। ନ୍ୟାୟ ଦେଶର ଗରିବଙ୍କ ହାତକୁ ଟଙ୍କା ଯୋଗାଇଦେବ। ଟଙ୍କା ପାଇଲେ ସେମାନଙ୍କ କ୍ରୟଶକ୍ତି ବଢ଼ିବ ଏବଂ ଦେଶର ଅର୍ଥନୀତି ସୁଧୁରିବ। ଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। କଂଗ୍ରେସ କ୍ଷମତାକୁ ଆସିଲେ ସରକାରୀ ଚାକିରିରେ ରହିଥିବା ୨୨ ଲକ୍ଷ ଖାଲି ପଦବୀକୁ ବର୍ଷକ ମଧ୍ୟରେ ପୂରଣ କରାଯିବ ବୋଲି ରାହୁଲ ପ୍ରତିଶ୍ରୁତି ଦେଇଥିଲେ। ଏହାବ୍ୟତୀତ ପଞ୍ଚାୟତସ୍ତରରେ ୧୦ ଲକ୍ଷ ଯୁବତୀଯୁବକଙ୍କୁ ନିଯୁକ୍ତି ଦିଆଯିବ। ନ୍ୟାୟ ଯୋଜନାରେ ଦେଶର ୨୦ ପ୍ରତିଶତ ଅତି ଗରିବ ପରିବାରକୁ ବର୍ଷକୁ ୭୨ ହଜାର ଟଙ୍କା ଯୋଗାଇ ଦେବାକୁ ରାହୁଲ ପୂର୍ବରୁ ଘୋଷଣା କରିଥିଲେ। ଏହା ଦାରିଦ୍ର୍ୟ ଉପରେ କଂଗ୍ରେସର ସର୍ଜିକାଲ ଷ୍ଟ୍ରାଇକ୍। ମୋଦି ସରକାର ଦେଶର ଧନୀଙ୍କୁ ଟଙ୍କା ଯୋଗାଇଥିବାବେଳେ କଂଗ୍ରେସ ସବୁଠୁ ଗରିବଙ୍କୁ ଆର୍ଥିକ ସହାୟତା ଯୋଗାଇଦେବ ବୋଲି ରାହୁଲ ପ୍ରତିଶ୍ରୁତି ଦେଇଥିଲେ।

## ଭାଜପାକୁ ବଜରଙ୍ଗବାଲି ଭୋଟ ମିଳିବନି: ମାୟାବତୀ


**ବଦାଉଁ,୧୩।୪(ପି.ଟି.)**

ଲୋକ ସଭା ନିର୍ବାଚନରେ ଭାଜପାକୁ ଅଲି କିମ୍ବା ବଜରଙ୍ଗବାଲି କୌଣସି ଭୋଟ ମିଳିବ ନାହିଁ ବୋଲି ବିଏସ୍‌ପି ସୁପ୍ରିମୋ ମାୟାବତୀ କହିଛନ୍ତି। ସମାଜବାଦୀ ପାର୍ଟି ପ୍ରାର୍ଥୀ ଧର୍ମେନ୍ଦ୍ର ଯାଦବଙ୍କ ପାଇଁ ପ୍ରଚାର କରିବାକୁ ଯାଇ ଏକ ମିଳିତ ର୍‍ୟାଲିରେ ମାୟାବତୀ କହିଥିଲେ, ବଜରଙ୍ଗବାଲି ଜାତି ସେ ନୁହେଁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସୃଷ୍ଟି କରିଛନ୍ତି। ବଜରଙ୍ଗବାଲୀ ବନବାସୀ ଏବଂ ଦଳିତ ବୋଲି ଯୋଗୀ କହିଥିଲେ। ଏଭଳି ତଥ୍ୟ ପାଇଁ ସେ ଯୋଗୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଉଭୟ ଅଲି ଓ ବଜରଙ୍ଗବାଲି ଭୋଟ ଏଣିକି ତାଙ୍କ ଦଳକୁ ମିଳିବ ବୋଲି ମାୟାବତୀ କହିଛନ୍ତି।

# ବାଲଟପେପର ପୁନଃପ୍ରଚଳନ ଲାଗି ଚନ୍ଦ୍ରାବାବୁଙ୍କ ଦାବି

**ଶ୍ରୀନଗର,୧୩।୪**

ନିର୍ବାଚନୀ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ଗଣତନ୍ତ୍ରର ସୁରକ୍ଷା ଲାଗି ତୁରନ୍ତ ବାଲଟ ପେପର ପ୍ରଚଳନ ପାଇଁ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ତଥା ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଅଧ୍ୟକ୍ଷ ଏନ୍.ଚନ୍ଦ୍ରାବାବୁ ନାଇଡୁ ନିର୍ବାଚନ କମିଶନ (ଇସି)ଙ୍କୁ କହିଛନ୍ତି। ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ବିଭିନ୍ନ ସ୍ଥାନରେ ଇଭିଏମ୍ ଅଚଳ ହେବା ପ୍ରସଙ୍ଗକୁ ନେଇ ଚନ୍ଦ୍ରାବାବୁ ଶନିବାର ସକାଳେ ନିର୍ବାଚନ କମିଶନ ଅଧିକାରୀମାନଙ୍କୁ ଭେଟିଥିଲେ। ଆନ୍ଧ୍ରପ୍ରଦେଶରେ ନିର୍ବାଚନ ପରିଚାଳନାରେ ଇସିଙ୍କ ସାମ୍ବିଧାନିକ ଦାୟିତ୍ୱକୁ ନେଇ ଗୁରୁତର ସନ୍ଦେହ ସୃଷ୍ଟି ହୋଇଛି। ନିର୍ବାଚନ ପରିଚାଳନା ନିରପେକ୍ଷ ଏବଂ ଲକ୍ଷ୍ୟଭିତ୍ତିକ ହୋଇନାହିଁ। ତେଣୁ ତୁରନ୍ତ ବାଲଟ ପେପର ପ୍ରଚଳନ କରାଯାଉ ବୋଲି ଚନ୍ଦ୍ରାବାବୁ ମୁଖ୍ୟ ନିର୍ବାଚନ କମିଶନଙ୍କୁ ପତ୍ର ଲେଖି ଜଣାଇଛନ୍ତି। ରାଜ୍ୟ ପୋଲିସ ବିଭାଗର ଅନୁରୋଧ ସତ୍ତ୍ୱେ ନିର୍ବାଚନ ଲାଗି ଯଥେଷ୍ଟ ସୁରକ୍ଷା ବଳ ଯୋଗାଇ ଦିଆଯାଇ ନ ଥିଲା ବୋଲି ଚନ୍ଦ୍ରାବାବୁ ଅଭିଯୋଗ କହିଛନ୍ତି।




## ଇତିହାସର ଆଇନାରେ

### ଏପ୍ରିଲ ୧୪ର ପ୍ରମୁଖ ଘଟଣା

୧୯୯୯ ଏପ୍ରିଲ ୧୪ରେ ନାଟୋ ଭୁଲକ୍ରମେ ଆଲବାନିଆନ୍ ଶରଣାର୍ଥୀଙ୍କ ଉପରେ ବୋମାମାଡ କରିବାରୁ ୭୫ ଜଣଙ୍କ ମୃତ୍ୟୁ ଘଟିଥିଲା ବୋଲି ଯୁଗୋସ୍ଲୋଭିଆ ଅଭିଯୋଗ କରିଥିଲା। ଆଲବାନିଆ ହେଉଛି ଦକ୍ଷିଣ-ପୂର୍ବ ୟୁରୋପର ଏକ ଦେଶ। ଉକ୍ତ ଦେଶର ଉତ୍ତର-ପଶ୍ଚିମରେ ମୋଣ୍ଟେନିଗ୍ରୋ, ଉତ୍ତର-ପୂର୍ବରେ କୋସୋଭୋ, ପୂର୍ବରେ ଉତ୍ତର ମାସିଡୋନିଆ ଏବଂ ଦକ୍ଷିଣରେ ଗ୍ରୀସ୍ ରହିଛି।

୨୦୧୪ ଏପ୍ରିଲ ୧୪ରେ ନାଇଜେରିଆର ଚାଇବକ୍‌ରେ ବୋକୋ ହାରାମ୍ ଇସଲାମିକ୍ ଆତଙ୍କବାଦୀ ଗୋଷ୍ଠୀ ୨୭୬ ସ୍କୁଲଛାତ୍ରୀଙ୍କୁ ଅପହରଣ କରିନେଇଥିଲା। ଚାଇବକ୍ ହେଉଛି ପଶ୍ଚିମ ଆଫ୍ରିକାର ଏକ ଇସ୍‌ଲାମିକ୍ ରାଷ୍ଟ୍ର। ଉତ୍ତର-ପୂର୍ବ ନାଇଜେରିଆରେ ବୋକୋ ହାରାମ୍ ଆତଙ୍କବାଦୀ ଗୋଷ୍ଠୀର ଜନ୍ମ। ଉକ୍ତ ଗୋଷ୍ଠୀ ଚାଦ୍, ନାଇଜର ଏବଂ ଉତ୍ତର କାମେରୁନ୍‌ରେ ମଧ୍ୟ ସକ୍ରିୟ।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘମୁକ୍ତ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୮ | ୨୧.୦ |
| ଚାନ୍ଦବାଲି | ୩୭.୨ | ୨୦.୫ |
| କଟକ | ୩୮.୬ | ୨୨.୬ |
| ପାରାଦ୍ୱୀପ | ୩୨.୦ | ୨୪.୬ |
| ଭୁବନେଶ୍ୱର | ୩୯.୫ | ୨୪.୮ |
| ଗୋପାଳପୁର | ୩୩.୧ | ୨୫.୮ |
| ପୁରୀ | ୩୩.୦ | ୨୭.୦ |
| ଅନୁଗୋଳ | ୪୨.୭ | ୨୨.୬ |
| ବାରିପଦା | ୩୫.୫ | ୨୦.୨ |
| ଝାରସୁଗୁଡ଼ା | ୪୦.୯ | ୨୫.୬ |
| କେନ୍ଦୁଝର | ୩୮.୦ | ୨୨.୨ |
| ସମ୍ବଲପୁର | ୪୦.୧ | ୨୩.୫ |
| ସୁନ୍ଦରଗଡ଼ | ୪୦.୦ | ୨୦.୦ |
| ହୀରାକୁଦ | ୩୯.୯ | ୨୪.୧ |
| ତାଳଚେର | ୪୩.୧ | ୨୪.୭ |
| ଭବାନୀପାଟଣା | ୪୨.୫ | ୨୫.୦ |
| ବଲାଙ୍ଗୀର | ୪୨.୦ | ୨୪.୫ |
| କୋରାପୁଟ | ୩୭.୦ | ୧୯.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୪୩.୦ | ୨୩.୫ |
| ମାଲକାନଗିରି | ୩୯.୦ | ୧୭.୬ |
| ସୋନପୁର | ୪୦.୮ | ୨୪.୪ |
| ଦାରିଙ୍ଗିବାଡ଼ି | ୩୬.୫ | ୨୦.୫ |

ଡିଗ୍ରୀ ସେଲ୍‌ସିୟସ୍

# ଜେଲ୍‌ରେ ୬୭% ବିଚାରାଧୀନ କଏଦୀ

**ନୂଆଦିଲ୍ଲୀ,୧୩।୪(ପି.ଟି)**



ଦେଶର ୧୪୦୦ ଜେଲ୍‌ରେ ୪.୩୩ ଲକ୍ଷ ବନ୍ଦୀ ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୬୭ ପ୍ରତିଶତରୁ ଅଧିକ ବିଚାରାଧୀନ କଏଦୀ ବୋଲି ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ପରିସଂଖ୍ୟାନ-୨୦୧୬ରୁ ଜଣାପଡିଛି। ୧୯୪୨ ଶିଶୁ ଜେଲ୍‌ରେ ସେମାନଙ୍କ ମାଆ ସହ ରହୁଛନ୍ତି। ୨୦୧୬ ଡିସେମ୍ବର ୩୧ ସୁଦ୍ଧା ବିଭିନ୍ନ ଜେଲରେ ୪,୩୩,୦୦୩ ବନ୍ଦୀ ରହିଥିବାବେଳେ ସେମାନଙ୍କ ମଧ୍ୟରୁ ଦୋଷୀସାବ୍ୟସ୍ତ ବନ୍ଦୀଙ୍କ ସଂଖ୍ୟା ୧,୩୫,୬୮୩। ବିଚାରାଧୀନ କଏଦୀଙ୍କ ସଂଖ୍ୟା ୨,୯୩,୦୫୮ ହୋଇଥିବାବେଳେ ଅଟକ ବ୍ୟକ୍ତିଙ୍କ ସଂଖ୍ୟା ୩,୦୮୯। ଉତ୍ତରପ୍ରଦେଶ ଜେଲ୍‌ରେ ସର୍ବାଧିକ ଦୋଷୀସାବ୍ୟସ୍ତ ବନ୍ଦୀ ଓ ବିଚାରାଧୀନ କଏଦୀ ଅଛନ୍ତି। ୧୬୪୯ ମହିଳା ବନ୍ଦୀ ସେମାନଙ୍କର ୧୯୪୨ ପିଲାଙ୍କ ସହ ଜେଲରେ ରହିଥିବା ଏନ୍‌ସିଆର୍‌ବି ରିପୋର୍ଟରେ କୁହାଯାଇଛି। ବିଚାରାଧୀନ କଏଦୀଙ୍କ ସଂଖ୍ୟା ୨୦୧୪ ତୁଳନାରେ ୨୦୧୬ରେ ୩.୬ ପ୍ରତିଶତ ବଢ଼ିଛି। ଜିଲା ଜେଲ୍‌ରେ ସର୍ବାଧିକ ୫୧.୨ ପ୍ରତିଶତ (୧,୫୦,୧୭୨ ଜଣ) ରହୁଥିବାବେଳେ କେନ୍ଦ୍ରୀୟ ଜେଲ୍‌ରେ ୩୪.୯ ପ୍ରତିଶତ (୧,୦୨,୩୮୪ ଜଣ) ଏବଂ ସବ୍‌ଜେଲ୍‌ରେ ୧୧.୩ ପ୍ରତିଶତ (୩୩,୨୬୦ ଜଣ) ରହିଛନ୍ତି। ଉତ୍ତରପ୍ରଦେଶର ଜେଲ୍‌ଗୁଡିକରେ ସର୍ବାଧିକ ବିଚାରାଧୀନ ବନ୍ଦୀ (୬୮,୪୩୨) ରହିଛନ୍ତି। ଏହା ସମୁଦାୟ କଏଦୀଙ୍କ ସଂଖ୍ୟାର ୨୩.୪ ପ୍ରତିଶତ। ଏହା ପଛକୁ ବିହାରରେ ୨୭,୭୫୩ (୯.୫ ପ୍ରତିଶତ) ଏବଂ ଏହା ପଛକୁ ମହାରାଷ୍ଟ୍ରରେ ୨୨,୬୯୩(୭.୭ ପ୍ରତିଶତ) ରହିଥିବା ଏନ୍‌ସିଆରବି ପକ୍ଷରୁ ସୂଚନା ମିଳିଛି। ଏତଦ୍ ଭିନ୍ନ ୪୦୦ ଦୋଷୀ ସାବ୍ୟସ୍ତ ମହିଳା କଏଦୀଙ୍କ ସହିତ ୪୫୯ ଶିଶୁ ରହିଥିବା ବେଳେ ୧୧୯୨ ବିଚାରାଧୀନ ମହିଳା କଏଦୀଙ୍କ ସହିତ ୧୪୦୯ ଶିଶୁ ରହିଛନ୍ତି।

# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ଏପ୍ରିଲ ୧୪/୨୦୧୯ | Bhubaneswar, Sunday, April 14/2019 | ପୃଷ୍ଠା-୧




**ସୁବିଧାରୁ ବଞ୍ଚିତ ପିଲାଙ୍କ ପାଇଁ କାର୍ଯ୍ୟ କରିବେ ଦିୟା**

ମୌଳିକ ସୁବିଧା ସୁଯୋଗ ଓ ଅଧିକାରରୁ ବଞ୍ଚିତ ପିଲାଙ୍କ ଲାଗି କାର୍ଯ୍ୟ କରିବାକୁ ଅଭିନେତ୍ରୀ ଦିୟା ମିର୍ଜା ଆଗ୍ରହ ପ୍ରକାଶ କରିଛନ୍ତି।


୦୫

୧୬

**ବଟଲରଙ୍କ ପ୍ଲେୟର ଅଫ୍ ଦି ମ୍ୟାଚ୍**

ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ରାଜସ୍ଥାନ ରୟାଲ୍ସକୁ ଜିତାଇବାରେ ପ୍ରମୁଖ ଭୂମିକା ପାଇଁ ଜୋସ୍ ବଟଲର ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି।





## ■ ଅନିଲ ଅମ୍ବାନୀଙ୍କ କମ୍ପାନୀକୁ 'ମୋଦି କୃପା'

# ଫ୍ରାନ୍ସରେ ୧୪୩.୭ ନିୟୁତ ୟୁରୋ ଟିକସ ଛାଡ଼



■ ରାଫାଲ ଯୁଦ୍ଧବିମାନ କିଣିବା ନେଇ ଘୋଷଣା ପରେ ରିହାତି

■ ଅନୁକମ୍ପାକୁ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ

■ ଅଭିଯୋଗକୁ ପ୍ରତିରକ୍ଷା ମନ୍ତ୍ରଣାଳୟର ଖଣ୍ଡନ

ନୂଆଦିଲ୍ଲୀ,୧୩।୪(ପି.ଟି.)

ମୋଦି ସରକାରଙ୍କ ପିଛା ଛାଡୁନାହିଁ ରାଫାଲ ଯୁଦ୍ଧବିମାନ ଚୁକ୍ତି ବିବାଦ। ଏହି ଡିଲ୍ ଯୋଗୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ବନ୍ଧୁ ଅନିଲ ଅମ୍ବାନୀଙ୍କ କମ୍ପାନୀକୁ ଫାଇଦା ଦେଇଥିବା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଅଭିଯୋଗ କରିଆସୁଥିବାବେଳେ ଫ୍ରାନ୍ସର ଏକ ଖବରକାଗଜ ଏ ସମ୍ପର୍କିତ ତଥ୍ୟ ପଦାକୁ ଆଣିଛି। ରାଫାଲ ଚୁକ୍ତି ଘୋଷଣା ପରେ ଅନିଲଙ୍କ ରିଲାଏନ୍ସ କମ୍ୟୁନିକେଶନ୍ସର ଫ୍ରାନ୍ସରେ ପଞ୍ଜୀକୃତ ସହଯୋଗୀ କମ୍ପାନୀକୁ ସେଠାକାର ସରକାର ୧୪୩.୭ ନିୟୁତ ୟୁରୋ ଟିକସ ଛାଡ଼ କରିଥିବା ଖବରକାଗଜ 'ଲି ମଣ୍ଡେ' ପ୍ରକାଶ କରିଛି। ଭାରତରେ ସାଧାରଣ ନିର୍ବାଚନ ଚାଲିଥିବାବେଳେ ଏହି ଚାଞ୍ଚଲ୍ୟକର ପ୍ରଘଟ ଜାତୀୟ ରାଜନୀତିରେ ଭୂକମ୍ପ ସୃଷ୍ଟି କରିଛି। ତେବେ ରିଲାଏନ୍ସ କମ୍ୟୁନିକେଶନ୍ସ ଏଭଳି ଖବରକୁ ଖଣ୍ଡନ କରିଛି। ଫ୍ରାନ୍ସର ଆଇନଗତ ବ୍ୟବସ୍ଥା ଅନୁଯାୟୀ ଟିକସ ବିବାଦର ସମାଧାନ ହୋଇଛି ଏବଂ ଅନ୍ୟ କମ୍ପାନୀଗୁଡ଼ିକ ଭଳି ସୁବିଧା ଆମକୁ ମିଳିଛି ବୋଲି ରିଲାଏନ୍ସ କମ୍ୟୁନିକେଶନ୍ସ ପକ୍ଷରୁ କୁହାଯାଇଛି।

'ଲି ମଣ୍ଡେ'ରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ୨୦୦୭ରୁ ୨୦୧୦ ମଧ୍ୟରେ ଅନିଲଙ୍କ କମ୍ପାନୀ 'ରିଲାଏନ୍ସ ଆଟଲାଣ୍ଟିକ୍ ଫ୍ଲାଗ୍ ଫ୍ରାନ୍ସ' ୬୦ ନିୟୁତ ୟୁରୋ ଟିକସ ପଇଠ କରିବାକୁ ଥିଲା। ଉକ୍ତ କମ୍ପାନୀ ୭.୬ ନିୟୁତ ୟୁରୋ ଯାଚିଥିଲା, ଯାହା ଫ୍ରାନ୍ସ ଟିକସ କର୍ତ୍ତୃପକ୍ଷ ଗ୍ରହଣ କରି ନ ଥିଲେ। ପରେ ୨୦୧୦ରୁ ୨୦୧୨ ମଧ୍ୟରେ ଟିକସ କର୍ତ୍ତୃପକ୍ଷ ଆଉ ଏକ ତଦନ୍ତ କରି ସେହି ଅବଧି ମଧ୍ୟରେ ଅତିରିକ୍ତ ୯୧ ନିୟୁତ ୟୁରୋ ପୈଠ କରିବା ଲାଗି କମ୍ପାନୀକୁ କହିଥିଲେ। ଫ୍ରାନ୍ସରେ କେବୁଲ ନେଟୱାର୍କ ଓ ଅନ୍ୟାନ୍ୟ ଟେଲିକମ୍ ଭିତ୍ତିଭୂମି କାର୍ଯ୍ୟ କରୁଥିବା ଅନିଲଙ୍କ କମ୍ପାନୀ ଉପରେ ୨୦୧୫ ଏପ୍ରିଲ ସୁଦ୍ଧା ମୋଟ ୧୫୧ ନିୟୁତ ୟୁରୋ ଟିକସ ବକେୟା ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ୟାରିସ୍‌ରେ ରାଫାଲ ଯୁଦ୍ଧବିମାନ କିଣିବା ପାଇଁ ଘୋଷଣା କରିବାର ୬ ମାସ ପରେ ଅର୍ଥାତ୍ ୨୦୧୫ ଅକ୍ଟୋବରରେ ଫ୍ରାନ୍ସ କର୍ତ୍ତୃପକ୍ଷ ରିଲାଏନ୍ସଠାରୁ ୭.୩ ନିୟୁତ ୟୁରୋ ଗ୍ରହଣ କରି ଟିକସ ମାମଲାର ସମାଧାନ କରିଦେଇଥିଲେ।

୨୦୧୫ ଏପ୍ରିଲ୍ ୧୦ରେ ଫ୍ରାନ୍ସର ତତ୍କାଳୀନ ରାଷ୍ଟ୍ରପତି ଫ୍ରାଁସୁଆ ହଲାନ୍ଦେଙ୍କ ସହ ପ୍ରଧାନମନ୍ତ୍ରୀ ମୋଦିଙ୍କ ଆଲୋଚନା ପରେ ଯୁଦ୍ଧବିମାନ କିଣାଯିବା ସମ୍ପର୍କରେ ଘୋଷଣା ହୋଇଥିଲା। ୨୦୧୬ ସେପ୍ଟେମ୍ବର ୨୩ରେ ଚୂଡାନ୍ତ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ତେବେ ଏଥିରେ ବ୍ୟାପକ ☞ପୃଷ୍ଠା-୨



## ଓଡ଼ିଆ ନବବର୍ଷ ଅଭିନନ୍ଦନ

ଆଜି ବୈଶାଖ ପହିଲା। ଓଡ଼ିଆ ନବବର୍ଷ। ଏହି ଅବସରରେ ଆମର ଅଗଣିତ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ ଓ ବିତରକ ବନ୍ଧୁମାନଙ୍କୁ ଅନେକ ଶୁଭେଚ୍ଛା ଏବଂ ଅଭିନନ୍ଦନ।


## ଆଜିର ମନ୍ତବ୍ୟ

"ନିର୍ବାଚନ କମିଶନ ସ୍ୱୟଂଚାଳିତ ସଂସ୍ଥା ହୋଇଥିଲେ ବି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶରେ ପରିଚାଳିତ।

–ଏନ୍. ଚନ୍ଦ୍ରବାବୁ ନାଇଡୁ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ



## ଦେଢ଼ଶହ ମିଟର ଗଡ଼ିଲା ରୁକୁଣା ରଥ



........୫........

## ଆଜିର ସମ୍ପାଦକୀୟ

### ନେତାଙ୍କ ଶିକ୍ଷା

## କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷରେ କୋଲ୍ ଇଣ୍ଡିଆ ଲିମିଟେଡ ୬୦୭ ନିୟୁତ ଟନ କୋଇଲା ଉତ୍ତୋଳନ କରିଛି। ୨୦୧୭-୧୮ରେ ଏହା ୫୬୭.୩୭ ନିୟୁତ ଟନ୍ ଥିଲା।

– କୋଇଲା ମନ୍ତ୍ରଣାଳୟ

## ■ ଦଶପଲ୍ଲାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଶ୍ନ

# ଭାଜପାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ

ନୟାଗଡ଼ ଅଫିସ/ଦଶପଲ୍ଲା (ଡି.ଏନ୍.ଏ.), ୧୩।୪



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିଭାଷଣ ରଖୁଛନ୍ତି।

■ ନିର୍ବାଚନ ସମୟରେ ଓଡ଼ିଶାକୁ ଆସୁଛି ଦିଲ୍ଲୀ ଇଞ୍ଜିନ

ନୟାଗଡ଼ ଜିଲାର ଆଦିବାସୀ ଅଧ୍ୟୁଷିତ ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଆସନ୍ତା ୧୮ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟରେ ନିର୍ବାଚନ ହେବ। ଏହି ପରିପ୍ରେକ୍ଷୀରେ ନିଜ ଦଳ ସପକ୍ଷରେ ପ୍ରଚାର ଲାଗି ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଶପଲ୍ଲାଠାରେ ପହଞ୍ଚିଥିଲେ। ଗାନ୍ଧୀ ମଇଦାନରେ ବିଜେଡି ଜିଲା ସଭାପତି ତଥା ରଣପୁର ବିଧାୟକ ରବିନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀ ଯୋଗଦେଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ଭାଜପା ଡବଲ ଇଞ୍ଜିନ ବୋଲି ପ୍ରଚାର କରୁଛି। ଦିଲ୍ଲୀରେ ଗୋଟିଏ ଇଞ୍ଜିନ ଥିବାବେଳେ ଆଉ ଗୋଟିଏ ଇଞ୍ଜିନ କିଏ ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଥିଲେ। ସେ କେଉଁଠି ଓଡ଼ିଶାବାସୀ ଜାଣିବାକୁ ଚାହୁଁଛନ୍ତି। ସେହିପରି ଭାଜପାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ ଓ ତାଙ୍କର ବିଧାନସଭା ନିର୍ବାଚନମଣ୍ଡଳୀ କେଉଁଟା ବୋଲି ପଚାରିଥିଲେ। ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା ☞ପୃଷ୍ଠା-୨

# ୧ ଟଙ୍କାରେ ଚାଉଳ, ଡାଲି, ଲୁଣ ଦେବୁ: ଧର୍ମେନ୍ଦ୍ର

କଟକ ଅଫିସ/ଚୌଦ୍ୱାର, ୧୩।୪(ଡି.ଏନ୍.ଏ.)



କପାଳେଶ୍ୱର ପଡ଼ିଆ ସଭାରେ ଧର୍ମେନ୍ଦ୍ର ପ୍ରଧାନ।

ଓଡ଼ିଶାରେ ଭାଜପା ସରକାରକୁ ଆସିଲେ ୧ ଟଙ୍କାରେ ମିଳିବ ଚାଉଳ, ଡାଲି ଓ ଲୁଣ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଏଭଳି ଘୋଷଣା କରିଛନ୍ତି। ମୁଣ୍ଡପିଛା ମାସିକ ୫ କେଜି ଚାଉଳ, ଅଧ କେଜି ଡାଲି ଓ ଲୁଣ ଯୋଗାଇ ଦିଆଯିବ। ଖାଦ୍ୟ ସୁରକ୍ଷା ଯୋଜନାରେ ଉପକୃତ ହେବେ ରାଜ୍ୟର ୩.୨୬ କୋଟି ହିତାଧିକାରୀ। ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର କପାଳେଶ୍ୱର ପଡ଼ିଆରେ ଆୟୋଜିତ ଭାଜପାର ଏକ ନିର୍ବାଚନୀ ସଭାରେ ଧର୍ମେନ୍ଦ୍ର ଏହି ଘୋଷଣା କରିବା ସହିତ ଓଟିଏମ୍ ପୁନରୁଦ୍ଧାର ପାଇଁ ୧୦ କୋଟି ଟଙ୍କାର ଆର୍ଥିକ ସହାୟତା ଦିଆଯିବ ବୋଲି ଧର୍ମେନ୍ଦ୍ର ପ୍ରତିଶ୍ରୁତି ଦେଇଛନ୍ତି। କଟକ-ଭୁବନେଶ୍ୱର-ଚୌଦ୍ୱାରକୁ ମିଶାଇ ମେଟ୍ରୋ ରେଳର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି। ସେହିପରି ୨୦୨୨ ସୁଦ୍ଧା ସମସ୍ତଙ୍କୁ ସ୍ଥାୟୀ ପଟ୍ଟା ଓ ପକ୍କା ଘର, ପ୍ରତ୍ୟେକ ଘରକୁ ୨୪ ଘଣ୍ଟିଆ ପାନୀୟଜଳ ଓ ବିଦ୍ୟୁତ୍ ଯୋଗାଣ କରାଯିବ। ଚୌଦ୍ୱାର ସମେତ ଓଡ଼ିଶାର ୧୫ ସହରକୁ ସ୍ମାର୍ଟ ସିଟିରେ ପରିଣତ କରାଯିବ। ୬୦ ବର୍ଷରୁ ଅଧିକ ଶ୍ରମିକଙ୍କ ପାଇଁ ୩ ହଜାର ଟଙ୍କାର ପେନସନ ☞ପୃଷ୍ଠା-୨





NECC NATIONAL EGG CO-ORDINATION COMMITTEE | 13.04.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 88 | 142 | 152 |
| DKL | 89 | 144 | 154 |
| BDK | 90 | 145 | 155 |
| BLS | 92 | 148 | 158 |
| ANG | 89 | 144 | 154 |

*Conditions Apply

**Eggs Retail Price- 41/-Dozen**

Issued in the Interest of Consumers









## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ଆଏସା
ପରିବାରବର୍ଗ


ସାଇଶ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### ପ୍ରେମ ସମ୍ପର୍କରୁ ଆତ୍ମହତ୍ୟା

# ନିଜ ଗୁଳିରେ ଟଳିଲେ କନଷ୍ଟେବଲ

**ମାଲକାନଗିରି,୧୩।୪(ଡି.ଏନ.ଏ.)**

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଖଇମାଟି କଲୋନୀରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ କନଷ୍ଟେବଲ ନିଜ ସର୍ଭିସ୍ ରିଭଲଭରରୁ ନିଜ ମୁଣ୍ଡକୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାମ ସୁନୀଲ୍ ମହାନନ୍ଦିଆ। ପ୍ରେମଜନିତ କାରଣରୁ ଏପରି ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଖବରରୁ ଜଣାପଡିଛି, ପରିବାର ସହ ଖଇମାଟି କଲୋନୀରେ ରହୁଥିବା ସୁନୀଲ ଅପରାହ୍ନ ୨ଟାରେ ଘରେ ପହଞ୍ଚି ଖାଇ ବସିଥିଲେ। ଜଣେ ମହିଳା କନଷ୍ଟେବଲଙ୍କ ସହ କେତେକ ମହିଳା ଆସି ତାଙ୍କ ଘର ସମ୍ମୁଖରେ ପାଟିତୁଣ୍ଡ କରିଥିଲେ। ଏହା ପରେ ଅପରାହ୍ନ ୩ଟାରେ ସୁନୀଲ ନିଜ ସର୍ଭିସ ରିଭଲଭରରୁ ନିଜ ମୁଣ୍ଡକୁ ଗୁଳି କରିଥିଲେ। ପରିବାର ଲୋକେ ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏନେଇ ତାଙ୍କ ବାପା ଗୋପାଳ ମହାନନ୍ଦିଆ ମାଲକାନଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି ଯେ, ତାଙ୍କ ପୁଅ ସୁନୀଲ ଚଳିତ ନିର୍ବାଚନରେ ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ପଦୁ ମାଝିଙ୍କ ପିଏସଓ ଭାବେ କାର୍ଯ୍ୟ କରି ଘରକୁ ଫେରିଥିଲେ। ସେ ଅପରାହ୍ନ ୨ଟା ବେଳେ ଭାତ ଖାଇ ବସିଥିବା ବେଳେ ଜଣେ ମହିଳା କନଷ୍ଟେବଲଙ୍କ ସହ ୪୦ ଜଣ ମହିଳା ଆମ ଘର ସମ୍ମୁଖକୁ ଆସି ପୁଅକୁ ବିଭିନ୍ନ ଭାଷାରେ ଗାଳିଗୁଲଜ କରିଥିଲେ। ସେମାନଙ୍କ ଗାଳି ସହି ନ ପାରି ତାଙ୍କ ପୁଅ ଆଜି ରିଜର୍ଭ ପୋଲିସରେ ଜମା ଦେବାକୁ ଥିବା ରିଭଲଭରରେ ମୁଣ୍ଡକୁ ଗୁଳି କରି ଆତ୍ମହତ୍ୟା କରିଛି। ତାଙ୍କ ପୁଅର ମୃତ୍ୟୁ ପାଇଁ ସମ୍ପୃକ୍ତ ମହିଳା କନଷ୍ଟେବଲ ଓ ତାଙ୍କ ସହ ଆସିଥିବା ୪୦ ଜଣ ମହିଳା ଦାୟୀ ବୋଲି ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ ଯେ, ମହିଳା କନଷ୍ଟେବଲ ଜଣକ ଏହା ପୂର୍ବରୁ ସୁନୀଲଙ୍କ ନାମରେ ମାଲକାନଗିରି ଥାନାରେ ଏକ ଅଭିଯୋଗ କରିଥିଲେ। ମୋତେ ସୁନୀଲ ବିବାହ କରିବା ପାଇଁ ପ୍ରତିଶ୍ରୁତି ଦେଇ ମୋ ସହ ସମ୍ପର୍କ ରଖିଥିଲେ। ମାତ୍ର ବିବାହ ପାଇଁ ମନା କରିଦେବାରୁ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ଏନେଇ ସୁନିଲଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଥିଲା। ସୁନିଲ ହାଇକୋର୍ଟରୁ ଅନ୍ତରୀଣ ଜାମିନ ପାଇଥିଲେ ବୋଲି ମହିଳା କନଷ୍ଟେବଲ ଜଣକ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ରଞ୍ଜନ କୁମାର ସାହୁଙ୍କୁ ପଚାରିବାରୁ ସେ କହିଲେ ଯେ, ସୁନିଲଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅଭିଯୋଗକାରୀ ତାଙ୍କ ବାପା କରିଥିବା ଅଭିଯୋଗର ତଦନ୍ତ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



ସଙ୍ଗକ୍ରୋନ୍ ଉତ୍ସବ ଅବସରରେ ବିହାରର ବୋଧଗୟାସ୍ଥିତ ମହାବୋଧି ମନ୍ଦିରରେ ବୌଦ୍ଧଭିକ୍ଷୁମାନେ ଗୌତମ ବୁଦ୍ଧଙ୍କ ପ୍ରତିମୂର୍ତ୍ତିକୁ ନେଉଛନ୍ତି।

# ଏନ୍କାଉଣ୍ଟରରେ ସେକ୍ ନଦୀମ୍ ଗୁରୁତର

**କେନ୍ଦ୍ରାପଡ଼ା ଅଫିସ୍, ୧୩।୪**



ଆନ୍ତଃରାଜ୍ୟ ଦୁର୍ଦ୍ଦାନ୍ତ ଅପରାଧୀ ସେକ୍ ନଦୀମ (୩୦)ଙ୍କୁ କେନ୍ଦ୍ରାପଡ଼ା ଜିଲା ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ଏନ୍କାଉଣ୍ଟର କରିଛି। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କ ବାମ ଗୋଡ଼ରେ ଦୁଇଟି ଗୁଳି ବାଜିଥିବା ଜଣାପଡ଼ିଛି।

ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା କହିଛନ୍ତି, ତିର୍ତ୍ତୋଲ ଥାନା ଅଧୀନ କୃଷ୍ଣାନନ୍ଦପୁର ଗ୍ରାମର ନଦୀମଙ୍କ ନାମରେ ପାଟକୁରା ଥାନାରେ ଦୁଇଟି ଡକାୟତି ମାମଲା ରହିଛି। ଶୁକ୍ରବାର ବିଳମ୍ବିତ ରାତିରେ ନଦୀମ ତାଙ୍କ ସହଯୋଗୀଙ୍କୁ ମାଉଜର ଦେବାକୁ ପାଟକୁରା ଥାନା ଅଞ୍ଚଳକୁ ଆସୁଥିବା ପୋଲିସ ଖବର ପାଇଥିଲା। ପାଟକୁରା ଥାନା ଅଧିକାରୀ ସୁଜିତ ପ୍ରଧାନ ଓ ଜିଲା ସ୍ପେଶାଲ ସ୍କ୍ୱାଡ ଏସ୍ଆଇ ପିକେ କାନୁନ୍‌ଗୋଙ୍କ ନେତୃତ୍ୱରେ ଦୁଇଟି ଟିମ ଅର୍ଜୁନପୁର ଛକରେ ଛକି ରହିଥିଲେ। ନଦୀମ ପ୍ରଥମେ ପୋଲିସ ଉପରକୁ ଦୁଇଟି ଗୁଳି ଚଳାଇ ଥିଲେ। ଏହାପରେ ପୋଲିସ ତାଙ୍କ ଉପରକୁ ୩ଟି ଗୁଳି ଚଳାଇଥିଲା। ଏଥିରୁ ଗୋଟିଏ ନଦୀମଙ୍କ ବାମ ପାଦରେ ଲାଗିଥିବା ବେଳେ ଅନ୍ୟଟି ପାଦର ଉପର ଅଂଶରେ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ସକାଳ ୬ଟାରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ବୋଲି ଏସ୍‌ଡିପିଓ ପଣ୍ଡା ସୂଚନା ଦେଇଛନ୍ତି। ତାଙ୍କ ନାମରେ ବିଭିନ୍ନ ଥାନାରେ ହତ୍ୟାକାଣ୍ଡ, ହତ୍ୟା ଉଦ୍ୟମ, ଦାଦାବଟି, ମାଡ଼ ମାରିବା, ମୋଟର ସାଇକେଲ ଚୋରି କରିବା ଆଦି ମାମଲା ରହିଥିବା ସୂଚନା ମିଳିଛି। ନଦୀମଙ୍କ ବାମ ଗୋଡ଼ରେ ଦୁଇଟି ଗୁଳି ଲାଗିଛି। ନଦୀମଙ୍କ ନିକଟରୁ ଗୋଟିଏ ମାଉଜର, ଏକ ନମ୍ବର ବିହୀନ ସ୍କୁଟି ଓ ମୋବାଇଲ ଜବତ ହୋଇଛି। ତାଙ୍କ ନାମରେ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଭୁବନେଶ୍ୱର ଓ ରାଜ୍ୟରଅନ୍ୟ ଜିଲାର ବିଭିନ୍ନ ଥାନାରେ ୩୫ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ଥିବା ଥାନା ଅଧିକାରୀ ପ୍ରଧାନ ସୂଚନା ଦେଇଛନ୍ତି। ଏନେଇ ପାଟକୁରା ଥାନାରେ ୮୪/୧୯ରେ ମାମଲା ରୁଜୁ ହୋଇଛି।

# ଅବସରପ୍ରାପ୍ତ ଆଇଏଏସ୍ ଅଶୋକ ମହାପାତ୍ରଙ୍କ ପରଲୋକ

**ଭୁବନେଶ୍ୱର, ୧୩।୪(ବ୍ୟୁରୋ)**

ଅବସରପ୍ରାପ୍ତ ଓଡ଼ିଆ ଆଇଏଏସ୍ ଅଧିକାରୀ ତଥା କବି ଅଶୋକ ମହାପାତ୍ରଙ୍କ ଶୁକ୍ରବାର ସନ୍ଧ୍ୟାରେ ନୂଆଦିଲ୍ଲୀଠାରେ ୭୫ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଭାରତ ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟ କରିବା ପରେ ଜାହାଜ ଚଳାଚଳ ମନ୍ତ୍ରଣାଳୟର ସଚିବଭାବେ ଅବସର ଗ୍ରହଣ କରିଥିଲେ। ଓଡ଼ିଶାରେ ବିଭିନ୍ନ ଶିଳ୍ପାଞ୍ଚଳକୁ ଯୋଗାଯୋଗ କ୍ଷେତ୍ରକୁ ସୁଗମ କରିବା ଦିଗରେ ମହାପାତ୍ର ଅନେକ ପଦକ୍ଷେପ ନେଇଥିଲେ। କଟକ-ପାରାଦୀପ ଏବଂ ଚଣ୍ଡିଖୋଲ-ପାରାଦୀପ ଅତ୍ୟାଧୁନିକ ରାଜପଥ ନିର୍ମାଣରେ ତାଙ୍କର ଅବଦାନ ଥିଲା। ସେ ବନ୍ଦରର ବିକାଶ, ସଂଯୋଗୀକରଣ, ଜାହାଜ ଶିଳ୍ପର ବିକାଶ, ଅନ୍ତର୍ଜାତୀୟ ବାଣିଜ୍ୟିକ ବ୍ୟାପାର କ୍ଷେତ୍ରରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଥିଲେ। ସେ ୧୯୭୧ ବ୍ୟାଚ୍ ହିମାଚଳ ପ୍ରଦେଶ କ୍ୟାଡରର ଆଇଏଏସ୍ ଅଫିସର ଥିଲେ। ସେ ୨ ମାସ ଧରି ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ସ୍ତ୍ରୀ, ଦୁଇ ପୁଅ ଓ ଝିଅ ଉପସ୍ଥିତ ଥିଲେ। ସେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ।

### ବାର୍ଡ ଫ୍ଲୁ ପାଇଁ ରାଜ୍ୟ କୁକୁଡ଼ା ଶିଳ୍ପ ଗୁରୁତର ପ୍ରଭାବିତ

# ଓଡ଼ିଶା ଅଣ୍ଡା, କୁକୁଡ଼ାଜାତ ସାମଗ୍ରୀ ନେବା ବନ୍ଦ କଲା ବିଦେଶୀ ରାଷ୍ଟ୍ର

**ଭୁବନେଶ୍ୱର, ୧୩।୪(ବ୍ୟୁରୋ)**

- ବିହାର, ଝାଡ଼ଖଣ୍ଡ ମଧ କଟକଣା ଲଗାଇଲା
- ରାଜ୍ୟ ସରକାରଙ୍କୁ ଜଣାଇଲା କେନ୍ଦ୍ର ବାଣିଜ୍ୟ ମନ୍ତ୍ରାଳୟ
- ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ

ଓଡ଼ିଶାରୁ ଉତ୍ପାଦିତ ଅଣ୍ଡା ଓ ଅନ୍ୟାନ୍ୟ କୁକୁଡାଜାତ ସାମଗ୍ରୀ ଆମଦାନୀ ଉପରେ ବିଦେଶୀ ରାଷ୍ଟ୍ରଗୁଡ଼ିକ କଟକଣା ଜାରି କରିଛନ୍ତି। ଆଭିଆନ ଇନ୍‌ଫ୍ଲୁଏଞ୍ଜା ଭୂତାଣୁ ବା ବାର୍ଡ ଫ୍ଲୁ ବ୍ୟାପିବା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ବାର୍ଡ ଫ୍ଲୁ ସଂକ୍ରାନ୍ତରେ ଜାଣିବା ପରେ କତର ନ୍ୟାଶନାଲ ହେଲ୍‌ଥ ଅଥରିଟି (କ୍ୟୁଏନ୍ଏଚ୍ଏ) ଭାରତରୁ ଅଣ୍ଡା ସହ ସମସ୍ତ କୁକୁଡ଼ାଜାତ ସାମଗ୍ରୀ ଆମଦାନୀ ବନ୍ଦ କରିଦେଇଛି। ସେହିଭଳି ସାଉଦି ଆରବ, କୁଏତ ଓ ହଂକଂ ଭଳି ଅନ୍ୟ କେତେକ ଦେଶ ମଧ୍ୟ ଭାରତରୁ କୁକୁଡ଼ାଜାତ ସାମଗ୍ରୀ ନେବା ଉପରେ କଟକଣା ଜାରି କରିଛି। ଏପରିକି ସେସବୁ ରାଷ୍ଟ୍ରକୁ ନିକଟରେ ଯାଇଥିବା କୁକୁଡାଜାତ ସାମଗ୍ରୀ ଫେରିବା ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ଏକ୍ଷେତ୍ରରେ ଓଡ଼ିଶା ଉପରେ ନିର୍ଭର କରୁଥିବା ଭାରତର କେତେକ ରାଜ୍ୟ ମଧ୍ୟ କଟକଣା ଲାଗୁ କରିଛନ୍ତି। ଫଳରେ ଓଡ଼ିଶାର କୁକୁଡ଼ା ଶିଳ୍ପରେ ଏବେ ଗୁରୁତର ସଂକଟ ଦେଖାଦେଇଛି।

ମିଳିଥିବା ସୂଚନାନୁସାରେ, କେତେକ ବିଦେଶୀ ରାଷ୍ଟ୍ର ସମେତ ପଡୋଶୀ ରାଜ୍ୟ ବିହାର ଓ ଝାଡ଼ଖଣ୍ଡ ଅଣ୍ଡା, ପ୍ରକ୍ରିୟାକୃତ କୁକୁଡ଼ା ମାଂସ ମଧ୍ୟ ଓଡ଼ିଶାରୁ ନେଇଥାନ୍ତି। ହଂକଂ ଓଡ଼ିଶାର ପୁରୀ ଓ ବିହାରର ମୁଙ୍ଗେର ଜିଲାରୁ ଅଣ୍ଡା ସହ କୁକୁଡ଼ା ଆମଦାନୀ କରିଥାଏ। ସାଉଦି ଆରବ ଓଡ଼ିଶାରୁ ଜିଅନ୍ତା କୁକୁଡ଼ା, ଅଣ୍ଡା ଓ ଚିଆଁ ନେଇଥାଏ। ଅନ୍ତର୍ଜାତୀୟ ସ୍ତରୀୟ ଗଣମାଧ୍ୟମ ଓ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ପଶୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ପାଇବା ପରେ ସମ୍ପୃକ୍ତ ଦେଶଗୁଡ଼ିକ ଏଭଳି କଟକଣା ଜାରି କରିଛନ୍ତି। ଏ ସଂକ୍ରାନ୍ତରେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରାଳୟର ଯୁଗ୍ମ ସଚିବ କେଶବ ଚନ୍ଦ୍ରା ଓଡ଼ିଶା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବାର୍ଡ ଫ୍ଲୁ ପାଇଁ ଦେଶର ରପ୍ତାନି କ୍ଷେତ୍ର ବିଶେଷଭାବେ ପ୍ରଭାବିତ ହୋଇଛି। ତୁରନ୍ତ ଆଭିଆନ ଇନ୍‌ଫ୍ଲୁଏଞ୍ଜା ନିୟନ୍ତ୍ରଣ ଉପରେ ପଦକ୍ଷେପ ଗ୍ରହଣ କରାଯିବା ସହ କୁକୁଡ଼ାଜାତ ସାମଗ୍ରୀର ରପ୍ତାନି ପରିବେଶ ସୃଷ୍ଟି କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

# କୋରେଇର ଅନେକ ନେତା, କର୍ମୀ ବିଜେଡିରେ ସାମିଲ

**ଭୁବନେଶ୍ୱର,୧୩।୪(ବ୍ୟୁରୋ)**

ଯାଜପୁର ଜିଲା କୋରେଇ ବ୍ଲକ ଅସନଝର ପଞ୍ଚାୟତ ସମିତି ସଭ୍ୟ ନିର୍ମଳା ବେହେରା, ଭାଜପା ନେତା ରଶ୍ମିରେଖା ଗହଣା, ଅଶୋକ ସ୍ୱାଇଁ ଏବଂ ରାକେଶ ମହାନ୍ତି ପ୍ରମୁଖ ଶନିବାର ବିଜେଡିରେ ମିଶିଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ନବୀନ ନିବାସରେ ଅନୁଷ୍ଠିତ ହୋଇଯାଇଛି। ଉପରୋକ୍ତ ନେତାଙ୍କ ସମେତ ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ମଧ୍ୟ ବିଜେଡିରେ ସାମିଲ ହୋଇଛନ୍ତି। ଏହି ଯୋଗଦାନ କୋରେଇ ବ୍ଲକ ସହ ଯାଜପୁର ଜିଲାରେ ବିଜେଡିର ଶକ୍ତି ବୃଦ୍ଧିରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବାଦୀ ଅଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ବିଜେଡି ସଭାପତିଙ୍କ ରାଜନୈତିକ ସଚିବ ଡ. ଗୋପବନ୍ଧୁ ଦାସ, ଯାଜପୁର ଜିଲା ଯୁବ ବିଜେଡି ସଭାପତି ପ୍ରତାପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଫ୍ରାନ୍ସରେ...

ଅନିୟମିତତା ହୋଇଥିବା କଂଗ୍ରେସ ଅଭିଯୋଗ କରିଆସୁଛି। ଉପା ସରକାର ଅମଳରେ ପ୍ରତି ଯୁଦ୍ଧବିମାନ ୫୨୬ କୋଟି ଟଙ୍କାରେ କିଣିବା ପାଇଁ କଥାବାର୍ତ୍ତା ହୋଇଥିଲାବେଳେ ଏନ୍‌ଡିଏ ସରକାର ୧୬୭୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ କିଣିବା ପାଇଁ ଚୁକ୍ତିନାମା ସ୍ୱାକ୍ଷର କରିଥିବା କଂଗ୍ରେସ ଅଭିଯୋଗ କରିଥିଲା। ଏହାବ୍ୟତୀତ ଅନିଲଙ୍କ ରିଲାଏନ୍ସ ଡିଫେନ୍ସ କମ୍ପାନୀକୁ ରାଫାଲ ନିର୍ମାତା ଫ୍ରାନ୍ସର ଡାସଲ୍ଟ ଆଭିଏସନ୍ସ କମ୍ପାନୀର ଅଫସେଟ୍ ପାର୍ଟନର ଚୟନ କରାଯିବାକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଥିଲା। ତେବେ ଉକ୍ତ ଅଭିଯୋଗକୁ କେନ୍ଦ୍ର ସରକାର ଖଣ୍ଡନ କରିଥିଲେ।

ଏବେ ଭାରତରେ ସାଧାରଣ ନିର୍ବାଚନ ଚାଲିଥିବାବେଳେ ଫ୍ରାନ୍ସ ଖବରକାଗଜରେ ଉପରୋକ୍ତ ଖବର ପ୍ରକାଶ ପାଇବା ପରେ ରାଫାଲ ପ୍ରସଙ୍ଗରେ କଂଗ୍ରେସ ପୁଣିଥରେ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିଛି। ରାଫାଲ ଯୁଦ୍ଧବିମାନ ଚୁକ୍ତିନାମା ଘୋଷଣାର କିଛିମାସ ପରେ ୨୦୧୫ରେ ଅନିଲଙ୍କ କମ୍ପାନୀକୁ ଫ୍ରାନ୍ସ ସରକାର ଟିକସ ଛାଡ଼ କରିବା 'ମୋଦି କୃପା' ବୋଲି କଂଗ୍ରେସ କହିଛି। ଏହି ବ୍ୟବସାୟୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ଜଣେ ମଧ୍ୟସ୍ଥ ଭାବେ କାର୍ଯ୍ୟ କରୁଥିଲେ। ଏହା ଜିରୋ ସମ୍ ଚଏସେସ୍, ଚମତ୍କାରୀ ଟିକସ ରିହାତି ଏବଂ ମୋଦିଙ୍କ ଆଶୀର୍ବାଦ ବୋଲି କଂଗ୍ରେସ ମୁଖ୍ୟ ମୁଖପାତ୍ର ରଣଦୀପ ସୁର୍ଜେୱାଲା ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ରାଫାଲ ଚୁକ୍ତି ସହ ଟିକସ ଛାଡ଼ର କୌଣସି ସମ୍ପର୍କ ନାହିଁ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଖବରକାଗଜରେ ପ୍ରକାଶିତ ତଥ୍ୟ ସମ୍ପୂର୍ଣ୍ଣ ଭୁଲ୍। କାରଣ ଫ୍ରାନ୍ସର ଏକ କମ୍ପାନୀଠାରୁ ୩୬ଟି ରାଫାଲ ଯୁଦ୍ଧବିମାନ କିଣିବା ନେଇ ଭାରତ ସରକାର ଚୁକ୍ତି ସ୍ୱାକ୍ଷର କରିଥିଲେ। କୌଣସି ଘରୋଇ କମ୍ପାନୀକୁ ଟିକସ ଛାଡ଼ କରାଯିବା ସହ ଏହାର କୌଣସି ସମ୍ପର୍କ ନାହିଁ। ରାଫାଲ ଡିଲ୍ ସମୟ ଓ ଟିକସ ଛାଡ଼ ସମୟ ସମ୍ପୂର୍ଣ୍ଣ ଅଲଗା ବୋଲି ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ ସଫେଇ ଦିଆଯାଇଛି।

## ଭାଜପାର...

କରିବାକୁ ଭାଜପା ଡରୁଛି କି ବୋଲି ନବୀନ ପ୍ରଶ୍ନ କରିଥିଲେ। ଆରମ୍ଭରୁ ମୁଖ୍ୟମନ୍ତ୍ରୀ କାଳିଆ ଯୋଜନାର ସଫଳ ଗାଥା ଗାଇଥିଲେ। ଏହି ଯୋଜନାରେ ବର୍ତ୍ତମାନ ସୁଦ୍ଧା ୪୦ ଲକ୍ଷ ଚାଷୀ ଉପକୃତ ହେଲେଣି। କିନ୍ତୁ କେନ୍ଦ୍ରର ଭାଜପା ସରକାର ଏହି ଯୋଜନାକୁ ବନ୍ଦ କରିବା ପାଇଁ ଚକ୍ରାନ୍ତ କରୁଛି। ମୁଁ ଥିବା ପର୍ଯ୍ୟନ୍ତ କାଳିଆ ଯୋଜନାକୁ କେହି ବନ୍ଦ କରିପାରିବେ ନାହିଁ। ବିଜେଡି ସରକାର ଆସିବାର ପ୍ରଥମ ଦିନରୁ ହିଁ ସମସ୍ତ ଚାଷୀଙ୍କୁ ୨ଟି କିସ୍ତି ବାବଦକୁ ୧୦ ହଜାର ଟଙ୍କା ମିଳିବ ବୋଲି କହିଥିଲେ। ଏହା ପରେ ମିଶନ ଶକ୍ତି ବିଷୟରେ ବର୍ଣ୍ଣନା କରି ଏଥିଯୋଗୁ ମା'ମାନେ ଆଜି ସମାଜର ଶକ୍ତି ହୋଇପାରିଛନ୍ତି। ସମାଜର ଶକ୍ତି, ଦେଶର ଶକ୍ତି ଓ ବିକାଶର ପ୍ରକୃତ ଡବଲ ଇଞ୍ଜିନ ବୋଲି ଭାଜପାକୁ ତାଚ୍ଛଲ୍ୟ କରି କହିଥିଲେ। ଫାଇଲିନ୍, ହୁଦ୍‌ହୁଦ୍, ମରୁଡ଼ି, ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଡବଲ ଇଞ୍ଜିନର ଦେଖା ମିଳୁନାହିଁ। ନିର୍ବାଚନ ହେଲେ ଦିଲ୍ଲୀ ଇଞ୍ଜିନ ଓଡ଼ିଶାକୁ ଆସୁଛି ଓ ଜୋର୍‌ରେ ଚିତ୍କାର କରୁଛି, ଏହା ପରେ ଦେଖା ମିଳିବ ନାହିଁ ବୋଲି ନବୀନ କହିଥିଲେ। ଭାଜପାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ ଘୋଷଣା ହୋଇ ନ ଥିବାବେଳେ ଆପଣଙ୍କ ମୁଖ୍ୟମନ୍ତ୍ରୀ ସବୁବେଳେ ଆପଣମାନଙ୍କ ସାଥିରେ ରହିଛନ୍ତି। ଆପଣମାନେ ମୋର ପରିବାର, ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଆପଣମାନଙ୍କ ସେବା କରୁଥିବି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ସେଥିପାଇଁ ସେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କନ୍ଧମାଳ ଏମ୍‌ପି ପ୍ରାର୍ଥୀ ଡ. ଅଚ୍ୟୁତ ସାମନ୍ତ ୨୦ ବର୍ଷରେ ବିଜେଡି ସ୍ଥିର ସରକାର ଭାବେ କାର୍ଯ୍ୟ କରିଆସିଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ଗୁଣଗାନ କରିବା ସହିତ ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କୁ ବଞ୍ଚିବାର ଅଧିକାର ଦିଆଯାଇଥିବା ସେ ପ୍ରକାଶ କରିଥିଲେ। ଦଶପଲ୍ଲା ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ବେହେରା ନିଜ ବକ୍ତବ୍ୟରେ ନିର୍ବାଚନମଣ୍ଡଳୀରେ ଉନ୍ନତି ପାଇଁ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। କଳାକାର ରାଇମୋହନ ପରିଡ଼ା, ପ୍ରଜ୍ଞାରଞ୍ଜନ ଖଟୁଆ, ଶଙ୍କର, କଣ୍ଠଶିଳ୍ପୀ ତାରିକ୍ ଅଜିଜ୍, ଅର୍ପିତା ଚୌଧୁରୀ ପ୍ରମୁଖ ଯୋଗଦେଇ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ବୈଜୟନ୍ତୀ ମାଳା ମହାନ୍ତି, ଉପାଧ୍ୟକ୍ଷ ଅଖିଳ କୁମାର ଜାନି, ଦଶପଲ୍ଲା ଏନ୍ଏସି ଅଧ୍ୟକ୍ଷା ବବିତା ସାହୁ, ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ବ୍ଲକ ଉପାଧ୍ୟକ୍ଷ ବସନ୍ତ ସାହୁ, ଦିଲୀପ କୁମାର ପଣ୍ଡା, ଯୁବ ଜନତା ସଭାପତି ଦିଲୀପ ବେହେରା, କୁଞ୍ଜ ବିହାରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ସାଢ଼େ ୪ କୋଟି ଓଡ଼ିଆ ଭାଜପାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୩।୪(ବ୍ୟୁରୋ)- ନୟାଗଡ଼ ଜିଲା ଦଶପଲ୍ଲା ବିଧାନସଭା ନିର୍ବାଚନମଣ୍ଡଳୀର ଏକ ସଭାରେ ଭାଜପାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ ବୋଲି ନବୀନ ପଟ୍ଟନାୟକ ପ୍ରଶ୍ନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି ଯେ ସାଢେ ୪ କୋଟି ଓଡ଼ିଆ ଭାଜପାର ଜଣେ ଜଣେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ। କଳିଙ୍ଗ ଯୁଦ୍ଧ ସମୟରେ ଓଡ଼ିଶାର କିଏ ରାଜା ଥିଲେ, ସେ କଥା ନବୀନ ବାବୁଙ୍କୁ ଜଣା ଅଛି କି ନାହିଁ। କଳିଙ୍ଗର ସୁରକ୍ଷା ଓ ସ୍ୱାଭିମାନର ଲଢେଇ କରୁଥିବା ପ୍ରତ୍ୟେକ ଓଡ଼ିଆ ରାଜ୍ୟର ରାଜା। ତାମିଲ ଇତିହାସ ମାଧ୍ୟମରେ ଓଡ଼ିଶାକୁ ବୁଝୁଥିବା ନବୀନ ବାବୁ କାହିଁକି ଓଡ଼ିଆଙ୍କୁ କଷ୍ଟ ଦେଉଛନ୍ତି। ମୁଖ୍ୟମନ୍ତ୍ରୀ ଓଡ଼ିଶାର ଆତ୍ମା ଓ ମନକୁ ବୁଝିପାରିବେ ନାହିଁ, କାହିଁକି ସେ ଧନ୍ଦାରେ ପଡୁଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ୧ ଟଙ୍କାରେ...

ବ୍ୟବସ୍ଥା, +୨ ପାସ୍ କରିଥିବା ମେଧାବୀ ଛାତ୍ରୀଙ୍କୁ ସ୍କୁଟି ଓ ସବୁ ଚାଷୀଙ୍କୁ ବିନା ସୁଧରେ ଋଣ ଦିଆଯିବ ଧର୍ମେନ୍ଦ୍ର ଘୋଷଣା କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

ଅନ୍ୟପକ୍ଷରେ ଅଙ୍ଗନୱାଡି ଦିଦିଙ୍କ ମାସିକ ୧୫ହଜାର ଟଙ୍କା ଓ ସହାୟିକାଙ୍କ ଦରମା ୯ ହଜାର ଟଙ୍କା କରାଯିବ। ରାଜ୍ୟରେ ଖାଲି ପଡ଼ିଥିବା ସରକାରୀ ପଦବୀକୁ ସରକାରକୁ ଆସିବାର ୨ ବର୍ଷ ମଧ୍ୟରେ ପୂରଣ କରାଯିବ ବୋଲି ଧର୍ମେନ୍ଦ୍ର ଦୃଢୋକ୍ତି ପ୍ରକାଶ କରିଛନ୍ତି। ସେ ରାଜ୍ୟ ସରକାରଙ୍କୁ ଅପାରଗ କହିବା ସହିତ ଓଡ଼ିଶାରେ ପରିବର୍ତ୍ତନର ହାୱା ବହୁଥିବା କହିଥିଲେ। ଏପରି କି ବିଜୁ ବାବୁଙ୍କ ହାତଗଢ଼ା ଶିଳ୍ପନଗରୀ ଚୌଦ୍ୱାର ଆଜି ଶିଳ୍ପଶୂନ୍ୟ ହୋଇପଡ଼ିଛି। ସରକାରରେ ତାଙ୍କ ପୁତ୍ର ଥାଇ ମଧ୍ୟ ଏହି ଶିଳ୍ପନଗରୀକୁ ଅଣଦେଖା କରିଥିବା ଧର୍ମେନ୍ଦ୍ର କହିଥିଲେ। ଚୌଦ୍ୱାର ମଣ୍ଡଳ ସଭାପତି ବୈରାଗୀ ଚରଣ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି ସଭାରେ କଟକ ଏମ୍‌ପି ପ୍ରାର୍ଥୀ ପ୍ରକାଶ ମିଶ୍ର, ଚୌଦ୍ୱାର-କଟକ ବିଧାନସଭା ପ୍ରାର୍ଥୀ ନୟନ କିଶୋର ମହାନ୍ତି, ଜିଲା ଭାଜପା ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁ, ଜିଲା ଉପସଭାପତି ପ୍ରଶାନ୍ତ ହୋତା, ଜିଲା ପ୍ରଭାରୀ ପ୍ରାଣବନ୍ଧୁ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଉପରୋକ୍ତ ପ୍ରତିଶ୍ରୁତିକୁ ନେଇ ରାଜନୈତିକ ଚର୍ଚ୍ଚା ସୃଷ୍ଟି ହୋଇଛି। ଧର୍ମେନ୍ଦ୍ର ଗରିବ, ଛାତ୍ରୀଛାତ୍ରଙ୍କ ସହିତ ବିଭିନ୍ନ ବର୍ଗର ଭୋଟ ହାତେଇବା ପାଇଁ ଯୋଜନା କରିଛନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ସେହିପରି ଧର୍ମେନ୍ଦ୍ରଙ୍କ ଏହି ଘୋଷଣା ନବୀନଙ୍କ ୧ ଟଙ୍କିଆ ଚାଉଳ ଯୋଜନାକୁ ମାତ୍ ଦେବା ପାଇଁ ଉଦ୍ଦିଷ୍ଟ ବୋଲି କୁହାଯାଉଛି।

### ସବୁଠାରୁ ବଡ଼ ଜୁମଲା କହିଲା ବିଜେଡି

ଭୁବନେଶ୍ୱର,୧୩।୪(ବ୍ୟୁରୋ)- ରାଜ୍ୟରେ ଭାଜପା କ୍ଷମତାକୁ ଆସିଲେ ରାଜ୍ୟବାସୀଙ୍କୁ ୧ ଟଙ୍କାରେ ଚାଉଳ, ଡାଲି ଓ ଲୁଣ ଦେବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିଶ୍ରୁତି ଚଳିତ ନିର୍ବାଚନର ସବୁଠାରୁ ବଡ଼ ଜୁମଲା ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ଦଳର ମୁଖପାତ୍ର ଡ. ଲେଲିନ୍ ମହାନ୍ତି କହିଛନ୍ତି ଯେ ଧର୍ମେନ୍ଦ୍ର ଜଣେ ଅଭ୍ୟାସଗତ ମିଛୁଆ ଭାବେ ଜଣାଶୁଣା। ଚଳିତ ନିର୍ବାଚନରେ ଓଡ଼ିଶାରେ ଭାଜପାର ସ୍ଥିତି ତାଙ୍କୁ ଅଧିକ ବିବ୍ରତ କରିଛି, ତେଣୁ କେନ୍ଦ୍ରମନ୍ତ୍ରୀଙ୍କ ମିଛ ଆଉ ବାଡ଼ବତା ମାନୁନାହିଁ। ଦେଶର ଏକାଧିକ ରାଜ୍ୟରେ ଭାଜପା ଶାସନ କରୁଛି। ହେଲେ କେଉଁ ରାଜ୍ୟରେ ଭାଜପାର ଏଭଳି କାର୍ଯ୍ୟକ୍ରମ ଦେଖିବାକୁ ମିଳିନାହିଁ। ଗୁଜରାଟରେ ଏଭଳି କାର୍ଯ୍ୟକ୍ରମର ପ୍ରଚଳନ ହୋଇନାହିଁ। ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ଭାଜପା ୧୫ ବର୍ଷ ଧରି କ୍ଷମତାରେ ଥିଲେ ମଧ୍ୟ ସେଠାରେ ଏଭଳି ଯୋଜନା କାର୍ଯ୍ୟକାରୀ କାହିଁକି ହୋଇନାହିଁ ବୋଲି ଲେଲିନ୍ ପ୍ରଶ୍ନ କରିଛନ୍ତି। ପୂର୍ବରୁ ଭାଜପା ବାର୍ଷିକ ୨ କୋଟି ଚାକିରି, ପ୍ରତି ଗରିବଙ୍କ ବ୍ୟାଙ୍କ ଆକାଉଣ୍ଟରେ ୧୫ ଲକ୍ଷ ଟଙ୍କା ଜମା, ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଭଳି ମିଛ ପ୍ରତିଶ୍ରୁତି ଦେଇ ସାରିଛି। ଜନସାଧାରଣଙ୍କୁ ଦିନଦ୍ୱିପ୍ରହରେ କିଭଳି ଚୂନ ମରାଯାଏ, ତାହା ଅଭ୍ୟାସଗତ ମିଛୁଆ ଭାବେ ପରିଚିତ ଧର୍ମେନ୍ଦ୍ର ପ୍ରଧାନଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହୋଇଥିବା ଲେଲିନ୍ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ପବିତ୍ର ମେଷ ସଂକ୍ରାନ୍ତି ପ୍ରଥମ ଦିବସରେ ଚନ୍ଦ୍ର ସ୍ୱଗୃହରେ ରହି ଆପଣଙ୍କୁ ମାନସିକ ସୁଖ,ସୌହାର୍ଦ୍ଦ୍ୟ ପ୍ରଦାନ କରିବେ। ଆନୁଷ୍ଠାନିକ କାମ ମଧ୍ୟରେ ବନ୍ଧୁମାନଙ୍କ ସାନ୍ନିଧ୍ୟ ଓ ପରିବାର ସହ ଭ୍ରମଣର ସୁଯୋଗରୁ ଆନନ୍ଦିତ ହେବେ। କର୍ମକ୍ଷେତ୍ରରେ ନୈରାଶ୍ୟ କ୍ରମଶଃ ଦୂରେଇଯିବ ଓ ସମ୍ମାନ, ପ୍ରତିଷ୍ଠା ଲାଭ କରିବେ।

**ବୃଷ** ତୃତୀୟାଧିପତି ସ୍ୱଗୃହସ୍ଥ ଯୋଗୁ ମିତ୍ର,ବନ୍ଧୁମାନଙ୍କ ଆଦର,ଗୌରବ ମଧ୍ୟରେ ଦିନଟି ଅତିବାହିତ ହେବ। ଧର୍ମଭାବକୁ ଚନ୍ଦ୍ର ଦେଖୁଥିବାରୁ ଧାର୍ମିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। କର୍ମକ୍ଷେତ୍ରରେ ବହୁବିଧ ସମସ୍ୟା ଜାଲରେ ଛନ୍ଦିହୋଇ ମନୋବଳ ଭାଙ୍ଗିଲା ଭଳି ଅନୁଭବ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ର ଭଲରେ ଚାଲିବ।

**ମିଥୁନ** ଧନାଧିପତି ଧନ ଭାବରେ ଏବଂ ରାଶିରେ ରାହୁ ଥିବାରୁ ବିଭିନ୍ନ ପ୍ରକାର କୌଶଳ ମାଧ୍ୟମରେ କାର୍ଯ୍ୟହାସଲ କରିବେ। ଯୋଜନା କ୍ଷେତ୍ରରେ ଉଦ୍ୟମକୁ ସାକାର କରିବାରେ ବିଶିଷ୍ଟ ବ୍ୟକ୍ତିଙ୍କ ଅଯାଚିତ ସାହାଯ୍ୟ ପାଇବେ। ବ୍ୟବସାୟୀମାନେ ଅଧିକ ପରିଶ୍ରମ କଲେ ମଧ୍ୟ ଋଣପରିଶୋଧ ଦୁଶ୍ଚିନ୍ତାର କାରଣ ହୋଇପାରେ।

**କର୍କଟ** ଚନ୍ଦ୍ର ଓ ମଙ୍ଗଳଙ୍କ ସ୍ଥିତି ସାଙ୍ଗକୁ ଭାଗ୍ୟସ୍ଥ ବୁଧାଦିତ୍ୟ ଯୋଗ ଆପଣଙ୍କୁ ଏକାଧାରରେ ଅର୍ଥ, ସମ୍ମାନ, ସମ୍ବର୍ଦ୍ଧନା ଓ ଉପହାରାଦି ପ୍ରାପ୍ତ ହେବାର ଯୋଗ ରହିଛି। ମନ ଯେମିତି ଚାହୁଁଛି ସେହି ପ୍ରକାରେ ଆଜିର ସମସ୍ତ କାର୍ଯ୍ୟ ଆପଣ ସମ୍ପାଦନ କରିପାରିବେ। ଆଜିର ଯାତ୍ରା,ବାଣିଜ୍ୟ,ସଭାସମିତିରେ ବନ୍ଧୁମିଳନରୁ ଖୁସୀ ରହିପାରନ୍ତି।

**ସିଂହ** ଦ୍ୱାଦଶସ୍ଥ ହେଲେ ମଧ୍ୟ ଚନ୍ଦ୍ରଙ୍କ ନବମସ୍ଥ ବୁଧାଦିତ୍ୟ ଯୋଗ ଆପଣଙ୍କ ପାଇଁ କାର୍ଯ୍ୟସିଦ୍ଧି, ବିଶିଷ୍ଟବ୍ୟକ୍ତିଙ୍କ ଅନୁକମ୍ପା ଲାଭ କରାଇବ। ଆଜି କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ ଓ ମଧୁମୟ କରିବ। ସାହିତ୍ୟ, ସାମ୍ବାଦିକତା, ରାଜନୀତି, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା** ଅନୁକୂଳ ଗ୍ରହ ସ୍ଥିତି ପ୍ରଭାବରେ ଆପଣଙ୍କ ପ୍ରଶଂସନୀୟ ଉଦ୍ୟମ ବହୁଜନ ପ୍ରଶଂସିତ ହେବ। ନିଜେ ଠିକ୍ ଥିଲେ ମଧ୍ୟ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ହଠାତ୍ କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇଦେଇପାରେ। ପାରିବାରିକ କ୍ଷେତ୍ରରେ ଅର୍ଥ କିମ୍ବା ଅଳଙ୍କାର କ୍ରୟ କରିପାରନ୍ତି। ଯାନ୍ତ୍ରିକ ଶିଳ୍ପ ଓ ବାଣିଜ୍ୟ,ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ତୁଳା** କର୍ମସ୍ଥାନରେ ଚନ୍ଦ୍ର ଏବଂ ଧନସ୍ଥାନକୁ ମଙ୍ଗଳଙ୍କ ଦୃଷ୍ଟି ସହ ଶୁକ୍ରଙ୍କ ସ୍ଥିତି ଆପଣଙ୍କ ସର୍ବବିଧ ସାଧନ ପାଇଁ ମାର୍ଗ ଉନ୍ମୁକ୍ତ ହୋଇଯିବ। ଅର୍ଥ ପାଇବେ ଏବଂ ପାରିବାରିକ ସ୍ଥିରତା ଆସିଯିବା ସାଙ୍ଗକୁ ଯାତ୍ରା, ନୂତନ କର୍ମାରମ୍ଭ ମଧ୍ୟ ପ୍ରୀତିପ୍ରଦ ରହିବ। ସରକାରୀ କାମ, ଚୁକ୍ତିପତ୍ର, ପ୍ରଶାସନ, ରାଜନୀତି, ସାମ୍ବାଦିକତା କ୍ଷେତ୍ରରେ ଅସ୍ଥିରତାର ଆଶଙ୍କା ଦେଖାଦେଇପାରେ।

**ବିଛା** ସୁଖ ଭାବରେ ବକ୍ରୀ ବୃହସ୍ପତି ସହ ଶନି ଓ କେତୁ ଥିବାରୁ ଆପଣଙ୍କ ବକ୍ତବ୍ୟ ବନ୍ଧୁଙ୍କ ଅଗ୍ରହଣୀୟ ହୋଇପାରେ। ଅର୍ଥହାନି ,ପାରିବାରିକ ଦ୍ୱନ୍ଦ୍ୱ ଲାଗିରହିଲେ ମଧ୍ୟ ଗଣତନ୍ତ୍ରର ପ୍ରତୀକ ଶନି ଆପଣଙ୍କୁ ରାଜନୈତିକ କ୍ଷେତ୍ରରେ ସୁଫଳ ପ୍ରଦାନ କରିବେ। ନବମସ୍ଥ କଳାକର ଚନ୍ଦ୍ରଙ୍କ ସ୍ଥିତି ହେତୁ କଳା, ସାହିତ୍ୟ ଚର୍ଚ୍ଚା, ସଭାସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ।


**ଧନୁ** ଅଷ୍ଟମସ୍ଥ ଚନ୍ଦ୍ର ଆପଣଙ୍କୁ ଅର୍ଥଲାଭ ସାଙ୍ଗକୁ ଗୋପନୀୟ କଥାରେ କାର୍ଯ୍ୟସିଦ୍ଧିର ସୂଚନା ପ୍ରଦାନକରେ। ସାହାଯ୍ୟ ସହଯୋଗ ଲାଭକରି ବହୁଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇ ପାରନ୍ତି। କିଛି ସମୟ ପୂର୍ବରୁ ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇପଡ଼ିବେ।

**ମକର** ଆଜିର ଅସାଧାରଣ ଗ୍ରହ ସ୍ଥିତି ପ୍ରଭାବରେ ଦିନଟି ଆପଣଙ୍କ ପାଇଁ ସ୍ମରଣୀୟ ହୋଇ ରହିଯିବ। ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟକାରୀ ମନୋଭାବରୁ ଖୁସି ହେବେ। କୌଣସି କାମ ଅଟକି ରହିବନାହିଁ। ଅର୍ଥନୈତିକ, ରାଜନୈତିକ ସ୍ଥିତି ବହୁତ ଭଲ ରହିବ। ଶତ୍ରୁ ପରାସ୍ତ ହେବେ, କିନ୍ତୁ ଧନବ୍ୟୟ ସାଙ୍ଗକୁ ବିଭିନ୍ନ ପ୍ରକାର ସମସ୍ୟାଜନିତ ଟେନ୍‌ସନ ଲାଗିରହିବ।

**କୁମ୍ଭ** ଆଜି ସ୍ୱରାଶିଠାରୁ କର୍କଟରାଶି ପର୍ଯ୍ୟନ୍ତ ଷଡ୍‌ଗ୍ରହ ଅବସ୍ଥାନ କରିବା ଯୋଗୁ ସମ୍ମାନଜନକ ସ୍ଥିତି ସହ ବସ୍ତ୍ରାଳଙ୍କାର, ଉପହାର ପାଇପାରନ୍ତି। ଏଣେ ଷଷ୍ଠସ୍ଥ ଶୁକ୍ର ଆପଣଙ୍କ ଯାତ୍ରାକୁ ସହଜ ସୁଗମ କରାଇବା ସହିତ ନୂତନ କାର୍ଯ୍ୟାରମ୍ଭକୁ ପ୍ରୀତିପ୍ରଦ କରାଇବ। ତଥାପି ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସିଲେ ଅଶାନ୍ତି ବଢ଼ିଯାଇପାରେ।

**ମୀନ** ରାଶିରେ ବୁଧ ବୌଦ୍ଧିକ ସହାୟତା,ଦୈହିକ ସ୍ୱାସ୍ଥ୍ୟ ଓ ପାରିବାରିକ ଶାନ୍ତି ପ୍ରଦାନରେ ସହାୟକ ହେବ। ଚନ୍ଦ୍ରଙ୍କ ସ୍ଥିତିରୁ ଶିକ୍ଷା,ସନ୍ତାନ,ଲେଖାପଢ଼ା,ସାଙ୍ଗକୁ ଆଶା ପୂରଣ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରିବ। ଆଦୌ ଦେଉ ନ ଥିବା ବ୍ୟକ୍ତିଙ୍କ ନିକଟରୁ ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟରେ ଲାଭ ମିଳିବ।

ଆଜି ମହାବିଷୁବ ପଣା ସଂକ୍ରାନ୍ତି, ଭକ୍ତ ଶିରୋମଣି ହନୁମାନଙ୍କ ଜୟନ୍ତୀ, ପୀଠେ ବାସନ୍ତୀ ଦଶହରା, ବୈଷ୍ଣବ ସମ୍ମତ ଶ୍ରୀରାମ ନବମୀ, ଚୈତ୍ର ଶୁକ୍ଳ ନବମୀଯୁକ୍ତ ଦଶମୀ ରବିବାର, ଏପ୍ରିଲ ୧୪ ତାରିଖ, ଅଗ୍ନିଶମ ଦିବସ,ସମ୍ବିଧାନ ପ୍ରଣେତା ଡ. ଆମ୍ବେଦକରଙ୍କ ଜୟନ୍ତୀ, ୧୯୪୧ ଶକାବ୍ଦ ଆରମ୍ଭ, ରାଶି ନକ୍ଷତ୍ର- ସକାଳ, ଘ୮ ।୦୬ମି. ଗତେ ଅଶ୍ଳେଷା/କର୍କଟ, ମେଷ ରାଶିର ଘାତବାର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ୮ ।୩୬ମି. ଗତେ ଘ୧୦ ।୧୦ମି. ମଧ୍ୟେ ଘ୧ ।୨୧ମି. ଗତେ ଘ୧ ।୫୭ମି. ମଧ୍ୟେ ଅମୃତବେଳା।




## ସଂକ୍ଷେପରେ

### ଭାଜପା ପ୍ରାର୍ଥୀଙ୍କୁ ବିଜୁ ଯୁବ ବାହିନୀ କାର୍ଯ୍ୟକର୍ତ୍ତାଙ୍କ ଆକ୍ରମଣ ଅଭିଯୋଗ

# ସିଇଓଙ୍କୁ ଫେରାଦ ହେଲା ଭାଜପା

**ଭୁବନେଶ୍ୱର, ୧୩।୪(ବ୍ୟୁରୋ):** ବିଜୁ ଯୁବ ବାହିନୀର କର୍ମକର୍ତ୍ତାମାନେ ଭାଜପା ପ୍ରାର୍ଥୀଙ୍କୁ ଆକ୍ରମଣ କରୁଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱର ମଧ ନିର୍ବାଚନ ମଣ୍ଡଳୀର ୟୁନିଟ୍-୮ ସ୍ଥିତ ମହାବୀର କ୍ଲବ୍ ଯାହାକି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ମାତ୍ର ୧ କିମି ଦୂରରେ ଥିବା ଅଞ୍ଚଳରେ ଭୁବନେଶ୍ୱର ଭାଜପାର ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡଙ୍ଗୀ ଏବଂ ମଧ ଭୁବନେଶ୍ୱର ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ ଏକ ନିର୍ବାଚନ ପ୍ରଚାର ଶୋଭାଯାତ୍ରରେ ଯାଉଥିବା ବେଳେ ବିଜୁ ଯୁବ ବାହିନୀର ୪୦ ରୁ ୫୦ ଜଣ କର୍ମକର୍ତ୍ତା ଅଶାଳୀନ ବ୍ୟବହାର କରିବା ସହ ଖରାପ ଭାଷାରେ ଗାଳିଗୁଲଜ କରି ଟେକା ପଥର ମାଡ କରିଛନ୍ତି। ଏହି ଘଟଣାରେ ପ୍ରଧାନ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ରାଜଧାନୀରେ ଶାସକ ଦଳର ଏପରି ଗୁଣ୍ଡା ଗର୍ଦ୍ଦି ଚାଲିଥିବା ବେଳେ ପାଖରେ ପୋଲିସ ଉପସ୍ଥିତ ଥାଇ ମଧ୍ୟ କିଛି କଲେ ନାହିଁ। ଯଦି ରାଜଧାନୀର ସ୍ଥିତି ଏମିତି ଆଉ ଅନ୍ୟ ବିଧାନସଭା କ୍ଷେତ୍ରରେ କିପରି ମୁକ୍ତ ଓ ଅବାଧ ନିର୍ବାଚନ ହୋଇପାରିବ ଏହାର ପ୍ରତିବାଦରେ ଶନିବାର ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଘଟଣା ଘଟିଥିଲା ବେଳେ ପୋଲିସ ବିଭାଗର ଦୁଇଜଣ ଏସିପି, ନୟାପଲ୍ଲୀ ଥାନାଧିକାରୀ ଏବଂ ଭୁବନେଶ୍ୱର ବିଭିନ୍ନ ଅଞ୍ଚଳର ଥାନାଧିକାରୀମାନଙ୍କ ସହ ଏକ ବଡ ପୋଲିସ ପ୍ଲାଟୁନ ଉପସ୍ଥିତ ଥାଇ ମଧ ନୀରବଦ୍ରଷ୍ଟା ସାଜି ବିଜେଡିର ଗୁଣ୍ଡା ମାନଙ୍କୁ ହିଂସା ଘଟାଇବାକୁ ପ୍ରଶ୍ରୟ ଦେଉଥିଲେ। ସେମାନଙ୍କୁ କାହିଁକି ପୋଲିସ ସେତେବେଳେ ଅଟକାଇଲା ନାହିଁ କି ଏବେ ସୁଧା ଗିରଫ କରିନାହାନ୍ତି ବୋଲି ମହାନ୍ତି ପ୍ରଶ୍ନ କରିଛନ୍ତି। ଏହି ପ୍ରତିନିଧୀ ଦଳରେ ମଧ ଭୁବନେଶ୍ୱର ବିଜେପି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ, ପ୍ରଦୀପ କୁମାର ଧଳ ଏବଂ ନିର୍ବାଚନ ପ୍ରକୋଷ୍ଠର ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।




# ସୂଚନା ଅଧିକାର କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ

## ଅଚ୍ୟୁତ ସାମନ୍ତଙ୍କ କର୍ମୀଙ୍କ ନାଁରେ ଆଣିଲେ ଅଭିଯୋଗ

**ଫୁଲବାଣୀ ଅଫିସ, ୧୩।୪**

କନ୍ଧମାଳ ଜିଲାରେ ପ୍ରାକ୍ ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି । ଜିଲାର ଜଣାଶୁଣା ସୂଚନା ଅଧିକାର କର୍ମୀ ମହମ୍ମଦ ଜିଆଉଦ୍ଦିନ୍ ଅହମ୍ମଦଙ୍କୁ ଟୁମୁଡିବନ୍ଧ ଅଞ୍ଚଳରେ ମରଣାନ୍ତକ ଆକ୍ରମଣ କରାଯାଇଛି । ଏ ସମ୍ପର୍କରେ ଜିଆଉଦ୍ଦିନ ବିଜେଡି ଏମ୍‌ପି ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କ କର୍ମୀଙ୍କ ନାମରେ ଟୁମୁଡିବନ୍ଧ ଥାନାରେ ଅଭିଯୋଗ କରିଛନ୍ତି।

ଓଡିଶା ସୂଚନା ଅଧିକାର ଅଭିଯାନର ଜିଲା ସହ ସଂଯୋଜକ ଜିଆଉଦ୍ଦିନ୍ ଶୁକ୍ରବାର ସନ୍ଧ୍ୟାରେ ଲାବଣ୍ୟବତୀ ଗ୍ରାମ ରାସ୍ତା ପାଖରେ ଠିଆ ହୋଇଥିଲେ। ସେହି ସମୟରେ ବିଜେଡି ଏମ୍‌ପି ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କ ପ୍ରଚାର ଗାଡି ଆସି ତାଙ୍କ ଗାଡି ଆଗରେ ଠିଆ ହେଲା । ଗାଡିରୁ ୭ ଜଣ କର୍ମୀ ବାହାରି ଉତ୍ୟକ୍ତ ହୋଇ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ଏଥିସହ ଜିଆଉଦ୍ଦିନଙ୍କ ଗାଡିରେ ଥିବା ପ୍ରଚାରପତ୍ର ଚିିଙ୍ଗି ମୁହଁକୁ ମୁଥ ମାରିଥିଲେ। ଏହି ସମୟରେ ଆଉ ଏକ ବୋଲେରୋ ଏବଂ ବାଇକ୍‌ରେ କେତେକ କର୍ମୀ ଆସି ପହଞ୍ଚିଥିଲେ । ସେମାନେ ଅଚ୍ୟୁତ ସାମନ୍ତ ଜିନ୍ଦାବାଦ ସ୍ଲୋଗାନ ଦେବାପରେ ଜିଆଉଦ୍ଦିନ୍‌ଙ୍କୁ ଘେରିଯାଇ ଗୋଇଠା ବିଧା ମାରି ଗାଡିରେ ବସାଇ ନେବାକୁ ଚେଷ୍ଟା କଲାବେଳେ ସ୍ଥାନୀୟ ଲୋକେ ଏହାର ପ୍ରତିବାଦ କରିଥିଲେ । କିଛି ସମୟ ପରେ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା । ଅଚ୍ୟୁତ ସାମନ୍ତଙ୍କ କଳାକାରନାମା ଉପରେ ଆମେ ସୂଚନା ଅଧିକାର ଆଇନ ଅନୁଯାୟୀ, ତଥ୍ୟ ସଂଗ୍ରହ କରି ତାଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେଇ ଆସୁଛୁ। ତାଙ୍କ ଦ୍ୱାରା ଭବିଷ୍ୟତରେ ପୁଣି ଆକ୍ରମଣ ହେବାର ଆଶଙ୍କା ଥିବା ଜିଆଉଦ୍ଦିନ୍ ଏତଲାରେ ଦର୍ଶାଇଛନ୍ତି। ଜିଆଉଦ୍ଦିନ୍‌ଙ୍କ ଏତଲାକ୍ରମେ ଟୁମୁଡିବନ୍ଧ ଥାନାରେ ନଂ. ୩୯/୧୯ରେ ମାମଲା ରୁଜୁ ହୋଇଛି। ସେହିପରି ବିପକ୍ଷ ଲୋକଙ୍କ ଅଭିଯୋଗ କ୍ରମେ ଜିଆଉଦ୍ଦିନ୍‌ଙ୍କ ନାଁରେ ନଂ. ୪୦/୧୯ରେ ମାମଲା ରୁଜୁ କରାଯାଇଛି । ଏ ସମ୍ପର୍କରେ ବିଜେଡି ଏମ୍‌ପି ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କ ମୋବାଇଲ ଫୋନ ନଂ. ୯୮୬୮୧୮୧୨୯୮ ଏବଂ ୯୪୩୭୦୯୬୨୯୮ରେ ଯୋଗାଯୋଗ କରାଯାଇଥିଲା । କିନ୍ତୁ ତାହା ବନ୍ଦ ଥିବାରୁ ତାଙ୍କ ମତାମତ ମିଳିପାରି ନାହିଁ । ଏ ନେଇ ଫୁଲବାଣୀ ପ୍ରେସ୍ କ୍ଲବରେ ଶନିବାର ସନ୍ଧ୍ୟାରେ ଓଡିଶା ସୂଚନା ଅଧକାର ଅଭିଯାନ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆକ୍ରମଣ କାରୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଛି ।



ମହମ୍ମଦ ଜିଆଉଦ୍ଦିନ୍ ଅହମ୍ମଦ

# ୪୩ ଡିଗ୍ରୀ ଟପିଲା ପାରଦ

### ୧୦ ଜିଲାରେ ଝଡ଼ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୧୩।୪(ବ୍ୟୁରୋ)**

ରାଜ୍ୟରେ ତାତି ଅସହ୍ୟ ହେଲାଣି। ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଓଡିଶାରେ ଗତ ଦୁଇ ଦିନରେ ପାରଦ ୪ ଡିଗ୍ରୀ ସେଲସିୟସ ବଢି ଗଲାଣି। ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ଉପରକୁ ଟପିଲାଣି। ଏଥିସହିତ ରାଜ୍ୟର ୯ଟି ସହରରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଶନିବାର ତାଳଚେରରେ ରାଜ୍ୟର ସର୍ବାଧିକ ତାପମାତ୍ରା ୪୩.୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଟିଟିଲାଗଡ ୪୩, ଅନୁଗୋଳ ୪୨.୭, ଭବାନୀପାଟଣା ୪୨.୫, ବଲାଙ୍ଗୀର ୪୨, ଝାରସୁଗୁଡା ୪୦.୯, ସୋନପୁର ୪୦.୮, ସମ୍ବଲପୁର ୪୦.୧ ଏବଂ ସୁନ୍ଦରଗଡରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ସେହିପରି ହୀରାକୁଦରେ ୩୯.୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱର ୩୯.୫, ମାଲକାନଗିରି ଜିଲାରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଉତ୍ତର ପଶ୍ଚିମ ଦିଗରୁ ବାୟୁପ୍ରବାହ ଯୋଗୁ ତାତି ଆହୁରି ବଢିବ। ପାରଦ ୪୫ ଡିଗ୍ରୀ ଯାଏ ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ୧୮ ତାରିଖରୁ ତାତିର ପ୍ରକୋପ ହ୍ରାସ ପାଇବ। ବାୟୁ ପ୍ରବାହର ଦିଗ ପରିବର୍ତ୍ତନ ହେବା ସହ ବଙ୍ଗୋପ ସାଗରରୁ ଜଳୀୟ ବାଷ୍ପ ଓଡିଶାକୁ ପ୍ରବେଶ କରିବ। ଏହାଛଡା ଓଡିଶା ଉପରେ ଏକ ଟ୍ରପ ଲାଇନ ସୃଷ୍ଟି ହେବ। ଏହାର ପ୍ରଭାବରେ ୧୮ରୁ ୨୦ ତାରିଖ ମଧ୍ୟରେ ରାଜ୍ୟର ଅଧିକାଂଶ ଭାଗରେ କାଳବୈଶାଖୀଜନିତ ଝଡବର୍ଷା ହେବାର ସମ୍ଭାବନା ରହିଛି।




# ବହୁ ନେତାଙ୍କୁ ବିଜେଡି ସାଙ୍ଗଠନିକ ଦାୟିତ୍ୱ

- ବିଜୟ ଭୁବନେଶ୍ୱର ପର୍ଯ୍ୟବେକ୍ଷକ
- ଦଳରୁ ରବି, ଅରୁଣ ବହିଷ୍କୃତ

**ଭୁବନେଶ୍ୱର, ୧୩।୪(ବ୍ୟୁରୋ)**

ରାଜ୍ୟରେ ନିର୍ବାଚନ ପ୍ରକ୍ରିୟା ଜାରି ରହିଛି। ଇତିମଧ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସରିଯାଇଛି। ଆଗକୁ ୩ ପର୍ଯ୍ୟାୟ ଭୋଟ ଗ୍ରହଣ ବାକି ରହିଛି। ଶାସକ ଦଳ ବିଜେଡିରେ ଅନେକ ଟିକେଟ୍ ଆଶାୟୀ ଥିଲେ। ହେଲେ ସମସ୍ତଙ୍କୁ ଟିକେଟ୍ ମିଳିନାହିଁ। ତେଣୁ ଟିକେଟ୍‌ରୁ ବଞ୍ଚିତ ହୋଇଥିବା ଦଳୀୟ ନେତାମାନଙ୍କୁ ବିଜେଡି ସାଙ୍ଗଠନିକ ପଦରେ ଅବସ୍ଥାପିତ କରିବାରେ ଲାଗିଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଏକାଧିକ ନେତାଙ୍କୁ ନିଯୁକ୍ତି ଦେଇଛନ୍ତି। ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା କେତେଜଣ ନେତାଙ୍କୁ ନିଲମ୍ବିତ ମଧ କରିଛନ୍ତି। ବିଧାୟକ ବିଜୟ କୁମାର ମହାନ୍ତିଙ୍କୁ ଦଳର ରାଜ୍ୟ ସାଧାରଣ ସମ୍ପାଦକ ସହ ଭୁବନେଶ୍ୱର ସାଙ୍ଗଠନିକ ଜିଲାର ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ନିକଟରେ ଦଳରେ ସାମିଲ ହୋଇଥିବା ପ୍ରମୋଦ କିଶୋର ଜେନା ଏବଂ ସାରଦା ପ୍ରସନ୍ନ ଜେନାଙ୍କୁ ଦଳର ରାଜ୍ୟ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି। ଦେବୀ ପ୍ରସାଦ ଭୂତିଆ, ହର୍ଷବର୍ଦ୍ଧନ ସିଂହଦେଓ, ଶଶୀ କୁମାର ସାହୁଙ୍କୁ ରାଜ୍ୟ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଯୁବ ବିଜେଡି ଉପସଭାପତି ଦୁର୍ଗା ପ୍ରସାଦ ସାମନ୍ତରାୟଙ୍କୁ ରାଜ୍ୟ ସମ୍ପାଦକ ସହ ଭୁବନେଶ୍ୱର(ଉତ୍ତର) ନିର୍ବାଚନମଣ୍ଡଳୀର ସହପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ଯୁବ ବିଜେଡି ସଭାପତି ଅମରେଶ ପତ୍ରୀଙ୍କୁ କେନ୍ଦ୍ରାପଡା ଜିଲା ସହପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସୁଧୀର କୁମାର ଦାସଙ୍କୁ ବୌଦ୍ଧ ଜିଲା କନ୍ଧମାଳ, ସୁଶୀଲ ରାୟଙ୍କୁ ବାଲେଶ୍ୱର ଜିଲା ସହପର୍ଯ୍ୟବେକ୍ଷକ, ଭୁବନାନନ୍ଦ ଦାସ ଓ ଗିରିଶ ଚନ୍ଦ୍ର ଦାସଙ୍କୁ ଜିଲା ବିଜେଡି ଉପସଭାପତି ଭାବେ ମନୋନୀତ କରାଯାଇଛି। ବାଲେଶ୍ୱର ଜିଲା ସମ୍ପାଦକ ଭାବେ ମନୋଜ କୁମାର ରାଉତ, ଆଶିଷ ଘୋଷ ଏବଂ ଅରୁଣ ଚାଟାର୍ଜୀଙ୍କୁ ନିଯୁକ୍ତି ଦିଆଯାଇଛି। ମିହିର ରଞ୍ଜନ ପରିଡ଼ାଙ୍କୁ ଯୁବ ବିଜେଡି ଉପସଭାପତି ଏବଂ କେନ୍ଦ୍ରାପଡ଼ା ଜିଲା ବିଜୁ ଯୁବ ଜନତା ଦଳ କାର୍ଯ୍ୟକାରୀ ସଭାପତି ଭାବେ ଲୋହିତ କୁମାର ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି। ଅପରପକ୍ଷରେ ପୂର୍ବତନ ଦେବଗଡ଼ ବିଧାୟକ ସଞ୍ଜୀବ କୁମାର ପ୍ରଧାନଙ୍କ ଉପରୁ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରାଯାଇଛି। ପୂର୍ବତନ ବିଧାୟକ ରବି ମଲ୍ଲିକ ଏବଂ ଗଞ୍ଜାମ ବିଜେଡି ନେତା ଅରୁଣ ପଣ୍ଡାଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ଦଳରୁ ବହିଷ୍କାର କରାଯାଇଛି।

### ଫେମିନା ମିସ୍ ଇଣ୍ଡିଆ ଭୁବନେଶ୍ୱର ଅଡିଶନ୍

# ଶ୍ରେଷ୍ଠ ୩ରେ ତମନ୍ନା, ଶୀତଲ, ଅରୂପା


**ଭୁବନେଶ୍ୱର, ୧୩।୪(ବ୍ୟୁରୋ)**

ଦେଶର ଲୋକପ୍ରିୟ ବିଉଟିକଣ୍ଟେଷ୍ଟ ଏଫ୍‌ବିବି ଫେମିନା ମିସ୍ ଇଣ୍ଡିଆର ଭୁବନେଶ୍ୱର ଅଡିଶନ ଶନିବାର ଏସ୍‌ପ୍ଲାନେଡ୍ ମଲ୍‌ସ୍ଥିତ ବିଗ୍‌ବଜାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଓଡିଶାରୁ ଶ୍ରେଷ୍ଠ ୩ ପ୍ରତିଯୋଗୀଭାବେ ତମନ୍ନା ବ୍ୟାସ, ଶୀତଲ ସାହୁ ଏବଂ ଅରୂପା ରଥ ମନୋନୀତ ହୋଇଛନ୍ତି। ଏପ୍ରିଲ ୨୩ରେ କୋଲକାତାରେ ଅନୁଷ୍ଠିତ ହେବାକୁ ଥିବା ଇଷ୍ଟ ଜୋନାଲ କ୍ରାଉନିଂ ପ୍ରତିଯୋଗିତାରେ ଏମାନେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ। ଏହି ୩ ସୁନ୍ଦରୀ ଓଡିଶାକୁ ଗୌରାବାନ୍ୱିତ କରିବା ସହ ଚଳିତବର୍ଷ ମିସ୍ ଇଣ୍ଡିଆ ଟାଇଟଲ୍‌ର ବିଜୟିନୀ ହେବାକୁ ଆଶାବାଦୀ ଥିବା କହିଛନ୍ତି।

ଚଳିତବର୍ଷ ଏଫ୍‌ବିବି କଲର୍ସ ଫେମିନା ମିସ୍ ଇଣ୍ଡିଆ ୨୦୧୮ ପ୍ରତିଯୋଗିତାର ଭୁବନେଶ୍ୱର ଅଡିଶନ୍‌ରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପୂର୍ବାହ୍ନରୁ ଆରମ୍ଭ ହୋଇଥିବା ଅଡିଶନ୍‌ର ୪ରୁ ଊର୍ଦ୍ଧ୍ୱ ରାଉଣ୍ଡରେ ପ୍ରତିଯୋଗୀମାନେ ସେମାନଙ୍କ ସୌନ୍ଦର୍ଯ୍ୟ ସହ ପ୍ରତିଭା, ବୁଦ୍ଧିମତ୍ତା ଏବଂ ର୍‍ୟାମ୍ପ ଦକ୍ଷତାକୁ ପ୍ରଦର୍ଶିତ କରିଥିଲେ। ଇଣ୍ଟ୍ରୋଡକ୍ସନ, ର୍‍ୟାମ୍ପ୍ ୱାକ୍, ପ୍ରଶ୍ନୋତ୍ତର ଏବଂ କକ୍‌ଟେଲ୍ ରାଉଣ୍ଡ ପରେ ଶ୍ରେଷ୍ଠ ୬ ପ୍ରତିଯୋଗୀ ଚୟନ ହୋଇ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ସେମାନଙ୍କୁ ଉପସ୍ଥିତ ଦର୍ଶକ ଏବଂ ବିଚାରକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବାକୁ ପଡିଥିଲା। ସେହିଭଳି ପ୍ରତିଯୋଗୀମାନେ ର୍‍ୟାମ୍ପ୍‌ରେ ବିଭିନ୍ନ ଶୈଳୀରେ ଚାଲି ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ବିଚାରକ ଭାବେ ଫ୍ୟାଶନ ଡିଜାଇନର ରିମ୍ପି ମହାନ୍ତି ଏବଂ ଫେମିନା ମିସ୍ ଇଣ୍ଡିଆ ଓଡ଼ିଶା ୨୦୧୮ ଟାଇଟଲ ବିଜେତା ଶ୍ରୁତିସ୍ମିତା ନାୟକ ଶ୍ରେଷ୍ଠ ୩ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ବିଜେବି କଲେଜରେ ଜର୍ନାଲିଜିମ୍ ପଢିବା ସହ ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କରୁଥିବା ତମନ୍ନା, ବମ୍ବେରେ ସଫ୍ଟୱେର୍ ଇଞ୍ଜିନିୟରଭାବେ କାର୍ଯ୍ୟରତ ଶୀତଲ ଏବଂ କିଟ୍‌ରୁ ଏମ୍‌ବିଏ ଡିଗ୍ରୀ ହାସଲ କରିବା ପରେ ଏଚ୍‌ଆର୍ ଭାବେ କାର୍ଯ୍ୟରତ ଅରୂପା ଏଥର ଗୋଲ୍ଡେନ୍ ଟିକେଟ ହାସଲ କରି ଜାତୀୟସ୍ତରରେ ଓଡିଶାରୁ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି। ଚଳିତବର୍ଷ ମିସ୍ ଇଣ୍ଡିଆର ୫୬ତମ ସଂସ୍କରଣ ଅନୁଷ୍ଠିତ ହେଉଥିବାବେଳେ ଦେଶର ସମସ୍ତ ରାଜ୍ୟରେ ଅଡିଶନ କରାଯାଇ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଚୟନ କରାଯିବ। ପ୍ରତ୍ୟେକ ରାଜ୍ୟରୁ ୩ଜଣ ଲେଖାଏ ପ୍ରତିଯୋଗୀ ଜୋନ୍‌ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେଠାରେ ରାଜ୍ୟ ସୁନ୍ଦରୀ ଟାଇଟଲ୍ ହାସଲ କରିବେ। ଓଡିଶାରୁ ୩ଜଣ ପ୍ରତିଯୋଗୀ ଇଷ୍ଟ ଜୋନାଲ କ୍ରାଉନିଂ ସେରିମନିରେ ଭାଗନେବାପରେ ସେମାନଙ୍କ ମଧ୍ୟରୁ ଜଣଙ୍କୁ 'ମିସ୍ ଇଣ୍ଡିଆ ଓଡିଶା ୨୦୧୯' ଟାଇଟଲ୍ ପ୍ରଦାନ କରାଯିବ। ଭଲ ପ୍ରଦର୍ଶନ କଲେ ପରବର୍ତ୍ତୀ ପର୍ଯ୍ୟାୟକୁ ମନୋନୀତ ହେବାସହ ଜୁନ୍ ୧୫ରେ ମୁମ୍ବାଇରେ ହେବାକୁ ଥିବା ଗ୍ରାଣ୍ଡ୍ ଫିନାଲେରେ ମିସ୍ ଇଣ୍ଡିଆ ଟାଇଟଲ୍ ଜିତିବାର ଗୌରବ ମଧ ଅର୍ଜନ କରିପାରିବେ।




(ବାମରୁ) ଅରୂପା ରଥ, ଶୀତଲ୍ ସାହୁ ଓ ତମନ୍ନା ବ୍ୟାସ।



କାହିଁକି ଭଲା ଭଗବାନ ଏ ପୃଥିବୀ ଉପରେ ବେଳେ ବେଳେ ଏମିତି ଭୟଙ୍କର ଆଘାତ ହାଣନ୍ତି ? କାହିଁକି ସେ ଏ ପୃଥିବୀକୁ ବାରମ୍ବାର ଆପଣା ରକ୍ତରେ ସ୍ନାନ କରାନ୍ତି ? କାହିଁକି ମଧ୍ୟ ସେ ଏ ପୃଥିବୀକୁ ନରକର ଡହଡହ ନିଆଁରେ ଦଗ୍ଧ କରୁଥାନ୍ତି ? କାରଣ -ମନୁଷ୍ୟ ସମାଜ ତଥାପି ମଧ୍ୟ ଏକ ଶକ୍ତ, କର୍କଶ ଓ ବନ୍ଧୁର ଲୌହପ୍ରସ୍ତର ରୂପେ ରହିଥାଏ । ତାଙ୍କର ଉପାଦାନ ସବୁ ଯେପରି -ଉପାୟ ମଧ୍ୟ ସେହିପରି । -ଶ୍ରୀଅରବିନ୍ଦ



# ନେତାଙ୍କ ଶିକ୍ଷା



ଆକାର ପଟେଲ

ଜଣେ ନେତା କେତେ ଶିକ୍ଷିତ ହେବା ଆବଶ୍ୟକ ଏବଂ ତାଙ୍କଠାରେ ଶିକ୍ଷା ଓ ବୌଦ୍ଧିକତାର ଅଭାବ ଥିଲେ କ'ଣ ଅସୁବିଧା ହୁଏ ? ସ୍ମୃତି ଇରାନୀ କଲେଜରେ ପାଠ ପଢ଼ିନାହାନ୍ତି କହି କଂଗ୍ରେସ ତାଙ୍କୁ ପରିହାସ କରୁଛି । ସେ ଏକ ପତ୍ରବିନିମୟ ପାଠ୍ୟକ୍ରମରେ ଯୋଗ ଦେଇଥିଲେ, କିନ୍ତୁ ତାକୁ ଶେଷ କରିନାହାନ୍ତି । ଏଥିରୁ ମନେହେଉଛି ତାଙ୍କର ସମ୍ଭବତଃ ଆଉ ଅଧିକ ଶିକ୍ଷା ଗ୍ରହଣ କରିବାକୁ ଆଗ୍ରହ ନ ଥିଲା ।

ଇରାନୀ ଜଣେ ଚତୁର ଓ ବୁଦ୍ଧିମତୀ ମହିଳା । ଆନୁଷ୍ଠାନିକ ଶିକ୍ଷାର ଅଭାବ ତାଙ୍କ ପ୍ରଗତିରେ ବାଧା ସୃଷ୍ଟି କରିନାହିଁ । ଜଣେ କଲେଜ ଯାଇନାହିଁ ବୋଲି ଲାଜ କରିବାର କିଛି ନାହିଁ । କିନ୍ତୁ ଇରାନୀ ଅସୁବିଧାରେ ପଡ଼ିବାର କାରଣ ହେଉଛି, ସେ ତାଙ୍କର ଶିକ୍ଷା ନେଇ କିଛି ଦାବି କରିଥିଲେ (ୟେଲ୍ ବିଶ୍ୱବିଦ୍ୟାଳୟକୁ ଯାଇଥିଲେ ବୋଲି କହିଥିଲେ), ଯାହା ସମ୍ପୂର୍ଣ୍ଣ ମିଥ୍ୟା ନ ହେଲେ ବି ବିଭ୍ରାନ୍ତିକର । କୁହାଯାଇପାରେ ଯେ କଂଗ୍ରେସର ଗାନ୍ଧୀ ପରିବାର ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତାର ଅଧିକାରୀ ନୁହନ୍ତି । ରାଜୀବ ଗାନ୍ଧୀ କେମ୍ବ୍ରିଜରେ ପଢ଼ିବା ପାଇଁ ଇଂଲଣ୍ଡ ଯାଇଥିଲେ କିନ୍ତୁ ପରୀକ୍ଷାରେ ଫେଲ ହେବା ଯୋଗୁ କୌଣସି ଡିଗ୍ରୀ ପାଇପାରି ନ ଥିଲେ । ତାଙ୍କ ଭାଇ ସଞ୍ଜୟ ତ ଏପରି କି ମାଟ୍ରିକ୍ ବି ପାସ୍ କରି ନ ଥିଲେ । ସେ ଗାଡ଼ି ମରାମତି ସମ୍ପର୍କିତ ଏକ କୋର୍ସ କରିବା ପାଇଁ ସ୍କୁଲ ଛାଡ଼ିଥିଲେ । କିନ୍ତୁ ଦୁର୍ଭାଗ୍ୟର ବିଷୟ ଏଭଳି ଲୋକ ତାଙ୍କ ମାଆଙ୍କ ଯୋଗୁ ବହୁ କ୍ଷମତାଶାଳୀ ଥିଲେ । ସଞ୍ଜୟଙ୍କ ସ୍ତ୍ରୀ ମାନେକା ତାଙ୍କୁ ୧୮ ବର୍ଷ ବୟସରେ ବିବାହ କରିଥିଲେ, ଯେଉଁଥିପାଇଁ ସେ ମଧ୍ୟ ଉପଯୁକ୍ତ ଶିକ୍ଷାରୁ ବଞ୍ଚିତ ହୋଇଥିଲେ । ଲୋକ ସଭା ବିବରଣୀରୁ ଜଣାଯାଏ ଯେ, ସେ କେବଳ ସ୍କୁଲ ସ୍ତରରେ ପାଠ ପଢ଼ିଛନ୍ତି । ସୋନିଆ ଗାନ୍ଧୀ ମଧ୍ୟ କଲେଜ ଯାଇନାହାନ୍ତି । ୧୮ ବର୍ଷରେ ତାଙ୍କର ଶିକ୍ଷା ଶେଷ ହୋଇଥିଲା ଏବଂ ସେ ମଧ୍ୟ ସଅଳ ବାହା ହୋଇଥିଲେ । ଇନ୍ଦିରା ଗାନ୍ଧୀ ମଧ୍ୟ ଡିଗ୍ରୀ ହାସଲ କରି ନ ଥିଲେ ।

ରାହୁଲ ଗାନ୍ଧୀଙ୍କୁ ତାଙ୍କ ସମାଲୋଚକମାନେ 'ପପୁ' ବୋଲି ସମ୍ବୋଧନ କରନ୍ତି, କିନ୍ତୁ ଶିକ୍ଷାଗତ ଯୋଗ୍ୟତା ଦୃଷ୍ଟିରୁ ସେ ଉଜ୍ଜ୍ୱଳ ଥିବା ଜଣାଯାଏ । କେମ୍ବ୍ରିଜର ଟ୍ରିନିଟି କଲେଜରୁ ସେ ଫିଲୋସଫି ଇନ୍ ଡେଭ୍‌ଲପ୍‌ମେଣ୍ଟ ଇକୋନମିକ୍ସରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି । ନେହେରୁ ମଧ୍ୟ ସେଠାରେ ପଢୁଥିଲେ । ନେହେରୁ ଭଲ ଛାତ୍ର ନ ଥିଲେ ଏବଂ ସେ ଥାର୍ଡ ଡିଭିଜନରେ ପାସ୍ କରିଥିଲେ । ଗାନ୍ଧୀ ପରିବାରରେ ରାହୁଲ ହେଉଛନ୍ତି ସବୁଠୁ ଉଚ୍ଚଶିକ୍ଷିତ । ବିଖ୍ୟାତ ବ୍ରିଟିଶ ପ୍ରଧାନମନ୍ତ୍ରୀ ୱିନ୍‌ଷ୍ଟନ୍ ଚର୍ଚ୍ଚିଲ କଲେଜ ଯାଇ ନ ଥିଲେ ଏବଂ ତାଙ୍କର କୌଣସି ଆନୁଷ୍ଠାନିକ ଶିକ୍ଷା ନ ଥିଲା । ତେବେ ଉଲ୍ଲେଖନୀୟ ଯେ, ସେ ଜଣେ ଐତିହାସିକ ଓ ଔପନ୍ୟାସିକ ଥିଲେ ଏବଂ ୧୯୫୩ ମସିହାରେ ସାହିତ୍ୟରେ ନୋବେଲ ପୁରସ୍କାର ପାଇଥିଲେ । ଆଉ ଜଣେ ବ୍ରିଟିଶ ପ୍ରଧାନମନ୍ତ୍ରୀ ହେଉଛନ୍ତି ଜନ୍ ମେଜର, ଯିଏ ୧୬ ବର୍ଷ ବୟସରେ ସ୍କୁଲ ଛାଡ଼ିଥିଲେ ଏବଂ କଲେଜ ଯାଇ ନ ଥିଲେ । ସେ ଥିଲେ ମାର୍ଗାରେଟ୍ ଥାଚରଙ୍କ ଉତ୍ତରାଧିକାରୀ । ମୋଟ ୧୧ ଜଣ ବ୍ରିଟିଶ ପ୍ରଧାନମନ୍ତ୍ରୀ କଲେଜ ଯାଇ ନ ଥିଲେ ।

ନରେନ୍ଦ୍ର ମୋଦି ୧୭ ବର୍ଷ ବୟସରେ ତାଙ୍କ ଘର ଓ ସ୍ତ୍ରୀକୁ ଛାଡ଼ିଥିଲେ । ସେଥିପାଇଁ ସେ କଲେଜ ଯାଇନାହାନ୍ତି । କିନ୍ତୁ ସେ ପତ୍ରବିନିମୟ ପାଠ୍ୟକ୍ରମରେ ପାଠ ପଢ଼ିଥିଲେ, ଯାହାକୁ ନେଇ କିଛି ବିବାଦ ରହିଛି । ଆନୁଷ୍ଠାନିକ ଶିକ୍ଷାର ଅଭାବ ସତ୍ତ୍ୱେ ତାଙ୍କୁ ଆମେ ଜଣେ ଭଲ ଓ ସଫଳ ରାଜନେତା ବୋଲି କହିପାରିବା । କିନ୍ତୁ ତାଙ୍କର ଗୋଟିଏ ଅଭାବ ଅଛି । ମନମୋହନ, ଓବାମା ବା ଅନ୍ୟ ବିଜ୍ଞ ରାଜନେତାଙ୍କ ପରି ସେ ପଲିସି ପ୍ରସଙ୍ଗ ଭିତରକୁ ବେଶି ପଶନ୍ତି ନାହିଁ । ତାଙ୍କ ସହ ଏକ ସାକ୍ଷାତ୍‌କାରରେ ସେ କିପରି କାମ କରନ୍ତି, ସେ ବିଷୟରେ ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି, ''ମୁଁ ଗୁଜରାଟର ମୁଖ୍ୟମନ୍ତ୍ରୀ ହେବାର ତିନି ଚାରିଦିନ ପରେ ମୁଖ୍ୟ ସଚିବ ମୋ ପାଖକୁ ଆସିଲେ । ସେ ପ୍ରାୟ ତିନିଫୁଟ୍ ଉଚ୍ଚା ଫାଇଲର ଗଦା ନେଇ ଆସିଥିଲେ । ସେଗୁଡ଼ିକ ୧୫ରୁ ୨୦ କିଲୋ ହେବ । ପିଅନ ତାକୁ ମୋ ଟେବୁଲ ଉପରେ ରଖିଲା । ମୁଖ୍ୟ ସଚିବ କହିଲେ ସେଗୁଡ଼ିକ ନର୍ମଦା ସମ୍ପର୍କିତ ଫାଇଲ । ମୋର ନର୍ମଦା କଥା ମନେଅଛି, କିନ୍ତୁ ତା' ସହ ଆଉ ତିନୋଟି ଫାଇଲ ବି ଥିଲା । ମୁଖ୍ୟ ସଚିବ କହିଲେ ଯେ, ଏଗୁଡ଼ିକ ଗୁଜରାଟର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଆପଣ ସମୟ ନେଇ ଏଗୁଡ଼ିକୁ ପଢ଼ନ୍ତୁ ଓ ପ୍ରସଙ୍ଗ ଉପରେ ନିଷ୍ପତ୍ତି ନିଅନ୍ତୁ । ମୁଁ ତିନି ଚାରିଥର ଫାଇଲଗୁଡ଼ିକର ଉଚ୍ଚତାକୁ ଉପରୁ ତଳ ଦେଖିଲି । ମୁଁ ତାଙ୍କୁ କହିଲି, ଆପଣ ଫାଇଲଗୁଡ଼ିକୁ ଏଇଠି ରଖିଦେଇ ଯାଆନ୍ତୁ, ମୁଁ କିଛିଦିନ ପରେ ଆପଣଙ୍କୁ ଡାକିବି । ମୁଁ ଫାଇଲଗୁଡ଼ିକୁ ଖୋଲି ବି ନ ଥିଲି । ମୁଁ ଭାବିଲି ପଢ଼ିବାକୁ ଆରମ୍ଭ କଲେ ତାହା କେବେ ସରିବ ନାହିଁ । ତିନି ଚାରିଦିନ ପରେ ମୁଖ୍ୟ ସଚିବ ଆସିଲେ । ମୁଁ ତାଙ୍କୁ କହିଲି, ଏ ଫାଇଲଗୁଡ଼ିକରେ ଥିବା ସାରକଥା ମୋତେ ବୁଝାଅ । ସେ ମୋତେ ବୁଝାଇଲେ । ତା'ପରେ ମୁଁ କହିଲି, ସେତିକି ମୋ ପାଇଁ ଯଥେଷ୍ଟ । ଏବେ ଆପଣ ଫାଇଲଗୁଡ଼ିକୁ ନେଇଯାଆନ୍ତୁ । ଏହାପରେ ମୋତେ ଏ ବିଷୟରେ ଆଉ କାହାକୁ କିଛି ବୁଝାଇବାକୁ ପଡ଼ିନାହିଁ । ଏହା ଭିତରେ ୧୩ ବର୍ଷ ବିତିଗଲାଣି । ଅଳ୍ପକଥାରୁ ପ୍ରସଙ୍ଗ ବିଷୟରେ ପୂରା ବୁଝିବାର କ୍ଷମତା ମୋର ଅଛି । ମୁଁ ଅଫିସରମାନଙ୍କ ସହ ଯୁକ୍ତି କରେ ନାହିଁ । ମୁଁ ସେମାନଙ୍କ କଥା ମନଦେଇ ଶୁଣେ । ମୁଁ ଆଜି କହିପାରିବି ଯେ ମୋର ବିକାଶରେ ପାଠପଢ଼ା ୩୦ ପ୍ରତିଶତ ଓ ଶୁଣିବା ୭୦ ପ୍ରତିଶତ ଭୂମିକା ଗ୍ରହଣ କରିଛି । ମୁଁ ଯାହା ଶୁଣେ, ତାକୁ ବିଶ୍ଳେଷଣ କରେ ଏବଂ ମୋ ମନର ବିଭିନ୍ନ ଥାକରେ ତାକୁ ବର୍ଗୀକରଣ କରି ସଜାଇ ରଖେ । ଏଥିପାଇଁ ମୋତେ ବେଶି ସମୟ ଲାଗେ ନାହିଁ ଏବଂ ଯେତେବେଳେ ଦରକାର ପଡ଼େ ମୋ ମନ ଭିତରେ ସାଇତି ରଖିଥିବା ଜ୍ଞାନର ମୁଁ ଉପଯୋଗ କରେ । ଏବେ ବି ଯେତେବେଳେ କୌଣସି ଅଫିସର ମୋ ପାଖକୁ କିଛି କାଗଜ ନେଇ ଆସନ୍ତି, ମୁଁ ତା'ର ସାରାଂଶ ଦୁଇ ମିନିଟ୍ ଭିତରେ ମୋତେ କହିବାକୁ କୁହେ । ମୋ ପାଇଁ ଏହି ଦୁଇ ମିନିଟ୍‌ର କଥା ୧୦ ପୃଷ୍ଠାର ଦଲିଲଠାରୁ ବି ଅଧିକ ହୁଏ ।'' ତେବେ ମୋ ମତରେ ଏକ ଜଟିଳ ଓ ବିଶାଳ ଦେଶକୁ ଚଳାଇବା ପାଇଁ ଏହା ଠିକ୍ ପଦ୍ଧତି ନୁହେଁ ।

Email: aakar.patel@gmail.com

## su | do | ku  ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | | | B | 7 | | 2 | | 3 | A | | | 8 | | |
| | B | | | 0 | | | | | | 4 | | | | A |
| | | | | | 6 | | 1 | | 7 | | 9 | | | |
| 0 | 6 | | | | | C | A | 9 | 5 | 1 | | | | |
| C | | | 3 | | D | 8 | | | | | 6 | 1 | | |
| | | 4 | | | | | | | | | | | C | |
| | | | | 4 | 0 | | | | | | | | | 3 |
| | | | | 2 | | 7 | | 4 | C | E | 3 | | 6 | 0 |
| | | D | 1 | 5 | E | | B | | | | | | A | 9 |
| A | 7 | 0 | D | | B | | 5 | | | | | | | 8 |
| | | 2 | | | | | | A | B | | | | | |
| 4 | | | | 8 | 2 | | 3 | | | | | | | B |
| | 8 | A | 0 | B | 3 | | 2 | | | | 4 | | | D |
| | 9 | | | | | 4 | D | | 3 | 6 | | C | 7 | |
| | | | 6 | 9 | | | 8 | 1 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 7 | 8 | B | 6 | 2 | D | 0 | 9 | A | 4 | 3 | 1 | C | 5 |
| A | 9 | C | E | 0 | 3 | 2 | 4 | 6 | 5 | 1 | D | 8 | B | 7 |
| 5 | D | 3 | 7 | C | 4 | 1 | A | B | 8 | E | 6 | 0 | 9 | 2 |
| 2 | 6 | 0 | 1 | A | 5 | 7 | E | 8 | B | C | 9 | D | 4 | 3 |
| 1 | 4 | B | 9 | 8 | D | 3 | C | 5 | 2 | 7 | 0 | E | 6 | A |
| 9 | 5 | 2 | 8 | 4 | 7 | A | 1 | E | 0 | B | C | 6 | 3 | D |
| 4 | 3 | 7 | A | 9 | 6 | B | D | 0 | 1 | 8 | 2 | C | 5 | E |
| D | C | A | 5 | E | 0 | 8 | 9 | 4 | 6 | 3 | 7 | B | 2 | 1 |
| 0 | B | 6 | 2 | D | 1 | C | 7 | 3 | 4 | 5 | E | A | 8 | 9 |
| 8 | E | 1 | C | 3 | B | 5 | 6 | 2 | D | 9 | A | 7 | 0 | 4 |
| 3 | 1 | E | 4 | 5 | A | 9 | 8 | C | 7 | 0 | B | 2 | D | 6 |
| 7 | 2 | D | 3 | B | 9 | 6 | 5 | 1 | C | A | 8 | 4 | E | 0 |
| B | 0 | 5 | D | 1 | C | E | 2 | A | 9 | 6 | 4 | 3 | 7 | 8 |
| C | A | 4 | 6 | 7 | 8 | 0 | 3 | D | E | 2 | 5 | 9 | 1 | B |
| 6 | 8 | 9 | 0 | 2 | E | 4 | B | 7 | 3 | D | 1 | 5 | A | C |

ଗତକାଲିର ଉତ୍ତର

# ସୋସିଆଲ ମିଡିଆ ଅଳିଆ ନ ହେଉ



ପ୍ରକାଶ ତ୍ରିପାଠୀ

ସୋସିଆଲ ମିଡିଆ (ଫେସ୍‌ବୁକ ଓ ହ୍ୱାଟ୍‌ସଆପ)ରେ ସକ୍ରିୟ ଥିବା ମୋର ଜଣେ ବନ୍ଧୁ ନିର୍ବାଚନ ଘୋଷଣା ହେବା ଦିନଠାରୁ ଆଉ ଅନ୍‌ଲାଇନରେ ଆସୁନାହାନ୍ତି । କାରଣ ପଚାରନ୍ତେ କୁହନ୍ତି, ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ସେ ସୋସିଆଲ ମିଡିଆଠାରୁ ଦୂରରେ ରହିବେ । ଫେକ୍ ନ୍ୟୁଜ ପଢି ସମୟ ବରବାଦ କରିବେ ନାହିଁ କି ବିଭ୍ରାନ୍ତ ହେବେ ନାହିଁ । ବନ୍ଧୁଙ୍କ ନିଷ୍ପତ୍ତିକୁ ମୁଁ ମନେ ମନେ ତାରିଫ କରୁଥିଲି । ଭାରତର ସାଧାରଣ ନିର୍ବାଚନ ୨୦୧୯ ଆରମ୍ଭ ହୋଇଯାଇଛି ଓ ସମଗ୍ର ବିଶ୍ୱର ରାଜନୈତିକ ବିଶାରଦମାନେ ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତର ନିର୍ବାଚନ ପ୍ରକ୍ରିୟାକୁ ଉତ୍ସୁକତାର ସହିତ ଦେଖିବା ସହ ତର୍ଜମା ବି କରୁଛନ୍ତି । ବିଗତ ସାତ ଦଶନ୍ଧି ଧରି ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାକୁ ସଫଳ ରୂପାୟନ କରି ଏକ ସଫଳ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଭାରତ ନିଜକୁ ଅନ୍ତର୍ଜାତୀୟ ସମୁଦାୟରେ ପ୍ରମାଣିତ କରିପାରିଛି । ମାତ୍ର ଚଳିତ ନିର୍ବାଚନରେ ରାଜନୈତିକ ପ୍ରଚାର ଅଭିଯାନ ସୋସିଆଲ ମିଡିଆରେ ଯେପରି ଭାବେ ସକ୍ରିୟ ରହିଛି ଓ ଯେପରି ଭାବେ ଅସତ୍ୟ, ଅତିରଞ୍ଜିତ ତଥା ବିଦ୍ୱେଷମୂଳକ ଲେଖା ଓ ଭିଡିଓ ପ୍ରସାରିତ ହେଉଛି, ଏହା ନିଶ୍ଚିତ ଭାବେ ଏକ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରାର ପରିପନ୍ଥୀ । ମୋ ବନ୍ଧୁଙ୍କ ଭଳି ଅନେକ ସଚେତନ ବ୍ୟକ୍ତି ଏଭଳି ଅସତ୍ୟ ଖବରରେ ଭ୍ରମିତ ହେବା ଅପେକ୍ଷା ସୋସିଆଲ ମିଡିଆଠାରୁ ସାମୟିକ ଭାବେ ଦୂରେଇ ଯାଉଛନ୍ତି ।

ସୋସିଆଲ ମିଡିଆର ବିଭିନ୍ନ ମଞ୍ଚ ଯଥା ହ୍ୱାଟ୍‌ସଆପ, ଫେସ୍‌ବୁକ, ଟୁଇଟର, ଇନ୍‌ଷ୍ଟାଗ୍ରାମ, ୟୁଟ୍ୟୁବ୍ ଆଦିରେ ଯେପରି ଭାବେ ଅସତ୍ୟ ଖବର, ତଥ୍ୟ, ବ୍ୟକ୍ତିଗତ ନିନ୍ଦା, ଗାଳି, ଅସଭ୍ୟ ଭାଷା ପ୍ରୟୋଗ ତଥା ଅତିରଞ୍ଜିତ ତଥ୍ୟମାନ ସ୍ଥାନ ପାଉଛି, ସେଥିରେ ଜଣେ ସାଧାରଣ ଭୋଟର ଭ୍ରମିତ ହେବା ସ୍ୱାଭାବିକ । ନିର୍ବାଚନ ସମୟରେ ସୋସିଆଲ ମିଡିଆରେ ଅସଂଖ୍ୟ ଅସତ୍ୟ ବା ଫେକ୍ ଆକାଉଣ୍ଟକୁ ଦେଖିଲେ ମନେହୁଏ ସତେଯେମିତି ଫେକ୍ ଆକାଉଣ୍ଟର ବନ୍ୟା ଆସିଯାଇଛି । ପାକିସ୍ତାନ କବଳରୁ ଭାରତୀୟ ବାୟୁସେନାର ପାଇଲଟ ଅଭିନନ୍ଦନ ମୁକ୍ତ ହେବା ପରେ ତାଙ୍କ ନାମରେ ଫେସ୍‌ବୁକ, ଇନ୍‌ଷ୍ଟାଗ୍ରାମ ଓ ଟୁଇଟରରେ ଏତେ ସଂଖ୍ୟକ ଫେକ୍ ଆକାଉଣ୍ଟ ଖୋଲାଗଲା ଯେ, ଶେଷରେ ବାୟୁସେନା ପକ୍ଷରୁ ଘୋଷଣା କରାଗଲା ସେସବୁ ଅସତ୍ୟ । ଇତିମଧ୍ୟରେ ନିର୍ବାଚନ ପ୍ରଚାରରେ ଅସତ୍ୟ ଖବର ଓ ଭିଡିଓ ପ୍ରସାରଣରେ ବ୍ୟସ୍ତ ଥିବା ଶହ ଶହ ଗ୍ରୁପ୍ ଓ ଏକକ ଫେସ୍‌ବୁକ ଆକାଉଣ୍ଟକୁ ଫେସ୍‌ବୁକ ନିଜ ତରଫରୁ ହଟାଇ ଦେଇଛି । ଫେସ୍‌ବୁକର ଏହି ଅଭିଯାନକୁ ଅଳିଆ ସଫା କାର୍ଯ୍ୟକ୍ରମ କୁହାଯାଉଛି ଓ ଆଗାମୀ ଦିନରେ ଏହି ଅଳିଆ ସଫା କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ଫେସ୍‌ବୁକ ତରଫରୁ ସୂଚନା ଦିଆଯାଇଛି ।

ଚଳିତ ନିର୍ବାଚନରେ ୯୦.୮୪ କୋଟି ମତଦାତା ସେମାନଙ୍କର ମତଦାନ ସାବ୍ୟସ୍ତ କରିବେ । ଏହି ଭୋଟରଙ୍କ ମଧ୍ୟରୁ ପ୍ରାୟ ୬୦ କୋଟି ଭୋଟର ଇଣ୍ଟରନେଟ୍‌ଯୁକ୍ତ ମୋବାଇଲ ଫୋନ୍ (ସ୍ମାର୍ଟଫୋନ୍) ବ୍ୟବହାର କରୁଛନ୍ତି । ଏହା ହିଁ ଏକ ବିରାଟ ଉପଲବ୍ଧି । ସୋସିଆଲ ମିଡିଆର ପ୍ରମୁଖ ପ୍ଲାଟଫର୍ମ ଫେସ୍‌ବୁକରେ ପ୍ରାୟ ୩୦ କୋଟି ଭୋଟର ଯୋଡି ହୋଇଥିଲା ବେଳେ ହ୍ୱାଟ୍‌ସଆପରେ ୨୪ କୋଟି ଓ ଟୁଇଟରରେ ପ୍ରାୟ ୫ କୋଟି ଲୋକ ଯୋଡିହୋଇ ରହିଛନ୍ତି । ଭାରତୀୟମାନେ ହାରାହାରି ଦୁଇଘଣ୍ଟାରୁ ଚାରିଘଣ୍ଟା ସେମାନଙ୍କର ସ୍ମାର୍ଟଫୋନ୍ ବ୍ୟବହାର କରୁଥିବାରୁ ବିଭିନ୍ନ ରାଜନୈତିକ ଦଳ ପାଇଁ ସୋସିଆଲ ମିଡିଆ ଏକ ଆଶୀର୍ବାଦ ସାବ୍ୟସ୍ତ ହୋଇଛି । ନିର୍ବାଚନ ପ୍ରଚାର ପାଇଁ ଏହା ଏକ ବୃହତ୍ ଓ ଉର୍ବର ଭିତ୍ତିଭୂମି ଭାବେ ଉଭା ହୋଇଛି ଏବଂ ଅସତ୍ୟ, ଅତିରଞ୍ଜିତ ତଥା ଘୃଣା ସୃଷ୍ଟିକାରୀ ଲେଖା, ଚିତ୍ର ଓ ଭିଡିଓ ମାଧ୍ୟମରେ ଭୋଟରଙ୍କୁ ଆକର୍ଷିତ କରିବାରେ ସହାୟକ ହୋଇଛି । ନିଜ ସପକ୍ଷରେ ଓ ଅପରପକ୍ଷର ବିରୋଧରେ ଅତିରଞ୍ଜିତ ତଥ୍ୟମାନ ଉପସ୍ଥାପିତ କରି ଭୋଟରଙ୍କୁ ଭ୍ରମିତ କରିବାରେ ଏହା ଖୁବ୍ ଫଳପ୍ରଦ ହୋଇପାରୁଛି । ହ୍ୱାଟ୍‌ସଆପ ଭଳି ସୋସିଆଲ ମିଡିଆରେ ଗୁଜବ ପ୍ରଚାର କରାଯାଇ କିପରି ଭିଡ଼ହିଂସା ସୃଷ୍ଟି କରାଯାଇପାରେ, ଆମେ ତା'ର ଅନେକ ପ୍ରମାଣ ନିକଟ ଅତୀତରେ ପାଇସାରିଛେ । ନିର୍ବାଚନରେ ସୋସିଆଲ ମିଡିଆର ଅପବ୍ୟବହାରଜନିତ ଫାଇଦାର ପ୍ରମାଣ ୨୦୧୬ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ସମଗ୍ର ବିଶ୍ୱ ଦେଖିଥିଲା । ଡୋନାଲ୍ଡ ଟ୍ରମ୍ପଙ୍କ ଅପ୍ରତ୍ୟାଶିତ ବିଜୟରେ ସୋସିଆଲ ମିଡିଆ ଫେସ୍‌ବୁକର ବଳିଷ୍ଠ ଭୂମିକା କୌଣସି ରାଜନୈତିକ ବିଶାରଦଙ୍କୁ ଅଛପା ନାହିଁ । ଏହି ନିର୍ବାଚନରେ ଫେସ୍‌ବୁକକୁ ମିଳିଥିଲା ଅନେକ ଶିକ୍ଷା, ସେଥିପାଇଁ ୨୦୧୮ର ମଧ୍ୟବର୍ତ୍ତିକାଳୀନ ନିର୍ବାଚନରେ ଆମେରିକାରେ ଅସତ୍ୟ ତଥା ଭ୍ରମାତ୍ମକ ଖବର ପ୍ରସାରଣକୁ ଅନେକାଂଶରେ ରୋକାଯାଇପାରିଲା । ତେବେ ଗତବର୍ଷ ମେକ୍ସିକୋ, ବ୍ରାଜିଲ ଓ କଲମ୍ବିଆର ସାଧାରଣ ନିର୍ବାଚନରେ ଅସତ୍ୟ ତଥ୍ୟ ପ୍ରସାରଣକୁ ଫେସ୍‌ବୁକ ରୋକି ପାରି ନ ଥିଲା । ଆଟ୍‌ଲାଣ୍ଟିକ କାଉନସିଲର ଡିଜିଟାଲ ଫରେନସିକ ରିସର୍ଚ୍ଚ ଲାବର ନିର୍ଦ୍ଦେଶକ ଗ୍ରାହାମ ବ୍ରୁକିଙ୍କ ଭାଷାରେ ୨୦୧୯ ଭାରତର ସାଧାରଣ ନିର୍ବାଚନ ଫେସ୍‌ବୁକ ପାଇଁ ଏକ ଏସିଡ୍ ଟେଷ୍ଟ ହେବ । ଯଦି ଭାରତୀୟ ନିର୍ବାଚନରେ ଅସତ୍ୟ ଖବର ପରିବେଷଣକୁ ଫେସ୍‌ବୁକ ଅଟକାଇପାରିବ ତେବେ ଆସନ୍ତାବର୍ଷ ଆମେରିକାରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ଫେସ୍‌ବୁକ ନିରପେକ୍ଷ ଭାବେ କାର୍ଯ୍ୟ ସମ୍ପାଦନ କରିପାରିବ ବୋଲି ଆଶା ସୃଷ୍ଟି ହେବ । ସେହିପରି ଗତ ମାର୍ଚ୍ଚରେ ଏଥେନ୍ସ ଓ ମାଡ୍ରିଡ୍‌ରେ ଆଟଲାଣ୍ଟିକ କାଉନସିଲ ପକ୍ଷରୁ ପାଳିତ ହୋଇଥିବା 'ଡିସ୍‌ଇନ୍‌ଫୋଉଇକ୍' ଅବସରରେ ଏହାର ଅନ୍ୟତମ ପ୍ରବକ୍ତା ଡାନିଏଲ ଫେଡ୍‌ଙ୍କ ବକ୍ତବ୍ୟ ବି ତାତ୍ପର୍ଯ୍ୟପୂର୍ଣ୍ଣ । କେବଳ ନିର୍ବାଚନ ସମୟରେ ନୁହେଁ, ଅନ୍ୟ ସମୟରେ ମଧ୍ୟ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ଅସତ୍ୟ ଖବର ପ୍ରସାରଣକୁ ସୋସିଆଲ ମିଡିଆର ବିଭିନ୍ନ ପ୍ଲାଟଫର୍ମ ରୋକିବା ଆବଶ୍ୟକ ।

ଗତ ସାଧାରଣ ନିର୍ବାଚନ ୨୦୧୪ରେ ଫେସ୍‌ବୁକ ଭାରତକୁ ପ୍ରଥମଥର ପାଇଁ ଏକ ପ୍ରୟୋଗଶାଳା ଭାବେ ବ୍ୟବହାର କରିଥିଲା ଓ ଆଶାନୁରୂପ ସଫଳ ବି ହୋଇଥିଲା । ତା' ପରବର୍ଷ ଅର୍ଥାତ୍ ୨୦୧୫ରେ ସିଲିକନଭ୍ୟାଲିସ୍ଥିତ ଫେସ୍‌ବୁକର ମୁଖ୍ୟ କାର୍ଯ୍ୟାଳୟରେ ଭାରତର ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ବେଳେ ଫେସବୁକ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ମାର୍କ ଜୁକରବର୍ଗ ସରକାରୀ କାର୍ଯ୍ୟକ୍ରମରେ ଫେସ୍‌ବୁକର ଉପଯୋଗକୁ ଗୁରୁତ୍ୱ ପ୍ରଦାନ କରିଥିଲେ । ମାତ୍ର ପରବର୍ତ୍ତୀ ସମୟରେ ରାଜନୈତିକ ଦଳ ଦ୍ୱାରା ଅସତ୍ୟ ସୂଚନା ପ୍ରସାରଣ ଆଶଙ୍କାରେ ସେ ଏଥିରୁ ଓହରିଯାଇଥିଲେ । ନିର୍ବାଚନ ସମୟରେ ଫେସ୍‌ବୁକର ଅପବ୍ୟବହାରକୁ ଦୃଷ୍ଟିରେ ରଖି ଏହାର ବ୍ୟବହାରକାରୀମାନେ ଯେପରି କୌଣସି ଅସତ୍ୟ ତଥ୍ୟ ଦ୍ୱାରା ଭ୍ରମିତ ନ ହୁଅନ୍ତି, ସେଥିପାଇଁ ଫେସ୍‌ବୁକ ନିଜକୁ ଅଧିକ ପ୍ରସ୍ତୁତ କରୁଛି । ଭାରତୀୟ ନିର୍ବାଚନ ପରିପ୍ରେକ୍ଷୀରେ ନିଜକୁ ଯଥାସମ୍ଭବ ନିରପେକ୍ଷ ରଖିବା ପାଇଁ ପ୍ରାୟ ବର୍ଷକ ତଳୁ ଫେସ୍‌ବୁକ ପ୍ରସ୍ତୁତ ହୋଇଥିଲେ ହେଁ ବର୍ତ୍ତମାନ ଏହାକୁ ଅନେକ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡୁଛି । ପ୍ରତି ମୁହୂର୍ତ୍ତରେ ପୋଷ୍ଟ ହେଉଥିବା ସୂଚନାକୁ ଯାଞ୍ଚ ସହ ଦୈନିକ ପ୍ରାୟ ୧୦ ଲକ୍ଷ ଆକାଉଣ୍ଟକୁ ହଟାଇ ଦିଆଯାଉଛି । ଅହୋରାତ୍ର ପ୍ରାୟ ୩୦ ହଜାର ବୈଷୟିକ କର୍ମଚାରୀ ଏଥିପାଇଁ କାର୍ଯ୍ୟରତ ଅଛନ୍ତି । ସେହିପରି ବହୁଳ ବ୍ୟବହାର ହେଉଥିବା ହ୍ୱାଟ୍‌ସଆପ ମଧ୍ୟ ଚେକ୍ ପଏଣ୍ଟ ଟିପ୍‌ଲାଇନ ପ୍ରସ୍ତୁତ କରିଛି, ଯେଉଁଥିରେ କି ସୂଚନାର ସତ୍ୟତାକୁ ପରଖାଯାଇପାରିବ ଏବଂ ଅସତ୍ୟ ଲେଖା ଓ ଭିଡିଓକୁ ହଟାଇ ଦିଆଯାଇପାରିବ ।

ଯଦି ଆମେରିକା, ବ୍ରାଜିଲ, ମେକ୍ସିକୋ ଓ କଲମ୍ବିଆ ଭଳି ଶିକ୍ଷିତ, ସଚେତନ ଓ ଉନ୍ନତ ଜ୍ଞାନକୌଶଳଯୁକ୍ତ ରାଷ୍ଟ୍ରର ନାଗରିକମାନେ ସୋସିଆଲ ମିଡିଆରେ ପ୍ରସାରିତ ଅସତ୍ୟ ତଥ୍ୟ, ଫଟୋ ଓ ଭିଡିଓର ସତ୍ୟତାକୁ ପରଖି ନ ପାରି ପ୍ରଭାବିତ ହୋଇପାରୁଛନ୍ତି, ତେବେ ନୂଆ ନୂଆ ସ୍ମାର୍ଟଫୋନ୍ ଧରି ସୋସିଆଲ ମିଡିଆର ମାୟାରେ ଘାରି ହେଉଥିବା ଭାରତର ଅଧିକାଂଶ ନାଗରିକ ଅସତ୍ୟ ଖବରର ଜାଲରେ ନ ଫସିବେ କାହିଁକି? ଅବଶ୍ୟ ସୋସିଆଲ ମିଡିଆରେ ନିର୍ବାଚନ ପ୍ରଚାର ଉପରେ ନିର୍ବାଚନ କମିଶନ ତୀକ୍ଷ୍ଣ ନଜର ରଖିବା ସହ ବିଭିନ୍ନ ମିଡିଆ ମଞ୍ଚ ସହ ସମ୍ଭାବ୍ୟ ସମସ୍ୟା ଓ ନିରାକରଣ ଉପରେ ଅନେକବାର ଆଲୋଚନା କରିଛନ୍ତି । ଅନେକ କଟକଣାର ପ୍ରାବଧାନ ମଧ୍ୟ କରାଯାଇଛି । ଏହା ସତ୍ତ୍ୱେ ସୋସିଆଲ ମିଡିଆରେ ଏଡିଟିଂର ସ୍ୱତନ୍ତ୍ର ପ୍ରାବଧାନ ନ ଥିବାରୁ ସହଜରେ ଅସତ୍ୟ ଓ ଭ୍ରମାତ୍ମକ ତଥ୍ୟ ପ୍ରସାରଣ ହୋଇପାରୁଛି । ସୋସିଆଲ ମିଡିଆର ପ୍ରଭାବ ସାମ୍ପ୍ରତିକ ସମାଜରେ ବ୍ୟାପକ ଥିବାରୁ ଏହାର ଦୁରୁପଯୋଗକୁ ରୋକାଯିବା ଆବଶ୍ୟକ । ଏକ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାରେ ଗୋଟିଏ ରାଜନୈତିକ ଦଳ ନିଜକୁ ସର୍ବୋତ୍ତମ ଭାବେ ଭୋଟରଙ୍କ ଆଗରେ ଉପସ୍ଥାପିତ କରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି । ଏହାର ଅର୍ଥ ନୁହେଁ ଯେ, ଅନ୍ୟ ରାଜନୈତିକ ଦଳ ସମ୍ପର୍କରେ ଅସତ୍ୟ ଓ ଭ୍ରମାତ୍ମକ ତଥ୍ୟ ପରିବେଷଣ କରି ନିଜକୁ ସୁଯୋଗ୍ୟ ବୋଲି ପ୍ରଦର୍ଶନ କରିବା । ଅତିରଞ୍ଜିତ ତଥା ବିଦ୍ୱେଷମୂଳକ ଲେଖା ମାଧ୍ୟମରେ ଭୋଟରଙ୍କୁ ଭ୍ରମିତ କରିବା ଏକ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ନୁହେଁ । ସୋସିଆଲ ମିଡିଆକୁ ଅଳିଆ ନ କରି ଏକ ସକାରାତ୍ମକ ଢଙ୍ଗରେ ଉପଯୋଗ କରିପାରିଲେ ଏହା ସମାଜ ପାଇଁ ମଙ୍ଗଳକର ହୋଇପାରନ୍ତା ।

ଇମେଲ-prakas.tripathy09@gmail.com

# କୃଷ୍ଣଗହ୍ୱରର ଆଲୋକବର୍ତ୍ତିକା

## ବ୍ୟକ୍ତିତ୍ୱ



କାଥେରିନ୍ ବୋମାନ୍

ମହାକାଶରେ ବ୍ଲାକ୍‌ହୋଲ୍ ବା କୃଷ୍ଣଗହ୍ୱର ରହିଥିବା ପ୍ରଥମେ ବିଶିଷ୍ଟ ବୈଜ୍ଞାନିକ ଆଲବର୍ଟ ଆଇନ୍‌ଷ୍ଟାଇନ୍ ଓ ପରେ ଷ୍ଟିଫେନ୍ ହକିଂ ସିଦ୍ଧାନ୍ତରେ ପହଞ୍ଚିଥିଲେ । ଏକ ଶତାବ୍ଦୀ ପୂର୍ବରୁ ଆଇନଷ୍ଟାଇନ୍‌ଙ୍କ 'ଥିଓରୀ ଅଫ୍ ଜେନେରାଲ ରିଲେଟିଭିଟି'ରେ ବ୍ଲାକ୍‌ହୋଲ୍ ଧାରଣା ଦିଆଯାଇଥିଲା । ଉଲ୍ଲେଖଯୋଗ୍ୟ, ଯେତେବେଳେ ଅସଂଖ୍ୟ ପଦାର୍ଥ ଗୋଟିଏ ସ୍ଥାନରେ ଖୁନ୍ଦି ହୋଇଯାଇଥାଆନ୍ତି ସେତେବେଳେ ତା'ର ମାଧ୍ୟାକର୍ଷଣ ଶକ୍ତି ଏତେ ଅଧିକ ହୋଇଯାଏ ଯେ ଏହା ଆଲୋକ, ସମୟ ସମେତ ସବୁକିଛିକୁ ନିଜ ଆଡ଼କୁ ଟାଣିନେଇ ଗିଳିଦେଇଥାଏ । ବ୍ଲାକ୍‌ହୋଲ୍‌ର ଏହି ରହସ୍ୟ ସର୍ବଦା ବିଜ୍ଞାନମନସ୍କ ବ୍ୟକ୍ତିଙ୍କୁ ଆନ୍ଦୋଳିତ କରିଥାଏ । ତେବେ ଏହି କୃଷ୍ଣଗହ୍ୱରର ଛବି କେହି ଦେଖିପାରି ନ ଥିଲେ । ୨୦୧୯ ଏପ୍ରିଲ ୧୦ରେ ଏହି ଚିତ୍ର ପ୍ରକାଶ କରି ଇତିହାସ ରଚିଛନ୍ତି ୨୯ ବର୍ଷୀୟା ବୈଜ୍ଞାନିକ କାଥେରିନ୍ ବୋମାନ୍ । କମ୍ପ୍ୟୁଟର ଏଲ୍‌ଗୋରିଦିମ୍‌ସ ମାଧ୍ୟମରେ ସେ ଏହି ଛବି ଲୋକଲୋଚନକୁ ଆଣିବା ପରେ ତାଙ୍କ ବ୍ୟକ୍ତିତ୍ୱ ବିଶ୍ୱବିଖ୍ୟାତ ହୋଇଛି ।

୧୯୮୯ ମେ ୯ରେ ଜନ୍ମିତ କାଥେରିନ୍‌ଙ୍କ ପିଲାଦିନ ଆମେରିକାର ଇଣ୍ଡିଆନା ପ୍ରଦେଶର ୱେଷ୍ଟ ଲାଫାୟେଟିରେ କଟିଥିଲା । ପିତା ଚାର୍ଲସ ବୋମାନ୍ ହେଉଛନ୍ତି ପୁର୍ଡ୍ୟୁ ବିଶ୍ୱବିଦ୍ୟାଳୟର ଇଲେକ୍ଟ୍ରିକାଲ୍ ଆଣ୍ଡ୍ କମ୍ପ୍ୟୁଟର ଇଞ୍ଜିନିୟରିଂର ପ୍ରଫେସର । କାଥେରିନ୍ ୨୦୦୭ରେ ୱେଷ୍ଟ ଲାଫାୟେଟି ଜୁନିୟର-ସିନିୟର ହାଇସ୍କୁଲରୁ ୨୦୦୭ରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ । ଏହି ସମୟରେ ସେ ପୁର୍ଡ୍ୟୁ ବିଶ୍ୱବିଦ୍ୟାଳୟ ଅଧୀନରେ ଇମେଜିଂ ଉପରେ ଗବେଷଣା ଆରମ୍ଭ କରିଦେଇଥିଲେ । ସେତେବେଳେ ସେ ଇଭେଣ୍ଟ ହରାଇଜନ୍ ଟେଲିସ୍କୋପ୍ ଉପରେ ପ୍ରଥମେ ଜାଣିବାକୁ ପାଇଥିଲେ । ଅନିସନ୍ଧିତ୍ସୁ ମନ ତାଙ୍କୁ ଏ ବିଷୟରେ ଅଧିକ ଗବେଷଣା କରିବାକୁ ରାସ୍ତା ଦେଖାଇଥିଲା । ୨୦୧୧ରେ ସେ ମିଚିଗାନ୍ ବିଶ୍ୱବିଦ୍ୟାଳୟରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ପାଠ ପଢ଼ିଥିଲେ । ପରେ ମାସାଚ୍ୟୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲଜି (ଏମ୍‌ଆଇଟି)ରୁ ୨୦୧୩ ଓ ୨୦୧୭ରେ ଯଥାକ୍ରମେ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ଆଣ୍ଡ୍ କମ୍ପ୍ୟୁଟର ସାଇନ୍ସରେ ସ୍ନାତକୋତ୍ତର ଓ ଡକ୍ଟରାଲ ଡିଗ୍ରୀ ହାସଲ କରିଥିଲେ । ଏମ୍‌ଆଇଟିର ଛାତ୍ରୀ ଥିବା ବେଳେ ସେ ହାସ୍‌ଟାକ୍ ଅବଜରଭେଟୋରିର ସଦସ୍ୟ ହୋଇଥିଲେ ଏବଂ ନ୍ୟାଶନାଲ ସାଇନ୍ସ ଫାଉଣ୍ଡେଶନ୍ ଗ୍ରାଜୁଏଟ୍ ଫେଲୋଶିପ୍ ପାଇଥିଲେ । ଏପରି କି ସ୍ନାତକୋତ୍ତର ବେଳେ ତାଙ୍କ ସନ୍ଦର୍ଭ 'ଏଷ୍ଟିମେଟିଂ ମେଟେରିଆଲ୍ ପ୍ରପର୍ଟିଜ୍ ଅଫ୍ ଫେବ୍ରିକ୍ ଥ୍ରୋ ଦି ଅବଜର୍ଭେଶନ ଅଫ୍ ମୋଶନ୍' ଉଚ୍ଚ ପ୍ରଶଂସିତ ହୋଇଥିଲା । ସେଥିପାଇଁ ତାଙ୍କୁ ଅର୍ନେଷ୍ଟ ଗୁଲେମିନ୍ ସମ୍ମାନ ମିଳିଥିଲା । ସେହିପରି ଗବେଷଣା ବେଳର ସନ୍ଦର୍ଭ ଥିଲା 'ଏକ୍ସଟ୍ରିମ୍ ଇମେଜିଂ ଭାୟା ଫିଜିକାଲ୍ ମଡେଲ୍ ଇଭର୍ସନ୍: ସିଂ ଏରାଉଣ୍ଡ୍ କର୍ନର୍ସ ଆଣ୍ଡ୍ ଇମେଜିଂ ବ୍ଲାକ୍‌ହୋଲ୍ସ' । ୱିଲିୟମ୍ ଟି. ଫ୍ରିମେନ୍‌ଙ୍କ ତତ୍ତ୍ୱାବଧାନରେ କାଥେରିନ୍ ଗବେଷଣା ଜାରି ରଖି କିଛି ନୂଆ କରି ଦେଖାଇବା ପାଇଁ ଲକ୍ଷ୍ୟ ରଖିଥିଲେ । କୃଷ୍ଣଗହ୍ୱରର ଛବିକୁ କିଭଳି ତୋଳି ଧରିବେ ସେଥିନେଇ ସେ ଅନବରତ ଉଦ୍ୟମ ଜାରି ରଖିଥିଲେ । ଅଧିକ ଗବେଷଣା କରିବା ଲାଗି ସେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ପୋଷ୍ଟ ଡକ୍ଟରାଲ ଫେଲୋ ଭାବେ ଯୋଗଦେଇ ଇଭେଣ୍ଟ ହରାଇଜନ୍ ଟେଲିସ୍କୋପ୍ ଇମେଜିଂ ଟିମ୍‌ରେ ସାମିଲ ହୋଇଥିଲେ । ନିଜ ଗବେଷଣା କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିପାରିଥିବାରୁ ସେ କାଲିଫର୍ନିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍‌ନୋଲଜି (କାଲ୍‌ଟେକ୍)ର ଆସିଷ୍ଟାଣ୍ଟ ପ୍ରଫେସର ଭାବେ ଜୁନ୍ ୨୦୧୯ରେ ଯୋଗଦେବା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି । ଆଇନଷ୍ଟାଇନ୍‌ଙ୍କ ସେଦିନର କୃଷ୍ଣଗହ୍ୱର ବିଷୟରେ ପଢୁଥିବା ଯୁବ ବୈଜ୍ଞାନିକ କାଥେରିନ୍ ତା'ର ଛବି ଉଠାଇ ଏବେ ସମଗ୍ର ଜଗତକୁ ଚମତ୍କୃତ କରିପାରିଥିବାରୁ ସେ ଏବେ ଅନ୍ୟ ଗବେଷକଙ୍କ ପାଇଁ ଆଲୋକବର୍ତ୍ତିକା ପାଲଟିପାରିଛନ୍ତି ବୋଲି କୁହାଯାଇପାରିବ । **-ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ମଣିଷର ଆଦିମ ସାଥୀ ହେଉଛି କୁକୁର । ମଣିଷ ଓ ପୋଷା କୁକୁର ସମ୍ପର୍କରେ ଅନେକ କାହାଣୀ ରହିଛି । ସଭ୍ୟତାର ଆରମ୍ଭରୁ କୁକୁର ଅତି ବିଶ୍ୱସ୍ତ ପ୍ରାଣୀ ହୋଇ ରହିଆସିଛି । ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌର ବାନ୍ଧା ନିକଟସ୍ଥ ଉତ୍ତରାରେ ଏକ ପୋଷା କୁକୁର ୩୫ ଜଣଙ୍କ ଜୀବନ ବଞ୍ଚାଇଥିଲେ ମଧ୍ୟ ତା' ଜୀବନକୁ ବଞ୍ଚାଇବାକୁ କେହି ଆଗେଇଆସି ନ ଥିଲେ । ନିଜ କର୍ତ୍ତବ୍ୟ ସମ୍ପାଦନ କରି ସେ ନିଜ ଜୀବନକୁ ଉତ୍ସର୍ଗ କରିଛି । କଥାଟି ହେଉଛି, ଏଠାରେ ଥିବା ଏକ ଶୋ'ରୁମ୍‌ରେ ନିଆଁ ଲାଗିଯାଇଥିଲା । ଏହାକୁ ଦେଖି ତଳ ମହଲାରେ ଜଞ୍ଜିରରେ ବନ୍ଧା ହୋଇଥିବା ପୋଷା କୁକୁରଟି ଭୁକିବାକୁ ଲାଗିଥିଲା । ଏହା ଶୁଣି କିଛି ଲୋକଙ୍କ ନିଦ ଭାଙ୍ଗିଯିବାରୁ ସେମାନେ ଅନ୍ୟମାନଙ୍କୁ ସତର୍କ କରାଇଦେବା ସହିତ ସୁରକ୍ଷିତ ସ୍ଥାନକୁ ପଳାଇଯାଇଥିଲେ । ତେବେ ସେମାନେ ଜଞ୍ଜିରରେ ବନ୍ଧା ଯାଇଥିବା ପୋଷା କୁକୁରକୁ ସାଙ୍ଗରେ ନେବାକୁ ଭୁଲିଯାଇଥିଲେ । କୁକୁର ଦେହରେ ନିଆଁ ଲାଗିଯିବାରୁ ସେ ଭୁକିଥିଲେ ସୁଦ୍ଧା ତାକୁ ରକ୍ଷା କରିବା ପାଇଁ କେହି ପାଖରେ ନ ଥିଲେ । ଶେଷରେ କୁକୁରଟି ପ୍ରାଣ ହରାଇଥିଲା । ଏବେ ଏହି ପୋଷା କୁକୁରର ବିଶ୍ୱସନୀୟ କାର୍ଯ୍ୟ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି ।

## ଚିରନ୍ତନୀ

''ଭସ୍ମ ହେଉ ଜରା ମୃତ୍ୟୁ
ଅବସାଦ ତନ୍ଦ୍ରାଗ୍ଲାନି ଭୟ
''ଜାଗ ବୀର ! ଦେଖ ଚାହିଁ
ଜଳେ ଦୀପ ଅମର ଅକ୍ଷୟ ।
''ନିଭିନାହିଁ ହତାଶାର
ତପତ ବତାସ ଲାଗି ତହିଁ
''ଦୀନତାର ଅଶ୍ରୁ କେତେ
ଅବିରାମ ପଡିଅଛି ବହି !
''ଶ୍ରାବଣର କେତେ ଅମା
କାଟି ଆଜି ଜଳେ ମହାଦୀପ
''ଜୀବନ-ତଇଳ ଢାଳି
ରଖ ତାକୁ ସଜାଗ ଜୀବିତ !

(ମହାଦୀପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଗ୍ରାମାଞ୍ଚଳରେ ଶବ୍ଦ ପ୍ରଦୂଷଣ

ମହାଶୟ,

ବର୍ତ୍ତମାନ ବିବାହ, ବ୍ରତ, ନିର୍ବାଚନ ଆଦିର ସମୟ । ତେଣୁ ଗାଁ, ସାହି, ସହର କୋଳାହଳମୁଖର । ଏହି କୋଳାହଳକୁ ହଳାହଳମୟ କରିତୋଳୁଛି ଆତସବାଜି, ବମ୍, ଡିଜେ, ଗାଡ଼ିର ଗର୍ଜନ । ବିଭିନ୍ନ ଦଳର ଶୋଭାଯାତ୍ରା ବରରୋଶଣିର ଜୟଯାତ୍ରାଠାରୁ କିଛି କମ୍ ନୁହେଁ । ଏ ସବୁକୁ ନିୟନ୍ତ୍ରଣ କରିବା ପାଇଁ ସହରରେ ଅନୁମତି ନେବାକୁ ପଡୁଛି ଏବଂ ରାତି ୧୦ଟା ପରେ ଏସବୁ ସମ୍ପୂର୍ଣ୍ଣ ବନ୍ଦ ଥିଲାବେଳେ ଗାଁ ଗଣ୍ଡା ପାଇଁ ଏହାର କୌଣସି ଆବଶ୍ୟକତା ନ ଥିବା ମନେହୁଏ । ପ୍ରଦୂଷଣ ଆଇନର କଟକଣା ଏଠି ବାଟବଣା । କାରଣ ପ୍ରଶାସନ, ପୋଲିସ ଏସବୁ ଦେଖିବା ପାଇଁ ଦଣ୍ଡାୟମାନ । କିନ୍ନର ନାଚ ଦେଖିବା ଓ ଡିଜେ ସଙ୍ଗୀତ ଶୁଣିବା ବେଳେ ପୋଲିସର ତୁଣ୍ଡ ବନ୍ଦ । ଏସବୁ ଶବ୍ଦ ପ୍ରଦୂଷଣ ବନ୍ଦ କରାଯାଉ ।

ରମାକାନ୍ତ ପୁରୋହିତ, ନିରାକାରପୁର, ଖୋର୍ଦ୍ଧା

### ଆଜିର ଝିଅ କାଲିର ମାଆ

ଆଜିର ଶିଶୁକନ୍ୟା ଆଗାମୀ କାଲିର ମା' । ବଡ଼ ଦୁଃଖର କଥା, ଶିଶୁ କନ୍ୟାମାନଙ୍କୁ ଅନେକ କ୍ଷେତ୍ରରେ ହତାଦର କରାଯାଉଛି । ଏପରି କି ହତ୍ୟା ମଧ୍ୟ କରାଯାଉଛି । କାମାନ୍ଧ ପୁରୁଷମାନେ ନାବାଳିକା ଓ ଶିଶୁକନ୍ୟାଠାରୁ ଆରମ୍ଭ କରି ଯୁବତୀମାନଙ୍କ ପର୍ଯ୍ୟନ୍ତ ଯେଉଁଠି ସୁଯୋଗ ପାଉଛନ୍ତି, ସେଠାରୁ ଅପହରଣ କରିନେଇ ବଳାତ୍କାର କରୁଛନ୍ତି । ଆହୁରି ବିଡ଼ମ୍ବନାର ବିଷୟ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଏବଂ ରାଜସ୍ଥାନରେ କନ୍ୟା ସନ୍ତାନର ଅଭାବ ଯୋଗୁ ଓଡିଶାରୁ ଅନେକ ଦଲାଲ କାମ ଯୋଗାଇଦେବାର ବାହାନା ଦେଖେଇ ସେହି ସବୁ ରାଜ୍ୟକୁ ଚାଲାଣ କରୁଛନ୍ତି ଏବଂ ମାଲାମାଲ ହେଉଛନ୍ତି । ଏଭଳି ପରିପ୍ରେକ୍ଷୀରେ ଆମ ରାଜ୍ୟରେ ଝିଅମାନଙ୍କୁ ସୁରକ୍ଷା ଦେବା ପାଇଁ ସରକାର ଦୃଢ଼ ପଦକ୍ଷେପ ଗ୍ରହଣ କରିବା ଉଚିତ । କାମାନ୍ଧମାନଙ୍କୁ ନପୁଂସକ କରିବା ସହିତ ଯୁବତୀ ଚାଲାଣ ର୍ୟାକେଟକୁ ଚିହ୍ନଟ କରି କଠୋର ଦଣ୍ଡରେ ଦଣ୍ଡିତ କରାଯିବା ଉଚିତ ।


ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

### ୧୪ ଏପ୍ରିଲ ୧୯୯୪

- ଆଲଜେରିଆର ନୂତନ ପ୍ରଧାନମନ୍ତ୍ରୀ ରୂପେ ମୋକଦା ସିଫି ନିଯୁକ୍ତ ।
- ସିକ୍ୟୁରିଟି ହେର୍‌ଫେର କାରବାରରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ଷ୍ଟକ୍ ଦଲାଲ ହର୍ଷଦ୍ ମେହେଟ୍ଟାଙ୍କ ସମେତ ଅନ୍ୟ ୯ ଜଣ ବ୍ୟାଙ୍କ ଅଫିସରଙ୍କୁ ଗିରଫ କରିଛି ।
- ମୁଖ୍ୟ ନିର୍ବାଚନ କମିଶନର ଟି.ଏନ୍. ଶେଷାନଙ୍କ ଦୁଇଦିନିଆ ଓଡ଼ିଶା ଗସ୍ତ ଆରମ୍ଭ ।




## ସଂକ୍ଷେପରେ

ନିର୍ବାଚନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନୁପସ୍ଥିତ

### ୬ ଅଧିକାରୀ କାର୍ଯ୍ୟରୁ ନିଲମ୍ବିତ

**କଟକ ଅଫିସ, ୧୩।୪:** ଗତ ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ଜାରି ରହିଥିବା ନିର୍ବାଚନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହିଥିବାରୁ ଶନିବାର କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଜଣେ ପ୍ରିଜାଇଡିଂ ଅଫିସରଙ୍କ ସମେତ ୫ ଜଣ ପୁଲିଂ ଅଫିସରଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ସେମାନେ ହେଲେ ବଳଦେବଜୀଉ ୟୁଜି ହାଇସ୍କୁଲର ଶିକ୍ଷକ ବିଷ୍ଣୁପଦ ସାମଲ, ସିଆରଆର ହାଇସ୍କୁଲର ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମହାନ୍ତି, ମାନପୁର ୟୁ.ପି. ସ୍କୁଲର ଶିକ୍ଷକ ସୁବାସ ଚନ୍ଦ୍ର ପୃଷ୍ଟି, ଝୋଟେଶ୍ୱର ନେତାଲ ହାଇସ୍କୁଲର ଶିକ୍ଷକ ଅଭିରାମ ମଲ୍ଲିକ, ଗୋପ ପ୍ରାଇମେରୀ ସ୍କୁଲର ଶିକ୍ଷକ ଉଲ୍ଲାସ ସ୍ୱାଇଁ ଓ ମଧୁପାଲି ପି.ୟୁ.ପି.ଏସର ଶିକ୍ଷକ ରମେଶ ଚନ୍ଦ୍ର ବେହେରା। ନିର୍ବାଚନ କାର୍ଯ୍ୟରେ ନିୟୋଜିତ ପ୍ରତ୍ୟେକ କର୍ମଚାରୀମାନଙ୍କ ଗୁରୁଦାୟିତ୍ୱ ରହିଛି ଏବଂ ଏଥିରେ ସଂଶ୍ଲିଷ୍ଟ ଥିବା ପ୍ରତ୍ୟେକ କର୍ମଚାରୀ କାର୍ଯ୍ୟରେ ଅବହେଳା ନ କରିବା ପାଇଁ ଜିଲାପାଳ ଚେତାବନୀ ଦେଇଛନ୍ତି। ଅବହେଳା କଲେ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଅଗ୍ରୱାଲ କହିଛନ୍ତି। ପୁନଶ୍ଚ ଏହି ନିର୍ବାଚନ ପ୍ରଶିକ୍ଷଣ କାର୍ଯ୍ୟରେ ଯୋଗଦେଇ ନ ଥିବା ୨୦ ଜଣ ପୁଲିଂ ଅଧିକାରୀଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇ ସେମାନଙ୍କୁ ଗିରଫ କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ନିର୍ବାଚନ ପାଇଁ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

**କଟକ ଅଫିସ, ୧୩।୪:** ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଥିବାବେଳେ ଆଉ ତିନୋଟି ପର୍ଯ୍ୟାୟ ନିର୍ବାଚନ ବାକି ଅଛି। ଆସନ୍ତା ୨୩ ତାରିଖ କଟକରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ତେବେ ନିର୍ବାଚନକୁ କିପରି ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରାଯିବ ସେଥିପ୍ରତି କମିଶନରେଟ୍ ପୋଲିସ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି କ୍ରମରେ ଶନିବାର କଟକ ୟୁପିଡି ପକ୍ଷରୁ ଲାଲବାଗ ଥାନା ଅନ୍ତର୍ଗତ କାଫ୍ଲା ଛକରୁ ପୋଲିସ ଫ୍ଲାଗମାର୍ଚ୍ଚ କରି ଦରଘାବଜାର ଥାନା ପର୍ଯ୍ୟନ୍ତ ଆସିଥିଲା। ଶନିବାର ଅପରାହ୍ନ ୫ଟା ୨୦ମିନିଟ୍‌ରୁ ଫ୍ଲାଗମାର୍ଚ୍ଚ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ୨୦ରେ ଶେଷ ହୋଇଥିଲା। ରବିବାର ଠାରୁ ନିର୍ବାଚନ ପର୍ଯ୍ୟନ୍ତ କଟକରେ ଥିବା ସମ୍ବେଦନଶୀଳ ବୁଥ୍ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ ହେବ। ଫ୍ଲାଗମାର୍ଚ୍ଚରେ ସିଆରପିଏଫ୍‌ର ଯବାନମାନେ ସାମିଲ ହେବେ ବୋଲି ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି।

### ମରାମତି ପାଇଁ ଆଜି ବନ୍ଦ ରହିବ ଯୋବ୍ରା ବ୍ରିଜ୍

**କଟକ ଅଫିସ, ୧୩।୪:** ମହାନଦୀ ଉପରେ ଯାଇଥିବା ଯୋବ୍ରା-ଜଗତ୍‌ପୁର ବ୍ରିଜ୍‌ରେ ରବିବାର ସକାଳ ୬ଟାରୁ ଅପରାହ୍ନ ୨ ପର୍ଯ୍ୟନ୍ତ ଯାତାୟାତ ବନ୍ଦ ରହିବ। ବ୍ରିଜ୍‌ର ଏକ ସଂଯୋଗୀକରଣ କାର୍ଯ୍ୟ ରବିବାର ହେବ। ଫଳରେ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଯାତାୟାତ ବନ୍ଦ ରଖାଯାଇଛି ବୋଲି କମିଶନରେଟ୍ ପୋଲିସ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ତେବେ ମାଲଗୋଦାମ ଥାନା ପଟୁ ବ୍ରିଜ୍ ଦେଇ ଯିବାକୁ ଥିବା ଗାଡିଗୁଡିକ ଶିଖରପୁର, ନିମପୁର ଦେଇ ଯିବାକୁ କୁହାଯାଇଛି। ସେହିପରି ଜଗତ୍‌ପୁର ବ୍ୟାରେଜ ପଟୁ ବ୍ରିଜ୍ ଦେଇ ଆସିବାକୁ ଥିବା ଗାଡିଗୁଡିକ ନିମପୁର, ଶିଖରପୁର ଦେଇ ଆସିବାକୁ କୁହାଯାଇଛି। ଯଦି ଏହି ଟ୍ରାଫିକ କଟକଣାକୁ କେହି ଉଲଂଘନ କରନ୍ତି, ତେବେ ତାଙ୍କ ଠାରୁ ୫୦୦ରୁ ୧୦୦୦ଟଙ୍କା ଜରିମାନା ଆଦାୟ କରାଯିବ ବୋଲି କମିଶନରେଟ୍ ପୋଲିସ ପକ୍ଷରୁ କୁହାଯାଇଛି।

■ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା

# ଦେଢ଼ଶହ ମିଟର ଗଡ଼ିଲା ରଥ

**ପୁରୁଣା ଭୁବନେଶ୍ୱର, ୧୩। ୪(ଡି.ଏନ.ଏ.)**

ଅଶୋକାଷ୍ଟମୀ ଅବସରରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଠାକୁରଙ୍କ ବିଭିନ୍ନ ନୀତିକାନ୍ତି ପରେ ମନ୍ଦିରରୁ ସେବାୟତମାନେ ୨ଟା ୨୦ ମିନିଟ୍‌ରେ ଶ୍ରୀଲିଙ୍ଗରାଜ ମହାପ୍ରଭୁ, ଭଉଣୀ ରୁକୁଣା ଦେବୀ, ଦୋଳଗୋବିନ୍ଦଙ୍କ ଚଳନ୍ତି ପ୍ରତିମାଙ୍କୁ ପହଣ୍ଡିରେ ଆଣିଥିଲେ। ଜୀଉମାନେ ରଥାରୂଢ ହେବା ପରେ ଟାହିଆ ଲାଗି କରାଯାଇଥିଲା। ମନ୍ଦିର ପ୍ରଶାସନ ପକ୍ଷରୁ ପୂର୍ବନିର୍ଘଣ୍ଟ ସମୟ ଅନୁସାରେ ଅପରାହ୍ନ ୪ଟାରେ ରଥଟଣା ହେବାକୁ ଥିଲା। ହେଲେ ୧ ଘଣ୍ଟା ୩୮ ମିନିଟ୍ ବିଳମ୍ବରେ ରଥଟଣା ଯାଇଥିଲା। ରଥଖଳାରୁ ମାତ୍ର ଦେଢଶହ ମିଟର ରଥ ଗଡିଲା ପରେ ସନ୍ଧ୍ୟା ହୋଇଯିବାରୁ ଟଣା ବନ୍ଦ ରହିଛି। ରଥ ଯାଇ ଶ୍ରୀଲିଙ୍ଗରାଜଙ୍କ ମାମୁଘର ନିକଟ କପାଳିମଠ ପାଖରେ ଅଟକି ରହିଛି।

**୧ ଘଣ୍ଟା ୩୮ ମିନିଟ୍ ବିଳମ୍ବରେ ହେଲା ରଥଟଣା**

ପ୍ରବଳ ଖରା ସତ୍ତ୍ୱେ ସହସ୍ରାଧିକ ଶ୍ରଦ୍ଧାଳୁ ଭକ୍ତିମୟ ପରିବେଶରେ ରଥ ଟାଣିବାକୁ ଅପେକ୍ଷା କରି ରହିଥିଲେ। ଅଳ୍ପ ସମୟ ରଥଟଣା ଯୋଗୁ ସେମାନେ ନିରାଶ ହୋଇ ଫେରିଥିଲେ। ରଥଟଣା ବିଳମ୍ବକୁ ସବୁ ମହଲରେ ନାପସନ୍ଦ କରାଯାଇଛି। ଗୋଟିଏ ଦିନରେ ରଥଟଣା ଯାଇ ମାଉସୀ ମା' ଘର ରାମେଶ୍ୱର ମନ୍ଦିରରେ ଲାଗିବାର ନିୟମ ଥିଲା ବେଳେ ଏହା ହୋଇ ପାରି ନ ଥିଲା। ଅପରାହ୍ନ ୪ଟା ୨୫ ମିନିଟ୍‌ରେ ରଥରେ ଘୋଡା ଯୋଚା ଯାଇଥିଲା। ୫ଟାରେ ରଥରେ ଚାରମାଳ ଖୋଲା ଯାଇଥିଲା। ୫ଟା ୨୫ ମିନିଟ୍‌ରେ ରଥରେ ଆଳତି ହୋଇଥିଲା, ୫ଟା ୩୬ରେ ରଥରେ ସାରଥି ଭବାନୀ ଖୁଣ୍ଟିଆ ରଥ ଟାଣିବା କାର୍ଯ୍ୟ ପାଇଁ ଘୋଡାରେ ବସିଥିଲେ। ୫ଟା ୩୮ ମିନିଟ୍‌ରେ ରଥଟଣା ଯାଇଥିଲା।



ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥକୁ ଶ୍ରଦ୍ଧାଳୁମାନେ ଟାଣି ନେଉଛନ୍ତି।

## ବଞ୍ଚିତ ପିଲାଙ୍କ ପାଇଁ କାର୍ଯ୍ୟ କରିବେ ଦିୟା ମିର୍ଜା

**ମୁମ୍ବାଇ**

ଶୁକ୍ରବାର ଅନ୍ତର୍ଜାତୀୟ ଷ୍ଟ୍ରିଟ୍ ଚିଲ୍‌ଡ୍ରେନସ ଡେ' ପାଳିତ ହୋଇଥିବା ବେଳେ ମୌଳିକ ସୁବିଧା ସୁଯୋଗ ଓ ଅଧିକାରରୁ ବଞ୍ଚିତ ପିଲାଙ୍କ ଲାଗି କାର୍ଯ୍ୟ କରିବାକୁ ଅଭିନେତ୍ରୀ ତଥା ସାମାଜିକ କର୍ମୀ ଦିୟା ମିର୍ଜା ନିଜର ପ୍ରତିଶ୍ରୁତିବଦ୍ଧତା ପ୍ରକାଶ କରିଛନ୍ତି। ତାଙ୍କ ଭାଷାରେ ପ୍ରତ୍ୟେକ ପିଲା ନିଜର ହକ୍ ପାଇବା ପର୍ଯ୍ୟନ୍ତ ସେ ସଂଗ୍ରାମ କରିବେ। ପ୍ରତି ପିଲାଠାରେ ପ୍ରତିଭା ଲୁକ୍‌କାୟିତ ହୋଇ ରହିଛି। ସୁଯୋଗ ମିଳିଲେ ଶିଶୁମାନଙ୍କ ପ୍ରତିଭାର ବିକାଶ ଘଟିପାରିବ। ତେଣୁ ବିଶ୍ୱ ଏ ଦିଗରେ ଜାଗ୍ରତ ହେବା ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି। ଶିଶୁଙ୍କର ଶିକ୍ଷା ପାଇବା, ସ୍ୱାସ୍ଥ୍ୟର ଯତ୍ନ ଏବଂ ସୁବିଧା ସୁଯୋଗ ପାଇବାର ଅଧିକାର ରହିଛି। ତେଣୁ ସେମାନଙ୍କ ଭିତରେ ଥିବା ଅଦୃଶ୍ୟ ଶକ୍ତିକୁ ଦୃଶ୍ୟମାନ କରାଇବା ଆବଶ୍ୟକ ବୋଲି ଦିୟା ଏକ ବିବୃତିରେ ପ୍ରକାଶ କରିଛନ୍ତି।

ଏକ କଲ୍ୟାଣକାରୀ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ରାସ୍ତାକଡର ଝୁମ୍ପୁଡିରେ ବାସକରୁଥିବା ପିଲାଙ୍କ ନିମନ୍ତେ ସର୍ବପ୍ରଥମ ଥର ପାଇଁ ଲଣ୍ଡନରେ ଆସନ୍ତା ମାସରେ ଏକ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜିତ ହେବାକୁ ଯାଉଛି। ଷ୍ଟ୍ରିଟ୍ ଚାଇଲ୍ଡ କ୍ରିକେଟ ୱାର୍ଲଡ କପ୍ (ଏସ୍‌ସିସିଡବ୍ଲ୍ୟୁସି) ନାମକ ଏହି କ୍ରୀଡା ପ୍ରତିଯୋଗିତା ବିଭିନ୍ନ ଦେଶର ଶିଶୁଙ୍କୁ ଏକତ୍ର ହେବା ପାଇଁ ସୁଯୋଗ ସୃଷ୍ଟି କରିବ। ୯ଟି ଦେଶର ୧୦ଟି ଟିମ୍‌କୁ ନେଇ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ସାମିଲ ହେବେ ଟିମ୍ ଇଣ୍ଡିଆ ନର୍ଥ, ଟିମ୍ ଇଣ୍ଡିଆ ସାଉଥ୍, ଇଂଲଣ୍ଡ, ତାଞ୍ଜାନିଆ, ବାଂଲାଦେଶ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ ଦି କଙ୍ଗୋ, ନେପାଳ ଏବଂ ମରିସସ୍।



## ରଥକାଠ ଚିରଟ ଅନୁକୂଳ



ରଥକାଠ ଚିରଟ ଅନୁକୂଳ ପାଇଁ ପୂଜାର୍ଚ୍ଚନା ଚାଲିଛି।

**ପୁରୀ ଅଫିସ, ୧୩।୪**

ଆସନ୍ତା ଜୁଲାଇ ୪ତାରିଖରେ ମହାପ୍ରଭୁଙ୍କ ରଥଯାତ୍ରା। ଅକ୍ଷୟ ତୃତୀୟାରୁ ତିନିରଥ ନିର୍ମାଣ ଆରମ୍ଭ ହେବାକୁ ଥିବାବେଳେ ଶନିବାର ରଥକାଠ ଚିରଟ ଅନୁକୂଳ ହୋଇଛି। କଟକ ଖପୁରିଆ କରତ କଳରେ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ପରେ ରଥକାଠ ଚିରଟ ଆରମ୍ଭ କରାଯାଇଛି। ମହାପ୍ରଭୁଙ୍କ ରଥ ନିର୍ମାଣର ସ୍ୱତନ୍ତ୍ର ବିଧି ରହିଛି। କେଉଁଦିନ ରଥର କ'ଣ ନିର୍ମାଣ କରାଯିବ ତାହା ଏହି ବିଧି ମୁତାବକ କରାଯାଇଥାଏ। ଶ୍ରୀରାମ ନବମୀରେ ତିନିରଥ ନିର୍ମାଣ ଲାଗି କାଠ ଚିରଟ ଅନୁକୂଳ ହେବାର ପରମ୍ପରା ରହିଛି। ସେଥିଲାଗି ସକାଳେ ଶ୍ରୀମନ୍ଦିର ପ୍ରଶାସନର ୬ଜଣିଆ ଟିମ୍ କଟକ ଗସ୍ତ କରିଥିଲେ। ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳଙ୍କ ନେତୃତ୍ୱରେ ଯାଇଥିବା ଏହି ଟିମ୍ ସାଥିରେ ମହାପ୍ରଭୁଙ୍କ ଲାଗି ମାଳ, ମହାର୍ଦ୍ଦ, ଧୂପ, ଦୀପ, ପତନୀ, ନଡ଼ିଆ ନେଇଥିଲେ। ଖପୁରିଆସ୍ଥିତ କରତ କଳରେ ପହଞ୍ଚିବା ପରେ ଆରମ୍ଭ ହୋଇଥିଲା ପୂଜାର୍ଚ୍ଚନା। ଏହାପରେ କାଠ ଚିରଟ ଅନୁକୂଳ ହୋଇଥିଲା। ଏହି ଟିମ୍‌ରେ ଓଆଇସି (ନୀତି) ରବୀନ୍ଦ୍ରନାଥ ଦାଶ, ସ୍ୱତନ୍ତ୍ର ପଦାଧିକାରୀ ସରୋଜ କୁମାର ରାୟ, ଶ୍ରୀମନ୍ଦିର ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ରଥ ଅମିନ ଲକ୍ଷ୍ମଣ ମହାପାତ୍ର ଓ ଭୋଇ ସର୍ଦ୍ଦାର ରବି ଭୋଇ ସାମିଲ ଥିଲେ ।

## ମହିଳାଙ୍କ କ୍ରୋଧର ନିଆଁରେ ଧ୍ୱଂସ ହେବ ବିଜେଡି ସରକାର

**ଜଟଣୀ ବଳାତ୍କାର, ହତ୍ୟା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ସମାଲୋଚନା**

**ଭୁବନେଶ୍ୱର, ୧୩।୪(ବ୍ୟୁରୋ)**

ଖୋର୍ଦ୍ଧା ଜିଲା ଜଟଣୀରେ ଘଟିଥିବା ନାବାଳିକା ବଳାତ୍କାର ଓ ହତ୍ୟା ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶା ସରକାର ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମାଲୋଚନା କରିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ମା' ଭଉଣୀଙ୍କ ଇଜ୍ଜତ ଉପରେ ଯିଏ ହାତ ପକେଇବ, ସେ ସେମାନଙ୍କ କ୍ରୋଧର ନିଆଁରେ ଜଳି ପୋଡି ପାଉଁଶ ହୋଇଯିବ। ତୃତୀୟ ମହଲାର ଅନୁମତି ବିନା ରାଜ୍ୟର ୫୦୦ ଥାନାରେ ସୋରିଷ ଫୁଟେ ନାହିଁ। ଚଳିତ ମାସ ୧୧ ତାରିଖରେ ମୁଖ୍ୟମନ୍ତ୍ରୀ ରହୁଥିବା ରାଜଧାନୀର ନାକତଳ ଅଞ୍ଚଳ ଜଟଣୀରେ ଜଣେ ନିରୀହ ଝିଅକୁ ଆତତାୟୀ ବଳାତ୍କାର କରି ହତ୍ୟା କଲେ। ଶିଶୁ କନ୍ୟାର ବାପା ଅଭିଯୋଗ କରିବାକୁ ଆସିବା ସତ୍ତ୍ୱେ ମଧ ପୋଲିସ୍ ଏଫ୍‌ଆଇଆର ରଖିଲା ନାହିଁ। ଶାସକ ଦଳ କର୍ମୀ ଥାନା ଭିତରେ ମୃତ କନ୍ୟାର ବାପାକୁ ବାଡେଇଲେ। କାହା ଚକ୍ରାନ୍ତରେ ଦୀର୍ଘ ସମୟ ଧରି ଜଟଣୀ ଥାନା ଅଧିକାରୀ ଏଫ୍ ଆଇଆର ଗ୍ରହଣ କଲେ ନାହିଁ ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ସେହିପରି ବେବିନା ହତ୍ୟାକାଣ୍ଡର ଦୋଷୀମାନେ ମୁକୁଳିବା ପରେ ସେ ସମୟର ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ମନ୍ତବ୍ୟ ମଧ ଲଜ୍ଜାଜନକ ଥିଲା। ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାଯାଇଥିଲା, ହେଲେ ଚଳିତ ନିର୍ବାଚନରେ ପୁନର୍ବାର ପ୍ରାର୍ଥୀ କରାଯାଇଛି। ଓଡ଼ିଶାକୁ ସାରା ବିଶ୍ୱରେ ନିନ୍ଦିତ କରିଥିବା ଜଣେ ବ୍ୟକ୍ତିଙ୍କୁ ଭୁବନେଶ୍ୱରରେ ପ୍ରାର୍ଥୀ କରାଯାଇଛି। ମୟୂରଭଞ୍ଜ ମହିଳାଙ୍କ ବାରମ୍ବାର ଅଭିଯୋଗ ପରେ ଜଣେ ନିନ୍ଦିତ ବ୍ୟକ୍ତିଙ୍କୁ ବିଜେଡି ପ୍ରାର୍ଥୀ କରିଛି। ଏହା କ'ଣ ମହିଳା ସଶକ୍ତୀକରଣର ନମୁନା ବୋଲି ଧର୍ମେନ୍ଦ୍ର ସମାଲୋଚନା କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ଯେ, ନିଜର ଭୋଟ୍ ସର୍ବସ୍ୱ ରାଜନୀତିକୁ ରକ୍ଷା କରିବା ପାଇଁ ନବୀନ ବାବୁ ମା' ଭଉଣୀଙ୍କ ଉପରେ ଅତ୍ୟାଚାର କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଶାସନ ବୋଝରେ ସ୍ୱାଭିମାନୀ ଓଡ଼ିଆମାନେ ଦାରିଦ୍ର୍ୟ ବୋଝ ତଳେ ଲଦି ହୋଇଗଲେଣି। ମୁଖ୍ୟମନ୍ତ୍ରୀଙ୍କ ଦିନକାଳ ସରିଆସିଲାଣି ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ନିମୋନିଆରେ ହାତୀଛୁଆର ମୃତ୍ୟୁ



ହାତୀଛୁଆକୁ ପୋତି ଦିଆଯାଉଛି।

**ଦଶପଲ୍ଲା, ୧୩।୪ (ଡି.ଏନ.ଏ.)**

ନୟାଗଡ଼ ଜିଲା ଦଶପଲ୍ଲା ବନାଞ୍ଚଳର ପୋଖରୀଗୋଛା ସଂରକ୍ଷିତ ଜଙ୍ଗଲରେ ନିମୋନିଆରେ ଆକ୍ରାନ୍ତ ହୋଇ ୨ ମାସର ଏକ ଅଣ୍ଡିରା ଛୁଆ ହାତୀର ମୃତ୍ୟୁ ହୋଇଛି। ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ କରିବା ସହ ପ୍ରାଣୀ ଚିକିତ୍ସକଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଗତ ୧୦ ତାରିଖ ରାତିରେ ଏକ ହାତୀପଲ ପୋଖରୀଗୋଛା ସଂରକ୍ଷିତ ଜଙ୍ଗଲକୁ ପଶିଆସିଥିବା ସୂଚନା ମିଳିଥିଲା। ପରେ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିବା ସହ ହାତୀଙ୍କ ଗତିବିଧି ଉପରେ ନଜର ରଖିଥିଲେ। ପରଦିନ ଅର୍ଥାତ୍ ୧୧ ତାରିଖ ସକାଳୁ ବନ କର୍ମଚାରୀ ଜଙ୍ଗଲରେ ପହଞ୍ଚି ଅନୁଧ୍ୟାନ କରିବା ସମୟରେ ଘୁମୁସର ନର୍ଥଠାରୁ ମାତ୍ର ୧୫ ଫୁଟ ଦୂରରେ ଏକ ଅଣ୍ଡିରା ଛୁଆ ହାତୀର ମୃତ୍ୟୁ ହୋଇଥିବା ଦେଖିବାକୁ ପାଇଥିଲେ। ଏହାପରେ ବନ ବିଭାଗ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ଏସିଏଫ୍ ଅରବିନ୍ଦ ମହାନ୍ତି ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ପ୍ରାଣୀ ଚିକିତ୍ସକ ନିହାର ରଞ୍ଜନ ସାମନ୍ତରାୟ ହାତୀ ଛୁଆର ଶବ ବ୍ୟବଚ୍ଛେଦ କରିବା ପରେ ଏହାକୁ ପୋତି ଦିଆଯାଇଥିଲା। ହାତୀ ଛୁଆଟି ନିମୋନିଆରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିଥିବା ପ୍ରାଣୀ ଚିକିତ୍ସକ ସାମନ୍ତରାୟ କହିଛନ୍ତି। ଏ ନେଇ ବନ ବିଭାଗ ପକ୍ଷରୁ ୨/୧୯-୨୦ରେ ଏକ ମକଦ୍ଦମା ରୁଜୁ କରାଯାଇଥିବା ବନାଞ୍ଚଳ ଅଧିକାରୀ ସୋମନାଥ ନାୟକ ପ୍ରକାଶ କରିଛନ୍ତି।

**ଟେଣ୍ଡର ବିଜ୍ଞପ୍ତି**

**୦୧ ମୋଟରସାଇକେଲ ଏବଂ ୦୨ ସ୍କୁଟର୍‌ର ସ୍କ୍ରାପିଂ**

ସମସ୍ତ ଗାଡ଼ି ଭୁବନେଶ୍ୱରଠାରେ ଅବସ୍ଥିତ


ତଦାରଖ ତାରିଖ: 17.04.2019

ଜଉମୁଦଦିଆ କୋଟେଶନ୍ ପ୍ରଶାସନିକ ବିଭାଗ ନିକଟକୁ ନିମ୍ନପ୍ରଦତ୍ତ ଠିକଣାରେ ପଠାଯାଇପାରିବ।

ଠିକଣା: 4ର୍ଥ ମହଲା, କ୍ରିଏଟିଭ୍ ପ୍ଲାଜା, ରସୁଲଗଡ଼ ଛକ, ଭୁବନେଶ୍ୱର - 751010

ଅଧିକ ବିବରଣୀ ପାଇଁ କଲ୍ କରନ୍ତୁ: 9078000302





ତୁମ କଷ୍ଟର କାରଣ ଯାହା କିଛି ହୋଇଥାଉ ନା କାହିଁକି, ତୁମେ ଅପରକୁ କୌଣସି ପ୍ରକାର ଆଘାତ ଦିଅ ନାହିଁ।

- ଗୌତମବୁଦ୍ଧ

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ରସୁଲପୁର,୧୩।୪(ଡି.ଏନ.ଏ.)- ରସୁଲପୁର ବ୍ଲକ ଅନ୍ତର୍ଗତ ଗରୁଆଳ ନିକଟରେ ଶନିବାର ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କର ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ବ୍ଲକ ଅନ୍ତର୍ଗତ ଓଡ଼ିଶୋ ପଞ୍ଚାୟତ ଅର୍ଡିଆ କୁସୁନପୁର ଗ୍ରାମର ରାଜେନ୍ଦ୍ର ବେହେରା (୫୦)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରକାଶ ଯେ, ରାଜେନ୍ଦ୍ର ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଗରୁଆଳ ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ମିନି ଟ୍ରକ୍ (ନଂ. ଓଆର-୦୪ପି-୧୬୧୩) ସହ ଧକ୍କା ହୋଇଥିଲା। ଏ ନେଇ କୁଆଖିଆ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା (ନଂ.୯୭/୧୯) ରୁଜୁ କରି ଗାଡ଼ି ଚାଳକ ତଥା ମାଲିକ ସୁବାସ ସାହୁଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି।

### ଜୀବନଧାରା ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଭୋଟଭିକ୍ଷା

ବରୀ,୧୩।୪(ସ୍ୱ.ପ୍ର.)- ସାଧାରଣ ନିର୍ବାଚନ ପ୍ରତିଯୋଗିତାମୂଳକ ହେବାକୁ ଯାଉଥିବାବେଳେ ବରୀ ନିର୍ବାଚନମଣ୍ଡଳୀରେ ଭୋଟରଙ୍କ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ଏହି ନିର୍ବାଚନମଣ୍ଡଳୀର ସମସ୍ତ ଭୋଟରଙ୍କୁ ନିଜ ନିଜର ମୂଲ୍ୟବାନ ଭୋଟ ଦେଇ ଦେଶ ଗଠନରେ ସହଯୋଗ କରିବାକୁ ଜୀବନଧାରା ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଶନିବାର ଆହ୍ୱାନ ଦିଆଯାଇଛି। ଏ ନେଇ ସବୁ ସ୍ତରର ଭୋଟରଙ୍କୁ ସଚେତନ କରାଇବାକୁ ଏକ ନିଆରା ଉଦ୍ୟମ ଆରମ୍ଭ ହୋଇଛି। ଶତ ପ୍ରତିଶତ ମତଦାନ କରିବା ଓ ଉପଯୁକ୍ତ ପ୍ରାର୍ଥୀଙ୍କୁ ବାଛିବା ସହ ବିକଶିତ ଭାରତ ନିର୍ମାଣରେ ସହଯୋଗ କରିବାପାଇଁ ଜୀବନଧାରା ପକ୍ଷରୁ ନିବେଦନ କରାଯାଇଛି। ଜୀବନଧାରା ସଭାପତି ସନତ କୁମାର ଜେନା ଶନିବାରଠାରୁ ବରୀ ନିର୍ବାଚନମଣ୍ଡଳୀର ୪୭ ପଞ୍ଚାୟତ ପରିଭ୍ରମଣ କରି ଛକ, ବଜାରଗୁଡ଼ିକରେ ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେବାପାଇଁ ନିବେଦନ କରୁଥିବା ଦେଖିବାକୁ ମିଳୁଛି। ସୁସ୍ଥ ଗଣତନ୍ତ୍ର ଗଠନ ପାଇଁ ପ୍ରତ୍ୟେକ ନାଗରିକ ନିଜର ମତସାବ୍ୟସ୍ତ କରିବାର ଅଧିକାର ରହିଛି ବୋଲି ସଭାପତି ଜେନା କହିଛନ୍ତି। ଏଥିସହ ନିର୍ବାଚନରେ ନୋଟା ବ୍ୟବସ୍ଥା ରହିଥିଲେ ମଧ୍ୟ ପ୍ରତ୍ୟକ୍ଷଭାବେ ଏଠାରୁ ଦୂରରେ ରହି ନିଜର ମତ ସାବ୍ୟସ୍ତ କରନ୍ତୁ ବୋଲି କୁହାଯାଇଛି। ସାମାଜିକ ନ୍ୟାୟ ଆନ୍ଦୋଳନ ବର୍ତ୍ତମାନ ସମୟରେ ଜରୁରୀ ହୋଇ ପଡିଥିଲାବେଳେ ଚଳିତ ନିର୍ବାଚନରେ ଉପଯୁକ୍ତ ପ୍ରାର୍ଥିନୀ ପ୍ରାର୍ଥୀ ବାଛିବାକୁ ବରୀବାସୀଙ୍କୁ ଜେନା ନିବେଦନ କରିଛନ୍ତି ବୋଲି ପ୍ରେସ ବିବୃତିରେ ଜଣାଇଛନ୍ତି।

### କଂଗ୍ରେସର ନିର୍ବାଚନୀ ବୈଠକ

ଯାଜପୁରରୋଡ,୧୩।୪(ନି.ପ୍ର.)- ବ୍ୟାସନଗର କଂଗ୍ରେସ କମିଟି ପକ୍ଷରୁ ଶନିବାର ନିର୍ବାଚନ ପରିଚାଳନା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ତପନ ନାୟକ ଅଧକ୍ଷତା କରିଥିଲେ। ରବିବାର କୋରେଇ ନିର୍ବାଚନମଣ୍ଡଳୀରେ ବନ୍ଦିତା ପରିଡାଙ୍କ ସମ୍ପର୍କରେ କଂଗ୍ରେସ ନେତ୍ରୀ ତଥା ବଲିଉଡ ଅଭିନେତ୍ରୀ ନଗମା ମୋରାରଜୀ ପ୍ରଚାରରେ ଆସୁଛନ୍ତି ବୋଲି ବୈଠକରେ କୁହାଯାଇଥିଲା। ବରୁଣ୍ଡେଇଠାରୁ ତାରାକୋଟ, ହଳଦିଗଡିଆ, ସାଦକପୁର, ଧନେଶ୍ୱର ପଞ୍ଚାୟତ ଦେଇ ଅପରାହ୍ନ ୨ଟାରେ ଯାଜପୁରରୋଡସ୍ଥିତ ବ୍ୟାସଦେବ ଟାଉନ ହଲଠାରେ ପହଞ୍ଚି ଚୋରଦା ବାଇପାସ ଦେଇ ଗୋପବନ୍ଧୁ ଛକଠାରେ ତାଙ୍କୁ ଭାବ୍ୟ ସମ୍ବର୍ଦ୍ଧନା ଦିଆଯିବର କାର୍ଯ୍ୟକ୍ରମ ରହିଛି। ଅନ୍ୟମାନଙ୍କ ମଧରେ ବିଧାୟକ ପ୍ରାର୍ଥିନୀ ବନ୍ଦିତା ପରିଡା, ରାମଚନ୍ଦ୍ର ଖୁଣ୍ଟିଆ, ଏଆଇସିସି ମୁଖପାତ୍ର ରଞ୍ଜୀବ ବିଶ୍ୱାଳ, ଏଆଇସିସି ସାଧାରଣ ସମ୍ପାଦକ ଜି ରୁଦ୍ର ରାଜୁ ପ୍ରମୁଖ ଯୋଗଦେବେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ନିର୍ବାଚନ ପରିଚାଳନା କମିଟି ଅଧକ୍ଷ ବିଦ୍ୟାଧର ମହାନ୍ତି, ପୂର୍ବତନ ଉପନଗରପାଳ ହୃଦାନନ୍ଦ ସାମଲ, ପ୍ରମୋଦ ପରିଡା, ବ୍ୟାସନଗର ମହିଳା କମିଟି ସଭାପତି ବ୍ରଜଶ୍ୱେରୀ ସିଂ, ପଦ୍ମନାଭ ସ୍ୱାଇଁ, ଅଜୟ ସାହୁ, ଦିଲୀପ ମଲ୍ଲିକ, ପ୍ରମାନନ୍ଦ ସେଠୀ ପ୍ରମୁଖ ଆଲୋଚନା କରିଥିଲେ। ବଲିଉଡ ଅଭିନେତ୍ରୀ ବରୁଣ୍ଡେଇଠାରେ ଦିନ ୧୧ଟାରେ ପହଞ୍ଚିବା ପରେ ସେଠାରୁ ରୋଡ ଶୋରେ ନିର୍ବାଚନମଣ୍ଡଳୀ ପରିକ୍ରମା କରିବେ।

## ଆଜି ପ୍ରସିଦ୍ଧ ଚାଙ୍ଗଡ଼ା ଯାତ୍ରା

# ସୂର୍ଯ୍ୟଙ୍କ ଅପେକ୍ଷାରେ ମହାକାଳ

ବରୀ/ରତ୍ନଗିରି,୧୩।୪ (ସ୍ୱ.ପ୍ର./ଡି.ଏନ୍.ଏ.)



ରାତି ପାହିଲେ ଓଡ଼ିଆ ନବବର୍ଷ ମହାବିଷୁବ ପଣା ସଂକ୍ରାନ୍ତି। ଏହି ଦିନ ବରୀ ବ୍ଲକ ଅଧୀନ ବୌଦ୍ଧ କୀର୍ତ୍ତିରାଜି ବିମଣ୍ଡିତ ରତ୍ନଗିରି ପାହାଡ଼ ଉପରେ ଥିବା ଧର୍ମରାଜ ମହାକାଳଙ୍କ ପୀଠରେ ପ୍ରସିଦ୍ଧ ଚାଙ୍ଗଡ଼ା ଯାତ୍ରା ଅନୁଷ୍ଠିତ ହୁଏ। ଯାତ୍ରା ପାଇଁ ଶନିବାର ସନ୍ଧ୍ୟା ସୁଦ୍ଧା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ, ବର୍ଷରେ ଗୋଟିଏ ଦିନ ପଣା ସଂକ୍ରାନ୍ତିରେ ପଶ୍ଚିମାମୁଖୀ ମହାକାଳଙ୍କ ଉପରେ ସୂର୍ଯ୍ୟଙ୍କ କିରଣ ବିଚ୍ଛୁରିତ ହୋଇପଡ଼ିଥାଏ। ସୂର୍ଯ୍ୟଦେବତା ହେଉଛନ୍ତି ମହାକାଳଙ୍କ ପିତା। ତେଣୁ ବାପାଙ୍କ ମିଳନକୁ ମହାକାଳ ଅପେକ୍ଷା କରି ରହିଥିବାବେଳେ ଯାତ୍ରା ପାଇଁ ପୀଠ ସଜେଇ ହେଉଛି ବୋଲି ବଡ ପଣ୍ଡା ନରେନ୍ଦ୍ର କୁମାର ପଣ୍ଡା (୮୫) କୁହନ୍ତି। ହଜାର ହଜାର ଭକ୍ତ ଚାଙ୍ଗଡ଼ା ଯାତ୍ରା ଦର୍ଶନ କରିବେ। ଏକ ନୂଆ ଚାଙ୍ଗୁଡିରେ ୭ଟି ଆମ୍ବ ମହାକାଳଙ୍କ ପାଖରୁ ପୂଜା ହୋଇ ନିକଟ କେଲୁଅ ନଈ କୂଳକୁ ଯିବ। ଏକ କୁମ୍ଭୀର ଆସି କୂଳରେ ପହଞ୍ଚିବା ପରେ ତା' ମଥାରେ ସିନ୍ଦୂର ମରାଯାଇ ପୂଜାର୍ଚ୍ଚନା ପରେ ମହାକାଳଙ୍କ ନିକଟକୁ ଫେରି ଆସିବେ। ଏବେ କେଲୁଅ ନଈ ପୋତି ହୋଇ ଯାଇଥିବାବେଳେ କୁମ୍ଭୀର ମଧ୍ୟ ନାହାନ୍ତି। ପରମ୍ପରା ଅନୁଯାୟୀ, ନଈ କୂଳରେ ଚାଙ୍ଗଡାରେ ଆମ୍ବ ରଖି ପୂଜାପାଠ କରାଯାଉଛି। ନିଃସନ୍ତାନ ଏହି ଆମ୍ବ ଖାଇଲେ ସନ୍ତାନ ପ୍ରାପ୍ତି ହେବେ ବୋଲି ବିଶ୍ୱାସ ରହିଛି। ୧୦୮ ବେତ ବାଡି ଧରି ବ୍ରାହ୍ମଣମାନେ ଚାଙ୍ଗଡା ଆମ୍ବକୁ ସୁରକ୍ଷା ବଳୟରେ ନଈ କୂଳ ପର୍ଯ୍ୟନ୍ତ ନେଇଥାନ୍ତି। ଏହି ମହାକାଳ ଦେବତାଙ୍କୁ ଧର୍ମରାଜ/ଯମରାଜ/ଶିବ/ଚଣ୍ଡୀ ଦେବତା ଓ ଦେବୀ ଭାବେ ପୂଜା କରାଯାଇଥାଏ ବୋଲି ପଣ୍ଡାମାନେ କୁହନ୍ତି। ଏହି ଠାକୁରଙ୍କ ନିକଟରେ କୃଷ୍ଣପକ୍ଷରେ ବେଲ ପତ୍ର ଓ ଶୁକ୍ଳ ପକ୍ଷରେ ତୁଳସୀ ପତ୍ର ଭୋଗ ଲାଗିଥାଏ। ସକାଳେ ବାଲ୍ୟ ଭୋଗ ଉଖୁଡା, ମଧ୍ୟାହ୍ନରେ ଅନ୍ନ ଭୋଗ, ସନ୍ଧ୍ୟା ଆଳତି ପରେ ବାଲ୍ୟ ଭୋଗ ଲାଗିଥାଏ। ଠାକୁରଙ୍କ ରକ୍ଷଣାବେକ୍ଷଣ ପାଇଁ ୯୦ ଏକରରୁ ଊର୍ଦ୍ଧ୍ୱ ଜମି ରହିଛି। ୧୫ ଘର ବ୍ରାହ୍ମଣ ଠାକୁରଙ୍କ ପୂଜାର୍ଚ୍ଚନା କରୁଛନ୍ତି। ଏହି ପୀଠରେ ମା' ଦୁର୍ଗା ମହିଷାସୁରକୁ ବଧ କରିଥିଲେ ବୋଲି କୁହାଯାଏ। ତେଣୁ ଏହି ପୀଠର ନାମ ବ୍ରହ୍ମାପୀଠ ବୋଲି ପୌରାଣିକ କିମ୍ବଦନ୍ତୀ ରହିଛି। ଏଠାରେ ୩୩ କୋଟି ଦେବତା ଅଛନ୍ତି ବୋଲି ପଣ୍ଡାମାନେ ଯୁକ୍ତି ବାଢନ୍ତି। ପ୍ରସିଦ୍ଧ ଚାଙ୍ଗଡା ଯାତ୍ରା ଉପଭୋଗ କରିବା ପାଇଁ ଶନିବାର ସନ୍ଧ୍ୟାରୁ ଭକ୍ତମାନେ ଦୂରଦୂରାନ୍ତରୁ ଆସି ପହଞ୍ଚିଲେଣି। ୩ ଦିନ ଧରି ଏହି ଯାତ୍ରା ଚାଲିବ। ପାହାଡ଼ ଉପରେ ବିଦ୍ୟୁତ୍ ଆଲୋକ, ପାନୀୟଜଳର ବ୍ୟାପକ ଅବ୍ୟବସ୍ଥା ରହିଛି। ଏହି ପୀଠ ପାଇଁ ୭ ଦିନ ଧରି ୨୪ ଖଣ୍ଡ ମୌଜାରୁ ଫକୀର ଦଳେଇ ଘଣ୍ଟ ପାଟୁଆ ହୋଇ ଗାଁ ଭିକ୍ଷା କରି ଶନିବାର ସନ୍ଧ୍ୟାରେ ପୀଠକୁ ଫେରି ଆସିଛନ୍ତି। ପାହାଡର ପାଚେରି ଭାଙ୍ଗିରୁଜି ଯାଇଛି। ଏବେ ପାଚେରି ନିର୍ମାଣ ଚାଲିଥିଲେ ମଧ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ମହାକାଳଙ୍କ ମନ୍ଦିର ନିର୍ମାଣ କରାଯାଇଥିଲେ ବି ୨୧ ବର୍ଷ ହେଲା ପୂର୍ଣ୍ଣାଙ୍ଗ ହୋଇପାରୁନାହିଁ। ଏ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ମନ୍ଦିର ନିକଟରେ ଯାତ୍ରୀ ବିଶ୍ରାମାଗାରା ଭାଙ୍ଗିରୁଜି ଯାଇଛି। ରକ୍ଷଣାବେକ୍ଷଣ ଅଭାବରୁ ପାହାଡ ଉପରେ ଜଙ୍ଗଲ ସୃଷ୍ଟି ହୋଇଯାଇଛି। ସଂଗ୍ରହାଳୟର ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ଭାଗିରଥୀ ଗର୍ଡିଆଙ୍କ କହିବାନୁଯାୟୀ, ପ୍ରସିଦ୍ଧ ଚାଙ୍ଗଡ଼ା ଯାତ୍ରା ପାଇଁ ସତର୍କତା ସହ କାର୍ଯ୍ୟ କରାଯାଉଛି। ସ୍ଥାନୀୟ କବି ଅଜୟ କୁମାର ବଳ କୁହନ୍ତି, ରତ୍ନଗିରିକୁ ରେଳପଥ ସହ ଓଟିଡିସି ପକ୍ଷରୁ ଯାତ୍ରୀବାହୀ ବସ୍ ଯାତାୟାତ, ପାନୀୟଜଳ, ବିଦ୍ୟୁତ୍ ଆଲୋକର ସ୍ଥାୟୀ ବ୍ୟବସ୍ଥା କରିବା ପାଇଁ କହିଛନ୍ତି।

## ମୋରମ ବୋଝେଇ ଗାଡ଼ି, ନକଲି ଆର ଫର୍ମ ଜବତ

କୋରେଇ,୧୩।୪(ସ୍ୱ.ପ୍ର.)



ଜବତ ହୋଇଥିବା ଗାଡି।

କୋରେଇ ଥାନା ଅଞ୍ଚଳର ବରୁଣ୍ଡେଇ ଖଜୁରନାଲୁଆ ଛକରେ ଶନିବାର ସକାଳେ ମୋରମ ବୋଝେଇ ୨ ଦଶ ଚକିଆ ଓ ୧ ବାର ଚକିଆ ହାଇୱା ଯାଉଥିବାବେଳେ ସ୍ଥାନୀୟ ବାସିନ୍ଦା ଅଟକାଇ କୋରେଇ ପୋଲିସ ଓ ବ୍ୟାସନଗର ତହସିଲଦାରଙ୍କୁ ଖବର ଦେଇଥିଲେ। କୋରେଇ ଥାନା ଏଏସ୍ଆଇ ସଲିଳ ମଲ୍ଲିକ ଘଟଣାସ୍ଥଳକୁ ଯାଇ ଗାଡ଼ି (ନଂ.ଓଡି-୦୪ଏଲ-୯୭୧୯), (ଓଡି-୦୪ଇ-୬୫୧୯) ଓ (ଓଆର-୦୯ଏଲ-୧୩୪୭) ଜବତ କରି ଥାନାକୁ ଆଣିଥିଲେ। ରାଜସ୍ୱ ନିରୀକ୍ଷକ ବିଷ୍ଣୁ ଚରଣ ପଣ୍ଡା ଯାଞ୍ଚକରି ଜାଣିବାକୁ ପାଇଲେ ଗାଡିରେ ଥିବା ଆର ଫର୍ମ ଗୁଡିକ ନକଲି। ବରୁଣ୍ଡେଇ ବାଟ ଦେଇ ଗାଡିଗୁଡିକ ଯିବାର ଆର ଫର୍ମରେ ଉଲ୍ଲେଖ ନ ଥିବାବେଳେ ପାଖରେ ହେଉଥିବା ମଥୁରାପୁର ରଣପୁର ବୈତରଣୀ ନଦୀର ଆଡିବନ୍ଧ କାର୍ଯ୍ୟକୁ ଯାଉଥିବା ଚାଳକମାନେ ସୂଚନା ଦେଇଥିଲେ। ଆଡିବନ୍ଧ କାମ ଟେଣ୍ଡର ମାଧ୍ୟମରେ ହେଉଥିବା ସ୍ଥଳେ ଚୋରା ମୋରମ ଓ ନକଲି ଆର ଫର୍ମରେ କିପରି ଚାଲାଣ କରାଯାଉଥିଲା ତାହା ତଦନ୍ତ ସାପେକ୍ଷ। ଅନ୍ୟପକ୍ଷରେ କେନ୍ଦୁଝର ଜିଲା ହାଟଡିହିରୁ ମୋରମ ଆସୁଥିବା ଆର ଫର୍ମରେ ଲେଖାଥିବା ବେଳେ ରଗଡି ଅଞ୍ଚଳର ଏକ ଖାଦାନରୁ ଆସୁଥିବା ଆଲୋଚନା ହେଉଛି। ତହସିଲଦାର ତୁରନ୍ତ ଏହାର ତଦନ୍ତ କରି ମୋରମ ଖାଦାନର ନିଲାମ ବାତିଲ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ତହସିଲଦାରଙ୍କୁ ପଚାରିବାରୁ, ସେ ନିର୍ବାଚନ କାର୍ଯ୍ୟରେ ଯାଜପୁରରେ ଥିବା ସୂଚନା ଦେଇଥିଲେ। ଆସନ୍ତା ସୋମବାର ବିଧିବଦ୍ଧ ଭାବେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି।

## ବରଜପୁରରେ ହନୁମାନ ଯଜ୍ଞ

ରସୁଲପୁର,୧୩।୪(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ବରଜପୁର ଗାଁରେ ଶନିବାର ସପ୍ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଓ ହନୁମାନ ଯଜ୍ଞ ପାଳିତ ହୋଇଯାଇଛି। ଗ୍ରାମର ଶତାଧିକ ଭକ୍ତ ନିକଟସ୍ଥ ବ୍ରାହ୍ମଣୀ ନଦୀରୁ କଳସ ଶୋଭାଯାତ୍ରାରେ ଆସି ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ଯଜ୍ଞ ମଣ୍ଡପରେ ଯଥାବିଧି ପୂଜା କରାଯାଇ ଘଟ ସ୍ଥାପନ କରାଯାଇଥିଲା। ଏହି ଯଜ୍ଞ ଉତ୍ସବ ୩ ଦିନ ବ୍ୟାପୀ ଚାଲିବ। ପ୍ରତ୍ୟହ ସୂର୍ଯ୍ୟପୂଜା, ଗୋପୂଜା, ଗୀତାପାଠ, ହନୁମାନ ଚାଳିଶା ପାଠ, ଗାୟତ୍ରୀ ଯଜ୍ଞ, ବେଦପାଠ ଭଳି ମାଙ୍ଗଳିକ କାର୍ଯ୍ୟ କରାଯାଉଛି। ଗାଁର ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା କୀର୍ତ୍ତନ କରାଯାଉଛି। ଆରତି ସମୟରେ ଭକ୍ତଙ୍କ ଅଧିକ ଭିଡ ଜମୁଛି। ଗାଁର ପ୍ରତି ପରିବାରରେ ଆମିଷ ନିଷେଧ କରାଯାଇଛି। ଜୟନ୍ତୀ ପ୍ରଧାନ ଓ ଉପେନ୍ଦ୍ର ପ୍ରଧାନ କର୍ତ୍ତାକର୍ତ୍ତା ଭାବେ ଯଜ୍ଞ କାର୍ଯ୍ୟ ପରିଚାଳନା କରୁଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧନ ବୋଲି କଲି ବାଲିଗରଡ଼ା,**
**ବନ୍ଧୁ ବୋଲି କଲି ଶାମ ପରିଡ଼ା ।**

ବାଲିଗରଡ଼ା କୌଣସି ମୂଲ୍ୟବାନ ଧାତୁ କି ପଥରରେ ଗଣା ହୋଇ ନ ଥାଏ। ଏହାର ମୂଲ୍ୟ ସାମାନ୍ୟ ମାଟିଠାରୁ ମଧ୍ୟ କମ୍ ହୋଇଥାଏ। ସେହିପରି ଯିଏ ବନ୍ଧୁତ୍ୱ କ'ଣ ଜାଣି ନ ଥାଏ, ତା'ଠାରୁ ବନ୍ଧୁପଣିଆ ଆଶା କରିବା ବୃଥା ହୋଇଥାଏ। ଭଲକୁ ଆଶା କରି ଭେଲ ପାଇଲେ ବ୍ୟକ୍ତି ହତୋତ୍ସାହିତ ହୋଇଯାଏ। ଏପରି ସ୍ଥଳେ କେବଳ ମନସ୍ତାପ କରିବା ହିଁ ସାର ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଧନ୍ୟ ତା ପିତାମାତା,**
**ଧନ୍ୟ ତା ଜନ୍ମଦାତା ।**

ଏହା ଉଭୟ ଭଲ ଓ ଖରାପ ଅର୍ଥରେ ସୂଚିତ କରାଯାଇଛି। ସନ୍ତାନ ଭଲ କାମ କଲେ ପିତାମାତାଙ୍କୁ ପ୍ରଶଂସା ମିଳିଥାଏ। ଏପରି ଗୁଣବନ୍ତ ପିଲାକୁ ଜନ୍ମ ଦେଇଥିବା କାରଣରୁ ପିତାମାତାଙ୍କୁ ଧନ୍ୟ ମନେ କରାଯାଇଥାଏ। ପରନ୍ତୁ ସନ୍ତାନ ଯଦି କୌଣସି ନାଁ ପକା କାମ କରେ ବା ଖରାପ କାମ କରେ, ତା'ହେଲେ ସେହି ଅନୁସାରେ ପିତାମାତାଙ୍କୁ ବିନା ଦୋଷରେ ନିନ୍ଦିତ ହେବାକୁ ପଡ଼ିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ମାଙ୍କଡ଼ କାମୁଡ଼ାରେ ୨ ଗୁରୁତର

ଚଣ୍ଡିଖୋଲ,୧୩।୪(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ବିକ୍ରମତିରଣ ପଞ୍ଚାୟତର ଗୋବଣ୍ଡିଆ ଗ୍ରାମରେ ଦୀର୍ଘ ୧୫ ଦିନ ହେବ ପାଗଳ ମାଙ୍କଡ଼ ଆତଙ୍କ ଦେଖାଦେଇଛି। ସମ୍ପୃକ୍ତ ମାଙ୍କଡ ୨ ଦିନ ପୂର୍ବେ ଉକ୍ତ ଗ୍ରାମର ପଞ୍ଚାନନ ସାହୁ (୬୪)ଙ୍କୁ କାମୁଡ଼ିଥିବା ବେଳେ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ସେହିପରି ଶନିବାର ଗୋବଣ୍ଡିଆ ଗ୍ରାମର ସନ୍ତୋଷ କୁମାର ପ୍ରଧାନ (୨୨)ଙ୍କୁ କାମୁଡ଼ି ଦେବାରୁ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଧର୍ମରାଜ ବାରିକ (୨୦), ଗୋବିନ୍ଦ ସାହୁ (୫୬), ବିକ୍ରମ ସାହୁ (୨୫), ଶାନ୍ତିଲତା ସାହୁ (୩୨) ପ୍ରମୁଖ ମାଙ୍କଡ଼ କାମୁଡ଼ାରେ ଆହତ ହୋଇଛନ୍ତି। ଆହତମାନେ ବଡ଼ଚଣା ଓ ମାହାଙ୍ଗା ସମେତ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଜଙ୍ଗଲ ବିଭାଗ ତୁରନ୍ତ ମାଙ୍କଡ଼କୁ ଧରିବା ସହ ଏଥିରେ କ୍ଷତିଗ୍ରସ୍ତ ଲୋକଙ୍କୁ ସରକାରୀ ସହାୟତା ଦେବାକୁ ବିକ୍ରମତିରଣ ପଞ୍ଚାୟତ ସମିତି ସଭ୍ୟ ସୁବାସ ଚନ୍ଦ୍ର ନାୟକ ଓ ଯୁବ ନେତା ଶ୍ରୀକାନ୍ତ ସାମଲ ଦାବି କରିଛନ୍ତି।

## ରାମ ନବମୀ ଉପଲକ୍ଷେ ସଚେତନତା ଶୋଭାଯାତ୍ରା

ରସୁଲପୁର,୧୩।୪(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତର ଓଡଙ୍ଗ ରାମ ମନ୍ଦିର ପରିସରରେ ଶନିବାର ରାମନବମୀ ଉତ୍ସବ ପାଳିତ ହୋଇଯାଇଛି। ହିନ୍ଦୁଙ୍କ ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ରାମଙ୍କ ଜନ୍ମ ଉତ୍ସବରେ ଯୁବକଙ୍କ ପକ୍ଷରୁ ଏକ ବାଇକ ଶୋଭାଯାତ୍ରା କରାଯାଇଥିଲା। ଯୁବକମାନେ ବିଭିନ୍ନ ପଞ୍ଚାୟତ ବୁଲି ହିନ୍ଦୁ ଧର୍ମର ଓ ହିନ୍ଦୁଙ୍କ ମଧ୍ୟରେ ଭାଇଚାରା ଭାବ ଜାଗ୍ରତ ଦିଗରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ପ୍ରାତଃରେ ମନ୍ଦିରରେ ପାରମ୍ପରିକ ପୂଜାବିଧି ଅନୁଷ୍ଠିତ ହୋଇଥିଲା। ଶତାଧିକ ଯୁବକ ଯୋଗଦେଇ ପୂଜାକାର୍ଯ୍ୟକୁ ଶୃଙ୍ଖଳାର ସହ ପରିଚାଳନା କରିଥିଲେ। ଅପରାହ୍ନରେ ବାରବାଟୀ ପଞ୍ଚାୟତର ଯୁବକ ପ୍ରଭୁ ଶ୍ରୀରାମ ଓ ଭକ୍ତ ହନୁଙ୍କ ପତାକା ଧରି ଶ୍ରୀରାମ ଲେଖାଥିବା କପଡା ମୁଣ୍ଡରେ ବାନ୍ଧି ମାଣତିର, ଜଗନ୍ନାଥପୁର, ସିଂହାପୁର, ବେତଣ୍ଡା, ବାରବାଟୀ, ଓଡଙ୍ଗ, ଝାଟିଆ, ଭଗତପୁର ଆଦି ଗ୍ରାମ ପରିକ୍ରମା କରିଥିଲେ। ଉକ୍ତ ଶୋଭାଯାତ୍ରାକୁ ଆର୍ତ୍ତ ପରିଡା, ଦେବୀପ୍ରସନ୍ନ ସାମଲ, ପ୍ରଶାନ୍ତ ସ୍ୱାଇଁ, ସରୋଜ ପଣ୍ଡା, ଚନ୍ଦ୍ରମଣି ବେହେରା, ଅରବିନ୍ଦ ରାଉତ, ତପନ ରାଉତ, ରାଜେଶ ମଲିକ ପ୍ରମୁଖ ପରିଚାଳନା କରିଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE
ସ୍ୱୀକୃତିପ୍ରାପ୍ତ ମୁଦ୍ରା ଯୋଜନା ଦ୍ୱାରା ମାର୍କସିଟ, କୃଷି, ଆଧାରକାର୍ଡ, ସମ୍ପତି, ଗୃହ ଓ ବ୍ୟକ୍ତିଗତ, BPL ଋଣ ମାତ୍ର ୪୫୦/- ଟଙ୍କାରେ ଘରେ ବସି ପାଆନ୍ତୁ। ବାର୍ଷିକ 1% ସୁଧ 50% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
8698663544
8956667461

See Color Display Classified on every Tuesday & Friday

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

ଲକ୍ଷ୍ମୀ ଫାଇନାନ୍ସ (ରେଜି.)
କମ୍ପାନୀ ସବୁ ସରକାରୀ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଏବଂ ସମସ୍ତ ଋଣ ମାତ୍ର ୧୮ ଘଣ୍ଟାରେ, ୨% ସୁଧ, ୫୦% ରିହାତି। (ମହିଳାଙ୍କୁ ବିଶେଷ ରିହାତି)
9511074590
9511074774
H.No. 249, Vill- SISWALA, Teh.- DADRI, Dist.- BHIWANI

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୧,୦୦,୦୦୦-୫୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add.: T-51, Gali No. 8, Gautampuri, Delhi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Finance
(Registration- BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ପର୍ସନାଲ, ସବୁ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। 2% ସୁଧ, 40% ରିହାତି ସହିତ। ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି।
Helpline:
9499135756
Sadheisasan, Anakhia, Jagatsinghpur, Odisha. PIN-754102

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE GROUP LTD.
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

Feel Alive
Centre for Holistic Mental Health Care
Plot No- 1244, Sarala Nagar, Near VITS Hotel, Jharpada, Bhubaneswar
Services:- Intelligence and Personality Assessment, Counselling, Psychological Therapies for Mental Illness
Clinic Open:- Tuesday, Wednesday, Friday, Sunday (Only with prior appointment)
Ph-9658822477
7008410379
(Clinical Psychologist)

Just Chill Out at Hot Summer
(All India National Permit)
13,17,26 Seater AC TOURIST TRAVELER
Especially for PICNIC, MARRIAGE PKG./FAMILY TOURS
Introductory 25% Discount Offer till 15th October

| Traveller (Seater) | >200Km Long Tour @ | Day Basis, 10hrs/day Day Rental Chg. | | Fuel Chg. |
|---|---|---|---|---|
| 13 / 17 | 18/-per Km. | 1800/- | Ext.Hr.@180/- Ext.Km.@18/- | 7 km/liter D. |
| 26 | 25/-per Km. | 2500/- | Ext.Hr.@250/- Ext.Km.@25/- | 6 km/liter D. |
| INNOVA/ MARAZZO | 11/-per Km. | 1300/- | Ext.Hr.@130/- Ext.Km.@11/- | 10km/liter D. |
| S.DZIRE/ H. EON | 10/-per Km. | 1000/- | Ext.Hr.@100/- Ext.Km.@10/- | 14km/liter D. |

With honest 100% correct GPS billing & genuine service
Explore ODISHA
Unit of Annapurna Ventures Pvt. Ltd. GST 5% applicable
N5/525, IRC Village, BBSR www.exploreodishatours.com
Tours, Travels, Package Tours
7008652192, 9777968477


## ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପ୍ରେମର ସହିତ ମନୁଷ୍ୟର ଯେଉଁ ସେବା କରାଯାଏ, ତାହା ହିଁ ଭଗବାନଙ୍କର ପ୍ରକୃତ ସେବା।
- ଆବ୍ରାହମ୍ ଲିଙ୍କନ୍

## ସଂକ୍ଷେପରେ

### ଜିସି ଡିଗ୍ରୀ କଲେଜ କିରାଣିଙ୍କୁ କାରଣଦର୍ଶାଅ ନୋଟିସ
## ରାଜନୈତିକ କାର୍ଯ୍ୟକଳାପରେ ଲିପ୍ତ ଅଭିଯୋଗ

**ଯାଜପୁର ଅଫିସ,୧୩।୪:** ରାଜନୀତିରେ ସାମିଲ ହେବା ଏବଂ ଗତ ୭ବର୍ଷ ହେଲା ଏକ ଦୈନିକ ଖବର କାଗଜରେ ଖବରଦାତା ଭାବେ କାର୍ଯ୍ୟ କରୁଥିବା ଅଭିଯୋଗରେ ଯାଜପୁର ଜିଲା ରାମଚନ୍ଦ୍ରପୁର ଗୋପବନ୍ଧୁ ଚୌଧୁରୀ(ଜିସି) ଡିଗ୍ରୀ କଲେଜରେ କାର୍ଯ୍ୟରତ ଜୁନିୟର କିରାଣୀ ସ୍ବରଜିତ ମହାନ୍ତିଙ୍କୁ ଜିଲାପାଳ ରଞ୍ଜନ କୁମାର ଦାସ କାରଣଦର୍ଶାଅ ନୋଟିସ ଜାରି କରିଛନ୍ତି। ଏହିମର୍ମରେ ଜିଲାପାଳଙ୍କ କାର୍ଯ୍ୟାଳୟର ତାଙ୍କ ପତ୍ରସଂଖ୍ୟା ୧୬୯୩/୧୨।୪।୨୦୧୯ରେ ଆହୁରି ଦର୍ଶାଯାଇଛି, ସରକାରୀ ସର୍ଭେଣ୍ଟ ନିୟମ ଅନୁସାରେ ବିଭାଗୀୟ ଅଧସ୍ତନ ଅଧିକାରୀଙ୍କ ବିନା ଅନୁମତିରେ ରାଜନୈତିକ କିମ୍ବା ଖବରଦାତା କାର୍ଯ୍ୟ କରି ପାରିବେ ନାହିଁ। ଏପରିକି ଆଚରଣ ବିଧି ଚାଲିଥିବାସମୟରେ ଜଣେ ସରକାରୀ କର୍ମଚାରୀ କୌଣସି ବେସରକାରୀ କାର୍ଯ୍ୟକଳାପ ଅଧିକ ମାତ୍ରାରେ ଆପତ୍ତିଜନକ। ଏହିସବୁ ଅଭିଯୋଗର ତଦନ୍ତ ସମୟରେ କିରାଣୀ ମହାନ୍ତି ସ୍ୱୀକାର କରିଛନ୍ତି। ଏଣୁ ଜନସାଧାରଣଙ୍କ ପ୍ରତିନିଧିତ୍ୱ ଆଇନ-୧୯୫୧ ଅନୁସାରେ କାହିଁକି ମହାନ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ସେ ନେଇ ୨ଦିନ ମଧ୍ୟରେ କାରଣ ଦର୍ଶାଇବାକୁ ଜିଲାପାଳ ଦାସ ନୋଟିସ ଜାରି କରିଛନ୍ତି।

## ଛାତ୍ର ବିଜେଡିର ନିର୍ବାଚନୀ ପ୍ରଚାର

**ବିଞ୍ଝାରପୁର,୧୩।୪(ଡି.ଏନ.ଏ):** ବିଞ୍ଝାରପୁର ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି ପ୍ରାର୍ଥୀଙ୍କ ପାଇଁ ଛାତ୍ର ବିଜେଡି ପ୍ରଚାର କାର୍ଯ୍ୟ ଆରମ୍ଭ କରିଛନ୍ତି। ପ୍ରଚାରରେ ବିଞ୍ଝାରପୁର ବ୍ଲକର ବହୁ ଯୁବଛାତ୍ରମାନେ ସାମିଲ ହୋଇ ଘରକୁ ଘର ବୁଲି ଆଦର୍ଶ ନେତା ନବୀନ ପଟ୍ଟନାୟକଙ୍କ କାର୍ଯ୍ୟକୁ ଲୋକଙ୍କ ପାଖରେ ପହଞ୍ଚାଇ ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟଦେବାପାଇଁ ନିବେଦନ କରିଛନ୍ତି। ଏହି ପ୍ରଚାରରେ ଛାତ୍ର ସଭାପତି ଜିତେନ୍ଦ୍ର ପ୍ରଧାନ, ଲେଲିନ ଦାସ, ଗୁଲିନ ସାହୁ, ରାକେଶ ସାମଲ, ବଳରାମ ଦାସ, ରୋମିଓ ରୁପନ ରାଉତ, ଗୋବିନ୍ଦ ଜେନା, ଦିଲୀପ ସାମଲ, ଅମରେନ୍ଦ୍ର ନାୟକ, ବାପୁଜି ବରାଳ ସମେତ ଅନେକ ଯୁବଛାତ୍ର ନେତା ସାମିଲ ହୋଇଥିଲେ।

## ବିଜେଡିର ମିଶ୍ରଣ

**ବିଞ୍ଝାରପୁର,୧୩।୪(ଡି.ଏନ.ଏ):** ବିଞ୍ଝାରପୁର ବ୍ଲକ ଅରେଇ କଲ୍ୟାଣମଣ୍ଡପଠାରେ ଶନିବାର ପୂର୍ବାହ୍ନରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଉତ୍ତଙ୍ଗରା ପଞ୍ଚାୟତ ଯୁବ ଭାଜପା ଓ କଂଗ୍ରେସର ପ୍ରଶାନ୍ତ କୁମାର ମଲ୍ଲିକ, ଦୀପକ କୁମାର ମଲ୍ଲିକ, ସୁରେଶ କୁମାର ମଲ୍ଲିକ, ସଞ୍ଜୀବ କୁମାର ମଲ୍ଲିକ, ମନୋଜ କୁମାର ମଲ୍ଲିକ,ଦେବାଶିଷ ବେହେରା,ଦିପୁ ମଲ୍ଲିକ, ସତ୍ୟବ୍ରତ ମଲ୍ଲିକ, ବିବେକ କୁମାର ମଲ୍ଲିକ ପ୍ରମୁଖ ଦଳ ଛାଡି ବିଜେଡିରେ ସାମିଲ ହୋଇଛନ୍ତି। ଉତ୍ତଙ୍ଗରା ପଞ୍ଚାୟତର ବିଜେଡି ସଭାପତି ଦର୍ପନାରାୟଣ ଦାସ, ଜିଲା ଯୁବ ବିଜେଡି ସମ୍ପାଦକ ସୁଶାନ୍ତ କୁମାର ରାଉତରାୟଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ବିଧାୟିକା ତଥା ରାଜ୍ୟ ବିଜୁ ଜନତା ଦଳ ଉପସଭାପତି ପ୍ରମିଳା ମଲ୍ଲିକ ଯୋଗଦେଇ ବିଜେଡିରେ ସାମିଲ ହୋଇଥିବା ନଗାବତ କର୍ମୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଆଦର୍ଶ ନେତା ନବୀନ ପଟ୍ଟନାୟକଙ୍କ ନେତୃତ୍ୱକୁ ସମ୍ମାନ ଜଣାଇ ଦଳ ପାଇଁ କାର୍ଯ୍ୟ କରି ସ୍ଥାନୀୟ ଅଞ୍ଚଳରେ ବିକାଶ ଧାରାକୁ ତ୍ୱରାନ୍ୱିତ କରିବାକୁ ନବାଗତମାନେ ସଙ୍କଳ୍ପ ନେଇଥିଲେ।

## ସଙ୍ଗୀତ ନିର୍ଦ୍ଦେଶକଙ୍କ ବିୟୋଗରେ ଶୋକସଭା

**ସିଂହପୁର,୧୩।୪(ଡି.ଏନ୍.ଏ.):** ସିଂହପୁରସ୍ଥିତ ମା' ତାରିଣୀ ନ୍ୟୁଜ ସେଣ୍ଟରରେ ଶନିବାର ସଙ୍ଗୀତ ନିର୍ଦ୍ଦେଶକ ବାସୁଦେବ ରଥଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଖବରଦାତା ଅନିରୁଦ୍ଧ ବେଉରିଆ ସଭାପତିତ୍ୱ କରିଥିଲେ। ପ୍ରଧାନ ଶିକ୍ଷକ ସରୋଜ ମଲିକ, ଯଶୋଦା କଳା ପରିଷଦର ସମ୍ପାଦକ ଦିନେଶ ମଲିକ, ରତିକାନ୍ତ ସାମଲ, ସିଆରସିସି ରବୀନ୍ଦ୍ର ମଲିକ, ଖରସ୍ରୋତା ସାଂସ୍କୃତିକ ପରିଷଦର ସାଧାରଣ ସମ୍ପାଦକ ନିରଞ୍ଜନ ବେହେରା, କବି ବଟକୃଷ୍ଣ ପଣ୍ଡା, ଶିକ୍ଷକ ସଞ୍ଜୟ ସାମଲ, ବୀଣାପାଣି ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ଲୋତକ ବିନ୍ଦୁ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରଥଙ୍କ ଜୀବନାବଳି ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଶ୍ରୀବସ୍ତ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ମହଙ୍ଗା ପଡ଼ିପାରେ ଦୁର୍ନୀତି, ମନମାନି

**ଯାଜପୁର ଅଫିସ,୧୩।୪**

୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସରୁ ଟିକେଟ ପାଇବା ପାଇଁ ଦଳୀୟ ନେତାଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼ିଛି। ଯେଉଁମାନେ ଟିକେଟ ନେଇ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ରହିଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ନେତା ନିଜକୁ ଏବେଠାରୁ ବିଧାୟକ ଭାବି ସାରିଲେଣି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନାମ ସହିତ ବିଭିନ୍ନ ଲୋକହିତକର ଯୋଜନାକୁ ଆଧାର କରି ଶାସକ ବିଜେଡିର କେତେକ ନେତା ଏବେ କ୍ଷମତା ହାସଲ କରିବାର ଲକ୍ଷ୍ୟ ରଖିଛନ୍ତି। ଲୋକଙ୍କ ପାଖକୁ ଯିବାକୁ ସେମାନଙ୍କ ପାଖରେ ସମୟ ନାହିଁ। ଆଗଧାଡିର କେତେକ କର୍ମୀମାନଙ୍କୁ ଭରସା କରି ନିର୍ବାଚନୀ ବୈତରଣୀ ପାର ହେବାକୁ ଯୋଜନା ପ୍ରସ୍ତୁତ କରୁଛନ୍ତି। କିନ୍ତୁ ଭାଜପା ଓ କଂଗ୍ରେସରେ ଏହାର ଭିନ୍ନ ରୂପ ଦେଖିବାକୁ ମିଳିଛି। ନିର୍ବାଚନର ଦୀର୍ଘଦିନ ପୂର୍ବରୁ ଭାଜପା ଓ କଂଗ୍ରେସ ଦଳର ନେତାଏ ଲୋକଙ୍କ ପାଖକୁ ଯାଇ ଗତ ୧୯ବର୍ଷର ବିଜେଡି ସରକାରଙ୍କ ବିଭିନ୍ନ ଦୁର୍ନୀତି ବିରୋଧରେ ଲୋକଙ୍କୁ ବୁଝାଇ ନିଜ ସପକ୍ଷରେ ଭୋଟ ଦେବାକୁ ଗୁହାରି କରି ଆସୁଛନ୍ତି। ପୂର୍ବପେକ୍ଷା ଚଳିତ ନିର୍ବାଚନରେ ଯାଜପୁର ଜିଲାରେ ସରକାର ବିରୋଧୀ ଜନମତ ସୃଷ୍ଟି ହେଉଥିବା ମନେ ହେଉଛି। କିନ୍ତୁ ନେତାଏ ଏସବୁକୁ ଖାତିର ନ କରି ବିଧାୟକ ହେବାର ସ୍ୱପ୍ନରେ ମାତିଛନ୍ତି। ଯାହାକି ଆଗାମୀ ଦିନରେ ବିଜେଡି ପାଇଁ ଅଧିକ କ୍ଷତି ହୋଇପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

ଗତ ପଞ୍ଚାୟତ ନିର୍ବାଚନରେ ଯାଜପୁର ଜିଲା ବିଜେଡି ଗଡ଼ରେ ଭାଜପାର ଉତ୍ଥାନକୁ ନେଇ ରାଜନୈତିକ ମହଲରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ରାଜ୍ୟରେ କ୍ଷମତାସୀନ ବିଜେଡି ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାଗୁଡିକୁ ଗ୍ରାମାଞ୍ଚଳ ଲୋକଙ୍କ ପାଖରେ ପହଞ୍ଚାଇବାରେ ସମ୍ପୃକ୍ତ ମନ୍ତ୍ରୀ, ବିଧାୟକ ଓ ପ୍ରଶାସନର ଅବହେଳା ଏଥିପାଇଁ ଦାୟୀ ବୋଲି କୁହାଯାଇଥିଲା। ୨୦୦୨ରୁ ଏଠାରେ ବିଜେଡି ଜିଲା ପରିଷଦ ଗଠନ କରି ଆସୁଛି। ଏହାସହ ୨୦୦୦ରୁ ଜିଲାର ୭ଟି ନିର୍ବାଚନ ମଣ୍ଡଳୀରେ ବିଜେଡି ଦବଦବା ମଧ୍ୟ ବଜାୟ ରଖି ଆସିଛି। ସୁକିନ୍ଦା, ଧର୍ମଶାଳା, ବିଞ୍ଝାରପୁର, ବରୀ ନିର୍ବାଚନ ମଣ୍ଡଳୀରେ ଲଗାତାର ଭାବେ ବିଜେଡି ପ୍ରାର୍ଥୀ ବିଜୟୀ ହେଉଛନ୍ତି। ଜିଲା ବିଜେଡିର ପ୍ରଫୁଲ୍ଲ ଘଡେଇ, କଳ୍ପତରୁ ଦାସ, ଦେବାଶିଷ ନାୟକ, ଅମରପ୍ରସାଦ ଶତପଥି, ପ୍ରମିଳା ମଲ୍ଲିକ ଓ ପ୍ରଣବପ୍ରକାଶ ଦାସ ବିଭିନ୍ନ ସମୟରେ ମନ୍ତ୍ରୀପଦ ଅଳଙ୍କୃତ କରି ଆସୁଛନ୍ତି। କିନ୍ତୁ ୧୯ବର୍ଷର ନିରଙ୍କୁଶ ଜନସମର୍ଥନ ପରେ ଗତ ପଞ୍ଚାୟତ ନିର୍ବାଚନରେ ବିଜେଡିର ଭୋଟବ୍ୟାଙ୍କ ହ୍ରାସ ଦଳର ଅହଂକାରୀ ଓ ସ୍ୱାର୍ଥନ୍ୱେଷୀ କେତେଜଣ ବିଧାୟକଙ୍କ ପାଇଁ ଉଚିତ ଶିକ୍ଷା ଏବଂ ସତର୍କ ଘଣ୍ଟି ବୋଲି କୁହାଯାଉଛି। ସେମାନେ ଆତ୍ମ ସମୀକ୍ଷାକୁ ଭୁଲିଯାଇ କେବଳ କର୍ମୀଙ୍କ ପ୍ରିୟଭାଜନ ହେବାକୁ ଚେଷ୍ଟିତ ହୋଇଛନ୍ତି। ଜିଲାର ଦେଢ଼ ଲକ୍ଷ ପରିବାର ବିପିଏଲ ଅନ୍ତର୍ଭୁକ୍ତ ହୋଇଥିବାବେଳେ ତନ୍ମଧ୍ୟରୁ ୩୦ ହଜାର ଲୋକଙ୍କ ଓଳିଏ ଖାଇବାକୁ ସମ୍ବଳ ନାହିଁ କି ଖରା ବର୍ଷା ଦାଉରୁ ରକ୍ଷା ପାଇବାକୁ ମୁଣ୍ଡ ଉପରେ ଛପର ନାହିଁ। ଜଳସେଚନ ସୁବିଧା ନ ଥିବାରୁ ପ୍ରାୟ ୩୦ପ୍ରତିଶତ ଜମି ପଡିଆ ପଡୁଛି। ଜିଲାର ୨୦୩ ପଡ଼ା ଗ୍ରାମକୁ ସଡ଼କ ବ୍ୟବସ୍ଥା ନାହିଁ। ସବୁ ଗ୍ରାମକୁ ବିଜୁଳି ଓ ସ୍ୱଚ୍ଛ ପାନୀୟ ଜଳ ଆଜିବି ଉପଲବ୍ଧ ନାହିଁ। ଜିଲାରେ ନିର୍ମାଣ ହୋଇଥିବା ପ୍ରାୟ ୩୦୦ଟି ପାଇପ ଜଳ ଯୋଗାଣ ପ୍ରକଳ୍ପ ମଧ୍ୟରୁ ଅଧିକାଂଶ ପ୍ରକଳ୍ପ ଅଚଳ। ଖରା ମାସରେ ଜିଲାର ଗ୍ରାମାଞ୍ଚଳର ଲୋକେ ପାଣି ପାଇଁ ହାହାକାର ହେଉଛନ୍ତି। ବାଲିଚୁଆଁ ଖୋଲି ପାଣି ସଂଗ୍ରହ କରୁଥିବା ଆଜି ବି ଦେଖିବାକୁ ମିଳୁଛି। ଜିଲାର ୫୪ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ସାମାନ୍ୟତମ ସ୍ୱାସ୍ଥ୍ୟସେବା ମିଳୁନାହିଁ। ୧୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରଙ୍କ ମରୁଡି। ଯାଜପୁର ଜିଲାର ଚିର ସହଚର ବନ୍ୟା ପ୍ରତିବର୍ଷ ତାର କରାଳ ରୂପ ପ୍ରଦର୍ଶନ କରି ଆସୁଛି। ଲକ୍ଷାଧିକ ଲୋକ ଏଥିରେ ପ୍ରଭାବିତ ହୋଇ ଆସୁଛନ୍ତି। ବନ୍ୟାପରେ ମରୁଡିର ଦାଉ। ମରୁଡି ପ୍ରଭାବରେ ଯାଜପୁର ଜିଲାରେ ମଧ୍ୟ ଚାଷୀ କୂଳର ମେରୁଦଣ୍ଡ ଦୋହଲି ଯାଉଛି। ସରକାରଙ୍କ ଘୋଷଣା ମୁତାବକ ଚାଷୀ ମରୁଡି ଜନିତ କ୍ଷୟକ୍ଷତି ବାବଦ ଅର୍ଥ ପାଉନାହାନ୍ତି। ପ୍ରତିବର୍ଷ ଅଭାବୀ ବିକ୍ରିର ଶିକାର ହୋଇ ଚାଷୀ ସରକାରଙ୍କ ଧାର୍ଯ୍ୟ ଦର ପାଉନାହାନ୍ତି। ବିଳମ୍ବରେ ମଣ୍ଡି ଖୋଲି ଦଲାଲଙ୍କୁ ପରୋକ୍ଷରେ ଲାଭବାନ କରାଯାଉଛି। ଶିଳ୍ପ ଓ ଖଣିସମୃଦ୍ଧ ଜିଲାରେ ୫୦ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷିତ ଓ ବୈଷୟିକ ଡିଗ୍ରୀଧାରୀ ଯୁବତୀଯୁବକ ନିଯୁକ୍ତି ଆଶାରେ ଅପେକ୍ଷା କରି ବସିଛନ୍ତି। କିନ୍ତୁ କଳିଙ୍ଗନଗର ଶିଳ୍ପାଞ୍ଚଳରେ ପ୍ରାୟ ବାହାର ରାଜ୍ୟର ଲୋକଙ୍କୁ ନିଯୁକ୍ତିରେ ଅଧିକ ପ୍ରାଧାନ୍ୟ ଦିଆଯାଉଛି। କିନ୍ତୁ ଜିଲାର ଲୋକପ୍ରତିନିଧି କିମ୍ବା ପ୍ରଶାସନ ଏଥିପ୍ରତି ଆଦୌ ଧ୍ୟାନ ଦେଉନାହାନ୍ତି। ଗରିବ ଲୋକଙ୍କ ବଦଳରେ ଥିଲାବାଲାଙ୍କୁ ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଉଥିବା ନଜିର ରହିଛି। ସହରରେ ଝୁମ୍ପୁଡିବାସୀଙ୍କ ନାମରେ ହାଉସିଂ ଫର ଅଲ ଯୋଜନାରେ ଆସିଥିବା ଅର୍ଥ ବାଟବାରଣା ହେଉଛି। ଏଭଳି ଅନେକ ଲୋକହିତକର ଯୋଜନାରେ ବ୍ୟତିକ୍ରମ ଦେଖାଯାଉଛି। ଏହିସବୁ କାରଣ ଯୋଗୁ ଜିଲାରେ ସରକାରଙ୍କ ବିରୋଧରେ ଜନମତ ସୃଷ୍ଟି ହେଉଥିବା ମତପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ଆଡଭୋକେଟ ଜିତେନ୍ଦ୍ର କୁମାର ପରିହାରି କୁହନ୍ତି ଶାସକ ଦଳର ଲୋକଙ୍କ କେବଳ କାର୍ଯ୍ୟ ସାଧିତ ହେଉଛି। ଯେଉଁମାନେ ରାଜନୈତିକ ଦଳରେ ନାହାନ୍ତି ସେମାନଙ୍କୁ କେହି ପଚାରୁନାହାନ୍ତି। ଫଳରେ ଏଥର ବିଜେଡି ସରକାରଙ୍କ ବିରୋଧରେ ଜନମତ ସୃଷ୍ଟି ହେଉଛି। ଯାହାକି ଚଳିତ ନିର୍ବାଚନରେ ପ୍ରଭାବ ପଡିବ। ବ୍ୟବସାୟୀ ଅଜୟ କୁମାର ରାଉତ କୁହନ୍ତି ସରକାର ପରିବର୍ତ୍ତନ ହେବା କଥା। ବିଜେଡି ସରକାର ବିରୋଧରେ ସହରାଞ୍ଚଳ ସମେତ ଗ୍ରାମାଞ୍ଚଳରେ ଜନମତ ସୃଷ୍ଟି ହେଉଛି। ଶାସକ ଦଳର ଦୁର୍ନୀତି ଓ ମନମାନି କାରଣରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି ବୋଲି ରାଉତ କହିଛନ୍ତି।

**ଯାଜପୁର ଜିଲା ରାଜନୀତି**



- ଦଳୀୟ ଟିକେଟ ମିଳିବାପରେ ନିଜକୁ ବିଧାୟକ ଭାବୁଛନ୍ତି ପ୍ରାର୍ଥୀ
- ସରକାରଙ୍କ ବିରୋଧରେ ସୃଷ୍ଟି ହେଉଛି ଜନମତ

# ୨୫ ଟନ୍ ଷ୍ଟିଲରୋଲ ବୋଝେଇ ଟ୍ରେଲର ଭାଙ୍ଗିଲା

**ଯାଜପୁର ଅଫିସ,୧୩।୪**

କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଯାଉଥିବା ଯାଜପୁରରୋଡ ସହରର ଚୋର୍ଦ୍ଦାଛକରେ ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଏକ ଷ୍ଟିଲରୋଲ ବୋଝେଇ ଟ୍ରଲର ରାସ୍ତା ଉପରେ ଭାଙ୍ଗି ପଡିଛି। ଇଉଟିଲିଟି ଟ୍ରାନ୍ସପୋର୍ଟ କମ୍ପାନୀର ଏନ୍ଏଲ-୦୧୦-୫୮୪୯ ନମ୍ବର ଟ୍ରଲରରେ କଳିଙ୍ଗନଗର ଶିଳ୍ପାଞ୍ଚଳର ଟାଟା ଷ୍ଟିଲ କାରଖାନରୁ ଉତ୍ପାଦିତ ପ୍ରାୟ ୨୫ଟନ ବିଶିଷ୍ଟ ଷ୍ଟିଲରୋଲ ପରିବହନ ହେଉଥିବାବେଳେ ଏହି ଦୁର୍ଘଟଣା ଘଟିଛି। ସୌଭାଗ୍ୟବଶତଃ ଏଥିରେ କୌଣସି ଧନଜୀବନ ହାନୀ ହୋଇ ନାହିଁ। ଭାରିଯାନ ଗାଡ଼ିଗୁଡିକର ଫିଟ୍‌ନେସ, ପରମିଟ ଆଦି ନିୟମିତଭାବେ ଯାଞ୍ଚ ହେଉ ନ ଥିବାରୁ ଏଭଳି ଦୁର୍ଘଟଣା ଘଟୁଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

କଳିଙ୍ଗନଗର ଶିଳ୍ପାଞ୍ଚଳରୁ ଉତ୍ପାଦିତ ମୂଲ୍ୟବାନ ଷ୍ଟିଲ୍ ରୋଲ ପ୍ରତ୍ୟହ ଯାଜପୁରରୋଡ ସହର ଚୋର୍ଦ୍ଦାଛକ ଦେଇ ବିଭିନ୍ନ ସ୍ଥାନକୁ ପରିବହନ ହେଉଛି। ତେବେ ଶିଳ୍ପାଞ୍ଚଳର ମିଲିଟାରୀ ଛକଠାରୁ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ଛକ ପର୍ଯ୍ୟନ୍ତ ଚାରିଲେନ ବିଶିଷ୍ଟ ରାସ୍ତା କାର୍ଯ୍ୟ ଶେଷ ହେଉ ନ ଥିବାରୁ ଓଭରଲୋଡିଂ ଗାଡିଗୁଡିକ ଯାଜପୁର ସହର ମଧ୍ୟ ଦେଇ ଚଳାଚଳ କରୁଛି। ସେଥିରୁ ଅଧିକାଂଶ ଗାଡ଼ିର ପ୍ରାୟତଃ କାଗଜପତ୍ର ଠିକ ନ ଥିବା ଜଣାଯାଏ। ଏହି ଗାଡିଗୁଡିକର ପରମିଟ, ଫିଟ୍‌ନେସ, ଇନ୍ସ୍ୟୁରାନ୍ସ କରାଯାଉ ନ ଥିବାବେଳେ ଅଧିକାଂଶ ଗାଡି ବ୍ୟବସାୟିକ କର ଦେଉ ନ ଥିବା ଅଭିଯୋଗ ହେଉଛି। ଯାହାଫଳରେ ଯାତ୍ରୀଙ୍କ ଜୀବନ ବିପଦପୂର୍ଣ୍ଣ ଅବସ୍ଥାରେ ସଦାସର୍ବଦା ଗତି କରୁଛି। ପ୍ରଶାସନ ଏହି ଘଟଣାକୁ ଦେଖୁଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉ ନ ଥିବାରୁ ଗାଡ଼ି ଚାଳକଙ୍କ ମଧ୍ୟରେ ଡର ପଶୁନାହିଁ। ଠିକ କାଗଜପତ୍ର ନ ଥିବା ଗାଡ଼ି ଦୁର୍ଘଟଣା ଘଟାଇଥିଲେ ମଧ୍ୟ ଡ୍ରାଇଭର ବା ମାଲିକଙ୍କ ବିରୋଧରେ କୌଣସି ଫୌଜଦାରୀ ମାମଲା ରୁଜୁ ହେଉନାହିଁ। ୨୦୧୬ ମାର୍ଚ୍ଚ ଶେଷ ବେଳକୁ ତତ୍କାଳୀନ ଜିଲାପାଳ ସତ୍ୟକୁମାର ମଲିକ ରାସ୍ତାର ଶିଳ୍ପାଞ୍ଚଳ ଫାଟକଙ୍କ ସମ୍ମୁଖରେ ଭାରିଯାନଗୁଡିକର ପାର୍କିଂ ଟ୍ରାଫିକ ସମସ୍ୟା ତଦାରଖ ପୂର୍ବକ ପରିବହନ ବିଭାଗର ଗାଇଡଲାଇନ ଉପରେ ସୁପ୍ରିମକୋର୍ଟର ଆଦେଶ ପାଳନ ହେଉଛି କି ନାହିଁ, ସେ ଉପରେ ଚଢ଼ାଉ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ତାହା କାଗଜକଲମରେ ସୀମିତ ରହିଗଲା। କିନ୍ତୁ ୨୫ଟନ ବିଶିଷ୍ଟ ଷ୍ଟିଲରୋଲ ବୋଝେଇ ଟ୍ରଲର ଯାତାୟତ ଯୋଗୁ ସାଧାରଣ ଲୋକଙ୍କ ଜୀବନ ବିପଦାପନ୍ନ ହୋଇ ରହିଗଲା। ଏହାବାଦ ଯାଜପୁରରୋଡ-ଢୁବୁରୀ ରାସ୍ତାରେ ନାହିଁ ନ ଥିବା ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି। ବେଳେ ବେଳେ ଏହା ଦୁର୍ଘଟଣାର କାରଣ ହୋଇଛି। ଶିଳ୍ପ କାରଖାନାଗୁଡିକରୁ ମାଲ ପରିବହନବେଳେ ଏହି ରାସ୍ତା ସମ୍ପୂର୍ଣ୍ଣ ଭାବେ ବନ୍ଦ ରହୁଛି। ଏହି ମର୍ମରେ ସ୍ଥାନୀୟ ଅଞ୍ଚଳବାସୀ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର, ଟୁଇଟର ଆଦି ଜରିଆରେ ଦୃଷ୍ଟି ଆକର୍ଷଣ କରାଯାଇଛି। କିନ୍ତୁ କେହି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଉଦ୍ୟମ କରିନାହାନ୍ତି। ଓଭରଲୋଡିଂ ଗାଡିଗୁଡ଼ିକଠାରୁ ମାସିକ ମୋଟା ଅଙ୍କର ଚାନ୍ଦା ଆଦାୟ କରି ନୀରବି ଯାଉଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ୬ ଚକିଆ ଗାଡି ୧୬ଟନ, ୧୦ ଚକିଆ ଗାଡି ୨୫ ଟନ, ୧୨ ଚକିଆ ଗାଡି ୩୧ ଟନ ଏବଂ ୧୪ ଚକିଆ ଗାଡି ୩୫ ଟନ ପର୍ଯ୍ୟନ୍ତ ମାଲ ପରିବହନ କରିବାର ନିୟମ ରହିଛି। କିନ୍ତୁ ଲାଭଖୋର ମନୋବୃତ୍ତି ଯୋଗୁ ଏହିସବୁ ନିୟମର ଖୋଲାଖୋଲି ଉଲ୍ଲଂଘନ କରି ଗାଡ଼ିଗୁଡ଼ିକ ଧାର୍ଯ୍ୟ ଓଜନଠାରୁ ବାହୁ ଅଧିକ ମାଲ୍ ପରିବହନ କରୁଥିବା କାରଣରୁ ଏଭଳି ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି।



ରାସ୍ତା ଉପରେ ଭାଙ୍ଗି ପଡ଼ିଥିବା ଷ୍ଟିଲରୋଲ ବୋଝେଇ ଟ୍ରେଲର।

- ବିପଦରୁ ବର୍ତ୍ତିଲେ ସାଧାରଣ ଯାତ୍ରୀ
- ଫିଟନେସ, ପରମିଟକୁ ଦୃଷ୍ଟି ଦେଉନି ପରିବହନ ବିଭାଗ

# ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ୧୪ଲକ୍ଷ ଟଙ୍କା ଜବତ

**କାଳିଆପାଣି,୧୩।୪(ଡିଏନଏ)**

ଫ୍ଲାଇଂ ସ୍କ୍ୱାର୍ଡ ଓ କାଳିଆପାଣି ପୋଲିସ କାଳିଆପାଣି ଅଞ୍ଚଳରୁ ୧୪ଲକ୍ଷ ଟଙ୍କା ଏକ ବୋଲେରୋରୁ ଶନିବାର ଜବତ କରିଛି। ଏହି ଟଙ୍କା ଏନ୍ଇସିସି ନାମକ ଏକ ପରିବହନ ଠିକାସଂସ୍ଥାର ବୋଲି ପୋଲିସ ସୂଚନା ଦେଇଛି। ଟଙ୍କା ଟଙ୍କା ନେଇ ଯାଉଥିବା ୩ଜଣଙ୍କୁ ପୋଲିସ ଅଟକ ରଖିବା ସହିତ ଓ ବ୍ୟବହୃତ ବୋଲେରୋକୁ ପୋଲିସ ଜବତ କରିଛି। ନିର୍ବାଚନରେ ବହୁଳ ମାତ୍ରାରେ ଟଙ୍କା ବ୍ୟବହାର କରିବାକୁ ପରିବହନ ଠିକାଦାର ମାଧ୍ୟମରେ ଖଣି ଅଞ୍ଚଳକୁ ଟଙ୍କା ଚାଲାଣ ହେଉଥିବା ନେଇ ପୂର୍ବରୁ ଭାଜପା ପକ୍ଷରୁ ଅଭିଯୋଗ ହୋଇଆସୁଥିଲା। ଶନିବାର ଏହି ଟଙ୍କା ଜବତ ହେବା ପରେ ଭାଜପା ଅଭିଯୋଗର ସତ୍ୟତା ଥିବା ନେଇ ଆଲୋଚନା ହେଉଛି।

କାଳିଆପାଣି ଖଣି ଅଞ୍ଚଳର ଭାଲୁକିପାତଳା ମୁଖ୍ୟ ରାସ୍ତାରେ ଶନିବାର ସନ୍ଧ୍ୟାରେ ଫ୍ଲାଇଂ ସ୍କ୍ୱାର୍ଡ ପକ୍ଷରୁ ଯାଞ୍ଚ ଚାଲିଥିବାବେଳେ କାଳିଆପାଣିରୁ ସୁକିନ୍ଦା ଆଡ଼କୁ ଯାଉଥିବା ଏକ ବୋଲେରୋ (ଓଡିଶା୩ଟି ୭୬୦୮) ଉକ୍ତ ମୁଖ୍ୟ ରାସ୍ତାରେ ନ ଆସି ରେଙ୍ଗାଲି କେନାଲ ରାସ୍ତାରେ ଆସୁଥିଲା। ଫଳରେ ଫ୍ଲାଇଂ ସ୍କ୍ୱାର୍ଡ ସନ୍ଦେହ କରି ବୋଲେରୋଟିକୁ ଭାଲୁକିପାତଳା ନିକଟରେ ଅଟକାଇଥିଲେ। ଯାଞ୍ଚ ସମୟରେ ଉକ୍ତ ବୋଲେରୋ ଭିତରୁ ନଗଦ ୧୪ଲକ୍ଷ ଟଙ୍କା ଜବତ କରାଯାଇଥିଲା। ଫ୍ଲାଇଂ ସ୍କ୍ୱାର୍ଡ ମୁଖ୍ୟ ଚିତ୍ତରଞ୍ଜନ ରାଉତ, କାଳିଆପାଣି ଏଏସ୍ଆଇ ମନୋରଞ୍ଜନ ସେଠୀ ଜବତ ଟଙ୍କା ସହ ଠିକାସଂସ୍ଥାର ୩ କର୍ମଚାରୀ ଓ ବୋଲେରୋକୁ ଥାନାକୁ ନେଇ କାଗଜପତ୍ର ଯାଞ୍ଚ କରିଥିଲେ। ଏନ୍ଇସିସି ପରିବହନ ଠିକାସଂସ୍ଥା ମୋଟ ୧୮ଲକ୍ଷ ଟଙ୍କା ଖଣି ଅଞ୍ଚଳକୁ ଆଣିଥିବା ବେଳେ କ୍ରୋମ ବୋଝେଇ ଗାଡିଗୁଡିକୁ ଅଗ୍ରୀମ ଭାବେ ୪ଲକ୍ଷ ପଇଠ କରି ବଳକା ୧୪ଲକ୍ଷ ଟଙ୍କା ଧରି ପରିବହନ ସଂସ୍ଥାର କର୍ମଚାରୀମାନେ ସୁକିନ୍ଦା ଫେରୁଥିଲେ। ଫ୍ଲାଇଂ ସ୍କ୍ୱାର୍ଡର ଯାଞ୍ଚ ବେଳେ ଜବତ ଟଙ୍କାର ସମସ୍ତ କାଗଜପତ୍ର କର୍ମଚାରୀମାନେ ଦେଖାଇ ନ ପାରିବାରୁ ପୋଲିସ ସମସ୍ତ ଟଙ୍କାକୁ ଜବତ କରିଥିଲା। ରବିବାର ଏହି ସମସ୍ତ ଟଙ୍କାକୁ ଜିଲା ଟ୍ରେଜେରିକୁ ଚାଲାଣ କରାଯିବ ବୋଲି କାଳିଆପାଣି ଆଇଆଇସି ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି। ଅପରପକ୍ଷରେ କାଳିଆପାଣି ଖଣି ଅଞ୍ଚଳରେ ୨୦ରୁ ଊର୍ଦ୍ଧ୍ୱ ପରିବହନ ଠିକାସଂସ୍ଥା ନିୟୋଜିତ ଅଛନ୍ତି। କ୍ରୋମ ପରବହନ ପାଇଁ ନିୟୋଜିତ ଗାଡିଗୁଡିକୁ ନଗଦ ଆକାରରେ କିଛି ଟଙ୍କା ଅଗ୍ରୀମ ଦିଆଯିବାର ବ୍ୟବସ୍ଥା ଅଛି। ଏହାର ସୁଯୋଗ ନେଇ ପରିବହନ ଠିକାସଂସ୍ଥା ମାଧ୍ୟମରେ ଖଣି ଅଞ୍ଚଳକୁ ବ୍ୟାପକ ଟଙ୍କା ନିଆଯାଉଥିବା ଭାଜପା ପକ୍ଷରୁ ପୂର୍ବରୁ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଆସୁଥିଲା।

- ନିର୍ବାଚନ ପାଇଁ ଟଙ୍କା ଚାଲାଣ ହେଉଥିବା ଭାଜପାର ଅଭିଯୋଗ
- ୩ ଅଟକ, ବୋଲେରୋ ଜବତ



ପୋଲିସ୍ ଜବତ ଟଙ୍କାକୁ ଗଣୁଛି।

## ବିଞ୍ଝାରପୁରରେ ଜମୁଛି ନିର୍ବାଚନୀ ପ୍ରଚାର

# କଂଗ୍ରେସ ସ୍ଥିର କରିବ ପ୍ରମିଳା, ବବିତାଙ୍କ ଭାଗ୍ୟ

**ବିଞ୍ଝାରପୁର,୧୩।୪(ଡି.ଏନ.ଏ)**

ବିଞ୍ଝାରପୁର ସଂରକ୍ଷିତ ଆସନ ପାଇଁ ଆସନ୍ତା ୨୯ତାରିଖରେ ଭୋଟ ଗ୍ରହଣ ହେବ। ଏଥିପାଇଁ ସବୁ ରାଜନୈତିକ ଦଳ ନିଜର ପ୍ରଚାର ପ୍ରସାରକୁ ଜୋରଦାର କଲେଣି। ସବୁ ପ୍ରାର୍ଥୀମାନେ ଗାଁଗାଁ ବୁଲି ନିଜ ସପକ୍ଷରେ ଜନମତ ସଂଗ୍ରହ କରୁଛନ୍ତି। ଚଳିତ ନିର୍ବାଚନରେ ବିଜେଡିରୁ ପୁଣି ଥରେ ପ୍ରମିଳାଙ୍କୁ ପ୍ରାର୍ଥୀ କରାଯାଇଥିବାବେଳେ ଭାଜପା ବବିତା ମଲ୍ଲିକଙ୍କୁ ପ୍ରାର୍ଥୀ କରିଛି। ଉଭୟ ପ୍ରମିଳା ଓ ବବିତା ବିଞ୍ଝାରପୁରରେ ପୁରୁଣା ଚେହେରା ହୋଇଥିବାବେଳେ କଂଗ୍ରେସ କିନ୍ତୁ ନବାଗତ ମନୋରଞ୍ଜନ ଦାସଙ୍କୁ ପ୍ରାର୍ଥୀ କରିଛି। ତେବେ ପ୍ରମିଳା ଓ ବବିତା ଉଭୟ ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ହୋଇଥିବାବେଳେ ମନୋରଞ୍ଜନ ପଡ଼ୋଶୀ ଯାଜପୁର ନିର୍ବାଚନମଣ୍ଡଳୀର ବାସିନ୍ଦା। ତେବେ ମନୋରଞ୍ଜନଙ୍କ ଭାଇ ଅଞ୍ଚଳ ଦାସ ୧୯୯୬ରେ ଜନତାଦଳରୁ ସାଂସଦ ଥିବାବେଳେ ମନୋରଞ୍ଜନ ବିଞ୍ଝାରପୁରରେ ଲୋକସମ୍ପର୍କ ସ୍ଥାପନ କରିଥିଲେ। ତେବେ ତିନି ପ୍ରମୁଖ ରାଜନୈତିକ ଦଳ ସେମାନଙ୍କ ପ୍ରାର୍ଥୀ ଘୋଷଣା କରି ସାରିଥିବାବେଳେ ଏବେ କିଏ ଜିତିବ, କିଏ ହାରିବ, କିଏ କେତେ ଭୋଟ ପାଇବ ଏହାକୁ ନେଇ ଚା' ଦୋକାନୀ ଠାରୁ ଆରମ୍ଭ କରି ଛକ ବଜାରରେ ସବୁଠି ଚର୍ଚ୍ଚା। ଯାଜପୁର ଜିଲାର ଏହି ଏକମାତ୍ର ସଂରକ୍ଷିତ ଆସନଟି ୮୦ଦଶକରେ କଂଗ୍ରେସର ଗଡ଼ ରହି ଆସିଥିଲା। ତେବେ ବିଞ୍ଝାରପୁର ରାଜନୀତିରେ ପ୍ରମିଳାଙ୍କ ଆର୍ବିଭାବ ପରେ ଆସନଟି ଅଣ କଂଗ୍ରେସଗଡ଼ ଭାବେ ପରିଚିତ ହୋଇଛି। ଗତ ପଞ୍ଚାୟତ ନିର୍ବାଚନରେ କଂଗ୍ରେସର ଦୁର୍ବଳତା ଯୋଗୁ ଭାଜପା ଭରପୁର ଫାଇଦା ପାଇଥିଲା। ଅର୍ଥାତ ଏହି ନିର୍ବାଚନ ମଣ୍ଡଳୀରେ ଦୁଇଟି ଜିଲା ପରିଷଦ ଆସନ ସମେତ ଏକାଧିକ ଭାଜପା ସମର୍ଥିତ ଲୋକପ୍ରତିନିଧି ବିଜୟୀ ହୋଇଥିଲେ। ତେବେ ପଞ୍ଚାୟତ ନିର୍ବାଚନର ବିପୁଳ ପରାଜୟ ପରେ କଂଗ୍ରେସ ଏବେ ପୁରୁଣା ସଂଗଠନ ସଜାଡ଼ିବାକୁ ଉଦ୍ୟମ କରି କେତେକାଂଶରେ ସଫଳ ମଧ୍ୟ ହୋଇଛି। ତେବେ କଂଗ୍ରେସର ଘର ସଜଡ଼ା ଭାଜପା ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଅପରପକ୍ଷରେ ଗୋଷ୍ଠୀକନ୍ଦଳ ଭାଜପା ପାଇଁ ମୁଖ୍ୟ ସମସ୍ୟା ହୋଇଛି। ଏହି ଆସନ ନିମନ୍ତେ ଅମିୟ ମଲ୍ଲିକ ଭାଜପା ଟିକଟ ପାଇଁ ଆଶାୟୀ ଥିଲେ। ସେଥିପାଇଁ ସେ ୪ବର୍ଷ ହେବ ବିଞ୍ଝାପୁର ବ୍ଲକ ଅନ୍ତର୍ଗତ ପ୍ରୀତିପୁରଠାରେ ଘରଭଡ଼ା ନେଇ ଭାଜପା ସଂଗଠନ କରିଥିଲେ। ଫଳସ୍ୱରୂପ ୨୦୧୭ ପଞ୍ଚାୟତ ନିର୍ବାଚନରେ ଦଳ ଆଶାତୀତ ଭାବେ ସଫଳତା ପାଇଥିଲା। ହେଲେ ବବିତା ମଲ୍ଲିକ ଦଳୀୟ ଟିକଟ ହାତେଇ ନେଇଥିବାରୁ ଅମିୟ ଓ ତାଙ୍କ ସମର୍ଥକମାନେ ଅସନ୍ତୁଷ୍ଟ ହେବା ଭାଜପା ପାଇଁ ସତର୍କ ଘଣ୍ଟି ସଦୃଶ ହୋଇଛି। କଂଗ୍ରେସର ଭୋଟ ହାର ହିଁ ବିଜେଡି ଓ ଭାଜପାର ଭାଗ୍ୟ ନିର୍ଣ୍ଣୟ କରିବ ବୋଲି କୁହାଯାଉଛି। ପଞ୍ଚାୟତ ନିର୍ବାଚନ ଭଳି କଂଗ୍ରେସ ଦୁର୍ବଳ ପ୍ରଦର୍ଶନ କଲେ ତାହା ଭାଜପାକୁ ଫାଇଦା ଦେବ ବୋଲି କୁହାଯାଉଥିବାବେଳେ ଯଦି କଂଗ୍ରେସ ୨୦୧୪ଭଳି ଭୋଟ ସଂଗ୍ରହ କରେ ତେବେ ଏହା ବିଜେଡିକୁ ସୁହାଇବ ବୋଲି କୁହାଯାଉଛି।

## ବିଏସ୍‌ପି ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର

**ଧର୍ମଶାଳା ,୧୩।୪(ଡିଏନଏ)**

ଧର୍ମଶାଳା ନିର୍ବାଚନମଣ୍ଡଳୀର ବିଧାନସଭା ପାଇଁ ୧୦ଜଣ ପ୍ରାର୍ଥୀ ହୋଇଥିବାବେଳେ ସର୍ବକନିଷ୍ଠ ପ୍ରାର୍ଥୀ ଭାବେ ଦେବବ୍ରତ ରାଉତ ବିଏସ୍‌ପିରୁ ପ୍ରାର୍ଥୀ ହୋଇଛନ୍ତି। ପ୍ରଚାରର ଶୁଭାରମ୍ଭ କରିବା ପୂର୍ବରୁ ଶନିବାର ଦିନ ଜାରକାଠାରେ ରାଉତ ଇସ୍ତାହାର ପତ୍ର ଘୋଷଣା କରିଛନ୍ତି। ଏହି ନିର୍ବାଚନମଣ୍ଡଳୀର ପଶ୍ଚିମାଞ୍ଚଳ ରେଖିଦେଇପୁର, କବାଟବନ୍ଧ, ତାଳଜଙ୍ଗ, ମଧୁସୂଦନପୁର, ମର୍ଜିତାପୁର, ଅଞ୍ଜିରା, ରାଇଛନ୍ଦା, ଜେନାପୁର ପ୍ରଭୃତି ପଞ୍ଚାୟତର ସବୁ ଗାଁକୁ ବିଏସପିର ସମର୍ଥକଙ୍କୁ ନେଇ ପ୍ରଚାର କରିବା ଆରମ୍ଭ କରିଛନ୍ତି। ଏହି ପଶ୍ଚିମାଞ୍ଚଳରେ ବୈଷୟିକ ଇଞ୍ଜିନିୟରିଂ କଲେଜ, ପ୍ରତିଷ୍ଠା, ଜେନାପୁର ନିକଟରେ ବ୍ରାହ୍ମଣୀ ନଦୀ ଉପରେ ଥିବା ବ୍ୟାରେଜର ପୁନଃରୁଦ୍ଧାର, ଭୂମିହୀନ ଲୋକଙ୍କୁ ଜମିପଟ୍ଟା ତୁରନ୍ତ ପ୍ରଦାନ କରାଯିବା, ଏସବୁ ପଞ୍ଚାୟତର ନିକଟବର୍ତ୍ତୀ କଳିଙ୍ଗନଗର ଶିଳ୍ପାଞ୍ଚଳରେ ବେକାରୀଙ୍କୁ ନିଯୁକ୍ତି ଦେବା ଓ ଧର୍ମଶାଳାରେ ଥିବା ପ୍ରାକୃତିକ ଖଣିଜ ସମ୍ପଦରେ ସ୍ଥାନୀୟଲୋକଙ୍କୁ ଭାଗୀଦାର କରିବାନେଇ ନିର୍ବାଚନ ଇସ୍ତାହାରରେ ପ୍ରକାଶ କରିଛନ୍ତି।



ବିଜେପୁର ବିଧାନସଭା ନିର୍ବାଚନମଣ୍ଡଳୀ

# ଉପନିର୍ବାଚନ ପ୍ରତିଶ୍ରୁତି ପରଖୁଛନ୍ତି ଭୋଟର

ପ୍ରେମାନନ୍ଦ ଖମାରି
ବରଗଡ଼ ଅଫିସ, ୧୩।୪

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନକୁ ଆଉ ମାତ୍ର ୫ ଦିନ ବାକି। ୩ ଦିନ ପରେ ଶେଷ ହେବ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର। କିନ୍ତୁ ପ୍ରାୟ ବର୍ଷେ ତଳେ ଅନୁଷ୍ଠିତ ଉପନିର୍ବାଚନ ଭଳି ଏଥର ବରଗଡ଼ ଜିଲା ବିଜେପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଆଉ ସେଦିନର ରାଜନୈତିକ ତାତି ନାହିଁ। ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ମଧ୍ୟ ଫିକା ପଡ଼ିଛି। ତଥାପି ଏହି ନିର୍ବାଚନମଣ୍ଡଳୀ ଉପରେ ରାଜ୍ୟବାସୀଙ୍କ ନଜର ରହିଛି। ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀ ହୋଇଥିବାରୁ ସବୁଦଳ ପାଇଁ ଏହି ନିର୍ବାଚନମଣ୍ଡଳୀ ବେଶ୍ ଗୁରୁତ୍ୱପୂର୍ଣ୍ଣ ବହନ କରୁଛି।

ଉପନିର୍ବାଚନର ସଫଳତା ଓ ଦଳର ପ୍ରତିଶ୍ରୁତି ମୁତାବକ ଗତ ବର୍ଷକ ମଧ୍ୟରେ ଏହି ନିର୍ବାଚନମଣ୍ଡଳୀରେ ହୋଇଥିବା ବିକାଶକୁ ବିଜେଡି ପୁଞ୍ଜି କରିଛି। ସେଥିପାଇଁ ମୁଖ୍ୟମନ୍ତ୍ରୀ ବିଜେପୁରକୁ ନିଜ ଦ୍ୱିତୀୟ ନିର୍ବାଚନମଣ୍ଡଳୀ ଭାବେ ବାଛିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତିକୁ ଆୟୁଧ କରି ବିଜେଡି ବିଜୟକୁ ଦୋହରାଇବାକୁ ଏଥର ବି ଆଶାବାଦୀ ଅଛି। ୨୦୦୯ ସାଧାରଣ ନିର୍ବାଚନ ତୁଳନାରେ ଭାଜପା ଗତ ଉପନିର୍ବାଚନରେ ନିଜ ଭୋଟକୁ ଦ୍ୱିଗୁଣିତ କରିବାରେ ସକ୍ଷମ ହୋଇଥିଲା। ତଥାପି ବିଜୟର ସ୍ୱାଦ ଚାଖିପାରି ନ ଥିଲା। ଏଥର ଦଳ ଶାସକ ବିରୋଧୀ ମତ ହାତେଇବାକୁ ପ୍ରୟାସ ଜାରି ରଖିଛି। ସେହି ମତକୁ ଆୟୁଧ କରି ଦଳ ବିଜୟୀ ପାଇଁ ଆଶା ବାନ୍ଧିଛି। ସେହିପରି କଂଗ୍ରେସ ମଧ୍ୟ ପଛରେ ପଡ଼ିନାହିଁ। କୃଷକ, ଶ୍ରମିକ, ମହିଳା, ବେକାର ଯୁବତୀଯୁବକଙ୍କ ପାଇଁ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ବହୁମୁଖୀ ଘୋଷଣାକୁ ଦଳ ପ୍ରଚାରର ମାଧ୍ୟମ କରିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାକୁ ଆଧାର କରି ଦଳ ଲୋକଙ୍କ ପାଖକୁ ଯାଉଛି।

ଅନ୍ୟପକ୍ଷେ ଏହି ନିର୍ବାଚନମଣ୍ଡଳୀ ଅଧୀନ ବିଜେପୁର ଓ ଗାଇସିଲେଟ ଅଞ୍ଚଳ ଦୀର୍ଘଦିନ ହେବ ଅଣଜଳସେଚିତ ଅବସ୍ଥାରେ ରହିଛି। ବରପାଲିର ମଧ୍ୟ କେତେକାଞ୍ଚଳକୁ ହୀରାକୁଦ ପାଣି ପହଞ୍ଚୁ ନ ଥିବା ଅଭିଯୋଗ ସାମ୍ନାକୁ ଆସିଛି। ଗତ ଉପନିର୍ବାଚନ ଭଳି ଏଥର ମଧ୍ୟ ଏଠାରେ ଜଳସେଚନ ହିଁ ପ୍ରମୁଖ ନିର୍ବାଚନୀ ପ୍ରସଙ୍ଗ ପାଲଟିଛି। ଗଙ୍ଗାଧର ମେହେର ବୃହତ୍ ଉଠାଜଳସେଚନ ପ୍ରକଳ୍ପ ଭଳି ଉପନିର୍ବାଚନର ଅନେକ ପ୍ରତିଶ୍ରୁତି ଏବେ କେବଳ ପ୍ରତିଶ୍ରୁତିରେ ରହିଛି। ବିରୋଧୀ କଂଗ୍ରେସ, ଭାଜପା ଏହି କଥାକୁ ମୁଖ୍ୟ ପ୍ରସଙ୍ଗ କରିଛନ୍ତି। ବିଜେଡି ଏହାକୁ କିଭଳି ସାମ୍ନା କରିବ ତାହା ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହେବ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

ଏହି ପରିପ୍ରେକ୍ଷୀରେ ବିଜେଡି ବିଧାୟିକା ରୀତା ସାହୁ କହିଛନ୍ତି, ବିଜେପୁର ଉପନିର୍ବାଚନ ପରେ ସବୁ ଅଞ୍ଚଳରେ ବହୁବିଧ ବିକାଶ ହୋଇଛି। ମୁଖ୍ୟମନ୍ତ୍ରୀ ଏହି ନିର୍ବାଚନମଣ୍ଡଳୀରେ ଏଥର ପ୍ରାର୍ଥୀ ହୋଇଛନ୍ତି। ଆଗକୁ ଏହି ନିର୍ବାଚନମଣ୍ଡଳୀର ସାମୂହିକ ବିକାଶ ହେବ। କଂଗ୍ରେସ ପ୍ରାର୍ଥୀ ରିପୁନାଥ ସେଠ୍ କୁହନ୍ତି, ବିକାଶ କିଭଳି ବାଟବଣା ହୋଇଛି, ଲୋକେ ଭଲ ଭାବେ ଅବଗତ ଅଛନ୍ତି। ସରକାରଙ୍କ ବିଫଳତାକୁ ନେଇ ମୁଁ ଭୋଟରଙ୍କ ପାଖକୁ ଯାଉଛି। ଜନସାଧାରଣଙ୍କ ମୋ ପ୍ରତି ପୂର୍ବଭଳି ସମର୍ଥନ ରହିଛି। ଭାଜପା ପ୍ରାର୍ଥୀ ସନତ୍ କୁମାର ଗଡ଼ତିଆଙ୍କ ମତରେ ଏ ଅଞ୍ଚଳର ପ୍ରମୁଖ ଜୀବିକା କୃଷି। ଏଠାରେ ଜଳସେଚନର ବ୍ୟବସ୍ଥା ନାହିଁ। ୩୩ ପ୍ରତିଶତ ଜମିକୁ ଜଳସେଚନ ବ୍ୟବସ୍ଥା କରାଯିବାକୁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପାଣିର ଗାର ପାଲଟିଛି। ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ କାମ ଆଦୌ ଆଗେଇ ନାହିଁ। ଡାକ୍ତରଖାନାରେ ଡାକ୍ତର ନ ଥିବାବେଳେ ଶିକ୍ଷାନୁଷ୍ଠାନରେ ଆଉ ଗୁଣାତ୍ମକ ଶିକ୍ଷା ନାହିଁ। ଦୁର୍ନୀତି, ଭ୍ରଷ୍ଟାଚାର ବଢ଼ି ଚାଲିଛି।

ଭୋଟରମାନେ ଏହାର ଜବାବ ଦେବେ। ବହୁଜନ ସମାଜ ପାର୍ଟି(ବିଏସ୍‌ପି) ପ୍ରାର୍ଥୀ ଅଶୋକ କଲେତ୍ କହିଛନ୍ତି, ଅନୁସୂଚିତ ଜାତି, ଜନଜାତି ତଥା ପଛୁଆ ଓ ଗରିବ ବର୍ଗର ଲୋକଙ୍କ ପାଇଁ ବିଭିନ୍ନ ଦଳର ଯୋଜନା କେବଳ ନିର୍ବାଚନୀ ଇସ୍ତାହାରରେ ସୀମିତ ରହୁଛି। ବିଏସ୍‌ପିକୁ ଶାସନର ସୁଯୋଗ ଦେଲେ ସବୁବର୍ଗର ଆର୍ଥିକ ମେରୁଦଣ୍ଡ ସ୍ୱଚ୍ଛଳ ହେବ। ଏଥର ଭୋଟରମାନେ ବିଏସ୍‌ପିକୁ ସେହି ସୁଯୋଗ ଦେବେ ବୋଲି ଆଶା ରଖିଛି।

ତେବେ ରାଜନୈତିକ ନେତାମାନଙ୍କ ମତାମତଠାରୁ ଭୋଟରମାନଙ୍କ ପ୍ରତିକ୍ରିୟା ଭିନ୍ନ। ନିର୍ବାଚନମଣ୍ଡଳୀର ଜଣେ ବରିଷ୍ଠ ନାଗରିକ ଅନିରୁଦ୍ଧ ସାହୁ କୁହନ୍ତି, ବିଭିନ୍ନ ରାଜନୈତିକ ଦଳ ନାନା ପ୍ରତିଶ୍ରୁତି ଦେଉଛନ୍ତି। ଭୋଟ ସରିଗଲା ପରେ ତାହା କାର୍ଯ୍ୟକାରୀ ହେଉନାହିଁ। ଯେଉଁଦଳ ଭଲ କାମ କରିବ। ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରୁଥିବା ପ୍ରାର୍ଥୀଙ୍କୁ ବିଜୟୀ କରିବା ସମସ୍ତଙ୍କ ଲକ୍ଷ୍ୟ ହେବା ଉଚିତ୍। ଲାଉମୁଣ୍ଡା ବାସିନ୍ଦା ଅରବିନ୍ଦ ଜୁଏଡ଼ କହିଛନ୍ତି, ଉପନିର୍ବାଚନର ପ୍ରତିଶ୍ରୁତି ପାଳନ କରିବାରେ ସରକାର ବିଫଳ ହୋଇଛନ୍ତି। ସମସ୍ୟା ଯେଉଁ ତିମିରେକୁ ସେହି ତିମିରେ ରହିଛି। ତେବେ ସ୍ୱଚ୍ଛ, ନିରପେକ୍ଷ ଶାସନ ପ୍ରଦାନ କରୁଥିବା ଦଳର ପ୍ରାର୍ଥୀଙ୍କୁ ଭୋଟ୍ ଦିଆଯିବା ଦରକାର। ବରପାଲିର ଜଣେ ଭୋଟର ନିଜ ନାମ ଗୋପନ ରଖିବା ସର୍ତ୍ତରେ କୁହନ୍ତି, ଉପନିର୍ବାଚନ ଭିନ୍ନ ଥିଲା। ସାଧାରଣ ନିର୍ବାଚନ ସାରା ଦେଶର ନିର୍ବାଚନ। ଦଳ ନୁହେଁ, ବିକାଶ କ୍ଷେତ୍ର ପାଇଁ ଯିଏ ସହାୟକ ହେବ, ସେଭଳି ଜଣେ ଉତ୍ତମ ପ୍ରାର୍ଥୀଙ୍କୁ ସମସ୍ତେ ଭୋଟ ଦେବେ। ପୁରନ୍ଦର ମେହେର କୁହନ୍ତି, ବିକାଶଧାରାକୁ ଗୁରୁତ୍ୱ ଦେଉଥିବା ଦଳକୁ ମୋର ସମର୍ଥନ ରହିଛି। ସେହି ଦଳର ପ୍ରାର୍ଥୀଙ୍କୁ ମୁଁ ଭୋଟ ଦେବି।

ମୋଟ୍ ଭୋଟରଙ୍କ ସଂଖ୍ୟା
**୨,୨୫,୫୬୬**
ମହିଳା ଭୋଟର
**୧,୦୮,୨୪୮**
ପୁରୁଷ ଭୋଟର
**୧,୧୭,୩୦୫**
ଅନ୍ୟାନ୍ୟ **୧୪**

ମୋଟ୍ ଭୋଟ ଗ୍ରହଣ କେନ୍ଦ୍ର- ୨୮୫
ସମ୍ବେଦନଶୀଳ- ୬
ଅଧିକ ସମ୍ବେଦନଶୀଳ- ୫
ସାଧାରଣ- ୨୭୪

**୨୦୧୪ ସାଧାରଣ ନିର୍ବାଚନ**
କଂଗ୍ରେସ- ୫୩,୨୯୦
ବିଜେଡି- ୫୨,୮୩୨
ଭାଜପା- ୩୦,୦୦୧

**୨୦୧୮ ଉପନିର୍ବାଚନ ଫଳାଫଳ**
ବିଜେଡି- ୧,୦୨,୮୭୧
ଭାଜପା- ୬୦,୯୩୮
କଂଗ୍ରେସ- ୧୦,୨୭୪


ରିପୁନାଥ ସେଠ


ସନତ୍ କୁମାର ଗଡ଼ତିଆ


ନବୀନ ପଟ୍ଟନାୟକ


ଅଶୋକ କଲେତ୍

ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭା, ରୋଡ୍ ଶୋ

# ବିଜେଡି ପୁଣି କ୍ଷମତାକୁ ଫେରିବ

ଧରାକୋଟ/ଆସିକା/ପୋଲସରା/ସୋରଡା/ଭଞ୍ଜନଗର, ୧୩।୪(ଡି.ଏନ୍.ଏ.)

ଓଡ଼ିଶାର ୪ କୋଟି ଜନସାଧାରଣ ମୋ ପରିବାର। ସେମାନଙ୍କ ଆଶୀର୍ବାଦରୁ ପୁଣିଥରେ ବିଜେଡି ରାଜ୍ୟରେ କ୍ଷମତାକୁ ଫେରିବ। କାଳିଆ ଯୋଜନାକୁ କେହି ରୋକିପାରିବେ ନାହିଁ ବୋଲି ଶନିବାର ଗଞ୍ଜାମ ଜିଲା ଧରାକୋଟ ବ୍ଲକ ରଥପଦାଠାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ। ସେହିପରି ଆସିକା ଏନ୍‌ଏସି କଳିଙ୍ଗା ରୋଡ ମହୋତ୍ସବ ପଡିଆରେ ଅନୁଷ୍ଠିତ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ମୁଁ ଆପଣଙ୍କ ଗାଁକୁ ଆସିଛି, ଆପଣମାନେ ଏତେ ଖରାରେ ସଭାକୁ ଆସିଛନ୍ତି, ସେଥିଲାଗି ଆପଣଙ୍କୁ ଧନ୍ୟବାଦ ଦେଉଛି। ଆପଣମାନେ ମୋତେ ଆଶୀର୍ବାଦ କରନ୍ତୁ, ଶଙ୍ଖ ଚିହ୍ନରେ ଭୋଟ ଦିଅନ୍ତୁ ବୋଲି କହି ଭାଷଣ ସାରିଥିଲେ। ସେହିପରି ପୋଲସରାସ୍ଥିତ ଲୁଣିଘାଟି ପଡିଆରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମହିଳା ଓ କୃଷକମାନଙ୍କର ବିକାଶ ପାଇଁ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ କହିବା ସହ ଏମ୍‌ପି ପ୍ରାର୍ଥିନୀ ପ୍ରମିଳା ବିଷୋୟୀ ଓ ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁଙ୍କୁ ଶଙ୍ଖଚିହ୍ନରେ ଭୋଟ ଦେବା ପାଇଁ କହିଥିଲେ। ଧରାକୋଟସ୍ଥିତ ମିନି ଷ୍ଟାଡିୟମ ପଡିଆରେ ପୂର୍ବାହ୍ନ ସାଢେ ୧୧ଟାରେ ହେଲିକପ୍ଟରର ଅବତରଣ କରିବା ପରେ ମୁଖ୍ୟମନ୍ତ୍ରୀଙ୍କୁ ଶୋଭାଯାତ୍ରାରେ ରଥପଦାସ୍ଥିତ ସଭାସ୍ଥଳକୁ ଅଣାଯାଇଥିଲା। ସେଠାରେ ଆସିକା ଲୋକସଭା ପ୍ରାର୍ଥିନୀ ପ୍ରମିଳା ବିଶୋଇ ଏବଂ ସାନଖେମୁଣ୍ଡି ବିଧାୟିକା ପ୍ରାର୍ଥିନୀ ନନ୍ଦିନୀ ଦେବୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ଡ. ପ୍ରଦୀପ କୁମାର ପାଣିଗ୍ରାହୀ ସଭାପତିତ୍ୱ କରିଥିବାବେଳେ ଉପସଭାପତି ଉମାଚରଣ ନାୟକ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ପି ପ୍ରାର୍ଥିନୀ ପ୍ରମିଳା ଓ ବିଧାୟିକା ପ୍ରାର୍ଥିନୀ ନନ୍ଦିନୀ ଦେବୀ ନିଜ ପାଇଁ ଭୋଟଭିକ୍ଷା କରିଥିଲେ। ପର୍ଯ୍ୟବେକ୍ଷକ ପ୍ରଫୁଲ୍ଲ ସିଂ, ବିଡିଏ ଅଧ୍ୟକ୍ଷ ସୁବାଷ ମହାରଣା, ଡେପୁଟି ମେୟର ଜ୍ୟୋତ୍ସ୍ନା ନାୟକଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ। ସେହିପରି ଆସିକାସ୍ଥିତ ସଭାରେ ମଧ୍ୟ ଏମ୍‌ପି ପ୍ରାର୍ଥିନୀ ପ୍ରମିଳା ଓ ବିଧାନସଭା ପ୍ରାର୍ଥୀନୀ ମଞ୍ଜୁଳା ସ୍ୱାଇଁଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜୟୀ କରିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ।

ପ୍ରଥମ ଥର ପାଇଁ ଏକ ସାଧାରଣ ପରିବାରରୁ ଆସି ଆସିକା ଲୋକ ସଭା ପ୍ରାର୍ଥୀ ହୋଇଥିବା ପ୍ରମିଳା ବିଷୋୟୀ କ୍ଷତ୍ରିୟବରପୁରରୁ ହେଲିକେପ୍ଟରରେ ମୁଖ୍ୟମନ୍ତ୍ରୀଙ୍କ ସହ ଆସିକା ଅଭିମୁଖେ ପ୍ରଚାରରେ ଯାଇଥିଲେ। ଏହି ସମୟରେ ସେ ହେଲିକେପ୍ଟରରେ ବସି ହାତ ହଲାଉଥିବା ଦୃଶ୍ୟ ଉପସ୍ଥିତ ମହିଳାମାନଙ୍କ ମଧ୍ୟରେ ଉତ୍ସାହ ଭରିଦେଇଥିଲା।

ଏଥିସହ ମୁଖ୍ୟମନ୍ତ୍ରୀ ସୋରଡା, ଭଞ୍ଜନଗରରେ ହାଇଟେକ୍ ବସ୍‌ରେ ରୋଡ୍ ଶୋ କରିଥିଲେ। ସୋରଡା ଥାନା ନିକଟରୁ ବାହାରି ଗଣିଛକ, ରଥପଦା, ଆଡପମଣ୍ଡପ, ଗୋପାଳପୁରଶାସନ, ବଡବୋରସିଂ, ପାଲକାଟ, କୁଲାଙ୍ଗି, ଲାଠିପଡା, କଣ୍ଟେଇପଲ୍ଲୀ ଦେଇ କ୍ଷେତ୍ରୀୟବରପୁର ପର୍ଯ୍ୟନ୍ତ ପ୍ରାୟ ୩୦କିମି ପର୍ଯ୍ୟନ୍ତ ରୋଡ୍ ଶୋ ରେ ଯାଇଥିଲେ। ସୋରଡା ବିଧାୟକ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ଏମ୍‌ପି ପ୍ରାର୍ଥୀ ପ୍ରିମଳାଙ୍କୁ ଭୋଟ ଦେବାକୁ କହିଥିଲେ। ରାସ୍ତା କଡରେ ବହୁସଂଖ୍ୟାରେ ମହିଳା ଓ ପୁରୁଷ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ପ୍ରବଳ ଖରା ଓ ମାସାନ୍ତ ମେରୁଯାତ୍ରା ସତ୍ତ୍ୱେ ବହୁ ଲୋକଙ୍କ ସମାଗମ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ହାଇଟେକ୍ ବସ୍ ଆଗରେ ଏକ ଖୋଲା ଜିପ୍‌ରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଆସିକା ଲୋକ ସଭା ପ୍ରାର୍ଥୀ ପ୍ରମିଳା ବିଷୋୟୀ, ବିଧାୟକ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ମିଶି ଲୋକଙ୍କୁ ଭୋଟ ଭିକ୍ଷା କରୁଥିଲେ। ମୁଖ୍ୟମନ୍ତ୍ରୀ ବସ୍‌ରେ ବସି ପ୍ରଚାର କରୁଥିଲେ।

ପ୍ରମିଳାଙ୍କୁ ହେଲିକପ୍ଟରରେ ବୁଲାଇଲେ



# ୧୬ ଲକ୍ଷ ୭୦ ହଜାର ଟଙ୍କା ଜବତ କଲା ଫ୍ଲାଇଂ ସ୍କ୍ୱାଡ୍

ପୁରୀ ଅଫିସ, ୧୩।୪

ନିର୍ବାଚନ ଯେତେ ପାଖେଇ ଆସୁଛି ଯାନବାହନ ଯାଞ୍ଚବେଳେ ବିପୁଳ ପରିମାଣର ଟଙ୍କା ଧରାପଡୁଛି। ଏହାକୁ ନଜରରେ ରଖି ଫ୍ଲାଇଂ ସ୍କ୍ୱାଡ୍ ମଧ୍ୟ ବିଭିନ୍ନ ସ୍ଥାନରେ ଯାଞ୍ଚକୁ ଅଧିକ କଡ଼ାକଡ଼ି କରିଛି। ଶୁକ୍ରବାର ରାତିରେ କାକଟପୁର ଫ୍ଲାଇଂ ସ୍କ୍ୱାଡ୍ ଏବଂ ପୋଲିସ ମିଳିତ ଭାବେ ଚାରିଛକ-କାକଟପୁର ମୁଖ୍ୟରାସ୍ତାର ପାଣିଛତ୍ରଠାରେ ଗାଡ଼ି ତନଖି କରୁଥିଲେ। ରାତି ପ୍ରାୟ ସାଢେ ୧ଟାରେ ଏକ ବୁଲେଟକୁ ଅଟକାଇ ଯାଞ୍ଚ କରିଥିଲେ। ବୁଲେଟ୍ ଚାଳକ ଗୋପ ବ୍ଲକ ଜଙ୍ଗଲବୋରି ଗ୍ରାମର ପ୍ରଣୟ କୁମାର ସାହୁଙ୍କଠାରୁ ୧୬,୭୦,୩୫୫ଟଙ୍କା ଜବତ କରାଯାଇଥିଲା। ତେବେ ପାନ ବ୍ୟବସାୟୀଙ୍କୁ ଏହି ଟଙ୍କା ଦେବା ଲାଗି ସେ ନେଉଥିବା କହିଥିଲେ। କିନ୍ତୁ ପୋଲିସ ଏବଂ ସ୍କ୍ୱାଡ୍ ସଦସ୍ୟ ସେହି ଟଙ୍କା ଜବତ କରିଥିଲେ। ଉକ୍ତ ଟଙ୍କା କେଉଁ ଉଦ୍ଦେଶ୍ୟରେ ଓ କେଉଁଠାରୁ ଆଣିଥିଲେ ତାହାର ଆବଶ୍ୟକ ପ୍ରମାଣ ଦେବାକୁ ସାହୁଙ୍କୁ କୁହାଯାଇଛି। ଏ ନେଇ ପୋଲିସ ଓ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# ୨ ଲକ୍ଷ ୯୫ ହଜାର ଜବତ


ଜବତ ଟଙ୍କା ସହ ବାରିପଦା ସଦର ଥାନା ଅଧିକାରୀ।

ବାରିପଦା ଅଫିସ, ୧୩।୪

ନିର୍ବାଚନ କମିଶନରଙ୍କ ପକ୍ଷରୁ ଗଠିତ ସ୍ୱତନ୍ତ୍ର ଟିମ ପକ୍ଷରୁ ମୟୂରଭଞ୍ଜ ଜିଲାକୁ ଆସୁଥିବା ଓ ଜିଲା ବାହାରକୁ ଯାଉଥିବା ଗାଡି ମୋଟରକୁ ତନ୍ନ ତନ୍ନ କରି ଯାଞ୍ଚ କରାଯାଉଛି। ଏହି ସ୍ୱତନ୍ତ୍ର ଟିମ ଶନିବାର ଯାଞ୍ଚ କରିବା ସମୟରେ ବାରିପଦା ସହର ଥାନା ଅଧୀନ ଗୁସାହି ନିକଟରୁ ଏକ ଟାଟା ଏସିଇରୁ ୨ ଲକ୍ଷ ଓ ଚାନ୍ଦୁଆ ଥାନା ଅଧୀନ ବଣ୍ଡବ ଛକ ନିକଟରୁ ଅନ୍ୟ ଏକ ବୋଲେରୋ ଗାଡିରୁ ୯୫ ହଜାର ଟଙ୍କା ଜବତ ହୋଇଛି। ଏନେଇ ପୋଲିସ ଅଧିକ ତଦନ୍ତ ଜାରି ରହିଛି।

ବାରିପଦା ସଦର ଥାନା ଅଧିକାରୀ ସ୍ୱର୍ଣ୍ଣଲତା ମିଞ୍ଜ୍ଙ୍କ ସୂଚନା ମୁତାବକ ରାସଗୋବିନ୍ଦପୁର ଅଞ୍ଚଳର ଗୋପି ମୋହନ ଦାସ ନାମକ ଜଣେ ବ୍ୟବସାୟୀ ଏକ ଟାଟା ଏସିଇ ଗାଡିରେ ୨ ଲକ୍ଷ ଟଙ୍କା ନେଇ ଗୁସାହି ରାସ୍ତାରେ ବାରିପଦା ଆସୁଥିଲେ। ଫ୍ଲାଇଙ୍ଗ ସ୍କାର୍ଡ ତାଙ୍କୁ ଧରି ଥାନା ଜିମା ଦେଇଛି। ପୋଲିସ ପ୍ରାଥମିକ ତଦନ୍ତ କରି ବାରିପଦା ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିକଟକୁ ରିପୋର୍ଟ ପଠାଇଛି। ଅଧିକ ତଦନ୍ତ ପରେ ରିଟର୍ଣ୍ଣିଂ ଅଫିସର ଦାୟିତ୍ୱରେ ଥିବା ବାରିପଦା ଉପଜିଲାପାଳ ଆବଶ୍ୟକ ନିଷ୍ପତ୍ତି ନେବେ। ଧରାପଡିଥିବା ଗାଡିର ନମ୍ବର ନ ଥିବା ପୋଲିସ କହିଛି। କେଉଁ ଉଦ୍ଦେଶ୍ୟରେ ବାରିପଦାକୁ ଟଙ୍କା ଅଣାଯାଉଥିଲା ସେ ନେଇ ତନାଘନା ଜାରି ରହିଛି। ସେହିପରି କୁଳିଅଣା ଅଞ୍ଚଳର ରାଜେଶ ପ୍ରସାଦ ସାହା ଏକେ ବୋଲେରୋ ଯୋଗେ ୯୫ ହଜାର ଟଙ୍କା ନେଇ ଗୋପିବଲ୍ଲଭପୁର ଅଞ୍ଚଳକୁ ଯାଉଥିବା ବେଳେ ଷ୍ଟାଟିଷ୍ଟିକ ସର୍ଭିଲାନ୍ସ ଟିମ ସନ୍ଦେହରେ ତାଙ୍କ ଗାଡିକୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ଟଙ୍କା ବାହାରିଥିଲା। ପରେ ଏହି ମାମଲା ଚାନ୍ଦୁଆ ଥାନା ପୋଲିସକୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ଗୋପାଳ ଚନ୍ଦ୍ର କର୍ଣ୍ଣ କହିଛନ୍ତି। ଏସମ୍ପର୍କରେ ଏକ ରିପୋର୍ଟ ପ୍ରସ୍ତୁତ କରି ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଦାୟିତ୍ୱରେ ଥିବା ରିଟର୍ଣ୍ଣିଂ ଅଫିସର ତଥା ଅତିରିକ୍ତ ଜିଲାପାଳ ଆବୋଲି ନରୱାଣେଙ୍କ ନିକଟକୁ ପଠାଯିବ ବୋଲି ଥାନା ଅଧିକାରୀ କହିଛନ୍ତି। ତେବେ ରାଜେଶ ଜଣେ ଗ୍ରୋସରି ଦୋକାନୀ ଓ ସେ ଡିଲରଙ୍କୁ ଟଙ୍କା ପଇଠ କରିବାକୁ ନେଇ ଯାଉଥିଲେ ବୋଲି ଜେରା ବେଳେ ପୋଲିସକୁ କହିଛନ୍ତି।

ବ୍ରହ୍ମଗିରିରେ ପ୍ରାକ୍ ନିର୍ବାଚନୀ ହିଂସା



# ସଞ୍ଜୟଙ୍କୁ ବିରୋଧ, ଟେକାପଥର ମାଡ: ୫ ଆହତ

ବ୍ରହ୍ମଗିରି, ୧୩।୪(ଡି.ଏନ୍.ଏ.)

ନିର୍ବାଚନ ପ୍ରଚାର ଜମି ଆସୁଥିବାବେଳେ ପୁରୀ ଜିଲା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ଶନିବାର ପ୍ରାକ୍ ନିର୍ବାଚନୀ ହିଂସା ଦେଖାଦେଇଛି। ପ୍ରଚାର ସମୟରେ ବିଧାୟକ ତଥା ବିଜେଡି ପ୍ରାର୍ଥୀ ସଞ୍ଜୟ ଦାସବର୍ମାଙ୍କୁ ତାଙ୍କ ନିର୍ବାଚନମଣ୍ଡଳୀର କେତେଜଣ ମହିଳା ଓ ପୁରୁଷ ଜୋରଦାର ବିରୋଧ କରିଛନ୍ତି। ଚିଟ୍‌ଫଣ୍ଡ ଟଙ୍କା କୁଆଡେ ଗଲା ବୋଲି ସଞ୍ଜୟଙ୍କୁ ସେମାନେ ପ୍ରଶ୍ନ କରିଥିଲେ। ବିରୋଧବେଳେ ଉତ୍ତେଜନା ସୃଷ୍ଟି ହୋଇ ଟେକାପଥର ମାଡ଼ ହେବାରୁ ୫ ଜଣ ଆହାତ ହୋଇଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ତୃତୀୟ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ପାଇଁ ବ୍ରହ୍ମଗିରି ବ୍ଲକର ବିଜିପୁର ଗ୍ରାମକୁ ଶନିବାର ସଞ୍ଜୟ ତାଙ୍କ ସମର୍ଥକଙ୍କ ସହ ଯାଇଥିଲେ। ବିଧାୟକଙ୍କ ଆସିବା ଜାଣି ଗ୍ରାମର ମହିଳାମାନେ ଚିଟ୍‌ଫଣ୍ଡ ଟଙ୍କା କେବେ ଫେରି ପାଇବୁ, ଚିଟ୍‌ଫଣ୍ଡ ଟଙ୍କା ନାହିଁ ତ ଭୋଟ ନାହିଁ ଲେଖାଥିବା ବିଭିନ୍ନ ପ୍ଲାକାର୍ଡ ଦେଖାଇ ବିଧାୟକଙ୍କୁ ବିରୋଧ କରିଥିଲେ। ଏହି ବିରୋଧକୁ ନେଇ ବିଧାୟକଙ୍କ ସମର୍ଥକ ଓ ଉକ୍ତ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇ ଟେକାପଥର ମାଡ଼ ହୋଇଥିଲା। ଘଟଣାରେ ୩ମହିଳାଙ୍କ ସମେତ ଉଭୟ ଗୋଷ୍ଠୀରୁ ୫ଜଣ ଆହତ ହୋଇଛନ୍ତି। ଏହି ଉତ୍ତେଜନାକୁ ଦେଖି ଘଟଣାସ୍ଥଳରୁ ବିଧାୟକ ଫେରିଯାଇଥିଲେ। ପରେ ଦୁଇ ଗୋଷ୍ଠୀଙ୍କ ତରଫରୁ ବ୍ରହ୍ମଗିରି ଥାନାରେ ପୃଥକ୍ ପୃଥକ୍ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଥାନାଧିକାରୀ ମନୋଜ କୁମାର ଶତପଥୀଙ୍କୁ ପଚରାଯିବାରୁ ଅଭିଯୋଗ ପାଇଛି, ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ବୋଲି ସେ କହିଥିଲେ। ଏ ନେଇ ସଞ୍ଜୟଙ୍କୁ ତାଙ୍କ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନ ଥିଲା।

# ଦିଲୀପ ଏବେ ବି ଆମ ପରିବାର ସଦସ୍ୟ: ଜୁଏଲ

ରାଉରକେଲା ଅଫିସ, ୧୩।୪

ଦିଲୀପ ଆମ ପରିବାର ସଦସ୍ୟ। ଆମ ଦଳରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ ଆମକୁ ଗାଳି ଦିଅନ୍ତୁ କି ପ୍ରଶଂସା କରନ୍ତୁ। ଏହା ଆମ ଭିତର କଥା। ତାଙ୍କର ପ୍ରମୁଖ ଦୁଇ ଦାବି ଦ୍ୱିତୀୟ ବ୍ରାହ୍ମଣୀ ସେତୁ ଓ ସୁପର ସ୍ପେଶିଆଲିଟି ହସ୍ପିଟାଲ ନେଇ ପ୍ରଧାନମନ୍ତ୍ରୀଙ୍କ ଦପ୍ତରରୁ କ୍ଲିୟରାନ୍ସ ମିଳିସାରିଛି। ଏ ନେଇ ପତ୍ର ମାଧ୍ୟମରେ ତାଙ୍କୁ ଅବଗତ କରାଯାଇଛି। ସେ ସନ୍ତୁଷ୍ଟ ଅଛନ୍ତି ବୋଲି ରାଉରକେଲାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି। ସେ ପୁଣି କହିଛନ୍ତି, ଉପରୋକ୍ତ ଦୁଇଟି ପ୍ରସଙ୍ଗ ନେଇ ଦିଲୀପ ଅସନ୍ତୁଷ୍ଟ ଥିଲେ। ଏବେ ତାହା ଦୂର ହୋଇଛି। ଏଣୁ ଆମ ଭିତରେ ଦ୍ୱନ୍ଦ୍ୱ ନାହିଁ। ଓରାମଙ୍କ ଏହି ମନ୍ତବ୍ୟକୁ ନେଇ ସହରରେ ଏବେ ଚର୍ଚ୍ଚା ଜୋର ଧରିଛି। ଦିଲୀପ ଭାଜପାକୁ ଫେରିବେ ନା ନାହିଁ ତାହାକୁ ନେଇ ପୁଣି ଥରେ କଳ୍ପନାଜଳ୍ପନା ଆରମ୍ଭ ହୋଇଛି।

ଏହି ଅବସରରେ ଜୁଏଲ କହିଥିଲେ, ଆସନ୍ତା ୧୫ ତାରିଖରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ରାଉରକେଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ସେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ। ତାଙ୍କ ଗସ୍ତ ନେଇ ଦଳ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି।

**୧୫ରେ ରାଉରକେଲା ଆସୁଛନ୍ତି ଯୋଗୀ ଆଦିତ୍ୟନାଥ**

# ପ୍ରଶାନ୍ତଙ୍କୁ ସହଯୋଗ କରିବେ ଅମରେନ୍ଦ୍ର


**ବିଜେଡିର କର୍ମୀ ସମ୍ମିଳନୀ**

- ଏକତ୍ରିତ ହେଲେ ଦୁଇ ନେତା
- ଅମରେନ୍ଦ୍ରଙ୍କ ରାଜନୈତିକ ଭବିଷ୍ୟତ ଦୃଢ଼ କରିବି : ପ୍ରଶାନ୍ତ

**ଜଗତ୍‌ସିଂହପୁର ଅଫିସ, ୧୩।୪**

ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି ରାଜନୀତିରେ ଏବେ ପୁଣି ନୂଆ ସମୀକରଣ ସୃଷ୍ଟି ହୋଇଛି। ଏଠାରେ ଦଳ ପ୍ରଶାନ୍ତ ମୁଦୁଲିଙ୍କୁ ପ୍ରାର୍ଥୀ କରିବା ପରେ ଅନ୍ୟତମ ଆଶାୟୀ ଅମରେନ୍ଦ୍ର ଦାସ ଓ ତାଙ୍କ ସମର୍ଥକମାନେ ପ୍ରତିକ୍ରିୟାଶୀଳ ହୋଇପଡିଥିଲେ। ଏପରି କି ଜଗତ୍‌ସିଂହପୁର ସହରରେ ପୋଡାଜଳା ସହ ପ୍ରତିବାଦ ଶୋଭାଯାତ୍ରା କରିଥିଲେ। ପ୍ରଶାନ୍ତଙ୍କ ପ୍ରଥମ ନିର୍ବାଚନୀ ଶୋଭାଯାତ୍ରାରେ କଳା ପତାକା ଦେଖାଇ ଅମରେନ୍ଦ୍ରଙ୍କ ସମର୍ଥକ ମାଡ଼ ଖାଇଥିଲେ। ଉଭୟ ଗୋଷ୍ଠୀ ମଧ୍ୟରେ ଟକରାଟକରି ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ହସ୍ତକ୍ଷେପ ଯୋଗୁ ପରିସ୍ଥିତି ଶାନ୍ତ ପଡିଥିଲା। ଅମରେନ୍ଦ୍ରଙ୍କୁ ଜିଲା ବିଜେଡି ସଭାପତି ଦାୟିତ୍ୱ ଦିଆଯାଇଥିଲା। ଏହାଦ୍ୱାରା ଯଦିଓ ଅମରେନ୍ଦ୍ର ଆଶ୍ୱସ୍ତ ହୋଇଥିଲେ ତେବେ ବିବାଦର ସମ୍ପୂର୍ଣ୍ଣ ସମାଧାନ ହୋଇପାରି ନ ଥିଲା। ପ୍ରଶାନ୍ତଙ୍କ ପାଇଁ ସେ ପ୍ରଚାର କରିବେ ନାହିଁ ବୋଲି କାଳେ ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ। କିନ୍ତୁ କିଛିଦିନର ବ୍ୟବଧାନ ପରେ ଅମରେନ୍ଦ୍ର ନରମିଛନ୍ତି। ଗୋଟିଏ ମଞ୍ଚରେ ସେ ପ୍ରଶାନ୍ତଙ୍କ ସହ ବସିବା ସହ ତାଙ୍କୁ ଜିତାଇବା ପାଇଁ କାମ କରିବେ ବୋଲି ଘୋଷଣା କରିଛନ୍ତି। କେବଳ ଅମରେନ୍ଦ୍ର ନୁହନ୍ତି, ପ୍ରଶାନ୍ତ ମଧ୍ୟ ଭାଇଚାରା ବୃଦ୍ଧି ପାଇଁ ଆଉ ପାଦେ ଆଗକୁ ଯାଇଛନ୍ତି। ସେ ଅମରେନ୍ଦ୍ରଙ୍କ ସହ ଖୁଣ୍ଟ ପରି ଛିଡ଼ା ହେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଆଗକୁ ଦେଖିବାର ଅଛି ବାସ୍ତବ ଚିତ୍ର କଣ ରହୁଛି।

ଶୁକ୍ରବାର ଜଗତ୍‌ସିଂହପୁର ବ୍ଲକ ବିଜେଡି ତରଫରୁ ଏକ କର୍ମୀ ସମ୍ମିଳନୀ କରାଯାଇଥିଲା। ଏଥିରେ ପ୍ରଶାନ୍ତଙ୍କ ସହ ଅମରେନ୍ଦ୍ରଙ୍କୁ ଦେଖିବାକୁ ମିଳିଥିଲା। ଦଳ ବ୍ଲକ ସଭାପତି ମନୋଜ ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଏମ୍‌ପି ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକ, ଜଗତ୍‌ସିଂହପୁର ବ୍ଲକ ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ବେହେରା, ଉପାଧ୍ୟକ୍ଷ ପ୍ରସନ୍ନ ମହାନ୍ତି ଓ ଜିଲା ପରିଷଦ ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଅମରେନ୍ଦ୍ର କହିଲେ ଯେ ସମସ୍ତେ ଦଳର ଶୃଙ୍ଖଳିତ କର୍ମୀ ଭାବେ କାମ କରିବା ଉଚିତ। ନବୀନ ବାବୁ ଯାହାଙ୍କୁ ନିର୍ବାଚନମଣ୍ଡଳୀର ପ୍ରାର୍ଥୀ କରିଛନ୍ତି ତାଙ୍କୁ ଆମେ ସହଯୋଗ କରିବା। ସେହିପରି ପ୍ରଶାନ୍ତ କହିଲେ ଯେ ଅମରେନ୍ଦ୍ରଙ୍କୁ ଜିଲା ସଭାପତି ଦାୟିତ୍ୱ ଦିଆଯାଇଛି, ଯାହାକି ବିଷ୍ଣୁ ଦାସଙ୍କ ପାଖରେ ଦୀର୍ଘବର୍ଷ ଧରି ଥିଲା। ପ୍ରାର୍ଥିତ୍ୱକୁ ନେଇ ଅନେକଙ୍କ ମନରେ ଗ୍ଲାନ ଓ କ୍ଷୋଭ ରହିଛି। ଦୀର୍ଘ ୧୦ ବର୍ଷ ଯେଉଁଠି ନେତା ଥିଲି ସେଠାରୁ ମୋତେ ପ୍ରାର୍ଥୀ କରାଗଲା ନାହିଁ। ତେଣୁ ମୋ' ଭିତରେ ମଧ୍ୟ ଗ୍ଲାନି ରହିଛି। ମୋ ନିର୍ବାଚନମଣ୍ଡଳୀର ଲୋକଙ୍କ ମନରେ ମଧ୍ୟ ଏଭଳି ରହିଛି। ସେ କଥାକୁ ଭୁଲିବାକୁ ପଡିବ। ମାତ୍ର ୨୦ ଦିନ ଭିତରେ ୨ ବ୍ଲକ ଓ ଗୋଟିଏ ପୌରାଞ୍ଚଳର ବାସ୍ତବ ଚିତ୍ର ବୁଝି କାମ କରିବା କଷ୍ଟକର। ତେଣୁ ଏ ଦାୟିତ୍ୱ ଆପଣମାନଙ୍କର। ବିଜେଡିକୁ ଆପଣମାନେ ବଞ୍ଚାଇ ରଖିଛନ୍ତି ଓ ଆଗକୁ ରଖିବେ ମଧ୍ୟ। ଦୁର୍ଭାଗ୍ୟ ଏହି ୫ ବର୍ଷ ହେବ ଜଗତ୍‌ସିଂହପୁର ନିର୍ବାଚନମଣ୍ଡଳୀରେ ଅନ୍ଧାରୀ ଶାସନ ଚାଲିଛି। ତେଣୁ ଏଥର କଂଗ୍ରେସ ମୁକ୍ତ ଶାସନ ପାଇଁ ପ୍ରତ୍ୟେକ ଉଦ୍ୟମ କରିବା ଉଚିତ ବୋଲି ସେ ଆହ୍ୱାନ ଦେଇଥିଲେ। ଅମରେନ୍ଦ୍ରଙ୍କ ରାଜନୈତିକ ଭବିଷ୍ୟତ କିପରି ଦୃଢ଼ ହେବ ଏହି ଦାୟିତ୍ୱ ସେ ନେବେ ବୋଲି ପ୍ରଶାନ୍ତ କର୍ମୀମାନଙ୍କ ଆଗରେ ପ୍ରକାଶ କରିଥିଲେ। ଅମରେନ୍ଦ୍ର ଓ ପ୍ରଶାନ୍ତଙ୍କ ଏହି କଥାକୁ ନେଇ କର୍ମୀଙ୍କ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଥିଲେ ସୁଦ୍ଧା ଆଗକୁ କଣ ହେଉଛି ସମୟ କହିବ।



ଜଗତ୍‌ସିଂହପୁରରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲି ଓ ଅନ୍ୟମାନେ।



ବିରିଡ଼ିରେ ବିଧାୟକ ପ୍ରାର୍ଥୀ ବିଷ୍ଣୁ ଦାସଙ୍କ ପ୍ରଚାର।

## ବିରିଡ଼ିରେ ବିଜେଡିର ପ୍ରଚାର ଆରମ୍ଭ

**ବିରିଡ଼ି/ବାଲିଆ, ୧୩।୪(ଡି.ଏନ.ଏ.)**

ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ବିଷ୍ଣୁ ଚରଣ ଦାସ ଶନିବାର ବିରିଡ଼ି ବ୍ଲକର କଇଜଙ୍ଗାସ୍ଥିତ କନକ ସୁନ୍ଦରୀ ଠାକୁରାଣୀ ମନ୍ଦିର ନିକଟରୁ ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି। ପବିତ୍ର ଶ୍ରୀରାମ ନବମୀ ତିଥିରେ ଉତ୍ତରଶାସନ ମଧ୍ୟଶାସନସ୍ଥିତ ମହାବୀର ମନ୍ଦିର ଓ ହାଜିପୁର ମହାବୀର ମନ୍ଦିରରେ ସେ ଠାକୁରଙ୍କ ଦର୍ଶନ କରିଥିଲେ। କଇଜଙ୍ଗାଠାରେ ପୂର୍ବତନ ସରପଞ୍ଚ ସ୍ୱର୍ଗତ ହେମନ୍ତ ଜେନାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସାମଲ ସାହି, ବାଲି ସାହି, ତେନ୍ତରା ସାହି, ପଥର ତୁଠ, ଗୁଲିବରଦା, ଟୁବି ସାହି, ଟୁବି ମଲ୍ଲିକ ସାହି, ଦକ୍ଷିଣୀ ସାହି, ଗୁରୁଡି ସାହି ଓ କମାଶାସନ, ମଲ୍ଲିକ ସାହି ଗ୍ରାମ ବୁଲି ଚଳିତ ନିର୍ବାଚନରେ ତାଙ୍କୁ ବିଜୟୀ କରିବାକୁ ଭୋଟରଙ୍କୁ ଅନୁରୋଧ କରିଥିଲେ। ତାଙ୍କ ସହ ବିଜେଡି ଜିଲା ଉପସଭାପତି ରବିନାରାୟଣ ଜେନା, ରାଜ୍ୟ ବିଜେଡି ମହିଳା ସମ୍ପାଦିକା ମିନତୀ ଦାସ, ଜିଲା ପରିଷଦ ଅଧ୍ୟକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ, ଜିଲା ପରିଷଦ ସଭ୍ୟା ଲତା ଦାସ, ସଭ୍ୟ ପ୍ରତାପ ବେହେରା, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଚୌଧୁରୀ, ଜିଲା ଛାତ୍ର ବିଜେଡି ସମ୍ପାଦକ ବିଜୟ ଶଙ୍କର ଦାସ, ନୃସିଂହ କୁମାର ଦାଶ, ନେତ୍ରାନନ୍ଦ ପାତ୍ର, ଛାତ୍ର ନେତା ପ୍ରଦୀପ୍ତ ଭୂୟାଁ, କାଳନ୍ଦୀ ଚରଣ ବସ୍ତିଆ, ଦାମୋଦର ପାତ୍ର, ପୂର୍ବତନ ବ୍ଲକ ସଭାପତି ବିଭୁଦତ୍ତ ସାହୁ, ରବୀନ୍ଦ୍ର ସିଂହ, ସରୋଜ ବରାଳଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇ ଭୋଟ ଭିକ୍ଷା କରିଥିଲେ।



ପାରାଦୀପରେ ସମ୍ବିତଙ୍କ କର୍ମୀ ସମ୍ମିଳନୀ।

■ ବିଜେଡି ବୈଠକରେ ପ୍ରମୋଦ ଓ ଅସନ୍ତୁଷ୍ଟ ନେତା

## ସମସ୍ତଙ୍କୁ ଯୋଡ଼ିବାକୁ ସମ୍ବିତଙ୍କ ଉଦ୍ୟମ

**ପାରାଦୀପ, ୧୩।୪(ସ୍ୱ.ପ୍ର.)**

ବିଜେଡିର ବିଧାୟକ ପ୍ରାର୍ଥୀ ସମ୍ବିତ ରାଉତରାୟ ଶନିବାର ସନ୍ଧ୍ୟାରେ ଦ୍ୱିତୀୟଥର ପାଇଁ ପାରାଦୀପ ଗସ୍ତରେ ଆସି ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟରେ କର୍ମୀ ସମ୍ମିଳନୀ କରିଛନ୍ତି। ଏଥିରେ ସେ ପୁଣି ଥରେ ସମସ୍ତ କର୍ମୀ ଓ ନେତାଙ୍କୁ ଏକାଠି କରିବାକୁ ଉଦ୍ୟମ କରିଛନ୍ତି। ନିକଟରେ କଂଗ୍ରେସ ଛାଡ଼ି ବିଜେଡିରେ ମିଶିଥିବା ପ୍ରମୋଦ ଜେନା ଓ ତାଙ୍କ ସମର୍ଥମାନେ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ସମସ୍ତେ ଭାଜପା ଓ କଂଗ୍ରେସ ପ୍ରାର୍ଥୀଙ୍କୁ ତୀବ୍ର ସମାଲୋଚନା କରିବା ସହ ଏକତ୍ରିତ ହୋଇ ବିଜେଡି ପ୍ରାର୍ଥୀଙ୍କୁ ଚଳିତ ନିର୍ବାଚନରେ ବିଜୟୀ କରିବାକୁ କହିଥିଲେ। ଏଥିରେ ନଗର ବିଜେଡି ସଭାପତି ସୁମନ୍ତ କୁମାର ବିଶ୍ୱାଳ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଦଳୀୟ କାଉନ୍‌ସିଲର, ପ୍ରମୋଦଙ୍କ ସମର୍ଥକ ରଞ୍ଜନ କୁମାର ଦାସ, ପୂର୍ବତନ ପୌରାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ତରାଇ, ମହିଳା ବିଜେଡି ସଭାନେତ୍ରୀ ଚପଳା ସ୍ୱାଇଁ, ସବିତା ମହାପାତ୍ରଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସମ୍ବିତଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ଶ୍ରମିକନେତା ସନ୍ତୋଷ ପଟ୍ଟନାୟକ ହଜାରରୁ ଉର୍ଦ୍ଧ୍ୱ ସମର୍ଥକଙ୍କୁ ନେଇ ଭୁବନେଶ୍ୱରରେ ନବୀନ ନିବାସ ଆଗରେ ବିକ୍ଷୋଭ କରିଥିଲେ। ସେଥିରେ ସାମିଲ ହୋଇଥିବା ପୂର୍ବତନ ପୌରାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ତରାଇ ଶନିବାର ବୈଠକରେ ସମ୍ବିତଙ୍କ ପାଖରେ ବସିଥିଲେ। ପରିବର୍ତ୍ତିତ ରାଜନୈତି ଘଟଣାଚକ୍ରରେ କିଏ କେତେବେଳେ କାହା ହାତ ଧରୁଛନ୍ତି, ତାହା ବୁଝିବା ଭୋଟରଙ୍କ ପାଇଁ କାଠି କର ପାଠ ହେଲାଣି ବୋଲି ଚର୍ଚ୍ଚା ଚାଲିଛି।

■ ବିଜେଡିର କାର୍ଯ୍ୟକାରିଣୀ ବୈଠକ

## ସାମିଲ ହେଲେ ଶାରଦା ଜେନା

**ଏରସମା, ୧୩।୪(ସ୍ୱ.ପ୍ର.)**

ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀର ଏରସମା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ ଓରନାଳ ଗ୍ରାମର ମକରଧ୍ୱଜ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ବିଜେଡିର କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ରାତିରେ ଅନୁଷ୍ଠିତ ହୋଇଛି। ଏରସମା ବ୍ଲକ ବିଜେଡି ସଭାପତି ପୀତବାସ ଗଛାୟତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟକ ପ୍ରାର୍ଥୀ ରଘୁନନ୍ଦନ ଦାସ ଯୋଗଦେଇ କହିଲେ ଯେ, ସେ ଭାଜପାରୁ ବିଜେଡିକୁ ଆସି ପ୍ରାର୍ଥୀ ହୋଇଥିଲେ ମଧ୍ୟ ତାଙ୍କ ମୌଳିକ ସଙ୍ଗଠନ ବିଜେଡିରୁ ହିଁ ଆରମ୍ଭ ହୋଇଥିଲା। ସେ ଏପର୍ଯ୍ୟନ୍ତ ୱାର୍ଡ ମେମ୍ବରଟିଏ ମଧ୍ୟ ହୋଇନାହାନ୍ତି। ତାଙ୍କ ଶୁଭେଚ୍ଛୁମାନେ ଯଦି ଚାହିଁବେ ତେବେ ଲୋକଙ୍କ ସେବା କରିବା ପାଇଁ ସେ ସୁଯୋଗ ପାଇପାରିବେ। ପୂର୍ବତନ ଜିଲା ପରିଷଦ ସଭ୍ୟ ତଥା କଂଗ୍ରେସର ରାଜ୍ୟ ପ୍ରଚାର କମିଟି ସଦସ୍ୟ ଶାରଦା ପ୍ରସନ୍ନ ଜେନା ଏହି ଅବସରରେ ବିଜେଡିରେ ମିଶିଥିଲେ। ତାଙ୍କୁ ଦଳ ପକ୍ଷରୁ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଭାଜପା ଜିଲା ସମ୍ପାଦକ ଅକ୍ଷୟ ସ୍ୱାଇଁ, ବାମଦେଈପୁର ସରପଞ୍ଚ ଗୋପୀନାଥ ସାମନ୍ତରାୟ, ସମିତି ସଭ୍ୟ ବିକ୍ରମ ମହାପାତ୍ର, କଂଗ୍ରେସର ଜିଲା ସମ୍ପାଦକ ସମୀର ରଞ୍ଜନ ସ୍ୱାଇଁ, ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ କଂଗ୍ରେସ ଓବିସି ସେଲ ଅଧ୍ୟକ୍ଷ ପ୍ରମୋଦ ରାଉତ ପ୍ରମୁଖ ବିଜେଡିରେ ମିଶିଥିଲେ। ସଭାରେ ଏରସମା ବ୍ଲକ ଅଧ୍ୟକ୍ଷ ପ୍ରଣବ ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମାନସ ରଞ୍ଜନ ସେଠୀ, ବାଲିକୁଦା ବିଜେଡି ସଭାପତି ରତ୍ନାକର ନାୟକ, ଜିଲା ପରିଷଦ ସଭ୍ୟା ସ୍ୱର୍ଣ୍ଣଲତା ସେନାପତି, ଇତିଶ୍ରୀ ଭୂୟାଁ, ଦୀପ୍ତିରଞ୍ଜନ କୁଅଁର, ବଳେଇପୁର ସରପଞ୍ଚ ମୂରଲୀଧର ମଲ୍ଲିକ, ପଦ୍ମପୁର ସରପଞ୍ଚ କେଶବ ପାତ୍ର, ତମିଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




ଏରସମାରେ ବିଜେଡିର କାର୍ଯ୍ୟକାରିଣୀ ବୈଠକ।



ଏରସମାରେ ଭାଜପାର ବ୍ଲକସ୍ତରୀୟ ସମାବେଶରେ ଉପସ୍ଥିତ ଦାମୋଦର ରାଉତ ଓ ଅନ୍ୟମାନେ।

## ପାର୍ଟିକୁ ନୁହେଁ, ମାଟିକୁ ଭଲପାଅ: ଦାମ

**ଏରସମା, ୧୩।୪(ସ୍ୱ.ପ୍ର.)**

ଏରସମା ବ୍ଲକ ରଜ ମହୋତ୍ସବ ପଡିଆରେ ଶୁକ୍ରବାର ରାତିରେ ଭାଜପାର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଅନାଦି ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଭାଜପାର ବିଧାୟକ ପ୍ରାର୍ଥୀ ଡା. ଦାମୋଦର ରାଉତ ଯୋଗଦେଇ କହିଲେ ଯେ, ଜନସାଧାରଣ ପାର୍ଟିକୁ ଗୁରୁତ୍ୱ ନ ଦେଇ ମାଟିକୁ ଭଲ ପାଇବା ଉଚିତ। ତାଙ୍କର ଜନ୍ମଭୂମି ହେଉଛି ଏରସମା। ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ପାଇଁ କାମ କରିବା ତାଙ୍କର ସ୍ୱପ୍ନ। ବିଜେଡିରେ ଦୁର୍ନୀତି ବିରୋଧରେ ମୁହଁ ଖୋଲିବାରୁ ତାଙ୍କୁ ଦଳରୁ ବହିଷ୍କାର କରାଗଲା। ଏହା କେତେଦୂର ସମିଚୀନ ବୋଲି ଦାମ ପ୍ରଶ୍ନ କରିଥିଲେ। ଲୋକେ ପରିବର୍ତ୍ତନ ଚାହୁଁଛନ୍ତି, ସେଥିପାଇଁ ସେ ଆସିଛନ୍ତି ବୋଲି କହି ତାଙ୍କୁ ବିଜୟୀ କରିବାକୁ ଦାମ ଅନୁରୋଧ କରିଥିଲେ। ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ନୃସିଂହ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟ ବିଷ୍ଣୁ ଚରଣ ମହାନ୍ତି, ଚିତ୍ତରଞ୍ଜନ କଂସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର କିଶୋର ତ୍ରିପାଠୀ, ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସର ପ୍ରଥମ ନିର୍ବାଚନୀ ବୈଠକ

**ରଘୁନାଥପୁର, ୧୩।୪ ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ତାରପୁରସ୍ଥିତ ମା' ନାରାୟଣୀ ପୀଠରେ କଂଗ୍ରେସ ପକ୍ଷରୁ ୧୯ ପଞ୍ଚାୟତର କର୍ମୀଙ୍କୁ ନେଇ ପ୍ରଥମ ନିର୍ବାଚନୀ ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ଜିଲା କଂଗ୍ରେସ କମିଟି ସଭାପତି ନଟବର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ଦେବୀ ପ୍ରସାଦ ମଲ୍ଲିକ ଉପସ୍ଥିତ ରହି କର୍ମୀଙ୍କ ସହିତ ଭାବର ଆଦାନପ୍ରଦାନ କରିଥିଲେ। ତୃଣମୂଳସ୍ତରରେ କର୍ମୀମାନେ କିପରି ଅବହେଳିତ ଅବସ୍ଥାରେ ରହିଛନ୍ତି ଓ ନେତାମାନଙ୍କ କାର୍ଯ୍ୟଧାରା କିପରି ସେମାନଙ୍କୁ କ୍ଷୁବ୍ଧ କରିଛି ସେ ସମ୍ପର୍କରେ କର୍ମୀମାନେ ଅଭିଯୋଗ ଉଠାଇଥିଲେ। ମଲ୍ଲିକ ସମସ୍ତ କର୍ମୀଙ୍କୁ ନିବେଦନ କରି ପ୍ରଥମେ ଅସଜଡା ଘରକୁ ସଜାଡି କଂଗ୍ରେସ ପାଇଁ କାମ କରିବାକୁ ଆହ୍ୱାନ କରିଥିଲେ। ଜୋନ-୧ର ସଭାପତି ସର୍ବେଶ୍ୱର ପଣ୍ଡା, ଜିଲା କଂଗ୍ରେସ ଉପସଭାପତି ଲିଙ୍ଗରାଜ ମଲ୍ଲ, କର୍ମକର୍ତ୍ତା ଆର୍ତ୍ତତ୍ରାଣ ପଣ୍ଡା, ପ୍ରଭାସ କୁମାର ପଣ୍ଡା, ମନୋରଞ୍ଜନ ଜେନା, ସୁନିଲ ଜେନା, କାଳନ୍ଦୀ ମହାନ୍ତି, ପ୍ରଶାନ୍ତ କୁମାର ଦାସ, ଦୀପକ ମଲ୍ଲିକ, ଦେବବ୍ରତ ତ୍ରିପାଠୀ, ବାଦଲ ମହାନ୍ତି, ଶରତ ବାରିକଙ୍କ ସହ ବହୁ କର୍ମୀ ଉପସ୍ଥିତ ଥିଲେ।



ତାରପୁର ନାରାୟଣୀ ପୀଠରେ କଂଗ୍ରେସର କର୍ମୀ ସମ୍ମିଳନୀ।

## ପ୍ରମୋଦ ସମର୍ଥକଙ୍କ ଉପରେ ନଜର

**ତିର୍ତ୍ତୋଲ, ୧୩।୪(ଡି.ଏନ.ଏ.)**

**ପାରାଦୀପ ନିର୍ବାଚନମଣ୍ଡଳୀ**

ପାରାଦୀପ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ପ୍ରମୋଦ ଜେନା ନିକଟରେ ବିଜେଡି ଯୋଗଦେଇଛନ୍ତି। ତାଙ୍କ ସହ ପାରାଦୀପ ନିର୍ବାଚନମଣ୍ଡଳୀ ଅଧୀନ ତିର୍ତ୍ତୋଲ ବ୍ଲକର ୮ ପଞ୍ଚାୟତର କେତେଜଣ କଂଗ୍ରେସ କର୍ମୀ ମଧ୍ୟ ବିଜେଡିରେ ସାମିଲ ହୋଇଛନ୍ତି। ତେବେ ତାଙ୍କ ସମର୍ଥକ ତଥା ବହୁ କଂଗ୍ରେସ ସଙ୍ଗଠକ ଓ କର୍ମୀ ଏବେ ବି କଂଗ୍ରେସରେ ରହିଛନ୍ତି। ଯଦିଓ ସେମାନେ କଂଗ୍ରେସ ପ୍ରାର୍ଥୀ ଅରିନ୍ଦମ ସର୍ଖେଲଙ୍କୁ ଗ୍ରହଣ କରିପାରୁନାହାନ୍ତି, ତେବେ ସେମାନେ ଦଳ ସହିତ ରହିଛନ୍ତି। ଆଗାମୀ ଦିନରେ ରାଜ୍ୟ ନେତୃତ୍ୱଙ୍କ ସହ ବିଚାର ଆଲୋଚନା କରି ଯାହା ପଦକ୍ଷେପ ନେବେ ବୋଲି ସେମାନେ ଖୋଲାଖୋଲି କହୁଛନ୍ତି। ତେଣୁ ଏହି ୮ ପଞ୍ଚାୟତର କଂଗ୍ରେସ କର୍ମୀ ଯେଉଁମାନେ ପ୍ରମୋଦଙ୍କ ସହ ରହିଥିଲେ, ସେମାନଙ୍କ ଉପରେ ସବୁଦଳର ପ୍ରାର୍ଥୀଙ୍କ ନଜର ରହିଛି। ସେମାନେ ଚଳିତ ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ଆଲୋଚନା ହେଉଛି। ଏ ସମ୍ପର୍କରେ କୋଳର ପଞ୍ଚାୟତର ସମିତିସଭ୍ୟ ତଥା ରାଜ୍ୟ ଯୁବ କଂଗ୍ରେସ ସେବାଦଳର ସମ୍ପାଦକ ରଞ୍ଜିତ କୁମାର ପାଲ କହିଛନ୍ତି ଯେ, ସେ କଂଗ୍ରେସରେ ଥିଲେ ଏବେ ବି ରହିଛନ୍ତି। ପ୍ରମୋଦ ଜେନାଙ୍କ ସହ ସେ ବିଜେଡିକୁ ଯାଇନାହାନ୍ତି। ତେବେ ବର୍ତ୍ତମାନ ଦଳ ଯାହାଙ୍କୁ ପ୍ରାର୍ଥୀ କରିଛି ତାଙ୍କୁ ସେ ସମର୍ଥନ କରିବେ ନାହିଁ ବୋଲି କହିଛନ୍ତି। ଆଗାମୀ ଦିନରେ ତାଙ୍କ ସହ ରହିଥିବା ଯୁବ ଓ ବରିଷ୍ଠ କର୍ମୀଙ୍କ ସହ ଆଲୋଚନା କରିବା ପରେ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି ସେ କହିଛନ୍ତି। ସେହିପରି ତିର୍ତ୍ତୋଲ ୨ନଂ ଜୋନ କଂଗ୍ରେସ ସଭାପତି ତଥା ମଣିଜଙ୍ଗାର ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ସାହୁ କହିଛନ୍ତି ଯେ, ପ୍ରମୋଦଙ୍କ ସହ ସେ ରହିଥିଲେ। ବିଜେଡିକୁ ପ୍ରମୋଦ ଯିବା ପରେ ସେ ଭବିଷ୍ୟତ ସମ୍ପର୍କରେ କୌଣସି ସିଦ୍ଧାନ୍ତ ନେଇନାହାନ୍ତି। ଖୁବଶୀଘ୍ର ଦଳୀୟ କର୍ମୀମାନଙ୍କୁ ଡାକି ଆଲୋଚନା କରିବା ପରେ ଭବିଷ୍ୟତ କାର୍ଯ୍ୟକ୍ରମ ଉପରେ ନିଷ୍ପତ୍ତି ନେବେ।





ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କର ନାହିଁ।
- ବ୍ୟାସକବି ଫକୀରମୋହନ



## ସଂକ୍ଷେପରେ

### ଜଳିଗଲା ଛଣ ଗାଡ଼ି, ଚାଳକ ଗୁରୁତର



**ବିଞ୍ଝାରପୁର,୧୩।୪(ଡି.ଏନ.ଏ):** ଗୁହାଳି-ଇଞ୍ଜନପୁର ରାସ୍ତାରେ ଶନିବାର ବିଦ୍ୟୁତ ତାର ଲାଗି ଏକ ଛଣ ବୋଝେଇ ଗାଡ଼ି ସମ୍ପୂର୍ଣ୍ଣ ଜଳିଯାଇଛି। ଏଥିରେ ଚାଳକ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପ୍ରକାଶ ଯେ, ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଗୁହାଳି ପଞ୍ଚାୟତ ମଙ୍ଗରାଜ ସାହିରୁ ଛଣ ବୋଝେଇ କରି ଏକ ଗାଡ଼ି (ନଂ- ଓଡି-୦୪-୨୯୧୪) କୁଆଖିଆ ଅଭିମୁଖେ ଯାଉଥିଲା। ଏହି ସମୟରେ ଇଞ୍ଜନପୁର ରାସ୍ତାରେ ବିଦ୍ୟୁତ ତାର ଲାଗି ଅଗ୍ନିକାଣ୍ଡ ଘଟିଥିଲା। ଚାଳକର ପରିଚୟ ମିଳି ନ ଥିବାବେଳେ ଗାଡ଼ିଟି କୁଆଖିଆ ଅଞ୍ଚଳର ବୋଲି ଜଣାପଡ଼ିଛି।

### ବାସନ୍ତୀ ଦୁର୍ଗା ପୂଜା



**କୋରେଇ,୧୩।୪(ସ୍ୱ.ପ୍ର.):** ପାଣିକୋଇଲିରେ ଶନିବାର ବାସନ୍ତୀ ଦୁର୍ଗା ପୂଜା ମହାସମାରୋହରେ ଆରମ୍ଭ ହୋଇଛି। ପ୍ରତ୍ୟୁଷରୁ କଳସ ବୁଡାଯାଇ ପୂଜାର୍ଚ୍ଚନା ଚାଲିଛି। ସନ୍ଧ୍ୟାରେ ଦର୍ଶକ ଓ ଭକ୍ତଙ୍କ ଭିଡ ଲାଗିଛି। ମା'ଙ୍କୁ ଦର୍ଶନ କରି ସମସ୍ତେ ଆଶିଷ କାମନା କରିଛନ୍ତି। ଆଲୋକମାଳାରେ ସୁସଜ୍ଜିତ ତୋରଣ ଦର୍ଶକଙ୍କୁ ମୁଗ୍ଧ କରିଛି। ପ୍ରତ୍ୟହ ସନ୍ଧ୍ୟାରେ ଭଜନ କୀର୍ତ୍ତନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି।

### ଆଞ୍ଚଳିକ ପଞ୍ଚାୟତ ମହାବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ

**ଯାଜପୁର ଟାଉନ,୧୩।୪(ଡି.ଏନ୍.ଏ):** ସୁଜନପୁରସ୍ଥିତ ଆଞ୍ଚଳିକ ପଞ୍ଚାୟତ ମହାବିଦ୍ୟାଳୟର ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଓଡ଼ିଆ ଭାଷା ଓ ସାହିତ୍ୟ ସମ୍ମାନ ବିଭାଗ ପକ୍ଷରୁ ଅଧକ୍ଷ ଗଙ୍ଗାଧର ଦାଶଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ଅଧାପକ ମହେଶ୍ୱର ପାଢ଼ୀ ଯୋଗ ଦେଇଥିବା ବେଳେ ପ୍ରାଧାପକ ରଶ୍ମିକାନ୍ତ ଦାସ ମୁଖ୍ୟବକ୍ତା, ଅଧାପକ ବିଜୟ କୁମାର ଦାସ, ବିଭାସ ଚନ୍ଦ୍ର ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବର୍ଷା-ବସନ୍ତ-ବୈଶାଖ ଶୀର୍ଷକ ଆଲୋଚନାଚକ୍ରରେ ଭାଗ ନେଇଥିଲେ। ଏହି ସଭାରେ ୩ୟ ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସମ୍ପାଦିକା ଇପ୍‌ସୀତା ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧାପକ ଭବାନୀ କର ସାହୁଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।

### ସହର ମଧ୍ୟରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ

**ଯାଜପୁରରୋଡ,୧୩।୪(ନି.ପ୍ର.):** ଯାଜପୁରରୋଡ ସହରରେ ପୂର୍ବରୁ ଟ୍ରାଫିକ ସମସ୍ୟା ରହିଥିଲେ ମଧ ଦୁଇ ଦିନ ହେବ ଅଧିକ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ସମସ୍ୟା ଦୂର କରିବାରେ ପୋଲିସ ମଧ ବିଫଳ ହୋଇଛି। ଶୁକ୍ରବାର ଯାଜପୁରରୋଡ ସହରର ମୁଖ୍ୟ ରାସ୍ତା ଚୋରଦା ଛକ ନିକଟରେ ଏକ କୋଇଲା ବୋଝେଇ ଟ୍ରଲର କଳିଙ୍ଗନଗରରୁ ପାଣିକୋଇଲି ଅଭିମୁଖେ ଯାଉଥିବାବେଳେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଟ୍ରଲର ରାସ୍ତା ମଝିରେ ଅଟକି ରହିଛି। ଫଳରେ ଯାନବାହନଗୁଡିକ ଯାତାୟାତ କରିବାରେ ବାଧା ଉପୁଜିଛି। ଫଳରେ ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ ହେଉଛି। ପୋଲିସ ଟ୍ରଲରକୁ ସେଠାରୁ ସ୍ଥାନାନ୍ତର କରିବା ପାଇଁ କୌଣସି ପଦକ୍ଷେପ ନେଇ ନ ଥିବାରୁ ଜନଅସନ୍ତୋଷ ପ୍ରକାଶ ପାଇଛି। ଶନିବାର ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚୋରଦା ଛକଠାରୁ ରେଲୱେ କ୍ରସିଂ ପର୍ଯ୍ୟନ୍ତ ନାହିଁ ନ ଥିବା ଭିଡ ହୋଇଥିଲା। ଘଟଣାସ୍ଥଳରେ ୩ ଜଣ ହୋମଗାର୍ଡଙ୍କ ବ୍ୟତୀତ କୌଣସି ପଦସ୍ଥ ପୋଲିସ ଅଫିସର ଉପସ୍ଥିତ ନ ଥିଲେ।

## ଆଜିଠାରୁ ଐତିହାସିକ ସିଂହାପୁର ଯାତ୍ରା

# ସ୍ଥଳ ବିଜେ କରିବେ ନାରାୟଣ ଗୋସାଇଁ

- ୩ଦିନ ପାଇଁ ଭକ୍ତଙ୍କୁ ଦେବେ ଦର୍ଶନ
- ବିଭିନ୍ନ ଅବତାର ଗ୍ରହଣ କରିବେ ପ୍ରଭୁ





**ରସୁଲପୁର,୧୩।୪(ଡିଏନଏ)**

ଓଡ଼ିଶା ପ୍ରସିଦ୍ଧ ଐତିହାସିକ ସିଂହାପୁର ଯାତ୍ରା ରବିବାର ପଣା ସଂକ୍ରାନ୍ତିଠାରୁ ଆରମ୍ଭ ହେବାକୁ ଯାଉଛି। ଏଥି ସକାଶେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷ ଯାତ୍ରାକୁ ନେଇ ଉଠିଥିବା ବିବାଦକୁ ଆପୋଷ ସମାଧାନ କରାଯାଇଛି। ପ୍ରଶାସନ ପକ୍ଷରୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭାବନା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମାପନ ଦିଗରେ ପ୍ରଶାସନ ଦୃଷ୍ଟି ଦେଉଛି।

ଏହି ଯାତ୍ରା ରାଜରାଜୁଡା ଶାସନ ଅମଳର। ଏହି ସମୟରେ ଜଳାଶାୟୀ ପ୍ରଭୁ ନାରାୟଣ ଗୋସାଇଁ ମାତ୍ର ୩ଦିନ ପାଇଁ ସ୍ଥଳ ବିଜେ କରନ୍ତି। ଏହି ସୁଯୋଗକୁ ହାତଛଡ଼ା କଲେ ଭକ୍ତଙ୍କୁ ପୁଣି ବର୍ଷେ ଅପେକ୍ଷା କରିବାକୁ ପଡିବ। ତେଣୁ ବର୍ଷକୁ ଥରେ ମିଳୁଥିବା ଏହି ସୁଯୋଗକୁ ଶ୍ରଦ୍ଧାଳୁ ହାତଛଡା କରିବାକୁ ପଛାନ୍ତି ନାହିଁ। ଏହିକ୍ରମରେ ଦେଖିବାକୁ ଗଲେ ପ୍ରଭୁ ଶ୍ରୀଶ୍ରୀ ଗୋସାଇଁ ମନ୍ଦିର ୬ଷ୍ଠ ଶତାବ୍ଦୀରେ କାମା ବଂଶ ରାଜା ନାରାୟଣ ମନ୍ଦିର ନିର୍ମାଣ କରିଥିଲେ ବୋଲି ଅନୁମାନ କରାଯାଏ। ଘଟଣାକ୍ରମେ ଷୋଡ଼ଷ ଶତାବ୍ଦୀରେ ରାଜା ମୁକୁନ୍ଦ ଦେବଙ୍କ ସମୟରେ ଘଟିଥିବା ଘଟଣାବଳୀ ପ୍ରଭୁଙ୍କ ଲୀଳାଖେଳାକୁ ନେଇ ଚର୍ଚ୍ଚା ହୋଇଥିଲା। ସେତେବେଳେ ବଂଗୀୟ ଶାସକ ମୁସଲମାନ ରାଜା ଓଡ଼ିଶା ଆକ୍ରମଣ କରିଥିଲେ। ସେ ମୁକୁନ୍ଦଦେବ ରାଜାଙ୍କୁ ପରାସ୍ତ କରିଥିଲେ। ପରେ ସେ ଓ ତାଙ୍କ ଘନିଷ୍ଠ ସହଯୋଗୀ କଳାପାହାଡ଼ ମନ୍ଦିରଗୁଡିକୁ ଲୁଣ୍ଠନ କରିଥିଲେ। ଏଥିରୁ ସିଂହାପୁରସ୍ଥିତ ନାରାୟଣ ଗୋସାଇଁ ମନ୍ଦିର ବାଦ୍ ପଡି ନ ଥିଲା। ଏହାଦ୍ୱାରା ମନ୍ଦିରରେ ଗଚ୍ଛିତ ଥିବା ଧନ ସମ୍ପତ୍ତି, ପୂଜା ପାଉଥିବା ମୂଲ୍ୟବାନ ଧାତୁରେ ତିଆରି ମୂର୍ତ୍ତିକୁ ଲୁଟିବା ବଡ଼ ଲକ୍ଷ୍ୟ ଥିଲା। ଏଥିସହ ହିନ୍ଦୁଙ୍କର ଧର୍ମୀୟ ଭାବନା ପ୍ରତି କୁଠାରଘାତ ପହଞ୍ଚାଇବା ମୂଳ ଉଦ୍ଦେଶ୍ୟ ରଖାଯାଇଥିଲା। ଏହି ସମୟରେ ମଧୁପୁରଗଡ଼ ରାଜା ମଧୁସୂଦନ ବିଦ୍ୟାଧର ପ୍ରଭୁଙ୍କୁ ମନ୍ଦିର ନିକଟରେ ଥିବା ପୁଷ୍କରିଣୀ ମଧୁତୀର୍ଥରେ ଲୁଚାଇ ରଖିଥିଲେ। ସେ ସମୟରେ ପୁଷ୍କରିଣୀ ବେତକୁଞ୍ଜ ପରିବେଷ୍ଟିତ ହୋଇ ରହିଥିଲା। ଆକ୍ରମଣକାରୀମାନେ କେବଳ ମନ୍ଦିର ଉପରେ ଆକ୍ରମଣ କରି ଫେରି ଯାଇଥିଲେ। ସେବେଠାରୁ ପ୍ରଭୁ ଶ୍ରୀଶ୍ରୀ ଗୋସାଇଁ ପାଣି ଭିତରେ ବୁଡି ରହିବାର ପରମ୍ପରା ରହିଆସୁଛି। କେବଳ ବାର୍ଷିକୋତ୍ସବ ସମୟରେ ପ୍ରଭୁଙ୍କୁ ପାଣିରୁ ବାହାରକୁ ଅଣାଯାଇ ପୂଜା ଅର୍ଚ୍ଚନା କରାଯିବା ସହ ଭକ୍ତଙ୍କ ଦର୍ଶନାର୍ଥେ ସୁଯୋଗ ସୃଷ୍ଟି କରୁଛି। ଏବେ ଯଦିଓ କଳାପାହାଡ଼ର ଭୟ ନାହିଁ; ହେଲେ ପରମ୍ପରା ଅନୁଯାୟୀ ଯାତ୍ରା ପରିଚାଳନା କରାଯାଉଛି। ଏହା ପଛରେ ରାଜ ପରିବାରର ମଧ ସମ୍ମତି ରହିଛି। ସ୍ଥଳ ବିଜେ ଯାତ୍ରା ସମୟରେ ମଧୁତୀର୍ଥ ପୁଷ୍କରିଣୀର ଗଭୀର ଜଳରୁ ପ୍ରଭୁଙ୍କ ୮୭ ସେ.ମି. ଉଚ୍ଚ ଓ ୨୬ସେ.ମି ପ୍ରସ୍ଥ ବିଶିଷ୍ଟ ମୁଗୁନୀ ପ୍ରସ୍ତରର କମନୀୟ ମୂର୍ତ୍ତିକୁ ଭକ୍ତମାନେ ଜଳକ୍ରୀଡା କରି ପୁଷ୍କରଣୀର ପୂର୍ବ ଦିଗ ପାବଚ୍ଛରେ ଅବସ୍ଥାନ କରାନ୍ତି। ପରେ ପୁଣି ଜଳକ୍ରୀଡା ପୂର୍ବକ ଉତ୍ତର ପାବଚ୍ଛ ଦେଇ ପ୍ରଭୁ ମନ୍ଦିର ପ୍ରବେଶ କରନ୍ତି। ଏହି ସମୟରେ ପ୍ରଭୁଙ୍କୁ ଯଥା ବିଧି ପୂଜାର୍ଚ୍ଚନା କରାଯିବା ସହ ପହଣ୍ଡି କରାଯାଇ ସ୍ଥଳ ସିଂହାସନରେ ଅବସ୍ଥାନ କରାଯାଏ। ତ୍ରୟୋଦଶ ଯାତ୍ରା ଅବସରରେ ପ୍ରଭୁଙ୍କୁ ରାଜ ପୁରୋହିତଙ୍କ ଦ୍ୱାରା ରୁଦ୍ଧଦ୍ୱାର ପୂଜାର୍ଚ୍ଚନା କରାଯାଏ। ଏଥିସହ ପ୍ରଭୁଙ୍କୁ ଆଦିତ୍ୟ ନାରାୟଣ ବେଶରେ ଭୂଷିତ କରାଯାଇ ଭକ୍ତଙ୍କ ଦର୍ଶନ ସକାଶେ ସାହାଣ ମେଳା କରାଯାଏ। ଅପରାହ୍ନରେ ମୀନ ଅବତାର, କୁର୍ମ ଅବତାର, ସନ୍ଧ୍ୟାରେ ବରାହ ଅବତାର, ଦ୍ୱିତୀୟ ଦିବସରେ ପ୍ରଭୁଙ୍କୁ ନୃସିଂହ ଅବତାର, ବାମନ ଅବତାର, ଗଜଉଦ୍ଧାରଣ ଅବତାର, ପର୍ଶୁରାମ ଅବତାର, ତୃତୀୟ ଦିବସରେ ରାମ, ବଳରାମ, କାଳୀୟ ଦଳନ ଓ ବୁଦ୍ଧ ଆଦି ଅବତାରରେ ଭୂଷିତ ହୋଇଥାନ୍ତି। ଶେଷରେ ବଡ ସିଂହାର ବେଶରେ ଭୂଷିତ କରାଯାଇଥାଏ। ଶେଷଦିନରେ ପ୍ରାତଃ ସମୟରେ ପୂର୍ଣ୍ଣାହୂତି ପରେ ପ୍ରଭୁ ଜଳାଗମନ କରିବାର ବିଧି ରହିଛି। ଏହାଛଡା ଚଳିତ ବର୍ଷ ଯାତ୍ରାରେ କିଛିଟା ପରିବର୍ତ୍ତନ ଆଣିବା ଦିଗରେ ଅସ୍ଥାୟୀ ପରିଚାଳନା କମିଟି ପ୍ରୟାସ କରିଥିଲା। ଏହାକୁ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି, ରାଜପରିବାର ପ୍ରମୁଖ ବିରୋଧ କରିଥିଲେ। ଫଳରେ କମିଟି ପାଇଁ ଅଡୁଆ ପରିସ୍ଥିତି ଉପୁଜିଥିଲା। କିମିଟି ପକ୍ଷରୁ ଯାତ୍ରା ଅବଧିକୁ ୫ଦିନକୁ ବଢାଇବା, ପ୍ରଭୁଙ୍କ ବିଜେ ସ୍ଥଳ ପୁଷ୍କରିଣୀରେ ଆଲୋକ ସଜା, ପାଣି ସିଞ୍ଚନ, ନୌକାବିହାର ଆଦି ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସାଇକେଲ, ମୋଟର ସାଇକେଲ, ଚାରିଚକିଆ ଗାଡ଼ି ଷ୍ଟାଣ୍ଡ, ଭୋଗ ଦୋକାନ ନିଲାମ, ଯାତ୍ରା ପଡିଆରେ ଦୋକାନୀଙ୍କୁ ଜାଗା ନିଲାମ ଆଦିର ଦରକୁ ସର୍ବନିମ୍ନସ୍ତରକୁ ଖସାଇବା ପାଇଁ ପ୍ରଶାସନ ପରିଚାଳନା କମିଟିକୁ ପରାମର୍ଶ ଦେଇଛି। ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭାବନାକୁ ଆଘାତ ଦେବା ଭଳି କୌଣସି ପଦକ୍ଷେପକୁ ଗ୍ରହଣ କରାଯିବ ନାହିଁ। ଏ ସବୁ ଦିଗରେ ପ୍ରଶାସନର ତୀକ୍ଷ୍ଣ ଦୃଷ୍ଟି ଦେବ ବୋଲି ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ଓ କୁଆଖିଆ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।

## ମେସ୍କୋ କର୍ମଚାରୀଙ୍କୁ ଆକ୍ରମଣ ଘଟଣା

### ଅଭିଯୁକ୍ତଙ୍କ ସୁରାକ ପାଉନି ପୋଲିସ

**କଳିଙ୍ଗନଗର,୧୩।୪(ଡି.ଏନ.ଏ)**

ମେସ୍କୋ କର୍ମଚାରୀ ଅଭିମନ୍ୟୁ ମଣ୍ଡଳ ଗତ ୯ ତାରିଖ ଦୁର୍ବୃତ୍ତଙ୍କ ଭୁଜାଲି ଆକ୍ରମଣରେ ଗୁରୁତର ହୋଇଥିଲେ। ଏ ନେଇ ଏକ ମାମଲା (ନଂ ୬୮/୧୯) ରୁଜୁ ହୋଇଛି। ଆକ୍ରମଣର ୪ଦିନ ପରେ ବି ପୋଲିସ ଆକ୍ରମଣକାରୀଙ୍କୁ ଠାବ କରିପାରି ନାହିଁ। ଯାଜପୁରରୋଡ ଥାନା ଅନ୍ତର୍ଗତ ମାନଗୋବିନ୍ଦପୁର ଗାଁର ଅଭିମନ୍ୟୁ ମଣ୍ଡଳ ମେସ୍କୋ ଷ୍ଟିଲର ଜଣେ କର୍ମଚାରୀ। ୯ତାରିଖ ରାତି ପ୍ରାୟ ୧୦ଟାରେ ଘରକୁ ଫେରୁଥିବା ବେଳେ ୩ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କୁ ଭୁଜାଲିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଆକ୍ରମଣରେ ତାଙ୍କ ବାମ ହାତରେ ଆଘାତ ଲାଗିଥିଲା। ତାଙ୍କୁ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। କଳିଙ୍ଗନଗର ଥାନାରେ ଅଭିମନ୍ୟୁ ଅଭିଯୋଗ କରିଥିଲେ। ଆକ୍ରମଣ ପଛରେ ରାଜନୈତିକ ଅଭିସନ୍ଧି ଥିବା ଅନୁମାନ କରାଯାଉଛି। ଆକ୍ରମଣକାରୀଙ୍କୁ ଠାବ କରିବା ପରେ ସଠିକ କାରଣ ଜଣାପଡିବ ବୋଲି ପୋଲିସ କହୁଛି। ତଦନ୍ତରେ ବିଳମ୍ବ ହେଲେ ଅପରାଧି ଖସିଯିବାର ସମ୍ଭାବନା ଥିବାରୁ ପୋଲିସ ଏଥିପ୍ରତି ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଥାନାଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକଙ୍କୁ ପଚାରିବାରୁ, ଅଭିଯୋଗକାରୀ ସନ୍ଦେହ କରୁଥିବା ବ୍ୟକ୍ତିଙ୍କୁ ଥାନାକୁ ଅଣାଯାଇଥିଲେ ହେଁ ସେ ଅଭିଯୁକ୍ତଙ୍କୁ ଚିହ୍ନିପାରୁ ନାହାନ୍ତି। ତେବେ ତଦନ୍ତ ଜାରି ରହିଛି। ଅଭିଯୁକ୍ତଙ୍କୁ ଗିରଫ କରାଯିବ।

## ପ୍ରତିବାଦରେ ଥାନା ଘେରାଉ

### ପୋଲିସର ଆକ୍ରୋଶମୂଳକ ଗିରଫ ଅଭିଯୋଗ

**ଡୁବୁରୀ,୧୩।୪(ଡିଏନଏ)**

କଳିଙ୍ଗନଗର ଥାନା ଅନ୍ତର୍ଗତ ବାରଗାଡିଆ ଗାଁର ଜଣେ ଯୁବକଙ୍କୁ ଶନିବାର ସକାଳେ ଆକ୍ରେଶମୂଳକ ଭାବେ ଗିରଫ କରାଯାଇଥିବା ଅଭିଯୋଗରେ ସମ୍ପୃକ୍ତ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ପ୍ରତିବାଦରେ ଗାଁର ଶତାଧିକ ଯୁବକ କଳିଙ୍ଗନଗର ଥାନାକୁ ଘେରାଉ କରିଥିଲେ। ପରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଛାଡି ଦେଇଥିବା ଜଣାଯାଇଛି। ଗିରଫ ଯୁବକଙ୍କ ନାଁ ସୌମ୍ୟଜିତ୍ ରାଜ(୨୮)। ସେ ଭାଜପାର ଜଣେ ଯୁବନେତାଙ୍କ ସାନ ଭାଇ ହୋଇଥିବା ବେଳେ ପୋଲିସ ତାଙ୍କୁ ଆକ୍ରେଶମୂଳକ ଭାବେ ଗିରଫ କରିଛି ବୋଲି ଗାଁର ଯୁବକ ଓ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଅଭିଯୋଗ ହୋଇଛି।

ପ୍ରକାଶ ଯେ, ଗତ ୭ରେ ଟାଟା ଷ୍ଟିଲରେ ନିୟୋଜିତ ଏକ ପରିବହନ ଠିକାସଂସ୍ଥାରେ କେତେଜଣ ଯୁବକ ଚାନ୍ଦା ଅଦାୟ କରିବା ସହ ଗଣ୍ଡଗୋଳ କରିଥିବା ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ଘଟଣାର ସମାଧାନ ହୋଇଥିବା ଆନ୍ଦୋଳନକାରୀ ଦର୍ଶାଇଛନ୍ତି। ହେଲେ ଅଚାନକ ଶନିବାର ପୋଲିସ ଉକ୍ତ ଘଟଣାରେ ସୌମ୍ୟଜିତ ସମ୍ପୃକ୍ତ ଥିବା ଦର୍ଶାଇ ତାଙ୍କୁ ଡୁବୁରୀ ଛକରୁ ଗିରଫ କରିଥିଲା। ପୋଲିସର ଏପରି ଗିରଫଦାରୀକୁ ତୀବ୍ର ବିରୋଧ କରି ଗାଁର ଶତାଧିକ ଯୁବକ ଓ ଦଳୀୟ ସମର୍ଥକ କଳିଙ୍ଗନଗର ଥାନାକୁ ଦୀର୍ଘ ସମୟ ଘେରାଉ କରିଥିଲେ। ସୌମ୍ୟଜିତ୍‌ଙ୍କ ଭାଇ ବିଶ୍ୱଜିତ ରାଜ ଭାଜପାର ଜଣେ ଦୃଢ ସମର୍ଥକ ହୋଇଥିବାରୁ ଭାଜପା କର୍ମୀମାନେ ଏଥିରେ ସାମିଲ ହୋଇଥିଲେ। ଅନ୍ୟପକ୍ଷରେ ପୋଲିସ ସମ୍ପୃକ୍ତ ପରିବହନ ଠିକାଦାରଙ୍କୁ ଥାନାକୁ ଡକାଇଥିଲେ ମଧ ସେ ନ ଆସିବାରୁ ସମ୍ପୃକ୍ତ ଯୁବକଙ୍କୁ ଛାଡି ଦେଇଥିବା ପୋଲିସ କହିଛି। ଏ ନେଇ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

## ମା' ଦରିଆ ନାହାକାଣୀ ପୀଠରେ ପଞ୍ଚଭୂତ ମହାଯଜ୍ଞ

**ସିଂହପୁର,୧୩।୪(ଡି.ଏନ୍.ଏ.)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ଦରିଆ ନାହାକାଣୀ ପୀଠରେ ୧୧ ତାରିଖଠାରୁ ପଞ୍ଚଭୂତ ମହାଯଜ୍ଞ ଆରମ୍ଭ ହୋଇଛି। ଶନିବାର ୩ୟ ଦିବସରେ ପହଞ୍ଚି ଥିବାବେଳେ ରବିବାର ପଣା ସଂକ୍ରାନ୍ତିରେ ପୂର୍ଣ୍ଣାହୁତି ହେବ। ମା'ଙ୍କ ପୀଠରେ ବୈଦିକ ଧର୍ମଧାରାରେ ପ୍ରତ୍ୟହ ସୂର୍ଯ୍ୟପୂଜା, ଗୋପୂଜା, ଚଣ୍ଡୀଯଜ୍ଞ ଆଦି କାର୍ଯ୍ୟକ୍ରମ କରାଯାଉଛି ବୋଲି ମୁଖ୍ୟଚାର୍ଯ୍ୟ ପଣ୍ଡିତ ମହେଶ୍ୱର ନନ୍ଦ ସୂଚନା ଦେଇଛନ୍ତି। ପଣା ସଂକ୍ରାନ୍ତି ଉପଲକ୍ଷେ ମା'ଙ୍କ ପୀଠରେ ବିଞ୍ଝାରପୁର, ଦଶରଥପୁର, ଯାଜପୁର, ବରୀ, ଆଳି ବ୍ଲକରୁ ଭକ୍ତଙ୍କ ସମାଗମ ହୋଇଥାଏ।

## ମହାସମାରୋହରେ ରାମ ନବମୀ ପାଳିତ

**ଯାଜପୁର ଟାଉନ,୧୩।୪(ଡି.ଏନ୍.ଏ)**



ଯାଜପୁରସହରର ବିଭିନ୍ନ ସ୍ଥାନରେ ମହାସମାରୋହରେ ରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି। ଯାଜପୁର ସହରର ଶ୍ରୀରାମ ମନ୍ଦିର ସମେତ ଯାଜପୁର ଉପକାରାଗାର, କାଳୀକାପଡ଼ା ମଠ, ଗାୟତ୍ରୀ ପୀଠ ଓ ଜାଗେଶ୍ୱରପୁର ସମେତ ବିଭିନ୍ନ ସ୍ଥାନରେ ଶ୍ରୀରାମ ନବମୀ ଉତ୍ସବ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି। ମନ୍ଦିରଗୁଡିକରେ ନବରାତ୍ର ପାଳନ ଓ ରାମଙ୍କ ପୂଜାର୍ଚ୍ଚନା ସହିତ ଯଜ୍ଞ ହୋମ ସହ ବେଦମନ୍ତ୍ର ଧାର୍ମିକ ପରିବେଶ ସୃଷ୍ଟି କରିଛି। ଯାଜପୁର ଉପକାରାଗାରରେ ଶ୍ରୀରାମ ନବମୀ ଉପଲକ୍ଷେ ମହାବୀରଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଛି। ଏହି ମହାବୀର ମନ୍ଦିରରେ ଘଟସ୍ଥାପନ ଓ ପୂଜା ଆରମ୍ଭ କରାଯାଇଥିଲା। ଗାୟତ୍ରୀ ମନ୍ଦିରରେ ନବରାତ୍ର ପୂଜା ଅନୁଷ୍ଠିତ ହୋଇ ଯଜ୍ଞର ପୂର୍ଣ୍ଣାହୂତି ହେବା ସହିତ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଏହି ଯଜ୍ଞରେ ଆହୂତି ପ୍ରଦାନ କରିଥିଲେ। ଏହି ଉତ୍ସବ ଉପଲକ୍ଷେ ବିଭିନ୍ନ ବ୍ୟବସାୟୀ ପ୍ରତିଷ୍ଠାନରେ ନୂତନ ଖାତା ପୂଜା ଅନୁଷ୍ଠିତ ହୋଇଯାଇଛି।

## ପୂର୍ବତନ ଅର୍ଥମନ୍ତ୍ରୀଙ୍କ ଆଶୀର୍ବାଦ ଲୋଡ଼ିଲେ ଅଶୋକ

**ଯାଜପୁରରୋଡ,୧୩।୪(ନି.ପ୍ର.)**

କୋରେଇ ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଅଶୋକ ବଳ ନିର୍ବାଚନ ବୈତରଣୀ ନଦୀ ପାର ହେବା ପାଇଁ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇଙ୍କ ଆର୍ଶୀବାଦ ଲୋଡିଛନ୍ତି। ଘଡାଇ କୋରେଇ ନିର୍ବାଚନମଣ୍ଡଳୀରେ ୨ ଥର ବିଧାୟକ ଥିଲେ ଓ ତାଙ୍କ ପୁଅ ପ୍ରୀତିରଞ୍ଜନ ଘଡାଇ ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ବିଧାୟକ ରହି କୋରେଇର ବିକାଶଧାରାକୁ ଆଗେଇ ନେଇଥିଲେ। ପ୍ରୀତିରଞ୍ଜନଙ୍କର ଏହି ନିର୍ବାଚନମଣ୍ଡଳୀରେ ସୁଦୃଢ ସଙ୍ଗଠନ ରହିଛି। ତେଣୁ ପ୍ରଫୁଲ୍ଲଙ୍କ ଆଶୀର୍ବାଦ ରହିବା ଆବଶ୍ୟକ ବୋଲି ଭାବି ଅଶୋକ ଆଶୀର୍ବାଦ ଭିକ୍ଷା କରିଛନ୍ତି।

## ବିଜେଡି ପକ୍ଷରୁ ମହିଳା ମହାସମାବେଶ

**ଯାଜପୁରରୋଡ,୧୩।୪(ନି.ପ୍ର.)**

ବ୍ୟାସନଗର ମହିଳା ବିଜେଡି ପକ୍ଷରୁ ସ୍ଥାନୀୟ ଏକ ମଣ୍ଡପରେ ଶନିବାର ମହିଳା ମହାସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ପୌରାଧକ୍ଷା ସବିତା ରାଉତ ଅଧକ୍ଷତା କରିଥିଲେ। ଏହି ମହିଳା ସମାବେଶରେ କୋରେଇ ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଅଶୋକ ବଳ, ଯାଜପୁର ଏମ୍‌ପି ପ୍ରାର୍ଥିନୀ ଶର୍ମିଷ୍ଠା ସେଠୀ, ରାଜ୍ୟ ବିଜେଡି ମହିଳା ଉପନେତ୍ରୀ ସଂଯୁକ୍ତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ମହିଳା ବିଜେଡି ନେତ୍ରୀ ଇନ୍ଦିରା ପ୍ରିୟଦର୍ଶନୀ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟମନ୍ତ୍ରୀ ମହିଳାଙ୍କୁ ଅଗ୍ରାଧିକାର ଦେବା ସହ ମହିଳା ସଶକ୍ତିକରଣ ଯୋଜନାରେ ସାମିଲ ହେବା ଦ୍ୱାରା ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇଛି ବୋଲି କହିଥିଲେ। ମହିଳାଙ୍କର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ଅଙ୍ଗୀକାରବଦ୍ଧ। ପ୍ରାର୍ଥୀ ବଳ ଓ ପ୍ରାର୍ଥିନୀ ସେଠୀଙ୍କୁ ମହିଳାଙ୍କ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା। ପୂର୍ବତନ ପୌରାଧକ୍ଷା ସବିତା ରାଉତଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଥିବାରୁ ମହିଳାମାନେ ବିଜେଡି ସୁପ୍ରିମୋଙ୍କୁ ଧନ୍ୟବାଦ ଦେଇଥିଲେ। ପୌର ପରିଷଦର ପ୍ରାୟ ୨୦୦୦ରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ମହିଳାମାନେ ଶପଥ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାସନଗର ବିଜେଡି ସଭାପତି ବ୍ରଜ କିଶୋର ରାଉତ, ମହେଶ ଧଳ, ପୂର୍ବତନ ଉପନଗରପାଳ ସୁବାସ ବଳ, ଶିଶିର କୁମାର ରାଉତ, ମନୋଜ ପରିଡା, ଧନେଶ୍ୱର ବାରିକ, ପାର୍ଥ ସାରଥି ନାୟକ, ମଣିନ୍ଦ୍ର ସାହୁ, ସଂଘମିତ୍ରା ଜେନା, ମଞ୍ଜୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ମହାସମାବେଶରେ ଉପସ୍ଥିତ କର୍ମୀ।

## ରାଜନୈତିକ ଦଳ ସହ ପର୍ଯ୍ୟବେକ୍ଷକଙ୍କ ବୈଠକ

**ଯାଜପୁର ଟାଉନ,୧୩।୪(ଡି.ଏନ୍.ଏ)**



ବୈଠକରେ ଉପସ୍ଥିତ ଅଧିକାରୀମାନେ।

ନିର୍ବାଚନ ଆଚରଣ ବିଧି ଓ ବିଭିନ୍ନ ନିୟମାବଳୀକୁ ନେଇ ରାଜନୈତିକ ଦଳ ସହ ପର୍ଯ୍ୟବେକ୍ଷକଙ୍କର ଏକ ବୈଠକ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ରାଜନୈତିକ ଦଳ ଆଚରଣ ବିଧି ଓ ନିୟମାବଳୀକୁ ମାନି ଚଳିବା ପାଇଁ ପର୍ଯ୍ୟବେକ୍ଷକମାନେ ପରାମର୍ଶ ଦେଇଛନ୍ତି। ବୈଠକରେ ପ୍ରାର୍ଥୀମାନେ ଧାର୍ଯ୍ୟ କରାଯାଇଥିବା ଖର୍ଚ୍ଚ ପରିମାଣ ନିର୍ଦ୍ଧାରିତ ସମୟରେ ପର୍ଯ୍ୟବେକ୍ଷକଙ୍କୁ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ଗାଇଡ୍‌ଲାଇନ୍ ଅନୁସାରେ ନିଜ ପ୍ରଚାର ପାଇଁ ପୋଷ୍ଟର, ହୋର୍ଡିଂ, ବ୍ୟାନର ଇତ୍ୟାଦି ଲଗାଇଥିଲେ ହେଁ ତାହାର ତଥ୍ୟ ରିଟର୍ଣ୍ଣିଂ ଅଫିସର ବା ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିବାକୁ ସାଧାରଣ ପର୍ଯ୍ୟବେକ୍ଷକ ଦିଲୀପ କୁମାର ପରାମର୍ଶ ଦେଇଥିଲେ। ଅନ୍ୟତମ ସାଧାରଣ ପର୍ଯ୍ୟବେକ୍ଷକ ନିର୍ଦ୍ଦେଶ ପାଟିଲ୍ ପ୍ରାର୍ଥୀମାନେ ଶୃଙ୍ଖଳିତ ଭାବେ କାର୍ଯ୍ୟ କରିବା ଓ କୌଣସି କ୍ଷେତ୍ରରେ ସମସ୍ୟା ଥିଲେ ରିଟର୍ଣ୍ଣିଂ ଅଫିସରଙ୍କ ଦାୟିତ୍ୱରେ ଥିବା ଅନ୍ୟାନ୍ୟ ଅଧିକାରୀଙ୍କୁ ଅବଗତ କରାଇବା ପାଇଁ ଅନୁରୋଧ କରିଥିଲେ। ଖର୍ଚ୍ଚ ତଦାରଖ ପର୍ଯ୍ୟବେକ୍ଷକ ଗୋପି ଧୋନଥିରେତି ଓ ଜି. ରାଜେନ୍ଦ୍ରନ୍ ପ୍ରତ୍ୟେକ ପ୍ରାର୍ଥୀ ନିର୍ବାଚନର ସମସ୍ତ ଖର୍ଚ୍ଚ ଏକ ଛାୟା ରେଜିଷ୍ଟ୍ରର ଉଲ୍ଲେଖ କରି ନିର୍ଦ୍ଧାରିତ ସମୟରେ ଆକାଉଣ୍ଟିଂ ଟିମ ଓ ଖର୍ଚ୍ଚ ପର୍ଯ୍ୟବେକ୍ଷକ ନିକଟରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆୟୁକ୍ତ ବ୍ୟବସ୍ଥା କରିଥିବା ସି.ଭିଜିଲ୍ ମାଧ୍ୟମରେ ବିଭିନ୍ନ ଅଭିଯୋଗ ଦାଖଲ କରିବାକୁ ପର୍ଯ୍ୟବେକ୍ଷକମାନେ ମତ ଦେଇଥିଲେ। ରାଜନୈତିକ ଦଳର ପ୍ରାର୍ଥୀ କିମ୍ବା ତାଙ୍କର ଏଜେଣ୍ଟ କୌଣସି ଅଭିଯୋଗ ଥିଲେ ଫୋନ୍ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ସାକ୍ଷାତ କରି ପର୍ଯ୍ୟବେକ୍ଷକଙ୍କୁ ଦେଇପାରିବେ ବୋଲି ପରାମର୍ଶ ଦେଇଛନ୍ତି। ବୈଠକ ପୂର୍ବରୁ ୨ୟ ପର୍ଯ୍ୟାୟ ଇଭିଏମ୍ , ର୍ୟାଣ୍ଡ ମାଇଜେଶନ୍ ପର୍ଯ୍ୟବେକ୍ଷକ, ରିଟର୍ଣ୍ଣି ଅଫିସର ରାଜନୈତିକ ଦଳ ପ୍ରାର୍ଥୀଙ୍କ ଉପସ୍ଥିତିରେ କରାଯାଇଥିଲା। ଏହି ବୈଠକରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ପ୍ରସାଦ ଧଳ, ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ, ଡେପୁଟି କଲେକ୍ଟର କାଜଲ ପ୍ରଧାନଙ୍କ ସମେତ ସମସ୍ତ ରାଜନୈତିକ ଦଳର ପ୍ରାର୍ଥୀମାନେ ଉପସ୍ଥିତ ଥିଲେ।

## ଓଭରଲୋଡିଂ ନିୟମକୁ ଖୋଲା ଉଲ୍ଲଂଘନ

### କାଳିଆପାଣି ଖଣି ଅଞ୍ଚଳ

- ମିନିଟ୍ରକ ଦ୍ୱାରା ହେଉଛି ଅଧିକ ଓଭରଲୋଡିଂ
- ସବୁ ଦେଖି ପ୍ରଶାସନ ନୀରବ

**କାଳିଆପାଣି,୧୩।୪(ଡିଏନଏ)**

ଖଣି ଅଞ୍ଚଳକୁ ସଂଯୋଗ ହୋଇଥିବା ରାସ୍ତା ଦିନକୁ ଦିନ ମରଣଯନ୍ତା ପାଲଟୁଥିବାବେଳେ ଆବଶ୍ୟକତାଠାରୁ ଅଧିକ ମାଲ ବୋଝେଇ କରି ଆସୁଥିବା ଗାଡ଼ିଗୁଡ଼ିକୁ ଲଗାମ ଦେବାରେ ବିଭାଗୀୟ ଅଧିକାରୀ ବିଫଳ ହୋଇଥିବା ଅଭିଯୋଗ ହୋଇଛି। ରାଜ୍ୟ ବା ଜିଲାରେ ଓଭରଲୋଡ଼ିଂ ନିୟମକୁ କଡାକଡ଼ି ଭାବେ ପାଳନ କରିବାକୁ କୁହାଯାଉଥିଲେ ହେଁ କାଳିଆପାଣିରେ କାର୍ଯ୍ୟ କରୁଥିବା ଖଣି କମ୍ପାନୀଗୁଡ଼ିକ ଏହାକୁ ଖୋଲା ଉଲ୍ଲଂଘନ କରୁଛନ୍ତି। ବିଭାଗର କଟକଣାକୁ ଉଲ୍ଲଂଘନ କରି ପରିବହନ ବିଭାଗ ଓ ଥାନା ଦୁଆର ମୁହଁ ଦେଇ ପ୍ରତିଦିନ ଶହଶହ ବଡ଼ ଗାଡ଼ି ଓଭରଲୋଡ଼ିଂ କରି କମ୍ପାନୀଗୁଡ଼ିକୁ ବାଲି, ଚିପ୍‌ସ, ମେଟାଲ ଯୋଗାଣ କରୁଛନ୍ତି। ଏପରି ବେଆଇନ କାର୍ଯ୍ୟକୁ ବିଭାଗ ଦେଖି ମଧ ନୀରବଦ୍ରଷ୍ଟା ସାଜିଛି। ଶହଶହ ଗାଡ଼ି ଯାତାୟାତ କରୁଥିଲେ ହେଁ ଏହାକୁ ଛାଡ଼ି ପରିବହନ ବିଭାଗ ଓ ପୋଲିସ ଛୋଟ ଗାଡ଼ି, ଦୁଇଚକିଆ ଯାନଠାରୁ ଜରିମାନା ଆଦାୟ କରୁଥିବା ଅଭିଯୋଗ ହୋଇଛି। ଖଣି ଅଞ୍ଚଳକୁ କ୍ରୋମାଇଟ ଲୋଡିଂ ପାଇଁ ୬ ଚକିଆରୁ ଆରମ୍ଭ କରି ୧୮ଚକିଆ ପର୍ଯ୍ୟନ୍ତ ଭାରିଯାନ ଚଳାଚଳ କରୁଛନ୍ତି। ମାତ୍ର ମିନିଟ୍ରକଗୁଡ଼ିକ ମାତ୍ରାଧିକ ଓଭରଲୋଡ଼ିଂ ନେଇ ଦ୍ରୁତଗତିରେ ଆସୁଛନ୍ତି। ଖଣିଅଞ୍ଚଳର ଓଡ଼ିଶା ଖଣି ନିଗମ ଓ ଇମ୍ପା କମ୍ପାନୀରେ ବହୁଳ ଭାବେ ନିର୍ମାଣ କାର୍ଯ୍ୟ ଚାଲିଛି। ତେଣୁ ଆବଶ୍ୟକ କଞ୍ଚାମାଲ ଯଥା ବାଲି, ଚିପ୍ସ, ମେଟାଲ, ବୋଲ୍‌ଡର, ମୋରମ ପ୍ରଭୃତିକୁ କେତେଜଣ ମୁଷ୍ଟିମେୟ ବ୍ୟକ୍ତି ସ୍ଥାନୀୟ ପୋଲିସ ଓ ପରିବହନ ଆଞ୍ଚଳିକ କାର୍ଯ୍ୟାଳୟକୁ ଉତ୍କୋଚ ଦେଇ ବେଆଇନ ପରିବହନ କରୁଥିବା କେତେଜଣ ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ନିୟମ ଅନୁଯାୟୀ ୧୦ ଚକିଆରେ ୧୬ଟନ ୫ଶହ ମାଲ ପରିବହନ କରିବାକୁ ଆଦେଶ ରହିଥିବାବେଳେ ଏହାଠାରୁ ବହୁ ଅଧିକ ୩୦ଟନ ପର୍ଯ୍ୟନ୍ତ ମାଲ ପରିବହନ କରୁଥିବା ଦେଖିବାକୁ ମିଳିଛି। ଏହା ସମ୍ପୂର୍ଣ୍ଣ ବେଆଇନ ହୋଇଥିଲେ ମଧ ଏହା ଉପରେ କାହିଁକି ବିଭାଗୀୟ ଅଧିକାରୀ ଲଗାମ ଲଗାଇବାରେ ଇଚ୍ଛା ପ୍ରକାଶ କରୁନାହାନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ ଲାଲମୋହନ ସେଠୀଙ୍କୁ ପଚାରିବାରୁ, ଅନେକ ସମୟରେ ଚଢ଼ାଉ କରାଯାଇ ଗାଡ଼ି ଜବତ କରାଯାଉଛି ବୋଲି କହିଥିଲେ।

## ସଂକ୍ଷେପରେ

### ବଳାତ୍କାର ଅଭିଯୋଗରେ ଗୃହରକ୍ଷୀ ଗିରଫ

**ନାଉଗାଁ,୧୩।୪(ସ୍ୱ.ପ୍ର.):** ନାଉଗାଁ ଥାନାରେ କାର୍ଯ୍ୟରତ ଜଣେ ଗୃହରକ୍ଷୀ ଅନ୍ୟ ଜଣେ ଗୃହରକ୍ଷୀଙ୍କ ସ୍ତ୍ରୀଙ୍କୁ ଅପହରଣ ଓ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତ ଗୃହରକ୍ଷୀ ବିକ୍ରମ ସ୍ୱାଇଁଙ୍କୁ ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ଏହି ଥାନାରେ ଗୃହରକ୍ଷୀ ଭାବେ କାର୍ଯ୍ୟରତ ବିକ୍ରମ ଅନ୍ୟ ଜଣେ ଗୃହରକ୍ଷୀଙ୍କ ସ୍ତ୍ରୀଙ୍କୁ ଗତ ୯ ତାରିଖ ରାତିରେ ଅପହରଣ କରିନେଇଥିଲେ। ଏନେଇ ଅପହୃତ ମହିଳାଙ୍କ ସ୍ୱାମୀ ଗତ ୧୦ ତାରିଖରେ ନାଉଗାଁ ଥାନାରେ ଅଭିଯୋଗ କରିଥିଲେ। ୧୧ ତାରିଖରେ ଉଭୟ ପରିବାରଙ୍କୁ ଥାନାକୁ ଡାକି ପୋଲିସ ଆପୋଷ ସମାଧାନ କରିବାକୁ ଉଦ୍ୟମ କରିଥିଲା। ଏଥିରେ ଉଭୟ ପକ୍ଷ ରାଜି ଥିବାବେଳେ ସମ୍ପୃକ୍ତ ମହିଳା ଜଣଙ୍କ ସମାଧାନ କରିବାକୁ ରାଜି ହୋଇ ନ ଥିଲେ। ପରେ ୧୨ ତାରିଖରେ ସେ ବିକ୍ରମଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିଲେ। ପୋଲିସ ଏନେଇ ମାମଲା ନଂ. ୬୮/୧୯ ରୁଜୁ କରିବା ସହ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ବର କର ପ୍ରକାଶ କରିଛନ୍ତି। ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉଭୟଙ୍କ ଡାକ୍ତରୀ ପରୀକ୍ଷା କରାଯାଇଛି।

### ହନୁମାନଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବିରିଡି,୧୩।୪(ଡି.ଏନ.ଏ.):** ବିରିଡ଼ି ବ୍ଲକ ହାଜିପୁର ବଜାରସ୍ଥିତ କଶ୍ରୀ ହନୁମାନଙ୍କ ମନ୍ଦିରର ୧୦ମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଶନିବାର ଏକ ଆଧାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଛି। ବଜାର କମିଟି ସଭାପତି ରାମକୃଷ୍ଣ ପରିଜା ଓ ସମ୍ପାଦକ ରାଜକିଶୋର ସାହୁଙ୍କ ସମେତ ବଜାରର ସମସ୍ତ ବ୍ୟବସାୟୀ ସହଯାଗ କରିଥିଲେ। ସନ୍ଧ୍ୟାରେ ଭଜନ କୀର୍ତ୍ତନ କରାଯାଇଥିଲା।


**ପୂର୍ବ ତଟ ରେଳପଥ**
**ନିର୍ମାଣ କାର୍ଯ୍ୟ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIBBS2019016, ତା: 10.04.2019
**କାର୍ଯ୍ୟର ନାମ :** କୋରାପୁଟ-ସିଙ୍ଗାପୁର ଦୋହରୀକରଣ ପ୍ରକଳ୍ପ : ପୂର୍ବ ତଟ ରେଳପଥର ୱାଲଟିୟର ମଣ୍ଡଳ ଅନ୍ତର୍ଗତ କୋରାପୁଟ-ସିଙ୍ଗାପୁର ରୋଡ଼ ଦୋହରୀକରଣ ଲାଇନ୍‌ରେ ବୈଦ୍ୟୁତିକ ଜେନେରାଲ୍ ସର୍ଭିସ୍ କାର୍ଯ୍ୟ ଗୁଡ଼ିକ ସହିତ ଲକ୍ଷ୍ମୀପୁର ରୋଡ଼, ଧଉରାହା, ସିଙ୍ଗରାମ୍ ଓ ଟିକିରି ଷ୍ଟେସନ ଗୁଡ଼ିକ ଠାରେ ଷ୍ଟେସନ ବିଲ୍ଡିଂ, ସର୍ଭିସ୍ ବିଲ୍ଡିଂ, କର୍ମଚାରୀ ବାସଗୃହ, ପ୍ଲାଟ୍‌ଫର୍ମ, ପ୍ଲାଟ୍‌ଫର୍ମ ସେଲଟର, ଫୁଟ ଓଭର ବ୍ରିଜ୍, ଆପ୍ରୋଚ ରାସ୍ତା (Approach Road) ନିର୍ମାଣ, ଯାତ୍ରୀ ସୁବିଧା କାର୍ଯ୍ୟ, ପରିକ୍ଷେତ୍ର ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 2597.32ଲକ୍ଷ, EMD : ₹ 14,48,700.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 11,800.00, କାର୍ଯ୍ୟ ସମାପ୍ତିର ଅବଧି: 12(ବାର)ମାସ।
**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 02.05.2019ର 1200 ଘ. ରେ
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର
PR-07/CC/19-20



**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ଇଞ୍ଜିନିୟରିଂ ଏବଂ ନିର୍ମାଣ କାର୍ଯ୍ୟ ପାଇଁ ବିଜ୍ଞପ୍ତି**
କ୍ର.ସଂ. (୧) ଇ-ଟେଣ୍ଡର ନଂ.: ଡିଆର୍‌ଏମ୍-ଇଏନ୍‌ଜିଜି-ବିଏସ୍‌ପି-ଟି-୨୦-୧୯-୨୦, ତାରିଖ: ୧୧।୦୪।୨୦୧୯। କାର୍ଯ୍ୟ: ବିଳାସପୁର ଡିଭିଜନର ଏଡିଇଏନ୍/ଚମ୍ପା କ୍ଷେତ୍ରାଧିକାର ଅଧୀନରେ ବାରଦୁଆର ଗୁଡ୍‌ସ ଶେଡ୍‌ଠାରେ ଗାଲ୍‌ଭାଲ୍ୟୁମ୍ ଶିଟ୍ ଏବଂ ସ୍ପ୍ରିଙ୍କଲରର ବ୍ୟବସ୍ଥା। ଟେଣ୍ଡର ମୂଲ୍ୟ: ଟ.୨,୩୯,୭୪,୯୨୯.୧୪। ଅମାନତ ଜମା ରାଶି: ଟ.୨,୬୯,୮୦୦/-, ସମାପ୍ତି ଅବଧି: ୦୯ ମାସ।
କ୍ର.ସଂ. (୨) ଇ-ଟେଣ୍ଡର ନଂ.: ଡିଆର୍‌ଏମ୍-ଇଏନ୍‌ଜିଜି-ବିଏସ୍‌ପି-ଟି-୨୧-୧୯-୨୦, ତାରିଖ: ୧୧।୦୪।୨୦୧୯। କାର୍ଯ୍ୟ: ବିଳାସପୁର ଡିଭିଜନର ଏଡିଇଏନ୍/ଚମ୍ପା କ୍ଷେତ୍ରାଧିକାର ଅଧୀନରେ ଖରସିଆ ଗୁଡ୍‌ସ ଶେଡ୍‌ଠାରେ ଗାଲ୍‌ଭାଲ୍ୟୁମ୍ ଶିଟ୍ ଏବଂ ସ୍ପ୍ରିଙ୍କଲରର ବ୍ୟବସ୍ଥା। ଟେଣ୍ଡର ମୂଲ୍ୟ: ଟ.୨,୩୯,୭୪,୯୨୯.୧୪। ଅମାନତ ଜମା ରାଶି: ଟ.୨,୬୯,୮୦୦/-, ସମାପ୍ତି ଅବଧି: ୦୯ ମାସ।
କ୍ର.ସଂ. (୩) ଇ-ଟେଣ୍ଡର ନଂ.: ଡିଆର୍‌ଏମ୍-ଇଏନ୍‌ଜିଜି-ବିଏସ୍‌ପି-ଟି-୨୨-୧୯-୨୦, ତାରିଖ: ୧୧।୦୪।୨୦୧୯। କାର୍ଯ୍ୟ: ଏଡିଇଏନ୍/ରାୟଗଡ଼ଙ୍କ କ୍ଷେତ୍ରାଧିକାର ଅଧୀନରେ କୋଟାର୍ଲିଆ ଷ୍ଟେଶନଠାରେ ନୂଆ ଏଫ୍‌ଓବି ନିର୍ମାଣ। ଟେଣ୍ଡର ମୂଲ୍ୟ: ଟ.୮୬,୯୪,୧୬୫.୮୯। ଅମାନତ ଜମା ରାଶି: ଟ.୧,୭୩,୯୦୦/-, ସମାପ୍ତି ଅବଧି: ୦୬ ମାସ।
କ୍ର.ସଂ. (୪) ଇ-ଟେଣ୍ଡର ନଂ.: ଡିଆର୍‌ଏମ୍-ଇଏନ୍‌ଜିଜି-ବିଏସ୍‌ପି-ଟି-୨୩-୧୯-୨୦, ତାରିଖ: ୧୧।୦୪।୨୦୧୯। କାର୍ଯ୍ୟ: ଏଡିଇଏନ୍/ରାୟଗଡ଼ଙ୍କ କ୍ଷେତ୍ରାଧିକାର ଅଧୀନରେ ଆଇବି ଷ୍ଟେଶନଠାରେ ନୂଆ ଏଫ୍‌ଓବି ଏବଂ ଡାଘୋରା ଷ୍ଟେଶନଠାରେ ଆନ୍ତଃ ପ୍ଲାଟ୍‌ଫର୍ମ ପଥ ନିର୍ମାଣ। ଟେଣ୍ଡର ମୂଲ୍ୟ: ଟ.୨,୭୪,୦୪,୬୫୧.୨୮। ଅମାନତ ଜମା ରାଶି: ଟ.୨,୮୭,୦୦୦/-, ସମାପ୍ତି ଅବଧି: ୦୬ ମାସ।
ଟେଣ୍ଡର ଦାଖଲ ଆରମ୍ଭ ତାରିଖ: ତା୨୫।୦୪।୨୦୧୯ରିଖ ୧୧.୦୦ ଘଟିକାରୁ। ଟେଣ୍ଡର ଦାଖଲର ଶେଷ ତାରିଖ: ତା୦୯।୦୫।୨୦୧୯ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ।
ଉପରୋକ୍ତ ଇ-ଟେଣ୍ଡର ବିଜ୍ଞପ୍ତିର ସମ୍ପୂର୍ଣ୍ଣ ସୂଚନା ୱେବ୍‌ସାଇଟ୍: http://www.ireps.gov.inରେ ଉପଲବ୍ଧ। ଉପରୋକ୍ତ ଟେଣ୍ଡର ପାଇଁ ଇ-ବିଡ୍ ବ୍ୟତୀତ ଅନ୍ୟ କୌଣସି ବିଡ୍ ଗ୍ରହଣଯୋଗ୍ୟ ହେବନାହିଁ।
ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଏନ୍‌ଜିଜି) ଏସ୍.ଇ.ସି. ରେଳପଥ, ବିଳାସପୁର
CPR/10/32
ସ୍ୱଚ୍ଛ ଭାରତ ଅଭିଯାନ


# ପୋଷ୍ଟର ମରାକୁ ନେଇ ଆକ୍ରମଣ, ୨ ଗୁରୁତର

## ଅଭିଯୁକ୍ତ କୋର୍ଟଚାଲାଣ

**ଜଗତ୍‌ସିଂହପୁର ଅଫିସ,୧୩।୪**

ଜଗତ୍‌ସିଂହପୁର ସହରରେ ପ୍ରଥମଥର ପ୍ରାକ୍ ନିର୍ବାଚନୀ ହିଂସା ସୃଷ୍ଟି ହୋଇଛି। ସ୍ଥାନୀୟ ମକୁନ୍ଦପୁରର ଜିତୁ ଓରଫ ଅଜିତ କୁମାର ସାହୁଙ୍କ ଆକ୍ରମଣରେ ଏହି ଗାଁର ବବୁଲ ଓରଫ ସୂର୍ଯ୍ୟକାନ୍ତ ସାହୁ ଗୁରୁତର ଆହତ ହୋଇଛନ୍ତି। ସେହିପରି ମକୁନ୍ଦପୁରର ବସନ୍ତ କୁମାର ପାତ୍ରଙ୍କ ଜଙ୍ଘରେ ୩ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି । ପାତ୍ରଙ୍କ ଅଭିଯୋଗକ୍ରମେ ଜଗତ୍‌ସିଂହପୁର ପୋଲିସ ଦଫା ୨୯୪/ ୩୦୭/ ୩୨୬ / ୩୨୪ଆଇପିସିରେ ମାମଲା ସଂଖ୍ୟା ୧୩୩/୧୯ ରୁଜୁ କରିଛି। ଏଥିସହ ଅଭିଯୁକ୍ତ ଜିତୁଙ୍କୁ ଗିରଫ ପରେ ଶନିବାର କୋର୍ଟଚାଲାଣ କରିଛି।

ସୂଚନା ଅନୁଯାୟୀ, ବବୁଲ ମାଧରାହାଟ ପୋଲଗଡ଼ା ନିକଟରେ କଥାବାର୍ତ୍ତା ହେଉଥିବା ସମୟରେ ଜିତୁ ଦ୍ରୁତ ଗତିରେ ଏକ ବୁଲେଟ (ନଂ.ଓଡ଼ି ୩୩୧-୫୧୧୧)ରେ ସେଠାରେ ପହଞ୍ଚିଥିଲେ। ପରେ ହଠାତ୍ ବବୁଲଙ୍କୁ ଜୀବନରେ ମାରିଦେବେ ବୋଲି ଧମକାଇଥିଲେ। କେବଳ ଏତିକି ନୁହେଁ, ଏକ ଧାରୁଆ ଛୁରୀ ବାହାର କରି ବବୁଲଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ବବୁଲଙ୍କ ବାମ ପଟ ଗାଲରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଏ ପରିସ୍ଥିତିରେ ସେ ଜିତୁଙ୍କୁ ଅଟକାଇବାକୁ ଚେଷ୍ଟା କଲାବେଳେ ପାତ୍ର ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଅଭିଯୁକ୍ତଙ୍କ ଛୁରୀ ଆକ୍ରମଣରେ ତାଙ୍କ ବାମ ଜଙ୍ଘର ୩ଟି ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ପାତ୍ର ଅଭିଯୋଗରେ ଦର୍ଶାଇଛନ୍ତି । ତେବେ ଆକ୍ରମଣ ସମୟରେ ସେମାନେ ଚିତ୍କାର କରିବାରୁ ଅଭିଯୁକ୍ତ ବୁଲେଟ ପକାଇ ସେଠାରୁ ଖସି ଯାଇଥିଲେ। ପରେ ଅନ୍ୟମାନେ ପହଞ୍ଚି ସଙ୍ଗେସଙ୍ଗେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ନେବା ବ୍ୟବସ୍ଥା କରିଥିଲେ। କିନ୍ତୁ ବବୁଲଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

## ବିଜେଡିର ମିଶ୍ରଣ ପର୍ବ

**ବାଲିଆ,୧୩।୪**

ବିଜେଡି ରାଜ୍ୟ ପରିଷଦ ସଭ୍ୟ ନୃସିଂହ ଚରଣ ଦାସ, ପୂର୍ବତନ ଜିଲା ପରିଷଦ ସଭ୍ୟ ନେତ୍ରାନନ୍ଦ ପାତ୍ରଙ୍କ ନେତୃତ୍ୱରେ ଶନିବାର ବାଲିଆ ଗୋପୀନାଥପୁର ପଞ୍ଚାୟତର ଶ୍ରୀଧର ବେହେରା, ବିପିନି ଭୋଇ, ରାଜାରାମ ଭୋଇ, ବସନ୍ତ ଭୋଇ, ଭଗବାନ ଦାସ, ରାମଚନ୍ଦ୍ର ଭୋଇ, ବଟକୃଷ୍ଣ ଭୋଇ, ସୁଧାଂଶୁ ଭୋଇ, ମାନସ ଭୋଇ, ଉମେଶ ବେହେରା ପ୍ରମୁଖ ଅନ୍ୟ ଦଳ ଛାଡି ବିଜେଡିରେ ସାମିଲ ହୋଇଛନ୍ତି। ଏହି ଉପଲକ୍ଷେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଧାୟକ ପ୍ରାର୍ଥୀ ବିଷ୍ଣୁ ଚରଣ ଦାସ ସେମାନଙ୍କୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବ ଫଳରେ ବିଜେଡିର ଶକ୍ତି ବୃଦ୍ଧି ପାଇବ ବୋଲି ବିଷ୍ଣୁ ପ୍ରକାଶ କରିଥିଲେ।


ପାରାଦୀପ ନିର୍ବାଚନମଣ୍ଡଳୀରେ କଂଗ୍ରେସ କର୍ମୀମାନେ ବାଇକ ଶୋଭାଯାତ୍ରାରେ ଯାଉଛନ୍ତି।

## ୨ଲକ୍ଷ ୭୦ ହଜାର ଟଙ୍କା ଜବତ

**ବାଲିଆ,୧୩।୪**

ଚଳିତ ନିର୍ବାଚନକୁ ଆଖି ଆଗରେ ରଖି ଜଗତ୍‌ସିଂହପୁର ଏସପିଙ୍କ ନିର୍ଦ୍ଦେଶ କ୍ରମେ ବିରିଡି ଆଇଆଇସି ବିଭିନ୍ନ ସ୍ଥାନରେ ରାସ୍ତା ବ୍ଲକିଂ କରିବା ସହ ଯାଞ୍ଚକୁ ଜୋରଦାର କରିଛନ୍ତି। ଶନିବାର ବିରିଡି ଥାନା ଛକ ନିକଟରେ ରାସ୍ତା ବ୍ଲକିଂ କରି ଯାଞ୍ଚ କରୁଥିବାବେଳେ ଏକ ମାରୁତି ସୁଜୁକି ଅଲଟୋ (ନଂ.ଓ.ଆର-୦୨ଏ, ଆର୮୨୩୦)ରୁ ୨ଲକ୍ଷ ୭୦ହଜାର ଟଙ୍କା ଜବତ କରିଛନ୍ତି। ଜଗତସିଂହପୁର ଅଭିମୁଖେ ଏହି ଗାଡି ଯାଉଥିବାବେଳେ ସେଥିରେ ବାଲୁଗାଁ ଅଞ୍ଚଳର ଏସ.କେ ଅବଦୁଲ ସରିଫ ନାମକ ବ୍ୟକ୍ତି ଥିଲେ। ଏହି ଅର୍ଥ କେଉଁ କାମ ପାଇଁ ସରିଫ ନେଉଥିଲେ ତାହାର ହିସାବ ଦେଇ ନ ପାରିବାରୁ ପୋଲିସ ଜବତ କରି ତଦନ୍ତ ଚଳାଇଥିବା ଆଇ.ଆଇ.ସି ପାରୋ ଟୁଡୁ ସୂଚନା ଦେଇଛନ୍ତି।

## ୪ନଂ ଜୋନ୍‌ରେ କଂଗ୍ରେସର 'ରୋଡ୍ ଶୋ'

**କୁଜଙ୍ଗ,୧୩।୪(ସ୍ୱ.ପ୍ର.)**

ପାରାଦୀପ ନିର୍ବାଚନମଣ୍ଡଳୀ ଅଧୀନ କୁଜଙ୍ଗ ବ୍ଲକ୍ ୪ନଂ ଜୋନ୍‌ରେ କଂଗ୍ରେସ ପକ୍ଷରୁ ରୋଡ୍ ଶୋ ଓ ମହିଳା ସମାବେଶ କରାଯାଇଛି। ବିଧାୟକ ପ୍ରାର୍ଥୀ ବାପି ସର୍ଖେଲ ଭୋଟ୍ ଭିକ୍ଷା କରିବା ସହ ଭାଜପା ଓ ବିଜେଡିକୁ ତୀବ୍ର ସମାଲୋଚନା କରିଛନ୍ତି। କୁଜଙ୍ଗ ବ୍ଲକ୍ କଂଗ୍ରେସ ଆବାହକ ଏ.ଏନ.ଡି. ଯାଦବ, ୪ନଂ ଜୋନ୍‌ର ନେତା ହିରଣ୍ୟ ଶଗଡିଆ, ସତ୍ୟଶିବ ପରିଡା, କୋଠି ସରପଞ୍ଚଙ୍କ ପ୍ରତିନିଧି କର୍ଣ୍ଣରାଜ ସ୍ୱାଇଁ, ଟିଟୁ ପରିଡା ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଏଏନ୍‌ଡି ଯାଦବ, ଜୋନ୍ ସଭାପତି ରମେଶ ଚନ୍ଦ୍ର ଦାସ, ସମ୍ପାଦକ ପ୍ରଶାନ୍ତ ପଟ୍ଟନାୟକ, କଂଗ୍ରେସର ବରିଷ୍ଠ ନେତା ଧନେଶ୍ୱର ଗୁରୁ, କୁଳମଣି ମହାନ୍ତି, ନାରାୟଣ ମଲିକ୍, ବାଇଧର ମଲିକ୍, ସମ୍‌ସର ଖାଁ, ଲୋକନାଥ ନାୟକ, ମେହେବୁବ୍ ଅଲ୍ଲୀ ପ୍ରମୁଖ ସିପିଆଇର ଜୋନାଲ ସମ୍ପାଦକ ଶରତ କୁମାର ବେହେରାଙ୍କ ନେତୃତ୍ୱରେ କଂଗ୍ରେସ ପାଇଁ ପ୍ରଚାରରେ ଲାଗିପଡିଛନ୍ତି। ସପିଆଇର ଜୋନ୍ ସହ ସମ୍ପାଦକ ହୃଷିକେଶ ନାଥ, ଜିଲାପରିଷଦ ସଭ୍ୟ ବିଷ୍ଣୁ ଚରଣ ମୁଦୁଲି, ଜଗବନ୍ଧୁ ବେହେରା, ସୁବାସ ମହାପାତ୍ର, ଶ୍ରୀନାବାସ ଜୁଝାରେ ସିଂହ, ରବି ସାମଲ ପ୍ରମୁଖ ଏଥିରେ ସାମିଲ ହୋଇଛନ୍ତି।

## ଭାଜପାର ମିଶ୍ରଣ ପର୍ବ

**କୁଜଙ୍ଗ/ପାରାଦୀପ,୧୩।୪(ସ୍ୱ.ପ୍ର.)**

ପାରାଦୀପ ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁ ଓ ମୋଦୀ ସରକାରଙ୍କ ବିକାଶ ମୂଳକ କାର୍ଯ୍ୟକୁ ସମର୍ଥନ କରି ବିଜେଡି ଓ କଂଗ୍ରେସର ବହୁ ସଂଗଠକ ଭାଜପାରେ ସାମିଲ ହୋଇଛନ୍ତି। ଜିଲାନାସୀ ସମିତି ସଭ୍ୟ ଚିନ୍ମୟ ସ୍ୱାଇଁଙ୍କ ସମେତ ଜିଲାନାସୀ, ସାହାରାଡିଆ, ତେନ୍ତୁଲିଆ ଆଦି ଗ୍ରାମର ସଙ୍ଗଠକ ମାୟାଧର ପ୍ରଧାନ, ହାଡିବନ୍ଧୁ ବେହେରା, ଅକ୍ରୁର ସ୍ୱାଇଁ, ବାବାଜୀ ବେହେରା, ବାନାମ୍ବର ବେହେରା ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ସେହିପରି ଗରେଇ ପଞ୍ଚାୟତ ବିବଛପୁର ଗ୍ରାମର କଂଗ୍ରେସ ନେତା ନୃସିଂହ ଚରଣ ରାଉତ, ହଂସୁରାର ଆଲୋକ ମଲିକ୍, କୁଜଙ୍ଗର ବିଜେଡି ସଙ୍ଗଠକ କେଶବ ଦାସ ଓ ଅନ୍ନଦା ପ୍ରସାଦ ସାହୁ ପ୍ରମୁଖ ଭାଜପାରେ ମିଶିଛନ୍ତି। ପାରାଦୀପ ମଣ୍ଡଳ ସଭାପତି ରଶ୍ମୀରଞ୍ଜନ ସାମନ୍ତରାୟ, ରାହାମା ମଣ୍ଡଳ ସଭାପତି ନୃସିଂହ ଚୌଧୁରୀ ପ୍ରମୁଖ ଦଳରେ ମିଶିଥିବା କୁହାଯାଇଛି।


ଭାଜପାରେ ସାମିଲ ହୋଇଥିବା କର୍ମୀଙ୍କୁ ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁ ସ୍ୱାଗତ କରୁଛନ୍ତି।

## ଏକଦିବସୀୟ କ୍ରିକେଟ, ଆମ୍ବେଡ଼କର ଚାମ୍ପିୟନ



ଚାମ୍ପିୟନ ଦଳକୁ ରାଜଶ୍ରୀ ମଲ୍ଲିକ ପୁରସ୍କୃତ କରୁଛନ୍ତି।

**ବାଲିଆ,୧୩।୪**

ବିରିଡ଼ି ବ୍ଲକ ଗୋପୀନାଥପୁର ପଞ୍ଚାୟତ ତଳପାଟକ ଆଜାଦ ହିନ୍ଦ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଏକ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଆମ୍ବେଡକର ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ନେହେରୁ କ୍ଲବ ଓ ଆମ୍ବେଡ଼କର କ୍ରିକେଟ ଟିମ ମଧ୍ୟରେ ହୋଇଥିଲା। ଆମ୍ବେଡ଼କର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୪ ଓଭରରେ ୧୫୯ ରନ କରିଥିଲା। ଜବାବରେ ନେହେରୁ କ୍ଲବ ୧୪ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୩୪ ରନରେ ପରାସ୍ତ ହୋଇଥିଲା। ଉଦ୍‌ଯାପନୀ ସଭାରେ ଜଗତ୍‌ସିଂହପୁର ଲୋକସଭା ବିଜେଡି ପାର୍ଥିନୀ ଡା. ରାଜଶ୍ରୀ ମଲ୍ଲିକ ମୁଖ୍ୟଅତିଥି, ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉଳ, ଯୁବ ସଭାପତି ପୁଷ୍ପ ପ୍ରକାଶ ପ୍ରଧାନ, ରଞ୍ଜିତ ସାହୁ, ବିଧାନ ଚନ୍ଦ୍ର ଜେନା, ମାନସ ବେହେରା, ଅରବିନ୍ଦ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। ସକିଲ ଓ ବାପି ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ

**ବାଲିଆ,୧୩।୪**

ବିରିଡି ବ୍ଲକ ଚାଷୀଖଣ୍ଡସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୧ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ ପାଳିତ ହୋଇଛି। ବିଦ୍ୟାଳୟର ସମ୍ପାଦକ ବସନ୍ତ କୁମାର ସାହୁ, ପ୍ରଧାନ ଆଚାର୍ଯ୍ୟା ମିତାଲୀ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ପରିଚାଳନା କମିଟି ସଭାପତି ପ୍ରବୋଧ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିଲେ। କ୍ୟାପଟେନ ସାରଦା ପ୍ରସାଦ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନର ମୂଳମନ୍ତ୍ର ବୋଲି କହିଥିଲେ। ଶିକ୍ଷାବିତ ଅରୁଣ କୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ ଯେ ଶିକ୍ଷା ବିନା ସୁସ୍ଥ ସମାଜ ଗଠନର ପରିକଳ୍ପନା କରାଯାଇ ନ ପାରେ। ଶିକ୍ଷା ହିଁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢିବାର ମାର୍ଗ ହୋଇଥାଏ। ଗୁରୁଙ୍କଠାରୁ ଉପଯୁକ୍ତ ଶିକ୍ଷାଲାଭ କରି ଛାତ୍ରୀଛାତ୍ର ଦେଶ ମାତୃକାର ଟେକ ରଖିବା ଉଚିତ। ଶିକ୍ଷା ବିସ୍ତାର ସମିତି ସମ୍ପାଦକ ବଂଶୀଧର ଦାସ, ଶିକ୍ଷାବିସ୍ତାର ସମିତିର ଅନ୍ୟତମ ସଭ୍ୟ ବଟକୃଷ୍ଣ ଦାଶ, ଶିକ୍ଷାବିତ ନରେନ୍ଦ୍ର ନାଥ ଆଚାର୍ଯ୍ୟ, କସ୍ତୁରୀ ଚରଣ ବେହେରା, ଅଧ୍ୟାପକ ବିଶ୍ୱରଞ୍ଜନ ଦାଶ, ଯୁଧିଷ୍ଠିର ବେହେରା, କୋଷାଧ୍ୟକ୍ଷ ସୁଦର୍ଶନ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ କୁନିକୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

## ମହାଦେବଙ୍କ ପୀଠରେ ନବଗ୍ରହ ପ୍ରତିଷ୍ଠା

**ବାଲିକୁଦା,୧୩।୪(ସ୍ୱ.ପ୍ର.)**

ଖାଲଗାଁ ପଞ୍ଚାୟତର ଶୋଭାସ୍ଥିତ ପ୍ରଭୁ ଶୋବନେଶ୍ୱର ମହାଦେବଙ୍କ ପରିସରରେ ଶ୍ରୀ ଶ୍ରୀ ନବଗ୍ରହ ବିଗ୍ରହ ପ୍ରତିଷ୍ଠା ଓ ଶୋବନେଶ୍ୱରଙ୍କ ଜନ୍ମୋତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମନ୍ଦିର ପରିସରରେ ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମ କରାଯାଇଥିଲା। ନବଗ୍ରହ ପ୍ରତିଷ୍ଠା ଅବସରରେ ଗୁରୁବାର ଯଜ୍ଞାଧିବାସ ପରେ ଶୁକ୍ରବାର ଜଳଯାତ୍ରା, ଶନିବାର ବିଗ୍ରହଙ୍କ ମନ୍ଦିର ପ୍ରବେଶ କରାଯାଇଥିଲା। ପରେ ଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟ ସମାପନ କରାଯାଇ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ପ୍ରଭୁଙ୍କ ବିଜେସ୍ଥଳୀରେ ତିନିଦିନ ବ୍ୟାପି ଅଷ୍ଟମ ପ୍ରହର ନାମଯଜ୍ଞ କରାଯାଇଛି। ଆସନ୍ତା ରବିବାର ନାମ ଶୁଭାଧିବାସ ସହିତ ପଣାଯାତ୍ରା କରାଯିବା ପରେ ସନ୍ଧ୍ୟାରେ ଦକ୍ଷିଣୀ ସଂକୀର୍ତ୍ତନ କରାଯିବ। ସୋମବାର ନାମଯଜ୍ଞ ଓ ମଙ୍ଗଳବାର ମହୋତ୍ସବର କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଛି। ଏହି ଧର୍ମୀୟ କାର୍ଯ୍ୟରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ବିଭୁକୃପା ଲାଭ କରିବାକୁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି।


ପାରାଦୀପର ୮ନଂ ୱାର୍ଡରେ ବିଜେଡି ସମାବେଶରେ ଉପସ୍ଥିତ ମହିଳାମାନେ।


କଂଗ୍ରେସ ପ୍ରାର୍ଥୀ ଅରିନ୍ଦମ ସର୍ଖେଲଙ୍କ ସ୍ତ୍ରୀ ମୋନିଦୀପା ପ୍ରଚାର କରୁଛନ୍ତି।

## ବିଭିନ୍ନ ସ୍ଥାନରେ ଶ୍ରୀରାମ ନବମୀ

**ବାଲିକୁଦା,୧୩।୪(ସ୍ୱ.ପ୍ର.)**

ବାଲକୁଦା ଅଞ୍ଚଳର ବିଭିନ୍ନ ସ୍ଥାନରେ ଶ୍ରୀରାମ ନବମୀ ପାଳିତ ହୋଇଛି। ଡେଙ୍ଗାପୋଲ ସ୍ଥିତ ହନୁମାନ ମନ୍ଦିର, ଖାଲଗାଁର ହନୁମାନ ମନ୍ଦିର, ନୂଆଗାଁ ଛକଠାରେ ଥିବା ହନୁମାନ ମନ୍ଦିର, ତିହୁଡି ଛକସ୍ଥିତ ହନୁମାନ ମନ୍ଦିର, ଦିଗୋଡାଠାରେ ଥିବା ହନୁମାନ ମନ୍ଦିର, ତଣ୍ଡିକୁଳର ପୁରୁଷୋତ୍ତମପୁରଠାରେ ଥିବା ହନୁମାନ ମନ୍ଦିର, ମାଛଗାଁସ୍ଥିତ ଅଶିଲୋ ହନୁମାନ ମନ୍ଦିର ପରିସରରେ ଯଥାବିଧି ପୂଜାର୍ଚ୍ଚନା ଓ ହନୁମାନ ଚାଳିସା ପାଠ କରାଯାଇଥିଲା।


ପୂର୍ବ ତଟ ରେଳପଥ
'ଇ' କ୍ରୟ ପ୍ରଣାଳୀ
ଟେଣ୍ଡର ବିଜ୍ଞପ୍ତି ସଂ. PCMM/EP/2018-19/27, ତା : 11.04.2019
"ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ଭାରତୀୟ ରେଳବାଇ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରନ୍ତୁ, ଯେଉଁଥିରେ କି ଏହି ରେଳପଥ ସମ୍ବନ୍ଧୀୟ ଟେଣ୍ଡରଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି। ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ୍ୟ ଜମା କରାଯାଇପାରିବ।"
"ସମସ୍ତ ଯୋଗାଣକାରୀ/ବିକ୍ରେତାମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ୱେବ୍‌ସାଇଟ୍ www.ireps.gov.in (Vendors log in) ଅବଲୋକନ କରି ଅନ୍‌ଲାଇନ୍‌ରେ ସେମାନଙ୍କ ବିଲ୍ (Bills) ଜମା କରିବେ, ଯାହା ଫଳରେ ବିଲ୍‌ଗୁଡ଼ିକୁ ଯାଞ୍ଚ କରାଯିବା ସହିତ ସେଗୁଡ଼ିକୁ ପ୍ରଣାଳୀ ମାଧ୍ୟମରେ ସ୍ୱତଃ ପୈଠ ନିମନ୍ତେ ପାରିତ କରାଯାଇପାରିବ।"
PR-28/K/19-20
ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର


## ଉତ୍ସବମୁଖର ବରଦା ଶାସନ ହନୁମାନ ମନ୍ଦିର

**ବିରିଡି,୧୩।୪(ଡି.ଏନ.ଏ)**

ଜଗତ୍‌ସିଂହପୁର ଜିଲା ବିରିଡି ବ୍ଲକ ଅନ୍ତର୍ଗତ ବରଦାଶାସନସ୍ଥିତ ମହାବୀର ହନୁମାନଙ୍କ ମନ୍ଦିର ଏବେ ଉତ୍ସବମୁଖର ହୋଇପଡିଛି। ପଣା ସଂକ୍ରାନ୍ତି ତଥା ଉତ୍କଳୀୟ ନବବର୍ଷ ଦିନ ଏଠାରେ ଯାତ୍ରା ହୋଇଥାଏ। କାଠ ଯୋଡ଼ି ନଦୀକୂଳ ମେଳଣ ପଡିଆରେ ବିଭିନ୍ନ ସ୍ଥାନରୁ ନିମନ୍ତ୍ରିତ ହୋଇ ଆସିଥିବା ଦୋଳ ବିମାନଗୁଡିକ ଏକତ୍ରିତ ହୋଇଥାନ୍ତି। ସନ୍ଧ୍ୟାରେ ମହାବୀରଙ୍କ ମନ୍ଦିରରୁ କାଳିସି ଶୋଭାଯାତ୍ରା ବାହାରିଥାଏ। ବିମାନରେ ପ୍ରଭୁଙ୍କ ଚଳନ୍ତି ପ୍ରତିମା ଗାଁ ଗାଁ ବୁଲି ଭୋଗ ଖାଇବାର ପରମ୍ପରା ରହିଛି। ଏହି ଯାତ୍ରା ବିଷୁବ ସଂକ୍ରାନ୍ତିଠାରୁ ଆରମ୍ଭ ହୋଇ ୩ ଦିନ ଧରି ଚାଲିଥାଏ। ମହାବୀରଙ୍କ ବିଗ୍ରହ ସ୍ଥାପନା ସମ୍ପର୍କରେ ନାନା କଥା ଲୋକ ମୁଖରୁ ଶୁଣାଯାଏ। ରାଜା କପିଳେନ୍ଦ୍ର ଦେବ ଏହି ବରଦା ଶାସନ ବ୍ରାହ୍ମଣମାନଙ୍କୁ ଦାନ ଦେବା ବେଳେ ଶାସନର ମୁଖ୍ୟ ବ୍ରାହ୍ମଣଙ୍କୁ ଏକ ହନୁମାନ ମୂର୍ତ୍ତି ପ୍ରଦାନ କରିଥିଲେ। ପରେ ସେହି ମୂର୍ତ୍ତି ଅନ୍ତର୍ଧାନ ହୋଇଯାଇଥିଲେ। ବର୍ତ୍ତମାନର ଚଳନ୍ତି ପ୍ରତିମା ହନୁମନ୍ତ ବ୍ରହ୍ମପୁର ଗ୍ରାମର ଏକ ଆମ୍ବ ଗଛ ମୂଳରୁ ଆବିର୍ଭୂତ ହୋଇଥିଲେ ବୋଲି କବି ପିତାମ୍ବର ମହାପାତ୍ର କହିଛନ୍ତି। ୧୯୫୬ରୁ ବରଦା ଶାସନ ମହାବୀର ହନୁମାନଙ୍କ ବୋରିକ ଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଏହି ଯାତ୍ରା ଦେଖିବା ପାଇଁ ଜଗତ୍‌ସିଂହପୁର ଓ କଟକ ଜିଲାରୁ ଶ୍ରଦ୍ଧାଳୁମାନେ ଆସିଥାନ୍ତି। ଦିନରେ ଆଧାତ୍ମିକ କାର୍ଯ୍ୟକ୍ରମ ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ହୋଇଥାଏ। ମହାବୀରଙ୍କ ଦୈନିକ ନୀତି ମଧ୍ୟରେ ସକାଳ ଧୂପ, ମଧ୍ୟାହ୍ନରେ ଶଙ୍ଖୁଡି ଧୂପ ଓ ପରେ ବାଳ ଧୂପ ହୋଇଥାଏ। ସନ୍ଧ୍ୟାରେ ଆଳତୀ ଓ ରାମଚରିତ ମାନସ ପାଠ କରାଯାଏ।




# ମତଦାନ ଆମ ଅଧିକାର












ଗଣତାନ୍ତ୍ରିକ ଶାସନ ପ୍ରଣାଳୀରେ ମତଦାନ ବା ଭୋଟଦେବା ଅଧିକାର ଦେଶର ନାଗରିକଙ୍କର ସବୁଠାରୁ ବଡ଼ ଅଧିକାର। ଏହି ଅଧିକାର ଦ୍ୱାରା ଜନତା ନୂଆ ସରକାର ଗଢ଼ିବାର ଶକ୍ତି ରଖୁଥିବା ବେଳେ ସରକାର ଭାଙ୍ଗିବାର ମଧ୍ୟ କ୍ଷମତା ରଖେ। ତେବେ ଦେଶର ଉନ୍ନତି ଏବଂ ପ୍ରଗତି ଲାଗି ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟଦେଇ ନିଜର ପ୍ରତିନିଧି ଭାବେ ଚୟନ କରିବା ଏକ ବହୁମୂଲ୍ୟ ଦାୟିତ୍ୱ। ତେଣୁ ଦେଶର ପ୍ରତ୍ୟେକ ନାଗରିକ ଏଥିପ୍ରତି ସଚେତନ ହେବା ଜରୁରୀ। କୌଣସି ସ୍ୱତନ୍ତ୍ର ରାଜନୈତିକ ଦଳ ଦ୍ୱାରା ପ୍ରଭାବିତ ନ ହୋଇ ନିଜର ବହୁମୂଲ୍ୟ ଭୋଟ ଜଣେ ଦକ୍ଷ ତଥା ଯୋଗ୍ୟ ପ୍ରାର୍ଥୀଙ୍କୁ ଦେବା ଉଚିତ। କେବଳ ସେତିକି ନୁହେଁ, ଦେଶରେ ଅନୁଷ୍ଠିତ ହେଉଥିବା ନିର୍ବାଚନକୁ ଧନବଳ ରାଜନୀତିଠାରୁ ଦୂରେଇ କିଭଳି ସ୍ୱଚ୍ଛ ଓ ନ୍ୟାୟସଙ୍ଗତ ଭାବେ ଅନୁଷ୍ଠିତ କରାଯାଇପାରିବ, ସେଥିପ୍ରତି ମଧ୍ୟ ବିଶେଷ ଧ୍ୟାନଦେବା ଜରୁରୀ। ଏ କ୍ଷେତ୍ରରେ ଦେଶର ଯୁବପିଢ଼ିଙ୍କ ଭୂମିକା ବେଶ୍ ଗୁରୁତ୍ୱ ବହନ କରେ। କାରଣ ଦେଶର ଦୁଇ ତୃତୀୟାଂଶ ଭୋଟର ଯୁବଗୋଷ୍ଠୀ। ତେଣୁ ଏହି ସାଧାରଣ ନିର୍ବାଚନରେ ଯୁବଗୋଷ୍ଠୀଙ୍କର ଭୋଟ ଗେମ୍ ଚେଞ୍ଜର ଭାବେ ପ୍ରତୀୟମାନ ହେବ।


ମାନସ


ସୁଶ୍ରୀ ମଧୁସ୍ମିତା


ସତ୍ୟ ପ୍ରକାଶ


ନୀହାର


ଶ୍ୱେତା

ସମୟ ବଦଳିବା ସହ ଭୋଟ ଦେବାର ପ୍ରଣାଳୀରେ ମଧ୍ୟ ଅନେକ ପରିବର୍ତ୍ତନ ଆସିଛି। ଦିନ ଥିଲା, ଲୋକେ ଭୋଟ ବାକ୍ସରେ କାଗଜ ଗଳେଇ ଭୋଟ ଦେଉଥିଲେ। କିନ୍ତୁ ବର୍ତ୍ତମାନ ଇଲେକ୍‌ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ର ବ୍ୟବସ୍ଥା କରାଯାଇଛି। ଭୋଟରଙ୍କୁ ଯଦି କୌଣସି ପ୍ରାର୍ଥୀ ପସନ୍ଦ ନ ଆସୁଛନ୍ତି, ତେବେ ସେମାନଙ୍କ ପାଇଁ ନୋଟା ବା ନନ୍ ଅଫ୍ ଦ ଏବଭ୍ ଅପ୍ସନ୍‌ର ବି ସୁବିଧା ରହିଛି। କେବଳ ସେତିକି ନୁହେଁ ସ୍ୱଚ୍ଛ ଏବଂ ବିଶ୍ୱସନୀୟ ନିର୍ବାଚନ ପ୍ରକ୍ରିୟାର ସମୃଦ୍ଧିକରଣ ଲାଗି ଚଳିତ ନିର୍ବାଚନରେ ଇଭିଏମ ସହ ପ୍ରଥମ ଥର ଲାଗି ଭିଭିପାଟ ମେସିନର ବ୍ୟବସ୍ଥା ମଧ୍ୟ କରାଯାଇଛି। ଯାହା ଆପଣ ଦେଇଥିବା ଭୋଟର ସ୍ୱଚ୍ଛତାର ପ୍ରମାଣ ଦେବ। ତେବେ ୧୮ ବର୍ଷରୁ ଊର୍ଦ୍ଧ୍ୱ ପ୍ରତ୍ୟେକ ନାଗରିକ ମତଦାନ ଅଧିକାରକୁ ବ୍ୟବହାର କରିବା ଉଚିତ। କାରଣ ଆପଣଙ୍କର ଗୋଟିଏ ଭୋଟ ଦେଶର ଭବିଷ୍ୟତ ବଦଳେଇବାର କ୍ଷମତା ରଖେ। ୨୦୧୯ ସାଧାରଣ ନିର୍ବାଚନ ଉପରେ ଏବେ ସମସ୍ତଙ୍କ ନଜର। ବର୍ତ୍ତମାନ ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ ହୋଇଯାଇଛି। ଆଗାମୀ ପର୍ଯ୍ୟାୟ ମତଦାନକୁ ନେଇ ଭୋଟର ତଥା ପ୍ରାର୍ଥୀମାନଙ୍କ ମଧ୍ୟରେ ନାହିଁ ନଥିବା ଆଗ୍ରହ ଏବଂ ଉତ୍ସାହ ପରିଲକ୍ଷିତ ହେଉଛି। ତେବେ ଏହି ମତଦାନକୁ ନେଇ ଆଜିର ଯୁବଗୋଷ୍ଠୀ କ'ଣ ମତ ରଖନ୍ତି ସେ ସମ୍ପର୍କରେ...

**❊ ଖୁସିଲାଗେ ଆମ ଭୋଟ ଦେଶ ଗଠନ ଏବଂ ପ୍ରଗତି କ୍ଷେତ୍ରରେ ବ୍ୟବହୃତ ହେଉଛି:** ଏଇଥର ମୁଁ ଦ୍ୱିତୀୟ ଥର ଲାଗି ଭୋଟ ଦେବାକୁ ଯାଉଛି। ଖୁସିଲାଗେ ଆମ ଭୋଟ ଦେଶ ଗଠନ ଏବଂ ପ୍ରଗତି କ୍ଷେତ୍ରରେ ବ୍ୟବହୃତ ହେଉଛି। ତେବେ ଜଣେ ସଚେତନ ନାଗରିକ ଭାବରେ ମୁଁ ମୋର ଭୋଟ ଦେବା ଅଧିକାରକୁ ପୂର୍ଣ୍ଣ ଭାବେ ଉପଯୋଗ କରିବାକୁ ଚାହେଁ। ଆମ ମତ ସାବ୍ୟସ୍ତ କରିବା ଦ୍ୱାରା ହିଁ ଆମେ ପରିବର୍ତ୍ତନର ଆଶା ରଖିପାରିବା। ଆଜି ସମଗ୍ର ଭାରତବର୍ଷରେ କେବଳ ୬୦ ପ୍ରତିଶତ ମତଦାନ ହେଉଛି, ଯାହା ଆଦୌ ଶୁଭଙ୍କର ନୁହେଁ। ଆମକୁ ମତଦାନ ହାର ବଢ଼େଇବାକୁ ପଡ଼ିବ। ଲୋକମାନଙ୍କ ମଧ୍ୟରେ ଭୋଟ ଦେବାର ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି କରିବାକୁ ପଡ଼ିବ। ଏହା ଦ୍ୱାରା ଆମେ ଆଗାମୀ ଦିନରେ ଦେଶ ପାଇଁ ଏକ ଉପଯୁକ୍ତ ପ୍ରତିନିଧି ବାଛି ଭାରତକୁ ଏକ ପ୍ରଗତିଶୀଳ ରାଷ୍ଟ୍ରରେ ପରିଣତ କରିପାରିବା। ତେବେ ମୁଁ ଜଣେ ଏପରି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବି, ଯିଏ ଜନତାଙ୍କ ସବୁ ସୁଖଦୁଃଖରେ ସାମିଲ ହୋଇ ପାରୁଥିବେ। ଦେଶ ଗଠନ ତଥା ସମାଜର ଉନ୍ନତି କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରିପାରୁଥିବେ।

**– ସୁଶ୍ରୀ ମଧୁସ୍ମିତା ବେହେରା**
*ବେହେରାସାହି, ନୟାପଲ୍ଲୀ, ଭୁବନେଶ୍ୱର*

**❊ ମୋର ବହୁମୂଲ୍ୟ ଭୋଟକୁ ଅପଚୟ ନ କରି ଉପଯୁକ୍ତ ପ୍ରାର୍ଥୀଙ୍କୁ ଦେବି:** ଗଣତାନ୍ତ୍ରିକ ରାଷ୍ଟ୍ରରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ପ୍ରତ୍ୟେକ ନାଗରିକଙ୍କ ଭୋଟ ଦେବା ଅଧିକାର ଅଛି। ତେଣୁ ଏହି ଅଧିକାରକୁ ଆମେ ସମସ୍ତେ ବୁଝି ବିଚାରି ଦେବା ଉଚିତ। ଏଭଳି ପ୍ରାର୍ଥୀଙ୍କୁ ଭୋଟ ଦେବା, ଯିଏକି ସମାଜ ତଥା ରାଷ୍ଟ୍ର ପ୍ରତି ଥିବା ନିଜ ଦାୟିତ୍ୱକୁ ସୂଚାରୁ ରୂପେ ତୁଲେଇ ପାରୁଥିବେ। ଜନହିତକର କାର୍ଯ୍ୟରେ ସମର୍ପଣ ଭାବନା ରଖି କାର୍ଯ୍ୟ କରୁଥିବେ। ତେଣୁ ମୁଁ ମୋର ବହୁମୂଲ୍ୟ ଭୋଟକୁ ଅପଚୟ ନ କରି ଉଚିତ ପ୍ରାର୍ଥୀଙ୍କୁ ଦେବି। ଏଥର ମୁଁ ତୃତୀୟ ଥର ଲାଗି ଭୋଟ ଦେବି। ମୋର ଭୋଟ ଦେଶହିତ କାର୍ଯ୍ୟରେ ଲାଗୁଥିବା ହେତୁ ମୁଁ ବହୁତ ଖୁସି।

**– ମାନସ ରଞ୍ଜନ ସାହୁ**
*ଘଷିପୁରା, କେନ୍ଦୁଝର*

**❊ କଥାରେ ନୁହେଁ, କାମରେ ବିଶ୍ୱାସ ରଖୁଥିବା ପ୍ରାର୍ଥୀଙ୍କୁ ଭୋଟ ଦେବି:** ଏକ ଅଧ୍ୟୟନରୁ ଜଣାଯାଇଛି ଯେ ମତଦାନ କ୍ଷେତ୍ରରେ ଯୁବ ଭୋଟରଙ୍କ ସଂଖ୍ୟା କ୍ରମାଗତ ହ୍ରାସ ପାଇବାରେ ଲାଗିଛି। ଏହାର କାରଣ ହେଉଛି ୧୮ ରୁ ୨୯ ବର୍ଷ ବୟସ୍କ ମଧ୍ୟରେ ଥିବା ଯୁବଗୋଷ୍ଠୀଙ୍କ ରାଜନୀତି ପ୍ରତି ଥିବା ବିମୁଖଭାବ। ଦେଶରେ ସର୍ବାଧିକ ସଂଖ୍ୟକ ଯୁବଭୋଟର ଥିବା ବେଳେ, ରାଜନୀତି ପ୍ରତି ଥିବା ଅନାଗ୍ରହ ସେମାନଙ୍କ ଭୋଟ ଦେବା ଇଚ୍ଛାକୁ ଦମନ କରୁଛି। ତେଣୁ ଏହି ବର୍ଗର ନାଗରିକମାନଙ୍କ ମଧ୍ୟରେ ରାଜନୈତିକ ଘଟଣାବଳୀ ତଥା ମତଦାନ ପ୍ରତି ସଚେତନତା ସୃଷ୍ଟି କରିବା ନିତାନ୍ତ ଆବଶ୍ୟକ। ସେମାନଙ୍କୁ ସକ୍ରିୟ ରାଜନୀତିରେ ଅଂଶ ଗ୍ରହଣ କରିବା ଲାଗି ମଧ୍ୟ ଉତ୍ସାହିତ କରିବା ଆବଶ୍ୟକ। ମୋ ମତରେ ଏଭଳି ପ୍ରାର୍ଥୀଙ୍କୁ ଭୋଟ ଦେବା ଉଚିତ, ଯିଏକି କଥାରେ ନୁହେଁ କାମରେ ବିଶ୍ୱାସ କରୁଥିବେ। ଯେଉଁ ବ୍ୟକ୍ତିଙ୍କୁ ଆମେ ୫ ବର୍ଷ ଯାଏଁ ଆମର ପ୍ରତିନିଧି ଭାବେ ଚୟନ କରିବୁ ସେ ଅନ୍ୟ ରାଜନୈତିକ ଦଳଙ୍କ ବିରୋଧରେ ରାଜନୈତିକ ଖେଳ ନ ଖେଳି ବରଂ ଜନତାଙ୍କର ତଥା ସମାଜର ହିତ ସକାଶେ କାର୍ଯ୍ୟ କରୁଥିବେ। ମୁଁ ଏଥର ପ୍ରଥମ ଥର ଲାଗି ଭୋଟ ଦେବାକୁ ଯାଉଥିବାରୁ ବହୁତ ଏକ୍‌ସାଇଟେଡ ଅଛି। ମୋ ଭୋଟ ଜଣେ ଯୋଗ୍ୟ ତଥା ଦକ୍ଷ ପ୍ରାର୍ଥୀଙ୍କୁ ଦେବି।

**– ଶ୍ୱେତା ପ୍ରୀତିଶା ପତି**
*ନୟାପଲ୍ଲୀ, ଭୁବନେଶ୍ୱର*

**❊ ଆମ ଭୋଟ ହିଁ ଆମ ଦେଶର ଭବିଷ୍ୟତ ଏବଂ ପ୍ରଗତି ନିର୍ଦ୍ଧାରଣ କରିବ:** ଗଣତନ୍ତ୍ରର ଗଣପର୍ବ– ୨୦୧୯ ନିର୍ବାଚନ ସମ୍ଭବତଃ ବିଶ୍ୱର ସବୁଠାରୁ ବ୍ୟୟବହୁଳ ନିର୍ବାଚନ ହେବାକୁ ଯାଉଛି। ମୋ ମତରେ ବର୍ତ୍ତମାନ ସ୍ଥିତିରେ ଏହି ନିର୍ବାଚନ ଏକ ବାଧ୍ୟବାଧକ ପରିସ୍ଥିତି ସୃଷ୍ଟି କରୁଛି, ଜଣକୁ ଶାସକ ହିସାବରେ ବାଛିବା ପାଇଁ। କାରଣ ପ୍ରାର୍ଥୀ ବାଛିବାରେ ଅପ୍ସନ କମ୍ ରହିଛି। ବାହୁବଳ ଏବଂ ଧନବଳ ଥିବା ଲୋକଙ୍କୁ ପ୍ରାର୍ଥୀ ଭାବେ ଟିକେଟ ମିଳିଛି। ଲୋକଙ୍କ ସେବାର ବାସ୍ତବତା ସହିତ ସେମାନଙ୍କ କୌଣସି ସମ୍ପର୍କ ନାହିଁ ବୋଲି ହୃଦୟଙ୍ଗମ ହେଉଛି। ଯିଏ ପ୍ରକୃତ ଜନସେବକ, ଜନତା ତାଙ୍କୁ ହିଁ ନିଜ ପ୍ରତିନିଧି ଭାବେ ଚାହାଁନ୍ତି। ମୁଁ ମୋ ଭୋଟ ଜଣେ ଦୂରଦୃଷ୍ଟିସମ୍ପନ୍ନ, କର୍ତ୍ତବ୍ୟ ପରାୟଣ ତଥା ଜଣେ ସଚ୍ଚୋଟ ବ୍ୟକ୍ତିଙ୍କୁ ଦେବାକୁ ଚାହେଁ। ଅପରାଧ ସମ୍ପର୍କ ଥିବା ଛଦ୍ମ ଜନସେବକଙ୍କୁ ସମ୍ପୂର୍ଣ୍ଣ ବହିଷ୍କାର କରିବି। ତେବେ ଦେଶର ପ୍ରତ୍ୟେକ ନାଗରିକଙ୍କୁ ଭୋଟ ଦେବା ନିଶ୍ଚିତ ଆବଶ୍ୟକ। ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାର ଅଙ୍ଗ ହିସାବରେ ଏହା ଆମର କର୍ତ୍ତବ୍ୟ ଏବଂ ଦାୟିତ୍ୱ ମଧ୍ୟ। ଆମ ଭୋଟ ହିଁ ଆମ ଦେଶର ଭବିଷ୍ୟତ ଏବଂ ପ୍ରଗତି ନିର୍ଦ୍ଧାରଣ କରିବ।

**– ନୀହାର ରଞ୍ଜନ ବାରିକ,** ଢେଙ୍କାନାଳ

**❊ ମତଦାନ ଦ୍ୱାରା ହିଁ ଯୁବପିଢ଼ି ସରକାରୀ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିପାରିବେ:** ମତଦାନ ଆମର ସାମ୍ବିଧାନିକ ଅଧିକାର। ଦେଶର ନାଗରିକ ଭାବରେ ଉଚିତ ପ୍ରାର୍ଥୀଙ୍କୁ ଚୟନ କରିବା ଆମର ପ୍ରଥମ କର୍ତ୍ତବ୍ୟ। ନିଜର ମତଦାନ କରି ଆଜିର ଶିକ୍ଷିତ ଯୁବପିଢ଼ି ଦେଶ ଗଠନ ତଥା ସରକାରୀ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିପାରିବେ। ତେଣୁ ଭୋଟ ଦେବା ପୂର୍ବରୁ ମତଦାତାମାନେ ପ୍ରାର୍ଥୀଙ୍କ ବିଷୟରେ ଜାଣିବା ଜରୁରୀ। କୌଣସି ରାଜନୈତିକ ଦଳ ଦ୍ୱାରା ପ୍ରଭାବିତ ନ ହୋଇ ନିଜ ଭୋଟ ଜଣେ ଯୋଗ୍ୟ ପ୍ରାର୍ଥୀଙ୍କୁ ଦେବା ଉଚିତ।

**– ସତ୍ୟ ପ୍ରକାଶ ଦାଶ**
*ଚକେଇସିଆଣି, ଭୁବନେଶ୍ୱର*

**ଉପସ୍ଥାପନା: ଲିପ୍‌ସା ବିଶୋଇ**

# କାନ ପାଇଁ କ୍ଷତିକାରକ ଇଅରଫୋନ୍



ଅଧିକାଂଶ ଯୁବପିଢ଼ିଙ୍କୁ ବିନା ମ୍ୟୁଜିକ୍‌ରେ ନିଦ ହୁଏ ନାହିଁ। ରାତିରେ ଇଅରଫୋନ୍ ଲଗାଇ ଗୀତ ଶୁଣୁ ଶୁଣୁ ନିଦ ଆସିଯାଇଥାଏ। ଅଧିକ ସମୟ ଇଅରଫୋନ୍ କାନରେ ଲଗାଇବା ଦ୍ୱାରା ଶ୍ରବଣଶକ୍ତି ପ୍ରଭାବିତ ହୋଇଥାଏ। ଏହାର ଖରାପ ପ୍ରଭାବ ମସ୍ତିଷ୍କ ଏବଂ ନିଦ ଉପରେ ମଧ ପଡ଼ିଥାଏ।

❖ ମ୍ୟୁଜିକ୍ ଶୁଣିବା ଦ୍ୱାରା ଆରାମ ମିଳିଥାଏ ସତ, କିନ୍ତୁ ଏହି ଆର୍ଟିଫିସିଆଲ ସାଉଣ୍ଡ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ।

❖ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଇଅରଫୋନ୍ ଲଗାଇ ମ୍ୟୁଜିକ୍ ଶୁଣିବା ଦ୍ୱାରା ନିଦ ପ୍ରଭାବିତ ହୋଇଥାଏ। ମସ୍ତିଷ୍କ ବିଶ୍ରାମ ନ ନେଇ ଆକ୍ଟିଭ ମୋଡ୍‌ରେ ରହିଥାଏ।



❖ ଯଦି ଆପଣଙ୍କ ଇଅରଫୋନ୍ ସାଙ୍ଗସାଥୀଙ୍କୁ ବ୍ୟବହାର କରିବାକୁ ଦେଉଛନ୍ତି ତେବେ ଆପଣଙ୍କ କାନରେ ଇନ୍‌ଫେକ୍ସନ୍ ହେବାର ଆଶଙ୍କା ରହିଛି।

❖ ଶରୀରକୁ ଅତିକମ୍‌ରେ ୬ରୁ ୮ଘଣ୍ଟା ବିଶ୍ରାମ ଆବଶ୍ୟକ। ଅଧିକ ସାଉଣ୍ଡରେ ଇଅରଫୋନ୍ ଲଗାଇ ଶୁଣିଲେ ଶ୍ରବଣଶକ୍ତି ପ୍ରଭାବିତ ହୋଇଥାଏ। ଆପଣଙ୍କ ହାର୍ଟ ବିଟ୍ ମଧ ନର୍ମାଲ ତୁଳନାରେ ପ୍ରଖର ହୋଇଥାଏ ; ଯାହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ।

❖ ରାତିରେ ଭଲ ନିଦ ହେବା ପାଇଁ ଗୀତ ଶୁଣନ୍ତୁ, କିନ୍ତୁ ଇଅରଫୋନ୍ ଲଗାଇ ଗୀତ ଶୁଣନ୍ତୁ ନାହିଁ। ଆପଣ ଚାହିଁଲେ ନିଦରେ ଶୋଇବା ପୂର୍ବରୁ ଇଅରଫୋନ୍ କାଢ଼ି ଶୋଇପାରିବେ। ଶୋଇବା ପୂର୍ବରୁ କ୍ଷୀର କିମ୍ବା ପାଣି ପିଅନ୍ତୁ। କିଛି ବହି ପଢ଼ିବା ଦ୍ୱାରା ବି ଭଲ ନିଦ ଆସିବ।

## ଏ ସପ୍ତାହର ପ୍ରଶ୍ନ

୧.କେଉଁ ବୈଜ୍ଞାନିକ ରେଡିୟମ ଉଦ୍ଭାବନ ପାଇଁ ବିଶ୍ୱପ୍ରସିଦ୍ଧ ହୋଇପାରିଥିଲେ ?
୨.କେଉଁ ପାରମ୍ପରିକ ନୃତ୍ୟରେ ଗୁରୁ ଗୋପୀ କ୍ରିଷ୍ଣା ଲୋକପ୍ରିୟ ହୋଇଥିଲେ ?
୩.ଜୁଡେ ଫେଲିକ୍ସ କେଉଁ ଖେଳ ସହ ସମ୍ପୃକ୍ତ ?
୪.ଜ୍ୟାମିତିର ଜନକ ଭାବରେ କାହାକୁ ଅଭିହିତ କରାଯାଏ ?
୫.ଗରମପାନୀ ଅଭୟାରଣ୍ୟ କେଉଁ ରାଜ୍ୟରେ ଅଛି ?

## ଗତ ସପ୍ତାହର ଉତ୍ତର


୧ ଟ୍ରାନ୍ସ–କାନାଡ଼ା ପ୍ରାୟ ୮୦୦୦ କି.ମି.
୨ ଜାମ୍ବିଆ
୩ ଡୁରାଣ୍ଡ ଲାଇନ
୪ ଆଣ୍ଠୁ
୫ ୧୯୬୯

## ଉତ୍ତରଦାତା


ନରେଶ କୁମାର କର
ବାଲିଆପାଳ,
ବାଲେଶ୍ୱର


ଗୋପବନ୍ଧୁ କର୍ଣ୍ଣ,
ସୋନପୁର,
ଉଲୁଣ୍ଡା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com



## ସଂକ୍ଷେପରେ

### ଗରଦପୁରରେ ଅନୁଭବଙ୍କ ନିର୍ବାଚନୀ ପ୍ରଚାର

**ପାଟକୁରା, ୧୩।୪ (ଡି.ଏନ.ଏ.):** ବିଜେଡିର କେନ୍ଦ୍ରାପଡ଼ା ଲୋକସଭା ପାର୍ଥୀ ଅନୁଭବ ମହାନ୍ତି ଶନିବାର ଗରଦପୁର ବ୍ଲକ ଅଞ୍ଚଳରେ ନିର୍ବାଚନୀ ପ୍ରଚାର କରିଛନ୍ତି। ସ୍ଥାନୀୟ ଦଧିବାମନ ଜୀଉ ମନ୍ଦିରରେ ଦର୍ଶନ କରିବା ପରେ ପ୍ରଚାର ଆରମ୍ଭ ହୋଇଥିଲା। ଅନୁଭବଙ୍କ ସହ ରାଜ୍ୟ ଯୁବ ବିଜେଡି ସମ୍ପାଦକ ରାଜେଶ ଦାଶ, ବ୍ଲକ ବିଜେଡି ସଭାପତି ଶୈଳେନ୍ଦ୍ର ମହାନ୍ତି, ବ୍ଲକ ଅଧକ୍ଷା ସର୍ଣ୍ଣପ୍ରଭା ସେଠୀ ଓ ବିଜେଡି ସମର୍ଥିତ ଲୋକ ପ୍ରତିନିଧିମାନେ ସାମିଲ ହୋଇଥିଲେ।

### ଉପୁଳେଇରେ ବନଦୁର୍ଗା ପୂଜା

**ଆଳି, ୧୩।୪ (ଡି.ଏନ୍.ଏ.):** ରାଜକନିକା ବ୍ଲକ ଅଧୀନ ବରାଡ଼ିଆ ପଞ୍ଚାୟତର ଉପୁଳେଇ ଗ୍ରାମରେ ମା'ଉପୁଳେଇ ବନଦୁର୍ଗାଙ୍କର ଶନିବାର ମହାନବମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଗତ ବୁଧବାରଠାରୁ ଆରମ୍ଭ ହୋଇଥିବା ଏହି ପୂଜା ପାଞ୍ଚଦିନ ଧରି ଚାଲିବ। ଗୁରୁବାର ସହାସପ୍ତମୀ ଓ ଶୁକ୍ରବାର ମା' ମହାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଥିଲା। ରଞ୍ଜନ କୁମାର ଲେଙ୍କା, ମଦନ କୁମାର ରାଉତ, ଅଜୟ କୁମାର ରାଉତ, ଅମର କୁମାର ରାଉତ, ଅକ୍ଷୟ କୁମାର ରାଉତ, ଗଣପତି ଭୂୟାଁ, ଗଦାଧର ନାୟକ, ଗଙ୍ଗାଧର ନାୟକ, ପ୍ରମୋଦ ରାଉତ, ଅରୁଣ ବିଶ୍ୱାଳ, ରବିନାରାୟଣ ମଲିକ, ସନାତନ ବିଶ୍ୱାଳଙ୍କ ସମେତ ଗ୍ରାମବାସୀ ପୂଜା କାର୍ଯ୍ୟ ପରିଚାଳନା କରୁଛନ୍ତି।

### ଜିଲା ବିଜେଡି ସଭାପତି ନିଯୁକ୍ତି ନେଇ ପ୍ରତିକ୍ରିୟା

**ପଟ୍ଟାମୁଣ୍ଡାଇ, ୧୩।୪ (ସ୍ୱ.ପ୍ର):** ଚଳିତ ନିର୍ବାଚନରେ କେନ୍ଦ୍ରାପଡା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚାହୁଁଥିବା ବିଧାୟକ କିଶୋର ଚନ୍ଦ୍ର ତରାଇଙ୍କୁ ଏଥର ଦଳର ଟିକେଟ ମିଳି ନ ଥିଲା । ତେବେ ରାଜନୈତିକ ଘଟଣା କ୍ରମରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଜିଲା ବିଜେଡି ସଭାପତି ଥିବା ଧ୍ରୁବ ସାହୁଙ୍କ ପରିବର୍ତ୍ତେ କିଶୋର ଚନ୍ଦ୍ର ତରାଇଙ୍କୁ ଶୁକ୍ରବାର କେନ୍ଦ୍ରାପଡା ଜିଲାର ବିଜେଡି ସଭାପତି ଭାବେ ନିଯୁକ୍ତି ଦେଇଛନ୍ତି । ଏଥିନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । କେନ୍ଦ୍ରାପଡା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକ ଧୋୟାଅଞ୍ଚଳର ଅଳପୁଆ, ତରଡିପାଳ, ପେଣ୍ଡପାଳ, ସିଂହଗାଁ, ଅଣ୍ଡରା, ଅମୃତମଣୋହି ଓ ବଲୁରିଆ ଆଦି ଗ୍ରାମ ପଞ୍ଚାୟତର ବହୁ ବରିଷ୍ଠ ବିଜୁ ପ୍ରେମୀ , ବିଜେଡି ନେତା ଓ କର୍ମୀ ତରାଇଙ୍କ ନିଯୁକ୍ତିଙ୍କୁ ବିରୋଧ କରିଛନ୍ତି । ଶନିବାର ସନ୍ଧ୍ୟାରେ ସେମାନେ ଧୋୟାଅଞ୍ଚଳରେ ଅନୁଷ୍ଠିତ ଏକ ବୈଠକରେ ଏକାଠି ହୋଇ ଆଗାମୀ ଦିନରେ ନିର୍ବାଚନରେ ଭାଗ ନ ନେବାକୁ ସ୍ଥିର କରିଛନ୍ତି । ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ରବିବାର ଅପରାହ୍ନରେ ଅଣ୍ଡରା ହାଟଠାରେ ଏକ ବୈଠକ ହେବ ବୋଲି ବରିଷ୍ଠ ନେତା ବସନ୍ତ କୁମାର ମଲ୍ଲିକ, ଡା.ଗଦାଧର ମଲ୍ଲିକ, ରାଜକୁମାର ବିଶ୍ୱାଳ, ଦେବେନ୍ଦ୍ରନାଥ ବିଶ୍ୱାଳ, ଗଗନ ବିହାରୀ ମହାଳିକ, ଉମେଶ ମହାନ୍ତି , ଦିଲିପ ବିଶ୍ୱାଳ, କାମିନୀକାନ୍ତ ମହାନ୍ତି , ଅଶୋକ କୁମାର ମଲ୍ଲିକ, ମୃତ୍ୟୁଞ୍ଜୟ ନାୟକ, ଅନୋଜ ରାଉତ, ଭାରତ ଭୂଷଣ ନାୟକ, ସୁରେନ୍ଦ୍ର ତରାଇଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ କହିଛନ୍ତି । ଦଳୀୟ ପର୍ଯ୍ୟବେକ୍ଷକ ଆଡ୍‌ଭୋକେଟ ଚିତ୍ତ ମହାନ୍ତି , ଲକ୍ଷ୍ମୀପ୍ରିୟା ମହାନ୍ତି , ଲିୟାକତ ଅଲ୍ଲୀ, ରୁଦ୍ର ନାରାୟଣ ପତିଙ୍କୁ ଏ ସଂପର୍କରେ ଦଳୀୟ ନେତା ମାନେ ଜଣାଇ ଦେଇଛନ୍ତି । କିଶୋର ତରାଇ ଧୋୟା ଅଞ୍ଚଳର ନେତା ମାନଙ୍କୁ ଉପେକ୍ଷା କରିଥିବା ବେଳେ ଉକ୍ତ ଅଞ୍ଚଳରେ କୌଣସି ଆଖିଦୃଶିଆ କାମ ହୋଇନାହିଁ । ଜିଲାସ୍ତରୀୟ ନୂତନ କମିଟିରେ ଧୋୟାଅଞ୍ଚଳର ନେତାମାନଙ୍କ ମଧ୍ୟରୁ କାହାରିକୁ ନିଆ ନ ଯିବା ଦୁର୍ଭାଗ୍ୟଜନକ ବୋଲି ଏହି ନେତାମାନେ କହିନ୍ତି ।

# ପ୍ରଚାର ମଇଦାନରେ ଅନୁଭବ, ଅତନୁ

■ ରୋଡ଼ ଶୋ, କର୍ମୀ ସମାବେଶ କରି ଭୋଟରଙ୍କ ନିକଟତର ହେବାକୁ ଉଦ୍ୟମ

**ମାର୍ଶାଘାଇ, ୧୩।୪ (ଡି.ଏନ.ଏ.)**

ପ୍ରାର୍ଥୀ ପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ପରେ ନିର୍ବାଚନୀ ପ୍ରଚାର ମଇଦାନଙ୍କୁ ଓହ୍ଲାଇଛନ୍ତି ଓଲିଉଡ ଅଭିନେତା ତଥା କେନ୍ଦ୍ରାପଡା ଲୋକସଭା ପ୍ରାର୍ଥୀ ଅନୁଭବ ମହାନ୍ତି ଓ ମହାକାଳପଡା ବିଧାୟକ ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ । ଶୁକ୍ରବାର ଅପରାହ୍ନରେ ଉଭୟ ମାର୍ଶାଘାଇ ବ୍ଲକର ମାଣିକପୁର ଛକରୁ ରୋଡ ଶୋରେ ବାହାରି ଭୋଟରଙ୍କ ମନ ଜିଣିବା ପାଇଁ ନିଜ ପ୍ରଚାର ଅଭିଯାନକୁ ଜୋରଦାର କରିଥିଲେ । କର୍ମୀମାନଙ୍କ ବିଶାଳ ବାଇକ ଶୋଭାଯାତ୍ରା ସାଙ୍ଗକୁ ଏକ ଖୋଲା ଜିପ୍‌ରେ ଉଭୟ ପ୍ରାର୍ଥୀ ଭୂଷରଙ୍ଗ, ମାଣିକପୁର ଛକ, ତାଳସଙ୍ଗା ଛକ, ଶାସନୀପଡ଼ା, ହଳଦିଆ, ଭଗବାନପୁର ଅଞ୍ଚଳ ପରିକ୍ରମା କରିଥିଲେ। ଏହି ସମୟରେ ଅନୁଭବଙ୍କୁ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସୁକତା ଦେଖିବାକୁ ମିଳିଥିଲା । ପରେ ବେରୁହାଁ ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ପଡିଆରେ କର୍ମୀ ସମାବେଶ ଅନୁଷ୍ଠିତ ହୋଇଥିଲା । ଏଥିରେ ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ଚନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ । ସମାବେଶରେ ବିଧାୟକ ପ୍ରାର୍ଥୀ ନାୟକ ଯୋଗଦେଇ କହିଥିଲେ ଯେ, କେନ୍ଦ୍ରାପଡା ବିଜୁବାବୁଙ୍କ କର୍ମଭୂମି। ଉପଯୁକ୍ତ ପ୍ରାର୍ଥୀଙ୍କୁ ସବୁବେଳେ ଭୋଟ ଦେଇ ଜିଲାବାସୀ ଜିତାଇ ଆସୁଛନ୍ତି। ଏହି ଅବସରରେ ସେ ଲୋକସଭା ଆସନରୁ ପ୍ରାର୍ଥୀ ହୋଇଥିବା ଅନୁଭବ ଓ ତାଙ୍କୁ ଶଙ୍ଖଚିହ୍ନରେ ଭୋଟ ଦେଇ ନିର୍ବାଚିତ କରିବାକୁ ଭୋଟରମାନଙ୍କୁ ନିବେଦନ କରିଥିଲେ । ପୂର୍ବତନ ଏମପି ବୈଜୟନ୍ତ ପଣ୍ଡାଙ୍କୁ ଟାର୍ଗେଟ କରି ଅତନୁ କହିଥିଲେ ଯେ, ସେ ବିଜେଡି ପ୍ରତି ବିଶ୍ୱାସଘାତକତା କରିଛନ୍ତି । ଲୋକେ ଏହାର ଜବାବ ଦେବେ ବୋଲି ସେ ଚେତାଇ ଦେଇଥିଲେ। ଲୋକସଭା ପ୍ରାର୍ଥୀ ଅନୁଭବ କହିଥିଲେ ଯେ, ଦଳ ପ୍ରତି ବିଶ୍ୱସ୍ତ ହୋଇ ଲୋକଙ୍କ ସେବା କରିବାକୁ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛି । କେନ୍ଦ୍ରାପଡା ଜିଲାର ବିକାଶ ପାଇଁ ଭୋଟରମାନେ ବିଜେଡିକୁ ଜିତାଇବା ଲାଗି ସେ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାର୍ଶାଘାଇ ବ୍ଲକ ବିଜେଡି ସଭାପତି ସଞ୍ଜୟ କୁମାର ଲେଙ୍କା, ବ୍ଲକ ଅଧ୍ୟକ୍ଷା ସୀତାଲତା ପରିଡା, ଗଙ୍ଗାଧର ପରିଡା, ପୂର୍ବତନ ଜିଲା ପରିଷଦ ସଭ୍ୟା ଭାରତୀ ଦଳାଇ, ସରପଞ୍ଚ ସରିତା ପ୍ରଧାନ, ତାଳସଙ୍ଗା ସରପଞ୍ଚ କବିନ୍ଦ୍ର ଜେନା, ସମିତି ସଭ୍ୟା ରାଜଲକ୍ଷ୍ମୀ ସେନାପତି, ଲିଲିମା ଲେଙ୍କା, ବ୍ଲକ ମହିଳା ସଭାନେତ୍ରୀ ଶର୍ମିଷ୍ଠା ନାୟକ, ଯୁବ ବିଜେଡି ସଭାପତି ପ୍ରତାପ ମଲ୍ଲିକ, ମାଧବାନନ୍ଦ ପାତ୍ର, ବେରୁହାଁ ପଞ୍ଚାୟତ ବିଜେଡ଼ି ସଭାପତି ବିଶ୍ୱଜିତ୍ ନାୟକ, ଯୁବନେତା ହିରକ ପରିଡା, ବେରୁହାଁ ସରପଞ୍ଚ ଲାବଣ୍ୟବତୀ ସେନାପତି, ଲଳିତ ସେନାପତି, ଯୁବନେତା ପ୍ରମୋଦ ମଲ୍ଲ, ସରପଞ୍ଚ ବିପୁଲ ନାୟକ, ପ୍ରଦୀପ ନାୟ, ଦୁର୍ଯ୍ୟୋଧନ ଦାସ ପ୍ରମୁଖ ଯୋଗ ଦେଇଥିଲେ ।



ବେରୁହାଁଠାରେ ଅନୁଷ୍ଠିତ ସମାବେଶରେ ଅନୁଭବ ଓ ଅନ୍ୟମାନେ।

### ବାସନ୍ତିକ ଦୁର୍ଗା ପୂଜା ପାଇଁ ମହୁ ଉତ୍ସବମୁଖର

**ଆଳି, ୧୩।୪ (ଡି.ଏନ୍.ଏ.)**

ଆଳି ବ୍ଲକ ଅଧୀନ ମହୁ ପଞ୍ଚାୟତ ମହୁ ଗ୍ରାମରେ ବୁଧବାରଠାରୁ ବାସନ୍ତିକ ଦୁର୍ଗା ପୂଜା ପାରମ୍ପରିକ ରୀତିନୀତି ଅନୁସାରେ ଆରମ୍ଭ ହୋଇଛି। ବୁଧବାର ବିଲ୍ୱାଧିବାସ, ଗୁରୁବାର ମହାସପ୍ତମୀ ପୂଜା, ଶୁକ୍ରବାର ମହାଷ୍ଟମୀ ଓ ଶନିବାର ମହାନବମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ଦର୍ଶନ ପାଇଁ ପ୍ରତ୍ୟହ ସନ୍ଧ୍ୟାରେ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିବା ଦେଖାଯାଉଛି। ଗତ ୩୩ ବର୍ଷ ଧରି ମହୁ ଗ୍ରାମର ମା'ବାସନ୍ତୀ ଦୁର୍ଗା ପୂଜା କମିଟି ପକ୍ଷରୁ ଏହି ପୂଜା ପାଳିତ ହୋଇଆସୁଛି। ରବିବାର ଦଶହରା ପୂଜା ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସଭାପତି କରୁଣାକର ତ୍ରିପାଠୀ ଏବଂ ସମ୍ପାଦକ ବାନାମ୍ବର ଦାଶ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗୌରହରି ସାହୁ, ବାସୁଦେବ କର, ମହେଶ୍ୱର ତ୍ରିପାଠୀ, ହୃଷୀକେଶ ରାଉତଙ୍କ ସମେତ ଗ୍ରାମବାସୀ ଉତ୍ସବ ପରିଚାଳନାରେ ସହଯୋଗ କରୁଛନ୍ତି।

## ଆଜି ଝାମୁଯାତ୍ରା, ଚଳଚଞ୍ଚଳ ରାମଚଣ୍ଡୀ ପୀଠ

**ମହାକାଳପଡ଼ା, ୧୩।୪ (ଡି.ଏନ୍.ଏ.)**

ରବିବାର ପବିତ୍ର ପଣା ସଂକ୍ରାନ୍ତି ଅବସରରେ ଝାମୁ ଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ଚଳଚଞ୍ଚଳ ହୋଇଛି ମହାକାଳପଡ଼ା ବ୍ଲକ ରାମନଗରସ୍ଥିତ ମା'ରାମଚଣ୍ଡୀ ପୀଠ। ପ୍ରତିବର୍ଷ ଏହି ପୀଠରେ ଅନୁଷ୍ଠିତ ଝାମୁ ଯାତ୍ରା ଦେଖିବାକୁ ଶହଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ। ଚଳିତ ବର୍ଷ ମଧ୍ୟ ଶତାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

ରବିବାର ପ୍ରାତଃ ସାଢ଼େ ଚାରିଟାରେ ମଙ୍ଗଳ ଆଳତି, ୫ଟାରେ ମହାସ୍ନାନ କରାଯାଇ ମା'ଙ୍କୁ ବଡସିଂହାର ବେଶରେ ଆଭୂଷିତ କରାଯିବ। ଏହି ଅବସରରେ ମା'ଙ୍କ ନିକଟରେ ଘିଅ, ଦହି, ଖୀର, ସର, ଲବଣୀ, ଆମ୍ବ, ନଡ଼ିଆ, ଛେନା, ଫଳ, ଛତୁଆ, ବେଲ ଆଦି ପଡି ତିଆରି ପଣା ଭୋଗ ଲାଗି କରାଯିବ ବୋଲି ମନ୍ଦିର କମିଟି କର୍ମକର୍ତ୍ତାଙ୍କ ପକ୍ଷରୁ ସୂଚନା ମିଳିଛି। ଝାମୁଯାତ୍ରା ପାଇଁ ଶନିବାରଠାରୁ ମା'ଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଛି। ତା'ସହିତ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀମାନେ ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରୁଥିବା ଦେଖାଯାଉଛି।



ରାମନଗରର ମା' ରାମଚଣ୍ଡୀ।

## ରାଜ୍ୟସ୍ତରୀୟ କବି ସମ୍ମିଳନୀ

**ଡେରାବିଶ, ୧୩।୪ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅଧୀନ ସବଳଙ୍ଗସ୍ଥିତ ରାଜ୍ୟର ପୁରାତନ ସ୍ୱେଚ୍ଛାସେବୀ ସଂଗଠନ ଜୟଭାରତୀ ସାଥୀସମାଜ ପକ୍ଷରୁ ଶନିବାର ବିଷୁବ ମିଳନ, ରାଜ୍ୟସ୍ତରୀୟ କବି ସମ୍ମିଳନୀ, କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାର ପ୍ରଥମ ଅଧିବେଶନରେ ରାଜ୍ୟର ବିଭିନ୍ନ ଜିଲାରୁ ଯୋଗଦେଇଥିବା କବି ଓ କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ। ସାହିତ୍ୟିକ କରୁଣାକର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ବରିଷ୍ଠ ଶିକ୍ଷାବିତ୍ ପ୍ରଫେସର ନନ୍ଦକିଶୋର ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସାଥୀସମାଜ ସମ୍ପାଦକ ନିରଞ୍ଜନ ସାହୁ ଉତ୍କଳୀୟ ନବବର୍ଷର ଅଭିନନ୍ଦନ ଜଣାଇ କବୟିତ୍ରୀକବିମାନଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସ୍ମାରକ ମହାନ୍ତି, ଅର୍ଜୁନ କୁମାର ସ୍ୱାଇଁ ଓ ସୂର୍ଯ୍ୟକାନ୍ତ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ପ୍ରଫେସର ନନ୍ଦ କିଶୋର ପରିଡ଼ା ଅଧ୍ୟକ୍ଷତା କରିଥିଲେ। ଏଥିରେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ଅଲେଖ ଚନ୍ଦ୍ର ପଢ଼ିହାରୀ ମୁଖ୍ୟଅତିଥି ଓ ଡେରାବିଶ ଥାନା ଅଧିକାରୀ ଉମାକାନ୍ତ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଜନପ୍ରିୟ କର୍ତ୍ତବ୍ୟନିଷ୍ଠ ନାଗରିକ ଭାବେ ପାଣିପାଗ ବୈଜ୍ଞାନିକ ଡା.ଶରତ ଚନ୍ଦ୍ର ସାହୁ, ସ୍ୱାଭିମାନୀ ନାଗରିକ ଭାବେ ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀକାନ୍ତ ପଣ୍ଡା, ସଂସ୍କୃତି ସମ୍ପନ୍ନ ନାଗରିକ ଭାବେ ପଣ୍ଡିତ କରୁଣାକର ମିଶ୍ରଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପଲ୍ଲୀବନ୍ଧୁ ସମ୍ମାନରେ ଯାଜପୁରର ନରେନ୍ଦ୍ର ନାଥ ଓଝା, ଭଦ୍ରକର ପୂର୍ଣ୍ଣ ଚରଣ ପରିଡ଼ା ଓ କେନ୍ଦ୍ରାପଡ଼ାର ଶରତ କୁମାର ଆଚାର୍ଯ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ବରିଷ୍ଠ ସଦସ୍ୟ ପ୍ରମୋଦ କୁମାର ପ୍ରତାପ ଧନ୍ୟବାଦ ଦେଇଥିଲେ। 'ମୋ ପିଲା' ଚାନ୍ଦୋଳ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ରମାନେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଦାମୋଦର ବେଦାନ୍ତ, ପୀତାମ୍ବର ନାୟକ, ମନୋରମା ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ସମ୍ମିଳନୀରେ ଉପସ୍ଥିତ ସାହିତ୍ୟିକମାନେ।

## ଭାଜପା ପକ୍ଷରୁ ରୋଡ୍ ଶୋ'

**ପଟ୍ଟାମୁଣ୍ଡାଇ/ରାଜନଗର (ସ୍ୱ.ପ୍ର. /ଡି.ଏନ୍.ଏ.), ୧୩।୪**

ଆସନ୍ତା ୨୯ ତାରିଖରେ କେନ୍ଦ୍ରାପଡା ଜିଲାରେ ହେବାକୁ ଯାଉଛି ସାଧାରଣ ନିର୍ବାଚନ । ଏହି ପରିପ୍ରେକ୍ଷୀରେ ଭାଜପାର କେନ୍ଦ୍ରାପଡା ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଶନିବାର ପଟ୍ଟାମୁଣ୍ଡାଇ ଓ ରାଜନଗର ବ୍ଲକରେ ରୋଡ୍ ଶୋ କରି ନିଜ ପ୍ରଚାର ଅଭିଯାନ ଜୋରଦାର କରିଛନ୍ତି । ଅପରାହ୍ନ ୪ଟା ବେଳେ ପ୍ରାର୍ଥୀ ପଣ୍ଡା ପଟ୍ଟାମୁଣ୍ଡାଇ ବ୍ଲକ କେନ୍ଦ୍ରାପଡା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଡମୂଳବସନ୍ତ ପଞ୍ଚାୟତର ପୋହଳ ଛକଠାରୁ ଏକ ବାଇକ ରାଲିରେ ବାହାରି ପ୍ରଚାର କରିଥିଲେ । ଏହି ରାଲିରେ ରାଜନଗର ବିଧାନସଭା କ୍ଷେତ୍ରର ଭାଜପା ପ୍ରାର୍ଥୀ ଅଲେଖ କୁମାର ଜେନା , ଭାଜପା ପ୍ରଭାରୀ ଅରୁଣ ସିଂ ସାମିଲ ହୋଇଥିଲେ । ଏଥିସହିତ ଜିଲା ଭାଜପା ସଭାପତି ଦୁର୍ଯ୍ୟୋଧନ ସାହୁଙ୍କ ସମେତ ପଟ୍ଟାମୁଣ୍ଡାଇ ଓ ରାଜନଗର ଅଞ୍ଚଳର ବହୁ ଆଗ ଧାଡିର ନେତା ଓ କର୍ମୀ ରାଲିରେ ସାମିଲ ହୋଇଥିଲେ । ରାଲି ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିର କେତେକ ୱାର୍ଡ ପରିକ୍ରମା କରିବା ସହିତ ଆମ୍ବେର, ନଳଡଳିଆ, ଶିମିଳିଆ, ହଳଧରପୁର, ସାନଜରିଆ, ବଡପଡା, କାଠିଆପଡା, ମୁଳଗାଈଁ, ଚନ୍ଦନନଗର ଆଦି ଅଞ୍ଚଳ ପରିକ୍ରମା କରି ମଦନପୁର କଲେଜ ଛକ ନିକଟରେ ପହଞ୍ଚିଥିଲା । ରାଜନଗର ବ୍ଲକର ଭାଜପା ନେତା ଓ କର୍ମୀମାନେ ଏମ୍‌ପି ପ୍ରାର୍ଥୀ ପଣ୍ଡା, ବିଧାୟକ ପ୍ରାର୍ଥୀ ଜେନା ଓ ରାଜ୍ୟ ପ୍ରଭାରୀ ସିଂଙ୍କୁ ପାଛୋଟି ନେଇଥିଲେ । ଏହି ବାଇକ୍ ରାଲି ବିଭିନ୍ନ ଅଞ୍ଚଳ ପରିକ୍ରମା କଲାବେଳେ ରାସ୍ତାକଡ ଓ ଛକରେ ଜନସାଧାରଣ ପ୍ରାର୍ଥୀମାନଙ୍କୁ ସ୍ୱାଗତ କରିଥିବା ଦେଖିବାକୁ ମିଳିଥିଲା ।



ରୋଡ ଶୋ'ରେ ବୈଜୟନ୍ତ ଓ ଅନ୍ୟମାନେ।

### ଚାଟରାଚକଡ଼ାରେ ବାସନ୍ତିକ ଦୁର୍ଗାପୂଜା

**ଡେରାବିଶ, ୧୩।୪ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ ଚାଟରାଚକଡାସ୍ଥିତ ମା' ବାସନ୍ତିକ ପୀଠରେ ଗୁରୁବାର ବାସନ୍ତିକ ଦୁର୍ଗାପୂଜା ଆରମ୍ଭ ହୋଇଛି। ଶୁକ୍ରବାର ପୀଠରେ ଅଷ୍ଟମୀ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ଶ୍ରଦ୍ଧାଳୁଙ୍କ ଭିଡକୁ ଦୃଷ୍ଟିରେ ରଖି ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବ୍ୟାବସ୍ଥା କରାଯାଇଥିଲା। ମହାଷ୍ଟମୀ ତିଥିରେ ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ରାତି ୧୧ଟାରେ ମା'ଙ୍କ ନିକଟରେ ବଳିପର୍ବ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ଏଠାରେ ବୋଦା ବଳି ଦିଆଯାଉଥିବା ବେଳେ ଦୀର୍ଘ ଚାରି ଦଶନ୍ଧୀ ଧରି ମାନସିକ ବୋଦାର କାନରୁ ରକ୍ତ ନିଆଯାଇ ମାଙ୍କୁ ସମର୍ପଣ କରାଯାଉଛି। ବିଶ୍ୱାସ ରହିଛି, ମହାଷ୍ଟମୀ ବ୍ରତ ପାଳନ କଲେ ପରିବାରର ମଙ୍ଗଳ ହୋଇଥାଏ ବୋଲି ଗୋପାଳଜୀଉ ପାଟଣାର ଜଣେ ଗୃହିଣୀ ଗୀତାଞ୍ଜଳି ଦାସ କହିଛନ୍ତି। ଆଇନଶୃଙ୍ଖଳା ରକ୍ଷା ପାଇଁ ଡେରାବିଶ ଥାନା ପକ୍ଷରୁ ଏକ ଅସ୍ଥାୟୀ ଶିବିର ଖୋଲା ଯାଇ ଥାନା ଅଧିକାରୀ ଉମାକାନ୍ତ ନାୟକଙ୍କ ନେତୃତ୍ୱରେ ୨ ପ୍ଲାଟୁନ ପୋଲିସ୍ ଫୋର୍ସ ମୁତୟନ ରହିଛନ୍ତି। ରବିବାର ଦଶହରା ପୂଜା ଅନୁଷ୍ଠିତ ହେବ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୪।୪।୨୦୧୯ (ରବିବାର)**

- ହନୁମାନ ଜୟନ୍ତୀ, ସ୍ଥାନ-କୋର୍ଟ ଛକ, କେନ୍ଦ୍ରାପଡ଼ା, ସମୟ- ସକାଳ ୬ଟା।
- ହନୁମାନ ଜୟନ୍ତୀ, ସ୍ଥାନ-କୋରୋ, କେନ୍ଦ୍ରାପଡ଼ା, ସମୟ- ସକାଳ ୬ଟା।
- ହନୁମାନ ଜୟନ୍ତୀ, ସ୍ଥାନ-ମନକରପୁର, କେନ୍ଦ୍ରାପଡ଼ା, ସମୟ- ସକାଳ ୬ଟା।
- ବ୍ରହ୍ମବିରାଟ ଗୋଚ୍ଛନ୍ଦ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ-ପସ୍ତାମଠ, ମାର୍ଶାଘାଇ, ସମୟ- ସକାଳ ୬ଟା।
- ଶ୍ରୀକଳ୍ପତରୁ ବାଞ୍ଛାବଟ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ- ଫଗୁମଠ, ମାର୍ଶାଘାଇ, ସମୟ- ସକାଳ ୬ଟା।
- ଦଶ ମହାବିଦ୍ୟା ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ- ଶିଳିପୁର, ମାର୍ଶାଘାଇ, ସମୟ- ସକାଳ ୬ଟା।

**୧୫।୪।୨୦୧୯ (ସୋମବାର)**

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ- ମନକରପୁର, କେନ୍ଦ୍ରାପଡ଼ା, ସମୟ- ସନ୍ଧ୍ୟା ୬ଟା

**୧୬।୪।୨୦୧୯ (ମଙ୍ଗଳବାର)**

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ-ମନକରପୁର, କେନ୍ଦ୍ରାପଡ଼ା, ସମୟ- ସନ୍ଧ୍ୟା ୬ଟା।
- ପୁଲିଂ ପାର୍ଟି ତାଲିମ ଶିବିର, ସ୍ଥାନ-ସରକାରୀ ବିଦ୍ୟାଳୟ, ମାର୍ଶାଘାଇ, ସମୟ- ପୂର୍ବାହ୍ନ ୧୦ଟା।

**୧୭।୪।୨୦୧୯ (ବୁଧବାର)**

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ-ମନକରପୁର, କେନ୍ଦ୍ରାପଡ଼ା, ସମୟ- ସନ୍ଧ୍ୟା ୬ଟା।
- ପୁଲିଂ ପାର୍ଟି ତାଲିମ ଶିବିର, ସ୍ଥାନ-ସରକାରୀ ବିଦ୍ୟାଳୟ, ମାର୍ଶାଘାଇ, ସମୟ- ପୂର୍ବାହ୍ନ ୧୦ଟା।

**୧୮।୪।୨୦୧୯ (ଗୁରୁବାର)**

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ-ମନକରପୁର, କେନ୍ଦ୍ରାପଡ଼ା, ସମୟ-ସନ୍ଧ୍ୟା ୬ଟା।
- ପୁଲିଂ ପାର୍ଟି ତାଲିମ ଶିବିର, ସ୍ଥାନ-ସରକାରୀ ବିଦ୍ୟାଳୟ, ମାର୍ଶାଘାଇ, ସମୟ- ପୂର୍ବାହ୍ନ ୧୦ଟା।

**୧୯।୪।୨୦୧୯ (ଶୁକ୍ରବାର)**

- ପୁଲିଂ ପାର୍ଟି ତାଲିମ ଶିବିର, ସ୍ଥାନ-ସରକାରୀ ବିଦ୍ୟାଳୟ, ମାର୍ଶାଘାଇ, ସମୟ- ପୂର୍ବାହ୍ନ ୧୦ଟା।

**୨୦।୪।୨୦୧୯ (ଶନିବାର)**

- ପୁଲିଂ ପାର୍ଟି ତାଲିମ ଶିବିର, ସ୍ଥାନ- ସରକାରୀ ବିଦ୍ୟାଳୟ, ମାର୍ଶାଘାଇ, ସମୟ- ପୂର୍ବାହ୍ନ ୧୦ଟା।

# ସଂସ୍କୃତିର ମହାକୁମ୍ଭ ରାମଲୀଳା ଆରମ୍ଭ

**କେନ୍ଦ୍ରାପଡା ଅଫିସ, ୧୩।୪**

ସଂସ୍କୃତିର ମହାକୁମ୍ଭ ରାମଲୀଳା ଲୋକନାଟ କେନ୍ଦ୍ରାପଡା ଜିଲାରେ ଶନିବାରଠାରୁ ଆରମ୍ଭ ହୋଇଛି। ଏହି ଲୋକନାଟକ ଆସନ୍ତା ୨୧ ଦିନ ପର୍ଯ୍ୟନ୍ତ ଗ୍ରାମାଞ୍ଚଳରେ ଅନୁଷ୍ଠିତ ହେବ। ଓଡ଼ିଶାର ଦେବଦେବୀ ପୁସ୍ତକର ଲେଖକ ନରହରି ଉପାଧ୍ୟାୟ ଲେଖିଛନ୍ତି ଯେ, ଆଳି ଝୁଲଣ, ଓଳକଣା ମେଳଣ, କେନ୍ଦ୍ରାପଡ଼ା ରାମନବମୀ ଓ ପୁରୀର ଚନ୍ଦନ ସର୍ବଜନ ବିଦିତ। କେନ୍ଦ୍ରାପଡ଼ାର ରାମନବମୀଠାରୁ ଆରମ୍ଭ ହେଉଥିବା ରାମଲୀଳାକୁ ଲକ୍ଷ୍ୟ ରଖି ପ୍ରାବନ୍ଧିକ ଏହି ବାକ୍ୟ ଲେଖିଥିବା ବେଳେ ସଂପ୍ରତି ବିଭିନ୍ନ ପର୍ବପର୍ବାଣି ଓ ଉତ୍ସବରେ ରେକର୍ଡ ଡ୍ୟାନ୍ସ ଯୋଗୁ କେନ୍ଦ୍ରାପଡାର ଏହି ନିଜସ୍ୱ ସାଂସ୍କୃତିକ ବିଭବ ହଜିଯିବାକୁ ବସିଲାଣି।

ପରମ୍ପରା ଅନୁଯାୟୀ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ସମ୍ମୁଖରେ ରାମ ନବମୀଠାରୁ ରାମଲୀଳା ଆରମ୍ଭ ହୋଇଛି। ଏଥିସହ ସହରର କାକଟ ମଙ୍ଗଳା, ତିନିମୁହାଣିସ୍ଥିତ ରାମମନ୍ଦିର ସହ ଜିଲାର ବିଭିନ୍ନ ସ୍ଥାନରେ ରାମଲୀଳା ପ୍ରଦର୍ଶନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏ ସମ୍ପର୍କରେ ଐତିହାସିକ ଗିରିଶ ଚନ୍ଦ୍ର ପୃଷ୍ଟି କୁହନ୍ତି, ଗୋଟିଏ କ୍ଷୁଦ୍ର ଅଞ୍ଚଳ ଭିତ୍ତିକ ଲୋକ ସଂସ୍କୃତିର ସ୍ୱତନ୍ତ୍ରତା ସହଜରେ ବାହାର ଅଞ୍ଚଳରେ ଦୃଷ୍ଟିଗୋଚର ହୁଏନାହିଁ। ନିଜର ସ୍ୱତନ୍ତ୍ର ଗୀତ, ନୃତ୍ୟ, ସାଂସ୍କୃତିକ ପରିଚର୍ଯ୍ୟା ସୀମା ସରହଦ ଡେଇଁଲେ ଏହାର ପ୍ରଭାବ ଜଣାପଡିବ। ଜିଲାର ଭୂମିପୁତ୍ର ବୈଶ ସଦାଶିବ ଏହି ଲୋକନାଟ ଆରମ୍ଭ କରି ନିଜର ପ୍ରତିଭାକୁ ରାଜ୍ୟ ସାରା ବିଛାଡ଼ିଛନ୍ତି। ପ୍ରାବନ୍ଧିକ ଡ. ବିରଜା ରାଉତରାୟ କୁହନ୍ତି, ସମୟର ସ୍ରୋତରେ ସବୁ ପାରମ୍ପରିକ କଳା ଏବେ ବିଲୁପ୍ତିର ପଥରେ। ଶିଳ୍ପ ଓ ନଗର ସଭ୍ୟତାର ଅଭ୍ୟୁଦୟ ଆମ ଗ୍ରାମୀଣ ଜୀବନବୋଧକୁ ପର୍ଯ୍ୟାପ୍ତ ଭାବେ ପ୍ରଭାବିତ କରିଚାଲିଛି। ଲୋକ ସଂସ୍କୃତି ଲୋପ ହେବା ଆମ ପାଇଁ ଶୁଭ ଲକ୍ଷଣ ନୁହେଁ। ଅଧ୍ୟାପକ ଅଜୟ କୁମାର ରାଉତ ରାମଲୀଳା ସମ୍ବନ୍ଧରେ କୁହନ୍ତି, ଏହା ହେଉଛି କେନ୍ଦ୍ରାପଡ଼ାର ନିଜସ୍ୱ ଲୋକ ସଂସ୍କୃତି। ଯାହା ଆଜି ଦେଶ ବିଦେଶରେ ଆଦୃତି ଲାଭ କରିଛି। ଏକଦା ରାମଲୀଳା ମଞ୍ଚସ୍ଥ କରି କାକଟ ରାମଲୀଳା ସଂସଦ ସମଗ୍ର ଜିଲାରେ ଆଲୋଡନ ଖେଳାଇ ଦେଇଥିଲା ବୋଲି ଅଧ୍ୟାପକ ରାଉତ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସାନ୍ତସାହିସ୍ଥିତ ରାମଲୀଳାରେ ସୀତାଙ୍କ ଅଭିନୟ କରିଥିବା ସାମାଜିକ କର୍ମୀ ଅମରବର ବିଶ୍ୱାଳ କୁହନ୍ତି ଯେ, ରାମଲୀଳା ଅଭିନୟରେ ପୁରୁଷମାନେ ନାରୀ ଚରିତ୍ରରେ ଅବତୀର୍ଣ୍ଣ ହୋଇଥାନ୍ତି। ଦେହରେ ପ୍ରାକୃତିକ ରଙ୍ଗର ବ୍ୟବହାର କରି କାଠ ଖଣ୍ଡା ଧରି ଲଣ୍ଠନ, ଝାଡ଼ଲାଇଟ, ପେଟ୍ରୋମାକ୍ସ ଆଲୁଅରେ ପୂର୍ବରୁ ଅଭିନୟ ହେଉଥିଲା। ରାମଲୀଳା ଦେଖିବାକୁ ବହୁ ଦୂରଦୂରାନ୍ତରୁ ଲୋକମାନେ ଆସୁଥିଲେ। ଏହାର ଚାହିଦା ସାମ୍ପ୍ରତିକ ସମୟରେ କମି ଯାଇଥିଲେ ମଧ୍ୟ କାକଟ ମଙ୍ଗଳା ରାମଲୀଳା ସଂସଦର ସ୍ୱର୍ଗତ ନୃସିଂହ ଚରଣ ସାହୁ (ଚଣ୍ଡିଆ)ଙ୍କ ପରିବାର ୩ ପୁରୁଷ ଧରି ରାମଲୀଳାରେ ଅଭିନୟ କରି ନିଜର ଲୋକନାଟକ ପ୍ରତି ଆଗ୍ରହକୁ ପରିପ୍ରକାଶ କରିଛନ୍ତି।






## BRIDE WANTED

Girl for karan 1979/170 cm. M.Tech (IIT Bombay) internship Steinbeis University Germany Commander Indian Navy. Contact. 09438183860. D-12049

Brahmin boy 1989, 5'8'' MBA. Manager Accenture Bangalore "Sunasansar". 9937512659. D- 12050

ତେଲିପାତ୍ର ୫୫ + ମାଟ୍ରିକ୍ କମ୍ପାନୀ ଚାକିରି ପାଇଁ ସହୃଦୟା ମହିଳା ଆବଶ୍ୟକ। 7377316197. D-59930

Brahmin 1989 B.Tech NIT, MBA Xavier, software Bangalore. 6372663936, 9238578599. D- 60121

Khandayat 45/5'7" highly paid software Engineer at America searching for unmarried/ issueless widow/ divorced around 35 Doctor/Engineer/any graduate bride of any caste other than SC/ ST. 8327789819. D-12044

Now Matrimonial ads. only on Wednesday & Sunday Book 1 Get 1 FREE

ଇଣ୍ଡିଆନ ସ୍କୁଲ ଅଫ୍ ମାଇନ୍ସ ରୁ ପାସ୍ କରିଥିବା ଆଲାଏଡ୍ ବ୍ରାହ୍ମଣ ପାତ୍ର ପାଇଁ ଡ଼ାକ୍ତର ଝିଅ ଦରକାର। ଯୋଗାଯୋଗ: ୯୪୩୭୦୧୦୯୮୯, ୮୦୧୮୮୪୫୪୦୪. D-12110

Wanted suitable Bangalore service Brahmin girl for Bangalore service software Engineer boy, 1990, 5'10": 9439630459, 8079961511. D-12130

Divorcee groom class-1 officer 38, clerk 42 (caste-no-bar). Contact: 7873374269. D-66430




## SALE

2BHK flat near Garage Chhak Lewis Road, Bhubaneswar. Contact: 8328890345. D-65637

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66308

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-12127

ଭୁବନେଶ୍ୱର ପାହାଳରେ Bank finance ଥାଇ plot sqft.- 780/-ରେ ଘର କରନ୍ତୁ। 8280032048. D-66316

ସୁନ୍ଦରପଦା Xavier University ପଛପଟେ ବେଣାବିଲ ମୌଜାରେ sqft.- 275/-ରେ investment ଉପଯୋଗୀ ସ୍ଥିତିବାନ ପ୍ଲଟ ମିଳୁଅଛି। Immediate possession and registration. 8249292535. D-66305

Tomando market ପାଖରେ Janla NH-5, ପାଖରେ ଘରବାରି plot ନେଇ ଘର କରନ୍ତୁ। 9438859527. D-66325

ସ୍ଥିତିବାନ ଘରବାରି ପ୍ଲଟ ରେତଙ୍ଗ ଷ୍ଟେସନ ପାଖରେ କିଣି ଘର କରନ୍ତୁ। 9938066403. D-66329

Resale of 3BHK full-furnished flat (1450 sqft.) at Budheswari Colony, CTC road, Bhubaneswar. Cost-78 lakhs. Contact: Rohit Agrawal. Mob: 9861444119. D-58073

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-12128

ଜଟଣୀ ଗେଟ ପାଖରେ NH5 sideରେ ଘରବାରି boundary plot ବିକ୍ରିହେବ। 9778556265. D- 66335

ଫୁଲନଖରାରେ ନିର୍ମିତ ବୃହତ୍ତମ ମାର୍କେଟ୍ **(Grand Bazar) NH-5ରୁ** ଅଳ୍ପ ଦୂରତାରେ ଘରବାରି ବାସୋପଯୋଗି **plot** କିଣନ୍ତୁ। **7749090720.** D-66327

Bhubaneswar GITA College ଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

Gharabari demarcated plot for sale near Sum Hospital, Nuagaon. 100 feet road Bhubaneswar Malipada mouza @1600/- sqft. Contact: 9777063609. D-66342

Corner plot (5,200 Sq.ft App., sthitiban status) with newly constructed double storied building (total roof area 3,500 sq.ft App.) + outhouse (roof area 540 sq.ft App.) with compound wall having two separate entry for vehicles on both sides. Address: Puri Town (Odisha), near Railway level crossing Puri Konark road. Suitable for: Residence guest house, holiday home, office, nursing home, bank etc. Contact details: 9835532641, rajeshkrsarangi@gmail.com. D-63765

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

ଘାଟିକିଆରେ ମୋର commercial corner ପ୍ଲଟ୍ ବିକ୍ରୟ କରାଯିବ। କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ: 9438166196, 9937273159. D-12031

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66075

Residential plot at Ghatikiya, Sankarpur, Bhubaneswar 2000 sqft. (15nos) electric, Govt. Supply water, 30' road available: 7381564227, 8114744495. D- 66428

Limited nos. of 2BHK flats of owner's share at Tankapani Road, Bhubaneswar are available for booking (400 meters from Rabi talkies sqr. and 160 meters from Rajarani temple, on the 100ft. main road). Project is scheduled for handover by April 2020. Interested buyers may contact owner at: 9438485933, 9776620800, 9556372717. D-58077

Gharabari plot behind Hitech Plaza, beside 30' road with boundary wall- 490/-, Pradhan sahi mouza (SC plot) - 650/-, 9090008333, 9437357287. D-12089

1200 sqft. gharabari housing plot 30'road Ranga bazar. 8,40,000/- 8144998588. D-66334

Tamando Market ପାଖରେ ଏବଂ ଜଟଣୀ ଗେଟ NH-5କୁ ଲାଗି plot ମିଳୁଅଛି। 9439864322. D-66340

ଘରବାରି plot sale ନଖରା ବ୍ରାହ୍ମଣଝରିଲୋ ପିଚୁରୋଡ଼ sideରେ 3000 sqft. 16,50,000/- 9437306208. D-66337

2BHK flat garage at Garage chhak, Bhubaneswar only purchaser. 9583242566. D-52893

Bhubaneswar Patia ଅଞ୍ଚଳରେ ସ୍ଥିତିବାନ ଘରବାରି ପ୍ଲଟ electric ସୁବିଧା ଥାଇ boundary ସହ କିଣନ୍ତୁ। Ph: 8249693292, 9439489460. D-12109

Booking 2BHK simplex 1200 sqft. 12,80,000/, 5km. from BJEM-II, monthly installment 10,000/- for 3 years. 7735738102. D-12107

Yellowzone gharabari plots BDA area near Badagada canal road. 7735738102. D-12108

Plot sale Patia sqft.- 1,090/-, Sundarpada- 300/-, Pitapalli- 620/-. 7377735755. D-12111

ଭୁବନେଶ୍ୱର Patrapada HDFC Bank ରୁ 500 mtr କଲୋନୀରେ plot କିଣନ୍ତୁ। 9348767829. D-66341

Book 2BHK, 3BHK flat at GGP colony, Rasulgarh near Palasuni Canal road. 9439716901. (Broker not allowed). D-66082

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

4BHK duplex with gated community at Balianta (land-1400 construction- 2200 @ 55 lakh, and 2600 @ 65 lakh). Contact: Mplanets: 9938219397, 9861022055. D-12048

Gharabari plot with boundary wall, sand filling for sale at Pahala. Contact: 9437321343. D-12131

Bhubaneswar କଟକ ଯିବାରାସ୍ତା ହଂସପାଳ ନିକଟରେ develop ଘରବାରି plot କିଣନ୍ତୁ। 9439487505. D-12075

2400 sft. GA plot at SUM Hospital, Bharatpur, Bhubaneswar. Contact Deepak- 9937329999 (brokers excuse). D-66214

Gharabari plot at Balianta, Bhingarpur infront Sudhananda Engineering College and Duplex/ Simplex at Atala near Hanspal square: 9438419823, 9861086655. D-66429

Double storied residential building (30'x66') Mukunda Mishra Nagar at Puri for sale. Rs.70 lakhs. Contact: 7978936187, 9437470042. D-63942

Book 4BHK duplex having land area 1750 sqft. and construction area 2400 sqft., near ITER College, Jagamara, Bhubaneswar. Price- 93 lakhs, 7326084916. D-66085

Book 4BHK/3BHK duplex with gated community at Gudiapokhari, Uttara. Land-1400, construction- 1800. 7327043914. D-66083

GA plot for sale. Niladri Vihar 4500 sqft. (60x75) East facing. Broker Excuse. Contact: 7008654197, 7008568545. D-59531




Construct your dream home with US. Construction planning with vastu approvals, design, execution. Contact: 9437013529, 7008638913, Email: usconstruction19@gmail.com D-66081

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech: 9040008777.** D-12129

Build home @ 1150/- with all branded materials, Tata rod, Ultratech/ACC cement, red bricks, all complete. 7537874306. D-66084




2BHK (Large) semi furnishing flat with basement covered parking at "Tata Ariana Project" at Kalinga Nagar, Bhubaneswar will be given on rent. 9438694488, 8249500319. D- 66120

New ladies hostel, 60 bed available. Marble room attached latrin bathrooms, Baramunda Bus stand. Student, employees contact: 9438423524. D-11999

2 bedroom and 1 hall with 2 toilet, kitchen in first floor having parking in Kalpana square for office, guest house, coaching centre. Contact: 9337116095. D- 65634

3BHK beautifully designed semi furnished marbeled flat at unit-8, Soubhagya Nagar. 9000001508. D- 64955

Commercial/ residential space/ Office/ Godown, 2500 sqft. four units. Bapuji Nagar, Bhubaneswar. 9556700943. D- 65635

Godown space available 4500 sqft near Cuttack Road. Contact: 9937066789. D-12068

Ground floor, 3BR, dining, drawing, no car parking, Jagannath Ashram, Tankapani Road, Bhubaneswar. 9438061655. D- 58074

House at Nayapalli near DAV/ Stewart School for family. 9438490107. D-65874

Office space 350 sqft. rent at Indradhanu Market, Bhubaneswar. 7008967858. D- 66124

160,000 sqft. vacant land with compound wall Tolet for godown, stock-yard & wire housing purpose at Totapada NH/16 near Khurdha. Contact: 9937033933. D-12125

Marbled 1600 sqft. house 3 rooms, unit-8, DAV, Kalyanmandap chhak. Rent- 14,000/-. 9438250900. D-66086

## GENERAL SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65388




Fully refreshed/ relaxed body massage by expert therapist, Shastri Nagar. 7377984773. D-66060

Rejuvenate and Ayurvedic full body massage by smart therapist. 9114402304. D-66059

Summer special mesmerizing offer expert therapeutic refreshing massage appointment. 9668374480. D-66080

Herbal full body massage with refreshment by well trained therapist. 7381239385, 0674-2540855. D-66076

Experience full body massage with us by experts. Enquiry- 0674-2597822, 7377048581. D-66077

Herbal full body massage by smart/expert therapist. Contact: 8338067247. D-66078

Ayurvedic full body massage ladies/ gents experts therapist. 8338097451. D-65877

Newly opening ayurvedic body massage smart therapist Shree herbal. 7750020754. D-66079

Newly open body massage by ladies/ gents Samantrapur, BBSR. 7749975576. D-65875




Film making, Acting courses at best Schools of Mumbai. Career at Bollywood. 7978231072. D-66427




Start your part/full time business today. Low startup cost & huge returns. Call: 90900029024. D-12140

### ପ୍ରଥମ ଜନ୍ମ ବାର୍ଷିକ ଶୁଭେଚ୍ଛା



**ଦିବ୍ୟାଂଶୁ ପରିଡ଼ା**

**ବେଢ଼ାସୁନ୍ଦର, ବ୍ରହ୍ମଗିରି, ପୁରୀ**

ବାବା ଭୀମେଶ୍ୱରଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ହେଉ।

ଶୁଭେଚ୍ଛା ସହ

ବାପା– ହୃଷୀକେଶ ପରିଡ଼ା, ମା– ଦେବଶ୍ରୀ ପରିଡ଼ା, ଜେଜେ, ଜେଜେମା, ଦାଦା, ଖୁଡ଼ୀ ଓ ବନ୍ଧୁ ପରିବାରବର୍ଗ।

ଧ–୧୨୧୪୩

### Birthday Wish



**Jharana Khatua**

**Bhadrak**

**I send to you warm wishes, that your happiness will be as wonderful as the happiness, Wish you Happy Birthday Jhili.**

D–12142

### ୨୦ତମ ଜନ୍ମଦିନ ଶୁଭେଚ୍ଛା



**ପ୍ରିୟଙ୍କା ପାତ୍ର(ମାନା)**

ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଆମର କୋଟିକୋଟି ପ୍ରଣାମ ତୋତେ ସର୍ବଦା ଭଲରେ ରଖନ୍ତୁ।

**ଜନ୍ମଦିନର ହାର୍ଦ୍ଦିକ ଶୁଭକାମନା ଓ ଶୁଭେଚ୍ଛା ସହ: ଅଜା, ଆଇ, ବୋଉ, ଦାଦା, ଖୁଡ଼ି, ମାମୁଁ, ମାଇଁ, ଭାଇ, ଭାଉଜ, ଦିଦି, ଅପା ଓ ବରିବାର ବର୍ଗ।**

ଧ–୬୬୧୨୨

### ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା



**ନବ୍ୟା ନିୟତୀ ସ୍ୱାଇଁ (ଗୁଡ୍ଡୁଲି)**

**ଚକେଇସିହାଣି, ଭୁବନେଶ୍ୱର**

ଧନ ଆଜି ତୋର ଦ୍ୱିତୀୟ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀସାଇବାବାଙ୍କୁ ଆମର କୋଟି କୋଟି ପ୍ରଣାମ ଜଣାଉଛୁ। ତୋତେ ବୁଦ୍ଧିମତୀ, ସ୍ୱାସ୍ଥ୍ୟବାନ ଓ ଦିର୍ଘାୟୁ କରାନ୍ତୁ। ଶୁଭେଚ୍ଛା ସହ: ଜେଜେମା, ଅଜା, ଆଇ, ବାପା, ମାମା, ଓ ପରିବାର ବର୍ଗ।

ଧ–୧୨୧୪୧

### ଜନ୍ମଦିନ ଶୁଭେଚ୍ଛା



**ଉତ୍କଳିକା ବାରିକ (ଲିଜା)**

ଜନ୍ମଦିନରେ ମା' ତାରିଣୀ ଏବଂ ଶ୍ରୀଜଗନ୍ନାଥ ମହାପ୍ରଭୁ ତୋତେ ଦୀର୍ଘାୟୁ କରନ୍ତୁ। ତୋ ଚଲାପଥ କୁସୁମିତ ହେଉ, ଏହାହିଁ ଆମର କାମନା।

ଶୁଭେଚ୍ଛା ସହ

ଜେଜେମା, ବାପା, ବୋଉ, ବଡ଼ବାପା, ବଡ଼ବୋଉ, ଦାଦା, ଖୁଡ଼ୀ, ଭାଇ ଏବଂ ଭଉଣୀ।

ଧ–୫୩୨୧୪

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ବିବାହ ଶୁଭେଚ୍ଛା ଟ୩୧୫/– (ଫଟୋ ସହ) ଏବଂ ଟ୨୧୦/– (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।**

## CLASSIFIED BOOKING STATIONS

**BISHNUPRIYA COMMUNICATION**
Shop No.-5,Ground Floor, P.D Market, BBSR, Nirakar Choudhury, Mob- 9338301743, 9853533237, 0674-2563259

**STUDIO MUNNA PHOTOGRAPHY**
N-6, 311, IRC Village, Nayapali, BBSR, Chitta Ranjan Patra, Mob- 9337180581, 9124380581

**EUREKA ADVERTISER**
N-6/259, IRC Village,Nayapali, BBSR, Nihar Ranjan Mohanty, Ph:0674-2360820, 9337111752

**ANITA ADVERTISERS**
S-17, BDA Market Complex, Nilakantha Nagar, near Passport Office, Nayapalli, BBSR-12, Chinmaya Choudhury, Ph: 9338991113, 9861678764, 0674-2564277

**MAA TARINI COMMUNICATION**
Plot No.-1450, IRCVillage, Infront of Travancore Bank, BBSR, Susanta Nanda. Mob- 9437211887

**TAMANNA COMMUNICATION**
Plot-2132/4177(B),Vivekananda Marg, BBSR-2, Babina/ Dudu Mohanty, Mob-9438092141, 9937073667

**GYANA BHANDAR**
Tamando, Bhubaneswar, Rohit Behera, Ph: 9438621987

**NET POINT**
Plot No. 516/1758, Sujata House, KIIT Square, Patia, Binit Ku. katual, Ph: 0674-2726335, 9337013246

**ANNAPURNA COMMUNICATION**
Qtr.-LC 133/24, C.S Pur, BBSR. Prabina Kumar Mohanty, Ph-2551286,9337336614

**JM GRAPHICS**
SA-12, VSS Nagar, IDCO Market Complex, mancheswar I.E., Bhubaneswar-10, Jitendriya Mansingh, Ph:0674-2582095

**MEDIA SOLUTION**
VSS Nagar, Santosh Ku. Tripathy, Mob : 7735510493

**M/S. SREE JAYADEV JAGANNATH PHOTOSHOP**
Balianta Bazar, Balianta, Khurda Nilamadhab Sahoo, Mob: 9439897622, 9777927622

**SUMIT COMMUNICATION**
Hruda Nanda Behera, Plot No.-983, Mancheswar, BBSR, Mob : 9938965727

**AMAN ADDCARE**
Niranjan Sahoo, Plot No.-114/7, Airport Square, Bhimpur, BBSR, Mob : 9937426436

**MARUTI STD**
Infront of Big Bazar, Satya Nagar, V.L. Raju, Narayan Raja, Ph: 9861245489, 9861712131

**S S ENTERPRISES**
2943, Palasuni near ISA Daignosics, Rasulgarh BBSR, Pabana Garnayak, Mob: 9348737060, 7381305892

**SAGAR COMMUNICATION**
Damana Square, Chandrasekharpur, BBSR-16, Infront of Metro Homes & IDBI Bank. Mr. Sagar Sahoo, Ph: 9861237341, 0674-2744077.

**PANCHAMUKHI ADVERTISERS**
Baramunda, Jagannath Vihar, Lane no-1, Road No-2, BBSR. Mr. Swayang Prava Nayak, Mob: 9937791331.

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

**SAI TOUR TRAVEL**
402/996, Behind Goutam Petrol Pump, BBSR. Mr. Pradeep Kumar Mohanty, Mob: 9348861961, 9040056776.

**ORISSA RESEARCH FOUNDATION & EDUCATIONAL TRUST**
Plot No-1732/A, Gobinda Prasad, Bomikhal, BBSR-10 Mr. Pradeep Kumar Patra, Mob: 8270703878.

Your Classified Advertisement published in Dharitri will be listed free in Dharitri Online Edition: www.dharitri.com




### ୬ଷ୍ଠ ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ସରୋଜକାନ୍ତ ପଟ୍ଟନାୟକ (ଟୁଟୁ)**

ଆବିର୍ଭାବ: ୦୪।୦୨।୧୯୭୯
ତିରୋଧାନ: ୨୦।୦୪।୨୦୧୩
(ଚୈତ୍ର ଶୁକ୍ଳ ଦଶମୀ)

ତୁ ଯିବାର ୬ ବର୍ଷ ହୋଇଗଲା। ସମୟ ସହ ସବୁ ବଦଳି ଯାଇଛି ସତ କିନ୍ତୁ ଏବେବି ତୁ ଆମ ପାଖରେ ଅଛୁ ଆଉ ରହିବୁ ସବୁବେଳେ। ତୋର ପ୍ରତ୍ୟେକଟି କଥା ଆମକୁ ଯୋଡ଼ି ରଖିଛି ତୋ' ସହ। ତୋର ସରଳ ଆଉ ନିଷ୍କପଟ ମନ ଯୋଗୁ ଭଗବାନ ବି ତୋତେ ଛାଡ଼ି ରହି ପାରିଲେ ନାହିଁ ଏ କଥା ହିଁ ସତ। ସେଇ କାଳିଆ ଠାକୁରଙ୍କ ପାଖେ ପ୍ରାର୍ଥନା ତୋତେ ସବୁବେଳେ ଖୁସିରେ ଆଉ ଶାନ୍ତିରେ ରଖନ୍ତୁ। ତୋର ବନ୍ଧୁ ଓ ପରିବାର।

ଧ–୬୧୯୧୩

### ଦଶାହ ଉପଲକ୍ଷେ



**ସ୍ୱର୍ଗତ ପ୍ରସନ୍ନ ଦାସ**

ଓଡ଼ିଆ ମଠ ଛକ, ପୁରୀ

ବାବୁଭାଇ ଆଜିକୁ ୧୦ ଦିନ ହେଲା ତମେ କେମିତି ଛାଡ଼ି ଚାଲିଗଲ। ତୁମ ଅତିଥି ଅଫିସି ଖାଲି ପଡ଼ିଛି। ଭାଉଜ, ପୁଅ, ମିଟୁ ଓ ତୁମର ପରିବାରବର୍ଗ ଓ ତୁମ ସାଥେ ଚଳୁଥିବା ଡ୍ରାଇଭରମାନେ ପ୍ରତି ମୁହୂର୍ତ୍ତରେ ମନେପକାଇ କେତେ କାନ୍ଦୁଛନ୍ତି। କଣ ଭୁଲ୍ ଦେଖି, ତୁମେ ଆମକୁ ଛାଡ଼ି ଚାଲିଗଲ। ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛୁ ତୁମ ଆତ୍ମାର ସଦ୍‌ଗତି ହେଉ। (ଇତି) ତୁମ ସାନଭାଇ ମିଟୁ, ବନ୍ଧୁ ପରିବାରବର୍ଗ ଓ ଡ୍ରାଇଭର ଭାଇମାନେ।

ଧ–୬୩୭୬୪

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତା ଚାରୁବାଳା ପ୍ରଧାନ**

ପ୍ଲଟ ନଂ–୧୭୬, ଶହୀଦନଗର, ଭୁବନେଶ୍ୱର

ତିରୋଧାନ: ୦୪।୦୪।୨୦୧୯
(ଚୈତ୍ରମାସ, କୃଷ୍ଣପକ୍ଷ, ଅମାବାସ୍ୟା ତିଥି)

ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ: ପୁତ୍ର–ପୁତ୍ରବଧୂ, ଝିଅ–ଜ୍ୱାଇଁ, ନାତି, ନାତୁଣୀ ବନ୍ଧୁ ଓ ପରିବାରବର୍ଗ ।

ଧ–୬୬୩୪୪

> ସୋର୍ ସୁଭେନ ଫାର୍ମା ଇଙ୍କ ମାଧ୍ୟମରେ ଆମେରିକାର ରାଇଜିଂ ଫାର୍ମାସ୍ୟୁଟିକାଲ୍ସକୁ ସୁଭେନ ଲାଇଫ ସାଇନ୍ସେସ କିଣିପାରିଛି। ଏହାଦ୍ୱାରା ଗ୍ରାହକଙ୍କୁ ଔଷଧ ଯୋଗାଣ ଅଧିକ ସହଜ ହେବ।
>
> **-ଭେଙ୍କଟ ଜଷ୍ଟି, ସିଇଓ, ସୁଭେନ ଲାଇଫ ସାଇନ୍ସେସ**



> ଡକ୍ଟର ରେଡ୍ଡୀ ପକ୍ଷରୁ ନୂଆ ଡ୍ରଗ୍ସ ଆପ୍ଲିକେଶନ ଅଧିଗ୍ରହଣ କରାଯାଇଛି। ଆଗକୁ ମଧ୍ୟ ଆହୁରି ଅଧିଗ୍ରହଣ କରାଯିବ।
>
> **-ଇରେଜ ଇସ୍ରାଏଲି, ସିଇଓ, ଡକ୍ଟର ରେଡ୍ଡୀସ ଲ୍ୟାବରେଟୋରୀ**



## ସଂକ୍ଷେପରେ

### ଇଲେକ୍ଟୋରାଲ ଟ୍ରଷ୍ଟକୁ ୨୨୦ କୋଟି ଦେଇଛି ଟିସିଏସ୍




ନୂଆଦିଲ୍ଲୀ,୧୩-୪: ଟାଟା କନ୍ସଲଟାନ୍ସି ସର୍ଭିସେସ୍(ଟିସିଏସ୍) ମାର୍ଚ୍ଚରେ ଶେଷ ହୋଇଥିବା ଚତୁର୍ଥ ତ୍ରୈମାସ(ଜାନୁୟାରୀ-ମାର୍ଚ୍ଚ)ରେ ଏକ ଇଲେକ୍ଟୋରାଲ ଟ୍ରଷ୍ଟକୁ ୨୨୦ କୋଟି ଟଙ୍କା ଦାନ କରିଥିବା ପ୍ରକାଶ କରିଛି। କମ୍ପାନୀ ଏହାକୁ ନିଜ ଆକାଉଣ୍ଟରେ ଅନ୍ୟ ଖର୍ଚ୍ଚ ଭାବେ ଦର୍ଶାଇଛି। ରାଜନୈତିକ ଦାନ ବାବଦରେ ଟିସିଏସ୍ ଅଦ୍ୟାବଧି ସର୍ବାଧିକ ଦାନ ଦେଇଥିବା କୁହାଯାଉଛି। ତେବେ କେଉଁ ପାର୍ଟି ଏହାଦ୍ୱାରା ଉପକୃତ ହେଲେ ତାହା କମ୍ପାନୀ ସ୍ପଷ୍ଟ କରିନାହିଁ। ଉଲ୍ଲେଖ କରାଯାଇପାରେ ଯେ, ଟିସିଏସ୍ ସମେତ ଟାଟା ଗ୍ରୁପ୍‌ର ଏକାଧିକ କମ୍ପାନୀ ଇଲେକ୍ଟୋରାଲ ଟ୍ରଷ୍ଟକୁ ଅର୍ଥ ଦାନ କରିଛନ୍ତି। ଭାରତରେ ଏପରି ଏକାଧିକ ଇଲେକ୍ଟୋରାଲ ଟ୍ରଷ୍ଟ ରହିଛି, ଯିଏକି ରାଜନୈତିକ ଦଳ ଓ କର୍ପୋରେଟ ମଧ୍ୟରେ ମଧ୍ୟସ୍ଥ କାମ କରନ୍ତି।

### ଚାଇନା ସହ ଭାରତର ବାଣିଜ୍ୟ ନିଅଣ୍ଟ ହ୍ରାସ

ନୂଆଦିଲ୍ଲୀ,୧୩-୪: ଆର୍ଥିକ ବର୍ଷ ୨୦୧୮-୧୯ରେ ପଡୋଶୀ ଚାଇନା ସହ ଭାରତର ବାଣିଜ୍ୟ ନିଅଣ୍ଟ ହ୍ରାସ ପାଇଛି। ଚାଇନାରୁ ଆମଦାନୀ କମିବା କାରଣରୁ ଭାରତ ବାଣିଜ୍ୟ ନିଅଣ୍ଟ ୭୦ ହଜାର କୋଟି ଟଙ୍କାରୁ ହ୍ରାସ ପାଇ ମାତ୍ର ୩.୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଯାଇଛି। ଆମେରିକା ଓ ଚାଇନା ମଧ୍ୟରେ ଆରମ୍ଭ ହୋଇଥିବା ବାଣିଜ୍ୟ ଯୁଦ୍ଧ କାରଣରୁ ଭାରତକୁ ଏହି ସଫଳତା ମିଳିଛି। ଚଳିତ ବର୍ଷ ମାର୍ଚ୍ଚରେ ଶେଷ ହୋଇଥିବା ୨୦୧୯ଆର୍ଥିକ ବର୍ଷରେ ଅସ୍ଥାୟୀ ଆକଳନ ଅନୁଯାୟୀ, ଭାରତରୁ ଚାଇନାରୁ ରପ୍ତାନି ୩୧ ପ୍ରତିଶତ ବଢ଼ି ୧.୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଯାଇଛି। ସେହିପରି ଏହି ସମୟ ମଧ୍ୟରେ ଆମଦାନୀ ୮% ହ୍ରାସ ପାଇ ୪.୮ ଲକ୍ଷ କୋଟି ଟଙ୍କା ହୋଇଛି। ଭାରତରୁ ଚାଇନାରୁ ଔଦ୍ୟୋଗିକ କେମିକାଲ୍ସ, ପ୍ଲାଷ୍ଟିକ କଞ୍ଚାମାଲ, କଟନ ୟାର୍ନ ରପ୍ତାନି ବୃଦ୍ଧି ପାଇବା କାରଣରୁ ବାଣିଜ୍ୟ ନିଅଣ୍ଟ ପରିମାଣ ହ୍ରାସ ପାଇବାରେ ସଫଳତା ମିଳିଛି।

### ସୁଧ ହାର ହ୍ରାସ କଲା ଆଇଡିବିଆଇ ବ୍ୟାଙ୍କ

IDBI BANK

ନୂଆଦିଲ୍ଲୀ,୧୩-୪
ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ସୁଧ ହାର ହ୍ରାସ ସମ୍ପର୍କରେ ଘୋଷଣା କରାଯାଇଛି। ବ୍ୟାଙ୍କ ୫ ବେସିସ ପଏଣ୍ଟ ସୁଧ ହାର ହ୍ରାସ କରିଥିବା ବେଳେ ଏହା ଶୁକ୍ରବାରଠାରୁ ଲାଗୁ ହୋଇଛି। ଏହି ନୂଆ ପଦକ୍ଷେପ ସହ ବ୍ୟାଙ୍କର ବାର୍ଷିକ ସୁଧ ହାର ୯%କୁ ହ୍ରାସ ଘଟିଛି। ୨୪ ଘଣ୍ଟା ଜମା ରାଶି ଉପରେ ସୁଧ ହାର ୭.୯୫ରୁ ୭.୯୦%କୁ ଖସିଛି। ସେହିପରି ଏକ ମାସ ଜମା ରାଶି ଉପରେ ସୁଧ ହାର ୮.୨୫%ରୁ ୮.୧୫, ୩ ମାସିଆ ଜମା ଉପରେ ୮.୬୫ରୁ ୮.୬୦% ହୋଇଛି। ଏହା ବାଦ ଦୁଇ ବର୍ଷିଆ ଏବଂ ୩ ବର୍ଷିଆ ଜମା ଉପରେ ପୂର୍ବରୁ ସୁଧ ହାର ୯.୩୦% ଥିବା ବେଳେ ଏହା ଯଥାକ୍ରମେ ୯.୨୫% ଏବଂ ୯.୩୦% ହୋଇଛି।

## ■ଜିଡିପି ଡାଟାକୁ ନେଇ ସନ୍ଦେହ
# ରାଜନଙ୍କ ସହ ସ୍ୱର ମିଳାଇଲେ ଗୀତା ଗୋପୀନାଥ

ନୂଆଦିଲ୍ଲୀ,୧୩-୪

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ପୂର୍ବତନ ଗଭର୍ନର ରଘୁରାମ ରାଜନଙ୍କ ପରେ ଦେଶବିଦେଶର ୧୦୮ ଅର୍ଥନୀତିଜ୍ଞ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ସଂଶୋଧିତ ଜିଡିପି ତଥ୍ୟ ଉପରେ ସନ୍ଦେହ ବ୍ୟକ୍ତ କରିଥିଲେ। ଏବେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍)ର ମୁଖ୍ୟ ଅର୍ଥନୀତିଜ୍ଞ ଗୀତା ଗୋପୀନାଥ ମଧ୍ୟ ରାଜନଙ୍କ ସହ ସ୍ୱର ମିଳାଇଛନ୍ତି। ଭାରତ ପକ୍ଷରୁ ଜିଡିପି ଆକଳନରେ ବ୍ୟବହୃତ ଉପାୟକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ଗୀତାଙ୍କ ପ୍ରଶ୍ନବାଚୀ ଏବେ ସରକାରଙ୍କ ପାଇଁ ଏକ ଶକ୍ତ ଝଟକା ସଦୃଶ କୁହାଯାଉଛି। କାରଣ ସଂଶୋଧିତ ଜିଡିପି ଡାଟାକୁ ସରକାରୀ କଳ କ୍ରମାଗତ ଭାବେ ସମର୍ଥନ କରିଆସୁଛି। ବିଶ୍ୱ ବ୍ୟାଙ୍କ ଏବଂ ଆଇଏମ୍‌ଏଫ ଭଳି ସମସ୍ତ ଅନ୍ତର୍ଜାତୀୟ ଏଜେନ୍ସି ଭାରତର


ଗୀତା ଗୋପୀନାଥ।

ଜିଡିପି ଡାଟାକୁ ସମର୍ଥନ କରୁଛନ୍ତି ବୋଲି ସରକାରଙ୍କ ପ୍ରମୁଖ ଅଧିକାରୀମାନେ ଯୁକ୍ତି ଦର୍ଶାଉଛନ୍ତି। ଗୋପୀନାଥ କହିଛନ୍ତି ଯେ, ସଂଶୋଧିତ ଜିଡିପି ଗଣନାପ୍ରଣାଳୀରେ ରହିଥିବା ତ୍ରୁଟିକୁ ସୁଧାରିବାର ଆବଶ୍ୟକତା ରହିଛି। ତେବେ ସେ ରାଜନଙ୍କ ଭଳି ଜିଡିପି

> ■ଜିଡିପି ଡାଟା ଗଣନା ପ୍ରଣାଳୀରେ ଥିବା ତ୍ରୁଟି ସୁଧାରିବାକୁ ହେବ
>
> ■ସରକାର ସଂଶୋଧିତ ଡାଟାକୁ ସମର୍ଥନ କରୁଛନ୍ତି
>
> ■୨୦୧୯,୨୦୨୦ରେ ଭାରତର ଜିଡିପି ୭%ରୁ ଅଧିକ ରହିବ

ସଂଖ୍ୟାକୁ ନେଇ ପ୍ରଶ୍ନ ଉଠାଇନାହାନ୍ତି। କେରଳ ସରକାରଙ୍କ ପୂର୍ବତନ ପରାମର୍ଶଦାତା କହିଛନ୍ତି ଯେ, ପ୍ରକୃତ ଜିଡିପି ଆକଳନ ଲାଗି ଯେଉଁ ପ୍ରଣାଳୀ ଆପଣାଯାଇଥିଲା, ସେଥିରେ ରହିଥିବା ତ୍ରୁଟିର ସମାଧାନ ଜରୁରୀ। ରାଜନ, ଗୋପୀନାଥଙ୍କ ସହ ଏକାଧିକ ଅର୍ଥନୀତିଜ୍ଞ ରାଜନୈତିକ ଦଳଗୁଡ଼ିକ ପାଇଁ ଅର୍ଥନୈତିକ ଏଜେଣ୍ଡା ଘୋଷଣା କରିଥିବା ବେଳେ ଜିଡିପି ସଂଖ୍ୟା ନେଇ ଆଲୋଚନା କରିବା ଉପରେ ଜୋର୍ ଦେଇଛନ୍ତି। ଏକ ଟିଭି ଚ୍ୟାନେଲ ସହ ସାକ୍ଷାତକାର ବେଳେ ସେ କହିଛନ୍ତି ଯେ, ୨୦୧୯ ଓ ୨୦୨୦ରେ ଭାରତର ଜିଡିପି ୭%ରୁ ଅଧିକ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଏହା ସମ୍ଭବ ହେଲେ ଭାରତ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧି ହାସଲକାରୀ ଦେଶ ହେବ ବୋଲି କୁହାଯାଉଛି। ଏହି ଦୃଷ୍ଟିରୁ ଭାରତର ପରିସଂଖ୍ୟାନରେ ଅଧିକ ସ୍ୱଚ୍ଛତା ଆସୁଛି। କାରଣ ସମସ୍ତେ ଭାରତ ଉପରେ ନଜର ରଖିଛନ୍ତି ବୋଲି ସେ କହିଛନ୍ତି। ସୂଚନାଥାଉ କି, ପୂର୍ବରୁ ରାଜନ ନୂଆ ଗଣନା ପ୍ରଣାଳୀକୁ ନେଇ ସେଣ୍ଟ୍ରାଲ ଷ୍ଟାଟିଷ୍ଟିକ୍ସ ଅଫିସ୍‌କୁ ପ୍ରଶଂସା କରିଥିବା ବେଳେ ଜିଡିପି ତଥ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଭାରତର ଜିଡିପିକୁ ଅଧିକ ଭାବେ ଦର୍ଶାଯାଇଥିବା ସେ ଅଭିଯୋଗ କରିଛନ୍ତି।

# ନୂଆ ମଡେଲ ଦ୍ୱାରା ସ୍ଥିତି ଦୃଢ଼ କଲା ହିରୋ ମୋଟୋକର୍ପ

ନୂଆଦିଲ୍ଲୀ,୧୩-୪

ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପ ଲିମିଟେଡ ନୂଆ ମଡେଲର ଉନ୍ମୋଚନ ସହ ଘରୋଇ ବଜାରରେ ଏହାର ବିକ୍ରି ସ୍ଥିତିକୁ ଆହୁରି ଦୃଢ଼ କରିଛି। କମ୍ପାନୀ ପ୍ରିମିୟମ ମୋଟର ସାଇକେଲ ବର୍ଗରେ ନୂଆ 'ଏକ୍ସଟ୍ରିମ ୨୦୦ ଆର୍' ଏବଂ ୧୨୫ ସିସି ସ୍କୁଟର ବର୍ଗରେ 'ଡେଷ୍ଟିନି ୧୨୫' ମଡେଲ ବଜାରକୁ ଆଣିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ହିରୋ ମୋଟୋକର୍ପ ଦେଶ ମଧ୍ୟରେ ୭୮.୨୦ ଲକ୍ଷ ୟୁନିଟ ଏବଂ ୨୦୧୭-୧୮ରେ ୭୫.୮୭ ଲକ୍ଷ ୟୁନିଟ ଯାନ ବିକ୍ରି କରିଛି। ଲଗାତର ଭାବେ ଏହାର ବିକ୍ରିକୁ ବଢାଇବାରେ ସକ୍ଷମ ହୋଇଥିବା କମ୍ପାନି ସୂଚନା ଦେଇଛି। ଅପରପକ୍ଷରେ ହୋଣ୍ଡାମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ (ଏଚ୍‌ଏମ୍‌ଏସ୍‌ଆଇ) ୨୦୧୭-୧୮ ଏବଂ ୨୦୧୮-୧୯ ଆର୍ଥିକ ବର୍ଷରେ ଯଥାକ୍ରମେ ୬୧.୨୩



> **୨୦୧୮-୧୯ରେ ବିକିଲା ୭୮.୨୦ ଲକ୍ଷ ୟୁନିଟ ଯାନ**

ଲକ୍ଷ ଓ ୫୯ ଲକ୍ଷ ୟୁନିଟ ଯାନ ବିକ୍ରି କରିଛି। ଏହି ଦୁଇ ଆର୍ଥିକ ବର୍ଷରେ ହିରୋ ମୋଟୋକର୍ପ ହୋଣ୍ଡା ତୁଳନାରେ ଯଥାକ୍ରମେ ୧୪.୬୩ ଲକ୍ଷ ଏବଂ ୧୯.୧୯ ଲକ୍ଷ ଅଧିକ ୟୁନିଟ ଯାନ ବିକ୍ରି କରିଥିବା କହିଛି।

୨୦୨୦ ସୁଦ୍ଧା ହିରୋ ମୋଟୋକର୍ପକୁ ଟପି ଦେଶର ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା ହେବା ନେଇ ପୂର୍ବରୁ ହୋଣ୍ଡା ଘୋଷଣା କରିଥିଲେ ମଧ୍ୟ ୨୦୧୮-୧୯ର ଦ୍ୱିତୀୟାର୍ଦ୍ଧରେ ପ୍ରଭାବିତ ବଜାର ସ୍ଥିତି ଯୋଗୁ ବିକ୍ରି କମିଥିବା ପ୍ରକାଶ କରିଛି।

# ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ର ପୂର୍ବତନ ସିଇଓ ଗିରଫ

ମୁମ୍ବାଇ,୧୩-୪

ଆର୍ଥିକ ପରିଚାଳନାରେ ତ୍ରୁଟି ତଥା ଅନିୟମିତତା ଯୋଗୁ ଋଣରେ ବୁଡ଼ିଯାଇଥିବା ଆଇଏଲ୍‌ଆଣ୍ଡଏଫ୍‌ଏସ୍ ମାମଲାରେ ଆଉ ଜଣେ ପୂର୍ବତନ ବଡ଼ ଅଧିକାରୀ ଗିରଫ ହୋଇଛନ୍ତି। କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ଅଧୀନ ସିରିୟସ ଫ୍ରଡ୍ ଇନ୍‌ଭେଷ୍ଟିଗେଶନ ଅଫିସ (ଏସ୍‌ଏଫ୍‌ଆଇଓ) ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଫାଇନାନ୍ସିଆଲ ସର୍ଭିସେସର ପୂର୍ବତନ ଏମ୍‌ଡି ତଥା ସିଇଓ ରମେଶ ବାୱାଙ୍କୁ ଗିରଫ କରିଛି। ତାଙ୍କୁ ଗତ ରାତିରେ ଦିଲ୍ଲୀରୁ ଗିରଫ କରାଯାଇଛି। ଏଥିପୂର୍ବରୁ ପୂର୍ବତନ ଉପାଧ୍ୟକ୍ଷ ହରି ଶଙ୍କରନଙ୍କୁ ଗିରଫ କରାଯାଇଥିଲା। ତାଙ୍କୁ ବର୍ତ୍ତମାନ ମୁମ୍ବାଇର ବାୟକୁଲା



ରମେଶ ବାୱା।

ଜେଲ୍‌ରେ ରଖାଯାଇଛି। ଅନ୍ୟପକ୍ଷରେ ତାଙ୍କୁ ଗିରଫ ନ କରିବା ଲାଗି ଆଉ ସମୟ ଦିଆଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିବା ପରେ ବାୱାଙ୍କୁ କମ୍ପାନୀ ଆଇନର ଧାରା ୪୪୭ ଅଧୀନରେ ଗିରଫ କରାଯାଇଛି। ନିକଟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ଆଇଏଲ୍‌ଆଣ୍ଡଏଫ୍‌ଏସ୍ ବୋର୍ଡ କହିଥିଲେ ଯେ, କମ୍ପାନୀ ନିକଟରେ ମୋଟ ୧୮,୮୦୦ କୋଟି ଟଙ୍କାର ସମ୍ପତ୍ତି ରହିଛି, ଯେଉଁଥିରୁ ୧୦,୭୦୦ କୋଟି ଟଙ୍କା ବହିଃ ଏଜେନ୍ସିର ବୋଲି ଜଣାପଡିଛି। ଏହି ମାମଲାରେ ଏସ୍‌ଏଫ୍‌ଆଇଓ ବ୍ୟତୀତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ମଧ୍ୟ ଯାଞ୍ଚ କରୁଛି। ଫେବୃୟାରୀରେ ଆଇଏଲ୍‌ଆଣ୍ଡଏଫ୍‌ଏସ୍ ରେଳ ଲିମିଟେଡ, ଟ୍ରାନ୍ସପୋର୍ଟେଶନ ନେଟ୍‌ୱର୍କ ଲିମିଟେଡ, ରବି ପାର୍ଥସାରଥି, ପୂର୍ବତନ ଅଧ୍ୟକ୍ଷ ଏବଂ ମ୍ୟାନେଜିଂ ଡାଇରେକ୍ଟରଙ୍କ ବିରୋଧରେ ମନି ଲଣ୍ଡରିଂ ମାମଲା ଦାଏର କରାଯାଇଥିଲା। ଏସ୍‌ଏଫ୍‌ଆଇଓ ପକ୍ଷରୁ କୁହାଯାଇଛି ଯେ, ବାୱା ନିଜ କ୍ଷମତାର ଅପବ୍ୟବହାର କରି ଏଭଳି କମ୍ପାନୀଙ୍କୁ ଋଣ ଦେଇଥିଲେ ଯେଉଁମାନେ ଆଦୌ ଭରସାଯୋଗ୍ୟ ନ ଥିଲେ। ପରେ ଏହି ଋଣକୁ ଏନ୍‌ପିଏ ଘୋଷଣା କରାଯାଇଥିଲା।

# ୩ ଦିନ ଆଲ୍ଲାହାବାଦ ଦେଇ ଯିବ ନୀଳାଚଳ ଏକ୍ସପ୍ରେସ



ଭୁବନେଶ୍ୱର,୧୩-୪

ବାରାଣସୀ ଏବଂ ଲକ୍ଷ୍ନୌ ମାର୍ଗ ପରିବର୍ତ୍ତେ ତିନି ଦିନ ଲାଗି ନୀଳାଚଳ ଏକ୍ସପ୍ରେସ ଆଲ୍ଲାହାବାଦ ମାର୍ଗ ଦେଇ ଯାତ୍ରା କରିବ। ଉତ୍ତର ରେଳପଥ ଲକ୍ଷ୍ନୌ ରେଳ ମଣ୍ଡଳର ଲକ୍ଷ୍ନୌ-ରାଏବରେଲୀ ରେଳ ସେକ୍ସନରେ ଦୋହରୀକରଣ ତଥା ଆଧୁନିକୀକରଣ କାର୍ଯ୍ୟ ଲାଗି କେତେକ ଟ୍ରେନକୁ ବାତିଲ କରାଯାଇଛି। ଆଉ କିଛି ଟ୍ରେନର ମାର୍ଗକୁ ଅସ୍ଥାୟୀ ଭାବେ ପରିବର୍ତ୍ତନ କରାଯାଇଛି। ଏଥି ଲାଗି ପୁରୀରୁ ଛାଡୁଥିବା ନୀଳାଚଳ ଏକ୍ସପ୍ରେସ ତିନି ଦିନ ଲାଗି ମାର୍ଗ ପରିବର୍ତ୍ତନ କରି ଚଳାଚଳ କରିବ। ପୁରୀ-ଆନନ୍ଦ ବିହାର ନୂଆଦିଲ୍ଲୀ ପୁରୀ ନୀଳାଚଳ ଏକ୍ସପ୍ରେସ ପୁରୀଠାରୁ ଚଳିତ ମାସ ୧୬,୧୯ ଏବଂ ୨୧ ତାରିଖରେ ଏବଂ ଆନନ୍ଦ ବିହାରଠାରୁ ଚଳିତ ମାସ ୧୯,୨୧ ଏବଂ ୨୩ ତାରିଖ ଦିନ ପରିବର୍ତ୍ତିତ ମାର୍ଗରେ ଯାତ୍ରା କରିବ। ଏହା ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ-ଆଲ୍ଲାହାବାଦ-କାନପୁର ଷ୍ଟେଶନ ମାର୍ଗରେ ଯାତ୍ରା କରିବ। ଏହି ସମୟରେ ନୀଳାଚଳ ଏକ୍ସପ୍ରେସ କାଶୀ, ବାରାଣସୀ, ଭାଦୋହୀ, ପ୍ରତାପଗଡ ଏବଂ ଲକ୍ଷ୍ନୌ ଭଳି ଷ୍ଟେଶନ ଦେଇ ଯାତ୍ରା କରିବ ନାହିଁ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

# ଏସ୍‌ପ୍ଲାନେଡ ୱାନର 'ଟିକେଟ ଟୁ ହାପିନେସ୍'

ଭୁବନେଶ୍ୱର,୧୩-୪

ଏସ୍‌ପ୍ଲାନେଡ ୱାନ ମଲ୍ ପକ୍ଷରୁ ଓଡ଼ିଶାରେ ପ୍ରଥମଥର ପାଇଁ 'ଟିକେଟ ଟୁ ହାପିନେସ୍' ପଦକ୍ଷେପ ଗ୍ରହଣ କରାଯାଇଛି। ଇଂଲଣ୍ଡରେ ହେବାକୁ ଥିବା କ୍ରିକେଟ ଦେଖିବାକୁ ଏଥିରେ ଗ୍ରାହକ ସୁବିଧା ପାଇପାରିବେ। ମେ ୩୦ରୁ ଜୁଲାଇ ୧୪ ଯାଏ ହେବାକୁ ଥିବା ଏହି କ୍ରିକେଟ ମ୍ୟାଚରେ ନିଜ ପ୍ରିୟ ଟିମର ଖେଳ ଦେଖିବାକୁ ଗ୍ରାହକ ସୁଯୋଗ ଲାଭ କରିପାରିବେ। ଏହି ମଲ୍‌ରେ ୧୦୦ରୁ ଊର୍ଦ୍ଧ୍ୱ ଜାତୀୟ ତଥା ଅନ୍ତର୍ଜାତୀୟ ବ୍ରାଣ୍ଡର ସାମଗ୍ରୀ ଉପଲବ୍ଧ ରହିଛି। ଏଠାରୁ ମାତ୍ର ୨୫୦୦ ଟଙ୍କାର କ୍ରୟ ଉପରେ ଲକି ଡ୍ରରେ ଭାଗ ନେବାକୁ ସୁଯୋଗ ମିଳିବ। ଲକି ଡ୍ରର ଭାଗ୍ୟଶାଳୀ ବିଜେତାଙ୍କୁ


> **ଭାଗ୍ୟଶାଳୀ ବିଜେତାଙ୍କୁ କ୍ରିକେଟ ୱାର୍ଲ୍ଡ କପ୍ ଦେଖିବାର ସୁଯୋଗ**

କ୍ରିକେଟ ୱାର୍ଲ୍ଡ କପ୍ ୨୦୧୯ ଦେଖିବାକୁ ସୁଯୋଗ ମିଳିବ। ଲକି ଡ୍ରରେ ଭାଗ୍ୟଶାଳୀ ବିଜେତା ହୋଇ ଦମ୍ପତି ଇଂଲଣ୍ଡ ଟ୍ରିପର ଖର୍ଚ୍ଚ ମାଗଣାରେ ପାଇପାରିବେ। ମେ ମାସ ୧୯ ଯାଏ ଉପଲବ୍ଧ ହେବାକୁ ଥିବା ଏହି ଅଫରରେ ସାପ୍ତାହିକ ଗିଫ୍ଟ ଜିତିବା ସୁବିଧା ମଧ୍ୟ କରାଯାଇଛି। ପ୍ରତି ସପ୍ତାହରେ ଲକି ୱିନରଙ୍କ ନାମ ଘୋଷଣା କରାଯିବ। ଗ୍ରାହକଙ୍କୁ ଏକ ଭିନ୍ନ କ୍ରୟ ଅଭିଜ୍ଞତା ପ୍ରଦାନ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ଏସ୍‌ପ୍ଲାନେଡ ୱାନ ମଲ୍‌ର ସେଣ୍ଟର ହେଡ ପାର୍ଥ ପ୍ରତୀମ ନାୟକ ସୂଚନା ଦେଇଛନ୍ତି।

# ମହଙ୍ଗା ପଡ଼ିବ ଭାରତଠାରୁ ଜିଏସ୍‌ପି ପ୍ରତ୍ୟାହାର

ୱାଶିଂଟନ,୧୩-୪

ସାମାନ୍ୟ ପ୍ରାଥମିକତା ବ୍ୟବସ୍ଥା(ଜିଏସ୍‌ପି) ଅଧୀନରେ ଭାରତକୁ ମିଳୁଥିବା ଲାଭ ରଦ୍ଦ କରିବା ନେଇ ଆମେରିକାର ଟ୍ରମ୍ପ ପ୍ରଶାସନ ନେବାକୁ ଯାଉଥିବା ନିଷ୍ପତ୍ତି ଟାଳିବାକୁ ଦୁଇ ଜଣ ସିନେଟର ଅନୁରୋଧ କରିଛନ୍ତି। ସେମାନେ ଯୁକ୍ତି ଦର୍ଶାଇଛନ୍ତି ଯେ, ଭାରତରୁ ଆମଦାନୀ ହେଉଥିବା ୫.୬ ବିଲିୟନ ଡଲାର ଶୁଳ୍କ ମୁକ୍ତ ସାମଗ୍ରୀ ରଦ୍ଦ କରାଗଲେ ଭାରତ ଅପେକ୍ଷା ଆମେରିକାର ଅଧିକ କ୍ଷତି ହେବ। ସୂଚନାଥାଉ କି, ଆମେରିକା ରାଷ୍ଟ୍ରପତି ବହୁ ପୁରୁଣା ଏହି ଜିଏସ୍‌ପି ବ୍ୟବସ୍ଥାକୁ ଉଚ୍ଛେଦ କରିବା ପାଇଁ ଚାହୁଁଛନ୍ତି। ଭାରତଠାରୁ ଏହି ମାନ୍ୟତା ପ୍ରତ୍ୟାହାର କରାଗଲେ ଆସନ୍ତା



ମେ'ରୁ ଭାରତ ବିନା ଶୁଳ୍କରେ ଆମେରିକାକୁ ଆଉ କୌଣସି ସାମଗ୍ରୀ ରପ୍ତାନି କରିପାରିବ ନାହିଁ। ଭାରତୀୟ ଅଧିକାରୀମାନେ ଏହାର ଜବାବ ଦେବାକୁ ପ୍ରସ୍ତୁତ ବୋଲି କହିଥିବା ସିନେଟରମାନେ ଉଲ୍ଲେଖ କରିଛନ୍ତି। ରିପବ୍ଲିକାନ ପାର୍ଟି ସିନେଟର ଜନ୍ କରନିନ୍ ଏବଂ ଡେମୋକ୍ରାଟିକ ପାର୍ଟି ସିନେଟର ମାର୍କ ୱାର୍ନର ଆମେରିକା ବାଣିଜ୍ୟ ପ୍ରତିନିଧି ରବର୍ଟ ଲିଥିଜେରଙ୍କୁ ପତ୍ର ଲେଖି କହିଛନ୍ତି ଯେ, ବଜାରକୁ ନେଇ ଅନେକ ପ୍ରସଙ୍ଗ ରହିଥିବା ନେଇ ସହମତି ରହିଛି। ଏହା ଉପରେ ଧ୍ୟାନ ଦେବାକୁ ପଡିବ। ଭାରତୀୟ ସାମଗ୍ରୀଗୁଡ଼ିକରୁ ଶୁଳ୍କ ଛାଡ଼ ପ୍ରତ୍ୟାହାର କରାଯିବା ଦ୍ୱାରା ଆମେରିକାରେ ଏଗୁଡ଼ିକର ମୂଲ୍ୟ ବଢ଼ିଯିବ। ଏହାର ପ୍ରଭାବ ଆମେରିକାବାସୀଙ୍କ ଉପରେ ପଡ଼ିବ। ଏହାଛଡ଼ା ଭାରତ ଓ ଆମେରିକା ମଧ୍ୟରେ ଏବେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି। ଏଭଳି ଏକ ସମୟରେ ମହତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ତରବରିଆ ହେବ। ଭାରତରେ ମେ ୨୩ ଯାଏ ନିର୍ବାଚନ ପ୍ରକ୍ରିୟା ଚାଲିବ। ଏଭଳି ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ଭାରତୀୟ ସମକକ୍ଷଙ୍କ ପାଇଁ କଷ୍ଟକର ହେବ ସେମାନେ ଉଲ୍ଲେଖ କରିଛନ୍ତି।

# ସେଣ୍ଟ୍ରାଲ ବ୍ୟାଙ୍କ ମୁଖ୍ୟ ସତର୍କତା ଅଧିକାରୀଙ୍କ ଓଡ଼ିଶା ଗସ୍ତ

ଭୁବନେଶ୍ୱର,୧୩-୪

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ସତର୍କତା ଅଧିକାରୀ ପର୍ଶୁରାମ ପଣ୍ଡା ବ୍ୟାଙ୍କରେ ନିଜର ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମଥର ଲାଗି ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ୧୯୮୮ରେ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ପ୍ରୋବେସନାରୀ ଅଫିସର ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ବ୍ୟାଙ୍କର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ସେ କାର୍ଯ୍ୟ କରିଛନ୍ତି। ସେ ବେଲଜିୟମରେ କାର୍ଯ୍ୟ କରିବାର ଅଭିଜ୍ଞତା ହାସଲ କରିଛନ୍ତି। ତାଙ୍କର ଏହି ଦୁଇ ଦିନିଆ ଗସ୍ତ ସମୟରେ ବ୍ୟାଙ୍କର ବିଭିନ୍ନ ଅଧିକାରୀଙ୍କ ସହ ଭେଟିବା ସହ ସତର୍କତା ଦିଗରେ



ପର୍ଶୁରାମ ପଣ୍ଡା।

ବିଭିନ୍ନ ଆଲୋଚନା କରିବେ । ସେ ଶାଖା ମୁଖ୍ୟଙ୍କୁ ଉଦ୍‌ବୋଧନ ଦେବେ ବୋଲି ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସୂଚନା ରହିଛି।

# 'ପରମ୍ପରାରୁ ହଟି ଭାବିବାକୁ ହେବ'

ୱାଶିଂଟନ ଡିସି,୧୩-୪

ବିକାଶଶୀଳ ବଜାରରେ ମୁଦ୍ରା ଅର୍ଥଶାସ୍ତ୍ର ଉପରେ ନୂଆ ଭାବେ ଚିନ୍ତା କରିବାର ଆବଶ୍ୟକତା ରହିଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି। ବିଶ୍ୱରେ ଦେଖା ଦେଇଥିବା ଋଣ ସଙ୍କଟ ଯୋଗୁ ପାରମ୍ପରିକ ଓ ଅଣପାରମ୍ପରିକ ମୁଦ୍ରାନୀତିରେ ରହିଥିବା ତ୍ରୁଟି ସାମ୍ନାକୁ ଆସିଥିବାରୁ ବିଶେଷ କରି ବିକାଶଶୀଳ ଦେଶ ସମ୍ବନ୍ଧରେ ଏହା ଉପରେ ପୁନର୍ବିଚାର କରାଯିବା ଜରୁରୀ ବୋଲି ସେ କହିଛନ୍ତି। ଆମେରିକାରେ ଅନୁଷ୍ଠିତ ହେବାକୁ ଥିବା ଅନ୍ତଃରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ଏବଂ ବିଶ୍ୱ ବ୍ୟାଙ୍କର ବାର୍ଷିକ ଗ୍ରୀଷ୍ମକାଳୀନ ବୈଠକରେ ଯୋଗ ଦେବା ଅବସରରେ ଏଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଏହା କହିଛନ୍ତି। ଦାସଙ୍କ କହିବା ଅନୁସାରେ



> **ଅର୍ଥନୀତିକୁ ନେଇ ମତ ରଖିଲେ ଶକ୍ତିକାନ୍ତ**

ଆଧୁନିକ କେନ୍ଦ୍ରୀୟ ବ୍ୟାଙ୍କର ନୀତିଗତ ସୁଧ ହାର(ରେପୋ ରେଟ୍) ୦.୨୫ ପ୍ରତିଶତ ହ୍ରାସ ଅଥବା ବୃଦ୍ଧି କରିବାକୁ ନେଇ ପରମ୍ପରାଗତ ଚିନ୍ତାଧାରାରେ ପରିବର୍ତ୍ତନ କରିବାକୁ ହେବ। ସେ ଏକବିଂଶ ଶତାବ୍ଦୀରେ ମୁଦ୍ରା ନୀତି ସହ ଜଡ଼ିତ ଚିନ୍ତାକୁ ଦୂର କରିବା ପାଇଁ ସ୍ୱତନ୍ତ୍ର ଚିନ୍ତାଧାରା ଆପଣାଇବା ଉପରେ ଜୋର୍ ଦେଇଛନ୍ତି। ଆର୍‌ବିଆଇ ଗଭର୍ନର କହିଛନ୍ତି ଯେ, ବିକଶିତ ଦେଶର ଅଣପରମ୍ପରାଗତ ମୁଦ୍ରା ନୀତି ଅନ୍ୟ ଦେଶ ଉପରେ ପ୍ରତିକୂଳ ପ୍ରଭାବ ପକାଇଛି,ଯାହା କି ବିକାଶଶୀଳ ବଜାର ଲାଗି ବିପଦ ସ୍ଥିତି ସୃଷ୍ଟି କରିଛି। ସେମାନେ ପ୍ରଭାବିତ ହେଉଛନ୍ତି। ସେ କହିଛନ୍ତି ଯେ, ଭାରତର ଅର୍ଥନୀତି ଅଭିବୃଦ୍ଧି ହାର ୭.୫% ରହିବା ପ୍ରଭାବଶାଳୀ ହୋଇଛି। ତେବେ ଭାରତ ଆହୁରି ଭଲ ପ୍ରଦର୍ଶନ କରିପାରିବ ବୋଲି ସମସ୍ତଙ୍କର ଆଶା ରହିଛି। ଜମି ଏବଂ ଶ୍ରମ କ୍ଷେତ୍ରରେ ଢାଞ୍ଚାଗତ ସଂସ୍କାର ଆବଶ୍ୟକତା ରହିଛି ବୋଲି ସେ ପ୍ରକାଶ କରିଛନ୍ତି। ଅଶୋଧିତ ତୈଳ ଦର ବୃଦ୍ଧି ପାଇଁ ପୁଣି ଖସିଲେ ଭାରତର ଅର୍ଥନୀତି ଏହାଦ୍ୱାରା ସାମାନ୍ୟ ପ୍ରଭାବିତ ହେବ। କିନ୍ତୁ ଦୀର୍ଘକାଳୀନ ଭିତ୍ତିରେ ଦର ବଢ଼ିଲେ ଏଥିଯୋଗୁ ଭାରତର ଅର୍ଥନୀତି ଅଭିବୃଦ୍ଧି ଏବଂ ଚଳନ୍ତି ଜମା ନିଅଣ୍ଟ ପ୍ରଭାବିତ ହେବ ବୋଲି ସେ କହିଛନ୍ତି।

# ନୂଆ ରଙ୍ଗରେ ଟିଭିଏସ୍ ସ୍କୁଟି ପେପ୍ ପ୍ଲସ

ନୂଆଦିଲ୍ଲୀ,୧୩-୪

ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ଏହାର ଲୋକପ୍ରିୟ ବ୍ରାଣ୍ଡ ସ୍କୁଟି ପେପ୍ ପ୍ଲସ ୨ଟି ନୂଆ ରଙ୍ଗରେ ବଜାରକୁ ଆସିଛି। ଇତିମଧ୍ୟରେ କମ୍ପାନୀ ଏହାର ସ୍କୁଟି ମଡେଲର ୨୫ ବର୍ଷ ପୂର୍ତ୍ତି ପାଳନ କରିଛି। ଏହି ଅବସରରେ ରିଭାଇଜିଙ୍ଗ ରେଡ୍ ଏବଂ ଗ୍ଲିଟରିଂ ଗୋଲ୍ଡ ରଙ୍ଗର ମଡେଲ ବଜାରକୁ ଆସିଛି। ପ୍ରଡକ୍ଟର ଗୁଣାତ୍ମକ ମାନ, ଆମୋଦଦାୟକ ଅନୁଭୂତି ସହ ଗତ ୨୫ ବର୍ଷ ଧରି ଏହା ଯୁବା ଭାରତୀୟଙ୍କ ଦ୍ୱାରା ବେଶ ପସନ୍ଦଯୋଗ୍ୟ ହୋଇ ପାରିଛି ବୋଲି କମ୍ପାନୀ ପ୍ରକାଶ କରିଛି। ବର୍ତ୍ତମାନ ସୁଦ୍ଧା ସ୍କୁଟି ପେପ୍ ପ୍ଲସର ୪.୫ ନିୟୁତରୁ ଅଧିକ ଗ୍ରାହକ ରହିଥିବା କମ୍ପାନୀର ମାର୍କେଟିଂ ଉପସଭାପତି ଅନିରୁଦ୍ଧ ହାଲଦାର କହିଛନ୍ତି।

# ଓଭରଟାଇମ କଲ୍‌ଚରକୁ ଜ୍ୟାକ୍ ମାଙ୍କ ସମର୍ଥନ

ବେଜିଂ,୧୩-୪

କର୍ମଚାରୀଙ୍କ କ୍ଷମତା ଏବଂ ଦକ୍ଷତାକୁ ରଚନାତ୍ମକ କରିବା ଉଦ୍ଦେଶ୍ୟରେ ସପ୍ତାହରେ ୪ ଦିନ ଏବଂ ଅପେକ୍ଷାକୃତ କମ୍ ଘଣ୍ଟା କାମ କରିବା ଉପରେ କମ୍ପାନୀମାନେ ଏବେ ବିଚାର କରୁଥିବା ବେଳେ ବିଶ୍ୱରେ ବଡ଼ ବ୍ୟବସାୟୀଙ୍କ ମଧ୍ୟରେ ପରିଚିତ ଆଲିବାବା ପ୍ରତିଷ୍ଠାତା ଜ୍ୟାକ୍ ମା 'ଓଭରଟାଇମ କଲ୍‌ଚର'କୁ ସମର୍ଥନ କରୁଛନ୍ତି। ଆଲିବାବା ସିଇଓ ମା ନିଜ କର୍ମଚାରୀଙ୍କୁ ସକାଳ ୯ରୁ ରାତି ୯ ଯାଏ ଏପରି ୧୨ ଘଣ୍ଟା ଏବଂ ସପ୍ତାହରେ ୬ ଦିନ କାମ କରିବାକୁ ପଡ଼ିବ ବୋଲି ସ୍ପଷ୍ଟ ଭାବେ ଶୁଣାଇ ଦେଇଛନ୍ତି। ମିଡିଆରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, କମ୍ପାନୀର ଆଭ୍ୟନ୍ତରୀଣ ବୈଠକରେ ଯୋଗ ଦେଇ ଜ୍ୟାକ୍ କହିଛନ୍ତି ଯେ, ଅଫିସରେ ୮ଘଣ୍ଟା ବିତାଉଥିବା କର୍ମଚାରୀଙ୍କୁ ସେ ଚାହୁଁନାହାନ୍ତି।


ଜ୍ୟାକ୍ ମା।

ଚାଇନାର ସବୁଠାରୁ ଧନୀ ବ୍ୟକ୍ତି କହିଛନ୍ତି ଯେ, ସେ '୯୯୬ ୱାର୍କ କଲ୍‌ଚର'କୁ ବିଶ୍ୱାସ କରୁଛନ୍ତି। ୯୯୬ ଅନୁଯାୟୀ କାମ କରିବାର ଯୋଗ୍ୟତା ରଖିଥିବା କର୍ମଚାରୀଙ୍କୁ ବରଦାନ କୁହାଯାଇପାରେ। ଆଲିବାବା ଗ୍ରୁପ୍‌ରେ କାମ କରିବା ଅଥବା ଯୋଗ ଦେବାକୁ ହେଲେ ଦୈନିକ ୧୨ ଘଣ୍ଟା କାମ କରିବାକୁ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ସୂଚନାଥାଉ କି, ଚାଇନାର ଟେକ୍ ଇଣ୍ଡଷ୍ଟ୍ରିରେ ଅଧିକ ସମୟ କାମ କରିବା କାରଣରୁ ପ୍ରୋଗ୍ରାମର ଏବଂ ଷ୍ଟାର୍ଟଅପ୍ ଫାଉଣ୍ଡରଙ୍କ ଅସମୟରେ ମୃତ୍ୟୁ ହୋଇଯାଇଥିବାର ବହୁ ମାମଲା ସାମ୍ନାକୁ ଆସିଛି। ଗତ ମାସରେ ଚାଇନାର ପ୍ରୋଗ୍ରାମରଙ୍କ ପକ୍ଷରୁ ଅନ୍‌ଲାଇନ କୋଡ୍ ଶେୟାରିଂ କମ୍ୟୁନିଟି'ଗିଥୁବ'ରେ କାମ କରିବାର ଖରାପ ସ୍ଥିତି ଉପରେ ଏକ ଅଭିଯାନ ଆରମ୍ଭ କରାଯାଇଥିଲା। ୯୯୬.ଆଇସିୟୁ ନାମରେ ଏକ ଅଭିଯାନ ଏକ ୱେବସାଇଟରେ ଆରମ୍ଭ ହେବା ପରେ ସବୁଠାରୁ ଲୋକପ୍ରିୟ ହୋଇଥିଲା ଏବଂ ଏହାକୁ ୨,୧୧,୦୦୦ରୁ ଅଧିକ ଥର ଷ୍ଟାର ମିଳିଥିଲା ଏବଂ ପ୍ରୋଜେକ୍ଟ ପେଜ୍‌ରେ ୯୯୬ ୱର୍କକଲ୍‌ଚର ପାଳନ କଲେ ନିଜେ ଆଇସିୟୁରେ ପହଞ୍ଚିବାର ବିପଦ ମୁଣ୍ଡାଉଛନ୍ତି ବୋଲି ଲେଖାଯାଇଥିଲା।

## ସଂକ୍ଷେପରେ

### ସିଙ୍ଗାପୁର ଓପନରେ ଭାରତୀୟ ଅଭିଯାନ ଶେଷ

**ସିଙ୍ଗାପୁର,୧୩।୪ (ପିଟି):** ଏଠାରେ ଚାଲିଥିବା ସିଙ୍ଗାପୁର ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଭାରତୀୟ ଅଭିଯାନ ଶେଷ ହୋଇଛି। ଅନ୍ତିମ ଖେଳାଳି ଭାବେ ପି. ଭି. ସିନ୍ଧୁ ପରାସ୍ତ ହୋଇଛନ୍ତି। ସେ ସେମିଫାଇନାଲରେ ଜାପାନର ନୋଜୋମି ଓକୁହରାଙ୍କ ସାମ୍ନାରେ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିଛନ୍ତି। ରିଓ ଅଲିମ୍ପିକ୍ସ ରୌପ୍ୟ ପଦକଧାରୀ ସିନ୍ଧୁ ୭-୨୧, ୧୧-୨୧ ଗେମ୍‌ରେ ୩ୟ ର୍‍ୟାଙ୍କ ଓକୁହରାଙ୍କ ଠାରୁ ହାରି ଯାଇଛନ୍ତି। ବିଶ୍ୱ ଚାମ୍ପିୟନଶିପ ଫାଇନାଲଠାରୁ ଉଭୟ ପରସ୍ପରକୁ ୬ ଥର ଭେଟିଛନ୍ତି। ଏଥିରୁ ସିନ୍ଧୁ ୪ ଥର ବିଜୟୀ ହୋଇଛନ୍ତି। କିନ୍ତୁ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଓକୁହାରାଙ୍କ ନିୟନ୍ତ୍ରଣ ଆଗରେ ସିନ୍ଧୁ ହାର ମାନିଥିଲେ। ଜାପାନିଜ ଖେଳାଳି ଫାଇନାଲରେ ଶୀର୍ଷ ର୍‍ୟାଙ୍କଧାରୀ ତାଇ ଜୁ ୟିଙ୍ଗଙ୍କୁ ଭେଟିବେ। ଚାଇନିଜ ତାଇପେ ଖେଳାଳି ୟିଙ୍ଗ ୧୫-୨୧, ୨୪-୨୨, ୨୧-୧୯ ଗେମ୍‌ରେ ୟାମାଗୁଚିଙ୍କୁ ପରାସ୍ତ କରିଛନ୍ତି।

### କେକେଆର୍ ବିପକ୍ଷରେ ଖେଳିବେନି ହରଭଜନ

**କୋଲକାତା, ୧୩।୪ (ପି.ଟି.):** ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)ର ପରବର୍ତ୍ତୀ ମ୍ୟାଚ ଖେଳିବେ ନାହିଁ ସିନିୟର ଅଫ୍ ସ୍ପିନର ହରଭଜନ ସିଂ। ସେ ଏବେ ଇଞ୍ଜୁରିରୁ ମୁକ୍ତି ପାଇଥିଲେ ମଧ ତାଙ୍କ ପାରିବାରିକ ସମସ୍ୟା ଦେଖାଦେଇଛି। ସିଏସ୍‌କେ ଏହାର ଆଓ୍ୱେ ଆଇପିଏଲ ଗେମ୍ କୋଲକାତା ନାଇଟ ରାଇଡର୍ସ (କେକେଆର୍) ବିପକ୍ଷରେ ଖେଳିବ। ୩୮ ବର୍ଷୀୟ ହରଭଜନ ଚଳିତ ଆଇପିଏଲରେ ଭଲ ଫର୍ମରେ ଅଛନ୍ତି। ସେ ୪ଟି ଗେମ୍‌ରେ ୭ ଉଇକେଟ ଅକ୍ତିଆର କରିଛନ୍ତି ଏବଂ ଦୁଇ ଥର ମ୍ୟାନ ଅଫ୍ ଦି ମ୍ୟାଚ ହୋଇଛନ୍ତି। ହରଭଜନ କହିଛନ୍ତି, ଜୟପୁରରେ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚରେ ମୋର ଖେଳିବାର ଥିଲା। ମାତ୍ର ସକାଳେ ବେକରେ ଯନ୍ତ୍ରଣା ଅନୁଭବ କରିବାରୁ ମ୍ୟାଚ୍‌ରୁ ଓହରିଯିବାକୁ ବାଧ ହୋଇଥିଲି। ମୋ ସ୍ତ୍ରୀ ଏବଂ ଝିଅ ଉଭୟ ଏବେ ଅସୁସ୍ଥ। ତେଣୁ ମୁଁ ବର୍ତ୍ତମାନ କୋଲକାତା ନ ଯିବା ଲାଗି ସ୍ଥିର କରିଛି। ମୁଁ ବର୍ତ୍ତମାନ ମୁମ୍ବାଇରେ ପରିବାର ସହିତ ଅଛି। ମୋ ସ୍ତ୍ରୀ ଓ ଝିଅ ସୁସ୍ଥ ହେବାମାତ୍ରେ ମୁଁ ତୁରନ୍ତ ଯାଇ ଦଳରେ ଯୋଗଦେବି।

### 'ପ୍ରେରଣାର ସ୍ରୋତ ଧୋନୀ'

**କୋଲକାତା,୧୩।୪(ପିଟି):** ଅମ୍ପାୟରଙ୍କ ସହ ଯୁକ୍ତି ପରେ କ୍ୟାପଟେନ କୁଲ ମହେନ୍ଦ୍ର ସିଂ ଧୋନୀଙ୍କୁ ଚାରିଆଡ଼ୁ ସମାଲୋଚନା କରାଯାଉଛି। ହେଲେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ସାଥି ଖେଳାଳି ଇମ୍ରାନ ତାହିରଙ୍କ ପାଇଁ ଧୋନୀ ଜଣେ ପ୍ରେରଣାର ସ୍ରୋତ। ସେ ଜଣେ ଭଲ ଅଧିନାୟକ ସାଙ୍ଗକୁ ଜଣେ ଭଲ ମଣିଷ ମଧ୍ୟ। ସଭିଙ୍କ ସାହାଯ୍ୟ ପାଇଁ ପୂର୍ବତନ ଭାରତୀୟ ଅଧିନାୟକ ସର୍ବଦା ପ୍ରସ୍ତୁତ ରୁହନ୍ତି। ଏହା ମୋତେ ଧୋନୀଙ୍କ ଗ୍ଲୋବାଲ କ୍ରିକେଟ୍ ଏକାଡେମୀରେ ଯୋଗଦେବାକୁ ପ୍ରେରିତ କରିଛି। ମୁଁ ଏପର୍ଯ୍ୟନ୍ତ ଧୋନୀଙ୍କ ଏକାଡେମୀ ସହ ବିଦ୍ଧବଧ ଭାବେ ଜଡ଼ିତ ହୋଇଥିବା ଘୋଷଣା କରିନାହିଁ। ମୁଁ ବିଶ୍ୱକପ୍ ପରେ ସମ୍ପୂର୍ଣ୍ଣ ଫ୍ରି ରହିବି। ଏହି ଏକାଡେମୀରେ ଭବିଷ୍ୟତର କ୍ରିକେଟରଙ୍କ ସହାୟତା ପାଇଁ ମୋତେ ଭାରତ କିମ୍ବା ଅନ୍ୟ ଦେଶକୁ ଯିବାକୁ ପଡ଼ିଲେ, ମୁଁ ଯିବା ପାଇଁ ଇଚ୍ଛୁକ ବୋଲି ତାହିର କହିଛନ୍ତି। ଉଲ୍ଲେଖଥାଉ କି, ଏମ୍‌ଏସ୍‌ଡିଙ୍କ ଏକାଡେମୀର ୧୭ଟି ବ୍ରାଞ୍ଚ ରହିଛି। ସିଙ୍ଗାପୁର ଓ ଦୁବାଇରେ ଦୁଇଟି ମୁଖ୍ୟ ସେଣ୍ଟର ରହିଛି।



> ଶିଖର ଧାୱନ ଜଣେ ଶ୍ରେଷ୍ଠ ଓପନିଂ ବ୍ୟାଟ୍ସମ୍ୟାନ। ସନରାଇଜର୍ସ ହାଇଦ୍ରାବାଦ ଛାଡ଼ିବା ମାତ୍ରେ ଆମେ ତାଙ୍କୁ ଦଳରେ ସାମିଲ କରିଥିଲୁ ।
>
> –ସୌରଭ ଗାଙ୍ଗୁଲି, ଦିଲ୍ଲୀ କ୍ୟାପିଟାଲ୍ସ ପରାମର୍ଶଦାତା



> ଭାରତୀୟ କ୍ରୀଡ଼ାରେ ଏବେବି ଭେଦଭାବ ରହିଛି। ମହିଳା ସଶକ୍ତୀକରଣ ପାଇଁ ଆହୁରି ଅନେକ କିଛି କରିବାକୁ ପଡ଼ିବ ।
>
> –ସାନିଆ ମିର୍ଜା, ବିଶିଷ୍ଟ ଟେନିସ ଖେଳାଳି

# ରାଜସ୍ଥାନକୁ ଜିତାଇଲେ ବଟଲର

**ମୁମ୍ବାଇ,୧୩।୪(ପି.ଟି.)**

ଓପନର ଜୋସ ବଟଲରଙ୍କ ବିସ୍ଫୋରକ ବ୍ୟାଟିଂ ଓ ଡେଥ୍ ଓଭରରେ ଶ୍ରେୟାସ ଗୋପାଲଙ୍କ ଉପଯୋଗୀ ତଥା ସାହସିକ ପ୍ରଦର୍ଶନ ବଳରେ ରାଜସ୍ଥାନ ରୟାଲ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୨୭ତମ ମ୍ୟାଚ୍‌ରେ ଘରୋଇ ମୁମ୍ବାଇ ଇଣ୍ଡିଆନ୍ସକୁ ୩ଟି ବଲ ବାକିଥାଇ ୪ ଉଇକେଟରେ ପରାସ୍ତ କରି ଦ୍ୱିତୀୟ ବିଜୟ ହାସଲ କରିଛି। ଏଥିସହ ରାଜସ୍ଥାନ ୭ଟି ମ୍ୟାଚ୍ ଖେଳି ୨ ବିଜୟ ଓ ୫ ପରାଜୟ ସହ ୪ ପଏଣ୍ଟ ପାଇ ତାଲିକାର ସପ୍ତମ ସ୍ଥାନରେ ରହିଛି। ଅନ୍ୟପଟେ ମୁମ୍ବାଇ ୭ଟି ମ୍ୟାଚ୍ ଖେଳି ୪ ବିଜୟ ଓ ୩ ପରାଜୟ ସହ ୮ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଛି।

ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ଜିତି ରାଜସ୍ଥାନ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୮୭ ରନର ଆଖିଦୃଶିଆ ସ୍କୋର ଛିଡ଼ା କରିଥିଲା। ଜବାବରେ ମିଡଲ ଅର୍ଡରର ବିପର୍ଯ୍ୟୟ ସତ୍ତ୍ୱେ ରାଜସ୍ଥାନ ୧୯.୩ ଓଭରରେ ୬ ଉଇକେଟ ହରାଇ ୧୮୮ ରନ କରି ବିଜୟୀ ହୋଇଥିଲା। ୪୩ଟି ବଲର ସମ୍ମୁଖୀନ ହୋଇ ୮ ଚୌକା ଓ ୭ ଛକା ସହ ଦ୍ରୁତ ୮୯ ରନର ଧୂଆଁଧାର ପାଳି ଖେଳିଥିବା ବଟଲର ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୮୮ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ରାଜସ୍ଥାନ ଦେଖିଚାହିଁ ଆରମ୍ଭ କରିଥିଲା। ପ୍ରଥମ ଉଇକେଟରେ ଅଧିନାୟକ ଅଜିଙ୍କ୍ୟ ରାହାନେ ଓ ବଟଲର ୬୨ ବଲରୁ ୬୦ ରନ ସଂଗ୍ରହ କରିଥିଲେ। ରାହାନେ ୩୭ ରନ (୨୧ ବଲ, ୬ ଚୌକା, ୧ ଛକା) କରି କ୍ରୁନାଲ ପାଣ୍ଡ୍ୟାଙ୍କ ବଲ୍‌ରେ ସୂର୍ଯ୍ୟକୁମାର ଯାଦବଙ୍କୁ କ୍ୟାଚ ଦେଇ ପ୍ରଥମେ ଆଉଟ ହୋଇଥିଲେ। ଏହାପରେ ବଟଲର ରାହୁଲ ଚହରଙ୍କ ବଲ୍‌ରେ ସୂର୍ଯ୍ୟକୁମାରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଉଇକେଟ କିପର ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ ୨୬ ବଲରୁ ୨ ଚୌକା ଓ ୧ ଛକା ସହ ୩୧ ରନକରି ଯଶପ୍ରୀତ ବୁମ୍‌ରାଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ମାତ୍ର ୬ଟି ବଲ୍‌ରେ ରାଜସ୍ଥାନ ରାହୁଲ ତ୍ରିପାଠୀ, ଲିୟମ ଲିଭିଙ୍ଗ୍‌ଷ୍ଟୋନ ଓ ସ୍ମିଥ୍‌ଙ୍କୁ ହରାଇ ବିପଦରେ ପଡିଥିଲା। ରାହୁଲ ୧, ଲିଭିଙ୍ଗ୍‌ଷ୍ଟୋନ ୧ ରନ କରି କ୍ରୁନାଲଙ୍କ ଦ୍ୱାରା ଆଉଟ ହେବାପରେ ଅଭିଜ୍ଞ ଷ୍ଟିଭେନ୍ ସ୍ମିଥ୍ ମାତ୍ର ୧୨ ରନ କରି ବୁମ୍‌ରାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ତେବେ ଶ୍ରେୟାସ ଗୋପାଲ ୭ ବଲରୁ ୨ ଚୌକା ସହ ୧୩ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ବୋଲିଂରେ ମୁମ୍ବାଇର କ୍ରୁନାଲ ୩, ବୁମ୍‌ରା ୨ ଓ ଚହର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ଆରମ୍ଭରୁ ଦ୍ରୁତ ଗତିରେ ରନ ସଂଗ୍ରହ ପାଇଁ ପ୍ରୟାସ କରିଥିଲା। ଓପନର ତଥା ଅଧିନାୟକ ରୋହିତ ଶର୍ମା ଓ ଉଇକେଟକିପର ବ୍ୟାଟ୍ସମ୍ୟାନ କ୍ୱିଣ୍ଟନ ଡି କକ୍ ପ୍ରଥମ ଉଇକେଟରେ ୬୫ ବଲରୁ ୯୬ ରନ ସଂଗ୍ରହ କରିଥିଲେ। ରୋହିତ ୪୭ ରନ (୩୨ ବଲ , ୬ ଚୌକା, ୧ ଛକା)କରି ଜେଫ୍ରା ଆର୍ଚରଙ୍କ ବଲ୍‌ରେ ପ୍ରଥମେ ଆଉଟ ହୋଇଥିଲେ। ଏହାପରେ ସୂର୍ଯ୍ୟକୁମାର ୧୬, କିରନ ପୋଲାର୍ଡ ୬ ରନ କରି ପ୍ୟାଭିଲିୟନ ଫେରିଥିଲେ। ୫୨ଟି ବଲ୍ ଖେଳି ୬ ଚୌକା ଓ ୪ ଛକା ସହ ଦ୍ରୁତ ୮୧ ରନର ଇନିଂସ ଖେଳିଥିବା ଡି କକ୍ ବଟଲରଙ୍କୁ କ୍ୟାଚ୍ ଦେଇ ଆର୍ଚରଙ୍କ ଦ୍ୱାରା ପ୍ୟାଭିଲିୟନ ଫେରିଥିଲେ। ଇଶାନ କିଷାନ ୫ ରନ କରି ଆଉଟ ହେବା ସହ ନିରାଶ କରିଥିଲେ। ତେବେ ହାର୍ଦ୍ଦିକ ପାଣ୍ଡ୍ୟା ମାତ୍ର ୧୧ଟି ବଲ୍ ଖେଳି ୧ ଚୌକା ଓ ୩ ଛକା ସହ ୨୮ ରନ କରି ଅପରାଜିତ ରହିବା ସହ ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ରାଜସ୍ଥାନ ତରଫରୁ ବୋଲିଂରେ ଆର୍ଚର ସର୍ବାଧିକ ୩, ଧବଲ କୁଲକର୍ଣ୍ଣୀ ଓ ଜୟଦେବ ଉନାଡ଼କଟ୍ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।



**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୮୭/୫
(ଡି କକ- ୮୧, ରୋହିତ- ୪୭, ହାର୍ଦ୍ଦିକ- ୨୮*, ସୂର୍ଯ୍ୟକୁମାର- ୧୬, ଆର୍ଚର- ୩/୩୯) ।
ରାଜସ୍ଥାନ ରୟାଲ୍ସ ୧୯.୩ ଓଭରରେ ୧୮୮/୬
(ବଟଲର- ୮୯, ରାହାନେ- ୩୭, ସାମସନ- ୩୧, କ୍ରୁନାଲ- ୩/୩୪, ବୁମ୍‌ରା- ୨/୨୩)।

ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଜୋସ୍ ବଟଲର।

**ଆଜିର ମ୍ୟାଚ**



କୋଲକାତା ନାଇଟ ରାଇଡର୍ସ
ବନାମ
ଚେନ୍ନାଇ ସୁପର କିଙ୍ଗ୍ସ
ସ୍ଥାନ : କୋଲକାତା
ସମୟ : ଅପରାହ୍ନ ୪ଟା

ସନ୍‌ରାଇଜର୍ସ ହାଇଦ୍ରାବାଦ
ବନାମ
ଦିଲ୍ଲୀ କ୍ୟାପିଟାଲ୍ସ
ସ୍ଥାନ : ହାଇଦ୍ରାବାଦ
ସମୟ: ରାତି ୮ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଦିଲ୍ଲୀର ସହଜ ବିଜୟ

**କୋଲକାତା,୧୩।୪(ପି.ଟି.)**

ଅଭିଜ୍ଞ ଓପନର ଶିଖର ଧାୱନଙ୍କ ଦ୍ରୁତ ତଥା ଅପରାଜିତ ୯୭ ରନ (୬୩ ବଲ, ୧୧ ଚୌକା, ୨ ଛକା)ର ଇନିଂସ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୨୬ତମ ମ୍ୟାଚ୍‌ରେ ୭ଟି ବଲ୍ ବାକିଥାଇ ୭ ଉଇକେଟରେ କୋଲକାତା ନାଇଟ ରାଇଡର୍ସକୁ ପରାସ୍ତ କରିଛି। ସ୍ଥାନୀୟ ଇଡେନ ଗାର୍ଡେନ ଗ୍ରାଉଣ୍ଡରେ ଶୁକ୍ରବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା କୋଲକାତା ୭ ଉଇକେଟ ହରାଇ ୧୭୮ ରନ ସଂଗ୍ରହ କରିଥିଲା। ଜବାବରେ ଦିଲ୍ଲୀ ୧୮.୫ ଓଭରରେ ୩ ଉଇକେଟ ହରାଇ ୧୮୦ ରନ କରି ବିଜୟ ହାସଲ କରି ନେଇଥିଲା। ମ୍ୟାଚ୍ ବିଜୟୀ ଇନିଂସ ପାଇଁ ଧାୱନ୍ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏଥିସହିତ ଦିଲ୍ଲୀ ୭ଟି ମ୍ୟାଚ୍ ଖେଳି ୪ ବିଜୟ ଓ ୩ ପରାଜୟ ସହ ମୋଟ ୮ ପଏଣ୍ଟ ପାଇଛି।

୧୭୯ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ଦିଲ୍ଲୀ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲା। ଯୁବ ଓପନର ପୃଥ୍ୱୀ ଶ ୧୪ ରନ କରିଥିବା ବେଳେ ପ୍ରଥମେ ଆଉଟ ହୋଇଥିଲେ। ଅଧିନାୟକ ଶ୍ରେୟାସ ଆୟର ମାତ୍ର ୬ ରନ କରି ପ୍ୟାଭିଲିୟନ ଫେରିଥିଲେ। ପୃଥ୍ୱୀ ପ୍ରସିଦ୍ଧ କ୍ରିଷ୍ଣାଙ୍କ ବଲରେ ଏବଂ ଆୟାର ଆନ୍ଦ୍ରେ ରସେଲଙ୍କ ବଲ୍‌ରେ ଉଇକେଟ କିପର ଦୀନେଶ କାର୍ତ୍ତିକଙ୍କୁ କ୍ୟାଚ୍ ଦେଇଥିଲେ। ଏହାପରେ ଅଭିଜ୍ଞ ଓପନର ଶିଖର ଧାୱନ ଓ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଦମ୍‌ଦାର ପ୍ରଦର୍ଶନ କରି ତୃତୀୟ ଉଇକେଟ ଯୋଡ଼ିରେ ୬୯ ବଲରୁ ଦ୍ରୁତ ୧୦୫ ରନ କରି ବିଜୟ ନିଶ୍ଚିତ କରିଥିଲେ। ତେବେ ପନ୍ତ ୩୧ ବଲରୁ ୪ ଚୌକା ୨ ଛକା ସହ ୪୬ ରନ କରି ନୀତୀଶ ରାଣାଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଏହା ପରେ ବ୍ୟାଟିଂ କରିବାକୁ ଆସିଥିବା କଲିନ୍ ଇନ୍‌ଗ୍ରାମ ୧୪ ରନ କରି ଅପରାଜିତ ରହିଥିଲେ। ଧାୱନ୍ ୯୭ ରନ (୬୩ ବଲ୍‌ରେ ୧୧ ଚଉକା ୨ ଛକା) ଅପରାଜିତ ରହି ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ଓପନର ଜୋ ଡେନଲିଙ୍କୁ ପ୍ରଥମ ବଲ୍‌ରେ ହରାଇଥିଲା। ତେବେ ଦ୍ୱିତୀୟ ଉଇକେଟରେ ଶୁବମନ ଗିଲ୍ ଓ ରବିନ୍ ଉଥାପ୍ପା ୫୨ ବଲରୁ ୬୩ ରନ ସଂଗ୍ରହ କରିଥିଲେ। ଉଥାପ୍ପା ୨୮ ରନ କରି ପ୍ୟାଭିଲିୟନ ଫେରିଥିଲେ। ଶୁବମନ ୩୯ ବଲର ସମ୍ମୁଖୀନ ହୋଇ ୭ ଚୌକା ଓ ୨ ଛକା ସହ ୬୫ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ତେବେ ଇନ୍‌ଫର୍ମ ଆନ୍ଦ୍ରେ ରସେଲ ମାତ୍ର ୨୧ଟି ବଲ୍‌ରୁ ୩ ଚୌକା ଓ ୪ ଛକା ସହ ଦ୍ରୁତ ୪୫ ରନ କରି ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ।

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୭ | ୬ | ୧ | ୧୨ | +୦.୨୯୯ |
| ନାଇଟ ରାଇଡର୍ସ | ୭ | ୪ | ୩ | ୮ | +୦.୪୩୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୪ | ୩ | ୮ | +୦.୨୦୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୪ | ୩ | ୮ | ୦.୧୯୭ |
| କିଙ୍ଗ୍ସ ଇଲେଭେନ | ୭ | ୪ | ୩ | ୮ | -୦.୦୫୭ |
| ସନ୍‌ରାଇଜର୍ସ | ୬ | ୩ | ୩ | ୬ | ୦.୮୧୦ |
| ରାଜସ୍ଥାନ ରୟାଲ୍ସ | ୭ | ୨ | ୫ | ୪ | -୦.୫୮୭ |
| ରୟାଲ ଚ୍ୟାଲେଞ୍ଜର୍ସ | ୬ | ୦ | ୬ | ୦ | -୧.୪୫୩ |




### ପୱନ ସିଂ ପ୍ରଥମ ଭାରତୀୟ ଅଲିମ୍ପିକ୍ସ ଶୁଟିଂ ଜୁରି

**ପୁଣେ,୧୩।୪:** ପୱନ ସିଂ ଅଲିମ୍ପିକ୍ସ ଜୁରୀ ଭାବେ ମନୋନୀତ ହୋଇ କ୍ୟାରିୟରର ୩ୟ ଇନିଂସ ଆରମ୍ଭ କରିଛନ୍ତି। ବହୁ ଦେଶୀୟ ଇଭେଣ୍ଟ ଲାଗି ଜଣେ ଶୁଟର ଓ କୋଚ ଭାବେ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହେବା ପରେ ସେ ଆଇଏସ୍‌ଏସ୍‌ଏଫ୍ ଜୁରୀ ସଦସ୍ୟ ଭାବେ ଅଲିମ୍ପିକ୍ସରେ ପ୍ରବେଶ କରିଛନ୍ତି। ଅନ୍ତର୍ଜାତୀୟ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍‌ଏସ୍‌ଏଫ୍) ପକ୍ଷରୁ ୨୦୨୦ ଟୋକିଓ ଅଲିମ୍ପିକ୍ସ ପରିଚାଳନା କରିବା ପାଇଁ ପୱନଙ୍କୁ ଚୟନ କରିଛି। ସେ ଦିଲ୍ଲୀଠାରେ ଅନୁଷ୍ଠିତ ଆଇଏସ୍‌ଏସ୍‌ଏଫ୍ ୨୦୧୭ ବିଶ୍ୱକପ୍‌ଠାରୁ ଅନ୍ତର୍ଜାତୀୟ ଇଭେଣ୍ଟ ପରିଚାଳନା କରୁଛନ୍ତି। ପରିଚାଳନା ଦକ୍ଷତା ବଳରେ ସେ ଆଇଏସ୍‌ଏସ୍‌ଏଫ୍ ଦୃଷ୍ଟି ଆକର୍ଷଣ କରିବା ପରେ ବୃହତ୍ ଇଭେଣ୍ଟ ପରିଚାଳନା ଦାୟିତ୍ୱ ପାଇଥିଲେ। ଆସନ୍ତା ଅଗଷ୍ଟରେ ୪୦ ବର୍ଷୀୟ ପୱନ ପ୍ରଥମ ଭାରତୀୟ ଭାବେ ଅଲିମ୍ପିକ୍ସର ଶୁଟିଂ ଇଭେଣ୍ଟ ପରିଚାଳନା କରିବେ।

# ହ୍ୟାଟ୍ରିକ ବିଜୟ ଲକ୍ଷ୍ୟରେ କ୍ୟାପିଟାଲ୍ସ

**ହାଇଦ୍ରାବାଦ୍, ୧୩।୪(ପି.ଟି.)**

ଆଇପିଏଲ୍ ଦ୍ୱାଦଶ ସଂସ୍କରଣର ୩୦ତମ ମ୍ୟାଚ୍‌ରେ ରବିବାର ଦିଲ୍ଲୀ କ୍ୟାପିଟାଲ୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଏହି ମ୍ୟାଚ୍ ସ୍ଥାନୀୟ ରାଜୀବ ଗାନ୍ଧୀ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମଠାରେ ରାତି ୮ଟାରେ ଖେଳାଯିବ। ଘରୋଇ ହାଇଦ୍ରାବାଦ୍‌କୁ ପରାସ୍ତ କରି ଶ୍ରେୟାସ ଆୟାରଙ୍କ ନେତୃତ୍ୱାଧୀନ ଦିଲ୍ଲୀ ହ୍ୟାଟ୍ରିକ ବିଜୟ ହାସଲ ଲକ୍ଷ୍ୟରେ ରହିଛି। ପୂର୍ବରୁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷରେ ଲଗାତର ବିଜୟ ଲାଭ କରିଥିବା ଦିଲ୍ଲୀର ମନୋବଳ ବେଶ୍ ଦୃଢ଼ ରହିଛି। ଶୁକ୍ରବାର ନାଇଟ୍ ରାଇଡର୍ସକୁ ହରାଇବା ପରେ କ୍ୟାପିଟାଲ୍ସ ଦଳ ୭ ମ୍ୟାଚ୍‌ରୁ ୪ ବିଜୟ ସହ ୮ ପଏଣ୍ଟ ପାଇ ଟେବୁଲ ତାଲିକାର ୪ର୍ଥ ସ୍ଥାନକୁ ଉଠିଛି। କୋଲକାତା ବିପକ୍ଷରେ ଶିଖର ଧାୱାନ ୬୩ ବଲରୁ ୯୭ ରନର ଅପରାଜିତ ଇନିଂସ ଖେଳି ଦଳକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ହାଇଦ୍ରାବାଦ୍ ମ୍ୟାଚ୍‌ରେ ମଧ ଧାୱନଙ୍କ ବ୍ୟାଟ୍‌ରୁ ଆଉ ଏକ ବଡ଼ ଇନିଂସ ଦଳ ଆଶାରଖିଛି। ଧାୱନଙ୍କ ବ୍ୟତୀତ ରିଷଭ ପନ୍ତ, ଆୟାର, ପୃଥ୍ୱୀ ଶ' ପ୍ରମୁଖ ଭଲ ଫର୍ମରେ ଥିବାରୁ ଏହି ମ୍ୟାଚ୍‌ରେ ଦିଲ୍ଲୀର ପଲା ଭାରି ରହିଛି। ଅପରପକ୍ଷରେ ହାଇଦ୍ରାବାଦ୍ ଏହାର ଅନ୍ତିମ ୨ଟି ମ୍ୟାଚ୍‌ରେ ପରାସ୍ତ ହୋଇଥିବାରୁ ଦଳ ବିଜୟ ପଥକୁ ପ୍ରତ୍ୟାବର୍ତ୍ତନ କରିବାକୁ ଲକ୍ଷ୍ୟ ରଖିଛି। ଚଳିତ ସିଜନରେ ପୂର୍ବରୁ ଉଭୟ ଦଳ ପରସ୍ପରକୁ ଭେଟିଥିବାବେଳେ ଏଥିରେ ହାଇଦ୍ରାବାଦ୍ ବିଜୟ ଲାଭ କରିଥିଲା। ଫିରୋଜ ଶାହ କୋଟଲାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଦିଲ୍ଲୀ ପ୍ରଥମେ ବ୍ୟାଟିଂ କରି ୧୨୯ ରନ କରିଥିବାବେଳେ ସନରାଇଜର୍ସ ୧୮.୩ ଓଭରରେ ୫ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।



ଅଭ୍ୟାସ ସେସନ ଅବସରରେ ଡେଭିଡ୍ ୱାର୍ନର ଓ କେନ୍ ୱିଲିୟମ୍‌ସନ।

# ଇଣ୍ଡୋ-ନେପାଳ ଏଭରେଷ୍ଟ ଅଭିଯାନର ନେତୃତ୍ୱ ନେବେ ବଛେନ୍ଦ୍ରୀ

**ନୂଆଦିଲ୍ଲୀ,୧୩।୪**

ପଦ୍ମ ଭୂଷଣ ତଥା କିମ୍ବଦନ୍ତୀ ମହିଳା ପର୍ବତାରୋହୀ ବଛେନ୍ଦ୍ରୀ ପାଲ ୧୯୯୩ ଇଣ୍ଡୋ-ନେପାଳ ମହିଳା ଏଭରେଷ୍ଟ ଅଭିଯାନର ରୌପ୍ୟଜୟନ୍ତୀ ଅବସରରେ ହେବାକୁ ଥିବା ସ୍ମାରକୀ ଆରୋହଣ ଯାତ୍ରାର ନେତୃତ୍ୱ ନେବେ। ୧୨ ଦିନଧରି ଚାଲିବାକୁ ଥିବା ଏହି ଆରୋହଣ ଯାତ୍ରା ବିଶ୍ୱର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଭରେଷ୍ଟର ଲେଗ୍ (୩, ୭୯୦ ମିଟର) ପର୍ଯ୍ୟନ୍ତ ପରିବ୍ୟାପ୍ତ ହେବ। ଏଥିରେ ୧୦ଜଣ ମହିଳା ପର୍ବତାରୋହୀ ଓ ଜଣେ ଟେକ୍‌ନିକାଲ ଆଡଭାଇଜର ସାମିଲ ରହିବେ। ଏହି ଆରୋହଣ ଯାତ୍ରା ଲୁକଲାଠାରୁ ଆରମ୍ଭ ହୋଇ ସମୁଦ୍ର ପତ୍ତନରୁ ୩, ୭୯୦ ମିଟର ଉଚ୍ଚରେ ଥିବା ଖୁମ୍‌ଜୁଙ୍ଗ ପର୍ଯ୍ୟନ୍ତ ଲମ୍ବିବ। ଏଭରେଷ୍ଟର ଦକ୍ଷିଣ-ପୂର୍ବ ପୃଷ୍ଠରେ ଥିବା ରୁଟ୍ ଦେଇ ପର୍ବତାରୋହୀ ମାନେ ଆରୋହଣ କରିବେ। ଆରୋହଣରେ ଯିବା ପୂର୍ବରୁ ବଛେନ୍ଦ୍ରୀଙ୍କ ସହ ଏହି ପର୍ବତାରୋହୀ ଦଳ ଓ ଟାଟା ଷ୍ଟିଲ କର୍ପୋରେଟ ସର୍ଭିସେସ ଭାଇସ୍ ପ୍ରେସିଡେଣ୍ଟ ଚାଣକ୍ୟ ଚୌଧୁରୀ ଶୁକ୍ରବାର ରାଷ୍ଟ୍ରପତି ଭବନ ଯାଇ ରାଷ୍ଟ୍ରପତି ରାମ ନାଥ କୋଭିନ୍ଦଙ୍କୁ ସାକ୍ଷାତ କରିଛନ୍ତି। ରାଷ୍ଟ୍ରପତି ଏହି ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ଓ ଏହି ପର୍ବତାରୋହୀ ଦଳ ଅନ୍ୟମାନଙ୍କ ପାଇଁ ପ୍ରେରଣା ସୃଷ୍ଟି କରିଛନ୍ତି ବୋଲି କହିଛନ୍ତି। ଉଲ୍ଲେଖଥାଉ କି, ବଛେନ୍ଦ୍ରୀ ପ୍ରଥମ ଭାରତୀୟ ମହିଳା ଭାବେ ଏଭରେଷ୍ଟ ଆରୋହଣ କରିବାର ଗୌରବ ଅର୍ଜନ କରିଥିଲେ ଓ ୧୯୯୩ ଆରୋହଣରେ ମଧ ବଛେନ୍ଦ୍ରୀ ନେତୃତ୍ୱ ନେଇଥିଲେ।




ସାଥୀ ପର୍ବତାରୋହୀଙ୍କ ସହ ବଛେନ୍ଦ୍ରୀ ପାଲ୍ (ବାମରୁ ସପ୍ତମ)।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୪ ଏପ୍ରିଲ, ୨୦୧୯





“ ଦିଲ୍ଲୀ କ୍ୟାପିଟାଲ୍ସ ହୋମ୍ ଗ୍ରାଉଣ୍ଡ ତୁଳନାରେ କୋଲକାତା ନାଇଟ ରାଇଡର୍ସର ଇଡେନ୍ ଗାର୍ଡେନ୍ସ ପିଚ୍ ସମ୍ପୂର୍ଣ୍ଣ ଓଲଟା ।
**–ଶିଖର ଧାୱନ, ଦିଲ୍ଲୀ କ୍ୟାପିଟାଲ୍ସ ଖେଳାଳି**

“ ଆଇପିଏଲରେ କ୍ରମାଗତ ଦୁଇଟି ବିଜୟ ଦ୍ୱାରା ଆମ ଖେଳାଳିମାନେ ସେମାନଙ୍କ ଭୂମିକା ନେଇ ସଚେତନ ବୋଲି ସୂଚନା ମିଳୁଛି ।
**–ଶ୍ରେୟାସ ଆୟାର, ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ**



## ସଂକ୍ଷେପରେ

### ପ୍ରଥମ ଥର ବିଶ୍ୱରେ ପ୍ରସାରଣ ହେବ ମହିଳା ବିଶ୍ୱକପ୍

**ପ୍ୟାରିସ,୧୩।୪(ଏଏଫ୍‌ପି):** ୧୯୯୧ ପ୍ରଥମ ମହିଳା ବିଶ୍ୱକପର ସିଧା ପ୍ରସାରଣ କେବଳ ଆୟୋଜକ ଚାଇନାର ଦର୍ଶକମାନେ ଦେଖିଥିଲେ। କିନ୍ତୁ ଚଳିତ ବର୍ଷ ଫ୍ରାନ୍ସରେ ହେବାକୁ ଥିବା ସଂସ୍କରଣ ୨୦୦ରୁ ଅଧିକ ଦେଶରେ ସିଧା ପ୍ରସାରଣ କରାଯିବ। ୨୪ ଦଳକୁ ନେଇ ହେବାକୁ ଯାଉଥିବା ଇଭେଣ୍ଟକୁ ବିଶ୍ୱର ଏକ ନିୟୁତ ଦର୍ଶକ ଉପଭୋଗ କରନ୍ତୁ ବୋଲି ଆୟୋଜକ ଫ୍ରାନ୍ସ ଲକ୍ଷ୍ୟ ରଖିଛି। ଏହା ଦ୍ୱାରା ପ୍ରଥମ ଥର ଯୋଗ୍ୟତା ଅର୍ଜନ କରିଥିବା ଦକ୍ଷିଣ ଆଫ୍ରିକା ଓ ଜାମାଇକାରେ ମହିଳା ଫୁଟ୍‌ବଲର ଲୋକପ୍ରିୟତା ବୃଦ୍ଧି କରିବ। ଏହି ବହୁ ଦଳୀୟ ଇଭେଣ୍ଟ ଜୁନ ୭ରୁ ଜୁଲାଇ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୩ ଥର ବିଶ୍ୱକପ୍ ଓ ୪ ଥର ଅଲିମ୍ପିକ୍ ଚାମ୍ପିୟନ ଆମେରିକାରେ ସର୍ବାଧିକ ସଂଖ୍ୟକ ଦର୍ଶକ ଉପଭୋଗ କରିବେ। ୨୦୧୧ ବିଶ୍ୱକପ୍ ଓ ୨୦୧୨ ଅଲିମ୍ପିକ୍ସ ରନର୍ସ ଅପ୍ ଜାପାନର ୩୦ ପ୍ରତିଶତ ଫୁଟ୍‌ବଲ ପ୍ରଶଂସକ ଦେଖିବେ। ଏହି ବିଶ୍ୱକପ ବେଳେ ବିଜ୍ଞାପନ ବାବଦକୁ ପୁରୁଷ ଇଭେଣ୍ଟ ଅପେକ୍ଷା ୫୦ ପ୍ରତିଶତ କମ୍ ପଡ଼ିବ ବୋଲି ଫ୍ରାନ୍ସର କ୍ରୀଡ଼ା ଓ ଟେଲିଭିଜନ ନିର୍ଦ୍ଦେଶକ ଲୌରେଣ୍ଟ ଇରିକ ଲେ କହିଛନ୍ତି।

### ବଳାତ୍କାର ମାମଲାରେ ଅଷ୍ଟ୍ରେଲିଆନ କ୍ରିକେଟର ଦୋଷୀ



**ଲଣ୍ଡନ,୧୩।୪:** ଇଂଲଣ୍ଡରେ ଜଣେ ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଜଣେ ଅଷ୍ଟ୍ରେଲିଆନ କ୍ରିକେଟର ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ବର୍ସେଷ୍ଟରର କ୍ରାଉନ କୋର୍ଟଙ୍କ ଶୁଣାଣି ପରେ ଆଲେକ୍ସ ହେପବର୍ନ ମୁହଁ ଲୁଚାଇ କାନ୍ଦିବା ଆରମ୍ଭ କରିଥିଲେ। ପଶ୍ଚିମ ଅଷ୍ଟ୍ରେଲିଆରେ ଜନ୍ମିତ ୨୩ ବର୍ଷୀୟ ହେପବର୍ନ ୨୦୧୩ରେ କ୍ରିକେଟ କ୍ୟାରିୟର ଆରମ୍ଭ କରିବା ପାଇଁ ଇଂଲଣ୍ଡ ଯାଇଥିଲେ। ଉକ୍ତ ମହିଳା ନିଜ ଆପାର୍ଟମେଣ୍ଟରେ ଶୋଇଥିବାବେଳେ ହେପବର୍ନ ବଳାତ୍କାର କରିଥିଲେ। ତାଙ୍କୁ ୱର୍ସେଷ୍ଟରସାୟାର ଦଳରୁ ବହିଷ୍କୃତ କରାଯାଇଛି।

### କିମ୍ବଦନ୍ତୀ ଲିଭରପୁଲ୍ ଖେଳାଳି ସ୍ମିଥ୍‌ଙ୍କ ବିୟୋଗ

**ଲଣ୍ଡନ,୧୩।୪(ଏଏଫ୍‌ପି):** ଲିଭରପୁଲ୍ କିମ୍ବଦନ୍ତୀ ଖେଳାଳି ଟମି ସ୍ମିଥ୍‌ଙ୍କର ଶନିବାର ବିୟୋଗ ଘଟିଛି। ଦଳର ସ୍ୱର୍ଣ୍ଣିମ ଅଧ୍ୟାୟର ସେ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ। ସେ ଦଳ ପାଇଁ ୧୮ ବର୍ଷ ଧରି ପ୍ରତିନିଧିତ୍ୱ କରିଥିଲେ। ମୋଟ ୬୩୮ ମ୍ୟାଚ୍ ଖେଳିଥିଲେ। ଏହି ପୂର୍ବତନ ଡିଫେନ୍ସ ଲାଇନ ଖେଳାଳି ୧୯୬୦ରୁ ୭୮ ପର୍ଯ୍ୟନ୍ତ ସର୍ବାଧିକ ରେଡ୍ କାର୍ଡ ପାଇଥିଲେ। ସେ ୩ ବର୍ଷ ପାଇଁ ଦଳର ନେତୃତ୍ୱ ମଧ ନେଇଥିଲେ।





ଶନିବାର କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଏଫ୍‌ସି ଗୋଆ ଓ ଚେନ୍ନାଇନ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ସୁପର୍ କପ୍ ଫୁଟବଲ ଫାଇନାଲ୍ ମ୍ୟାଚ୍। ଦର୍ଶକ ଗ୍ୟାଲେରିରେ ଚେନ୍ନାଇନର ମାଲିକ ଅଭିନେତା ଅଭିଷେକ ବଚ୍ଚନ।

# ସୁପର କପ୍ ଫୁଟବଲ: ଏଫ୍‌ସି ଗୋଆ ନୂଆ ଚାମ୍ପିୟନ

**ଭୁବନେଶ୍ୱର, ୧୩।୪(କ୍ରୀଡ଼ା ପ୍ରତିନିଧି):** ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟ ଶନିବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଛି । ଫାଇନାଲରେ ଚେନ୍ନାଇନ୍ ଏଫ୍‌ସିକୁ ୨-୧ ଗୋଲରେ ହରାଇ ଏଫ୍‌ସି ଗୋଆ ହୋଇଛି ନୂଆ ଚାମ୍ପିୟନ । ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ) ଫାଇନାଲରେ ବେଙ୍ଗାଲୁରୁ ଏଫ୍‌ସି ନିକଟର ଏକମାତ୍ର ଗୋଲରେ ପରାଜିତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିବା ଗୋଆ ଏଠାରେ କିନ୍ତୁ ପିନ୍ଧିଛି ବିଜୟ ମୁକୁଟ। ଜାତୀୟ ଫୁଟବଲରେ ଏଫ୍‌ସି ଗୋଆରେ ଏହାଥିଲା ପ୍ରଥମ ଟାଇଟଲ। ଚାମ୍ପିୟନ ଗୋଆକୁ ଟ୍ରଫି ସହ ୨୫ ଲକ୍ଷ ଏବଂ ରନର୍ସଅପ୍ ଚେନ୍ନାଇନ୍ ଏଫ୍‌ସିକୁ ୧୫ଲକ୍ଷ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ସସ୍ମିତା ମଲିକ, କ୍ରୀଡ଼ା ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା, ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ) ବରିଷ୍ଠ ଉପସଭାପତି ସୁବ୍ରତ ଦତ୍ତ, ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚେନ୍ନାଇନ୍ ଏଫ୍‌ସି ସହ ମାଲିକ ଅଭିନେତା ଅଭିଷେକ ବଚନ ଚେନ୍ନାଇନ୍ ଡଗ୍‌ଆଉଟ ନିକଟରେ ଉପସ୍ଥିତ ରହି ଖେଳାଳି ଓ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ଗୋଆ ଗୋଲକିପର ମହମଦ ନୱାଜ ହିରୋ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ହିରୋ ଅଫ ଦି ସିରିଜ ପୁରସ୍କାର ପାଇଥିଲେ ଗୋଆର ଫେରାନ କୋରୋମିନାସ।

# ଚେନ୍ନାଇ ବିପକ୍ଷରେ ଚାପରେ ନାଇଟ୍ ରାଇଡର୍ସ




ଅଭ୍ୟାସ ସେସନ ଅବସରରେ ଡ୍ୱେନ୍ ବ୍ରାଭୋ।

**କୋଲକାତା, ୧୩।୪(ପି.ଟି.)**

ସୁପର୍ ସନ୍‌ଡେରେ ଆଇପିଏଲ୍‌ର ଏକ ମ୍ୟାଚ୍‌ରେ ଘରୋଇ କୋଲକାତା ନାଇଟ୍ ରାଇଡର୍ସ ଓ ଟେବୁଲ ଟପ୍ପର୍ ଚେନ୍ନାଇ ସୁପର୍‌କିଙ୍ଗ୍ସ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ସ୍ଥାନୀୟ ଇଡେନ ଗାର୍ଡେନ୍ସ ଷ୍ଟାଡିୟମରେ ଏହି ହାଇଭୋଲଟେଜ୍ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ବିଜୟ ହାସଲ କରି ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଚେନ୍ନାଇ ସିଜନରେ କୋଲକାତା ବିପକ୍ଷରେ ଉଭୟ ହୋମ୍ ଓ ଆୱେ ମ୍ୟାଚ୍ ଜିତିବା ଲକ୍ଷ୍ୟରେ ରହିଛି। ଏଥିପୂର୍ବରୁ ଉଭୟ ଦଳ ଚଳିତ ମାସ ୯ରେ ପରସ୍ପରକୁ ଚେନ୍ନାଇରେ ଭେଟିଥିବାବେଳେ ଏଥିରେ ଧୋନୀଙ୍କ ସୁପର୍‌କିଙ୍ଗ୍ସ ୭ ଉଇକେଟ୍‌ରେ ବିଜୟ ଲାଭ କରିଥିଲା। ବର୍ତ୍ତମାନ ସୁଦ୍ଧା ଚେନ୍ନାଇ ୭ ମ୍ୟାଚ୍ ଖେଳି ୬ ବିଜୟ ସହ ଟେବୁଲ ଶୀର୍ଷରେ ରହିଛି।

ଅପରପକ୍ଷରେ ଦୀନେଶ କାର୍ତ୍ତିକଙ୍କ ନେତୃତ୍ୱାଧୀନ କୋଲକାତା ଲଗାତର ୨ଟି ମ୍ୟାଚ୍ ହାରି ଚାପରେ ରହିଛି। ୯ରେ ଚେନ୍ନାଇଠାରୁ ଏବଂ ଶୁକ୍ରବାର ଦିଲ୍ଲୀ କ୍ୟାପିଟାଲ୍ସ ନିକଟରୁ କୋଲକାତାକୁ ଏହି ୨ଟି ପରାଜୟ ସାମ୍ନା କରିବାକୁ ପଡ଼ିଥିଲା। ତେଣୁ ଚେନ୍ନାଇ ବିପକ୍ଷ ରବିବାର ଖେଳାଯିବାକୁ ଥିବା ମ୍ୟାଚ୍‌ରେ ମଧ ଦଳ ଚାପରେ ରହିବା ସ୍ୱାଭାବିକ। ଅପରପକ୍ଷରେ ୱେଷ୍ଟଇଣ୍ଡିଜର ଦୁର୍ଦ୍ଧର୍ଷ ଅଲ୍‌ରାଉଣ୍ଡର ଆନ୍ଦ୍ରେ ରସେଲଙ୍କ ଉପରେ ଅତ୍ୟଧିକ ନିର୍ଭର ମଧ ନାଇଟ୍ ରାଇଡର୍ସ ପରାଜୟର ଅନ୍ୟତମ କାରଣ। ରସେଲଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ଖେଳାଳି ପ୍ରଭାବୀ ସାବ୍ୟସ୍ତ ହୋଇନାହାନ୍ତି। କୋଲକାତାର ୪ ବିଜୟରୁ ରସେଲ ୩ଟି ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଚମତ୍କାର ଫର୍ମରେ ଥିବା ରସେଲ ଚଳିତ ସିଜନରେ ଏକାକୀ ୪୦ରୁ ଊର୍ଦ୍ଧ୍ୱ ଛକା ମାରିସାରିଛନ୍ତି। ତେବେ ଉଦୀୟମାନ ବ୍ୟାଟ୍ସମ୍ୟାନ ଶୁବମନ ଗିଲ (୩୯ ବଲରୁ ୬୫ ରନ) ଦିଲ୍ଲୀ ବିପକ୍ଷ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିବା କୋଲକାତାକୁ କିଛି ମାତ୍ରାରେ ଆଶ୍ୱସ୍ତି କରିଛି। କିନ୍ତୁ ଗତ ସିଜନରେ ଦଳ ପକ୍ଷରୁ ସର୍ବାଧିକ ରନ ସଂଗ୍ରହ କରିଥିବା ଅଧିନାୟକ କାର୍ତ୍ତିକ ୧୫.୩୩ ଆଭରେଜରେ ୯୩ ରନ ସଂଗ୍ରହ କରି ଦଳକୁ ନିରାଶ କରିଛନ୍ତି।

# ବୋଟାସଙ୍କୁ ପୋଲ୍ ପୋଜିଶନ




ଲୁଇସ୍ ହାମିଲଟନ, ଭାଲ୍‌ଟେରୀ ବୋଟାସ, ସେବାଷ୍ଟିଆନ ଭେଟେଲ।

**ସାଂଘାଇ, ୧୩।୪ (ଏଏଫ୍‌ପି)**

ଏଠାରେ ରବିବାର ହେବାକୁଥିବା ଚାଇନିଜ ଫର୍ମୁଲା ୱାନ ଗ୍ରାଁପ୍ରି ଲାଗି ଟିମ୍‌ମେଟ ଲୁଇସ୍ ହାମିଲଟନଙ୍କୁ ପଛରେ ପକାଇ ମର୍ସିଡିଜର ଭାଲ୍‌ଟେରୀ ବୋଟାସ ପୋଲ୍ ପୋଜିଶନ ହାସଲ କରିଛନ୍ତି। ମର୍ସିଡିଜ୍‌ର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଫେରାରିର ସେବାଷ୍ଟିଆନ ଭେଟେଲ ତୃତୀୟ ହୋଇଛନ୍ତି। ଚାଇନିଜ ଗ୍ରାଁ ପ୍ରି ହେଉଛି ଫର୍ମୁଲା ୱାନର ୧,୦୦୦ତମ ରେସ୍। ଶନିବାର ରେସ୍‌ରେ ହାମିଲଟନଙ୍କଠାରୁ ବୋଟାସ ମାତ୍ର ୦.୦୨୩ ସେକେଣ୍ଡ ଆଗରେ ରହିଥିଲେ। ଭେଟେଲ ୦.୩୦୧ ସେକେଣ୍ଡ ପଛରେ ରହିଥିଲେ। ସେ ତାଙ୍କ ଟିମ୍‌ମେଟ ଚାର୍ଲ୍ସ ଲେକ୍‌ରେକ୍‌ଙ୍କଠାରୁ ମାତ୍ର ୦.୦୧୭ ସେକେଣ୍ଡ ଆଗରେ ରହିଥିଲେ। ଲେକ୍‌ରେକ୍ ଚତୁର୍ଥ ହୋଇଥିଲେ। ଗତଥର ବାହାରିନଠାରେ ଅନୁଷ୍ଠିତ ରେସ୍ ତୁଳନାରେ ତାଙ୍କ ପ୍ରଦର୍ଶନ ଆଶାନୁରୂପ ହୋଇ ପାରି ନ ଥିଲା। ଅନ୍ୟମାନଙ୍କ ମଧ୍ୟରେ ରେଡ୍‌ବୁଲର ଦୁଇ ଡ୍ରାଇଭର ମାକ୍ସ ଭର୍ଷ୍ଟାପେନ ଓ ତାଙ୍କ ଟିମ୍‌ମେଟ୍ ପିଏରେ ଗାସ୍‌ଲଲି ଯଥାକ୍ରମେ ୫ମ ଓ ୬ଷ୍ଠରେ ରହିଥିଲେ। ସେହିପରି ୭ମ ଓ ୮ମ ସ୍ଥାନ ରେନଲ୍ଟର ଡାନିଏଲ ରିକାର୍ଡୋ ଓ ନିକୋ ହକେନବର୍ଗ ଅଧିକାର କରିଥିଲେ।

# ବିଜୁ କଲ୍ୟାଣ ଏଫ୍‌ଆଇଏଚ୍ ସ୍ୱାସ୍ଥ୍ୟ, ନିରାପତ୍ତା କମିଟି ଅଧ୍ୟକ୍ଷ

**ନୂଆଦିଲ୍ଲୀ, ୧୩।୪ (ପି.ଟି.)**




ବିଜୁ କଲ୍ୟାଣ ନାୟକ ପ୍ରଥମ ଭାରତୀୟ ଭାବେ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍)ର ସ୍ୱାସ୍ଥ୍ୟ ଓ ନିରାପତ୍ତା କମିଟିର ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇବେ। ଭୁବନେଶ୍ୱର ବାସିନ୍ଦା ବିଜୁ କଲ୍ୟାଣ କ୍ୟୁବାର ହାଭାନାସ୍ଥିତ ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ୍ସ ମେଡିସିନ ଏବଂ ସ୍ପେନର ମାଡ୍ରିଡଠାରେ ରହିଥିବା ନ୍ୟାଶନାଲ ସ୍ପୋର୍ଟ୍ସ ସେଣ୍ଟରଠାରେ ସ୍ପୋର୍ଟ୍ସ ଟ୍ରମାଟୋଲୋଜି ଏବଂ ସ୍ପୋର୍ଟ୍ସ ଏକ୍ସରସାଇଜ୍ ଫିଜିଓଲୋଜି ଉପରେ ବିଶେଷ ତାଲିମ ନେଇଛନ୍ତି। ତାଙ୍କ କାର୍ଯ୍ୟକାଳ ଦୁଇବର୍ଷ ରହିବ। ବିଜୁ କଲ୍ୟାଣ ପୁରୁଷ ବିଶ୍ୱକପ୍ ୨୦୧୮ରେ ଜଣେ ମେଡିକାଲ ଅଫିସର ଭାବେ ଏବଂ ୧୯୯୫ରେ ଇଣ୍ଡିଆନ ଆର୍ମିର ମେଡିକାଲ କର୍ପସରେ କାର୍ଯ୍ୟ କରିଛନ୍ତି। ପୁଣେସ୍ଥିତ ଆର୍ମି ସ୍ପୋର୍ଟ୍ସ ଇନଷ୍ଟିଚ୍ୟୁଟ୍‌ରେ ୬ ବର୍ଷ ପାଇଁ ସେ କାର୍ଯ୍ୟ କରିଛନ୍ତି। ୨୦୦୭ରେ ତାଙ୍କୁ ପ୍ରଥମ ଥର ଅନ୍ତର୍ଜାତୀୟ ସ୍ତରରେ କାର୍ଯ୍ୟ କରିବା ସୁଯୋଗ ମିଳିଥିଲା। ଇଣ୍ଡିଆନ ୟୁଥ୍ ବକ୍ସିଂ ଟିମ୍ ସହିତ ଦୁଇ ବର୍ଷ ସଂଶ୍ଳିଷ୍ଟ ଥିଲେ। ୨୦୦୯ରେ ସେ ଭାରତୀୟ ହକି ଦଳ ସହିତ ରହିଥିଲେ। ସେ ସୁଲ୍‌ତାନ ଆଜଲାନ ଶାହ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ସମେତ ବହୁ ଇଭେଣ୍ଟରେ ଦଳ ପାଇଁ କାର୍ଯ୍ୟ କରିଥିଲେ। ବିଜୁ କଲ୍ୟାଣ କହିଛନ୍ତି, ଜଣେ ଭାରତୀୟ ହିସାବରେ ଏହି ନିଯୁକ୍ତି ନେଇ ମୁଁ ଗୌରବାନ୍ୱିତ ମନେ କରୁଛି। ଗତ ଦୁଇ ଦଶନ୍ଧି ଧରି ଏଲିଟ୍ ଆଥଲେଟିକ୍‌ଙ୍କ ସହିତ କାର୍ଯ୍ୟ କରି ମୁଁ ଯେଉଁ ଅଭିଜ୍ଞତା ହାସଲ କରିଥିଲି ତାହାର ଠିକଣା ଉପଯୋଗ କରିବାର ସୁଯୋଗ ମୋତେ ମିଳିଛି।

## ଭୁବନେଶ୍ୱରରେ ଏଆଇଏଫ୍‌ଏଫ୍ ଲିଗ୍ କମିଟି ବୈଠକ

# କ୍ଲବ୍‌ଗୁଡିକ ଓହରିବା ସଂକ୍ରାନ୍ତ ନିଷ୍ପତ୍ତି ନେବ ଶୃଙ୍ଖଳାଗତ କମିଟି

**ଭୁବନେଶ୍ୱର,୧୩।୪ (ସ୍ପୋର୍ଟ୍ସ ବ୍ୟୁରୋ)**

ଶନିବାର ଏଠାରେ ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଲିଗ୍ କମିଟିର ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯିବା ସହ ବିଭିନ୍ନ ନିଷ୍ପତ୍ତି ନିଆଯାଇଛି। ଏଆଇଏଫ୍‌ଏଫ୍ ବରିଷ୍ଠ ଉପସଭାପତି ତଥା ଲିଗ୍ କମିଟି ଅଧ୍ୟକ୍ଷ ସୁବ୍ରତ ଦତ୍ତ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ।

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟରୁ ବିଭିନ୍ନ କାରଣରୁ ଓହରି ଯାଇଥିବା କ୍ଲବଗୁଡିକ ସମ୍ପର୍କରେ ବିସ୍ତୃତ ଭାବେ ଚର୍ଚ୍ଚା ହୋଇଥିଲା। ତେବେ ଏହି ମାମଲାର ବିଚାର ପାଇଁ ଓ ଏ ସମ୍ପର୍କରେ ନିଷ୍ପତ୍ତି ନେବା ଲାଗି ଶୃଙ୍ଖଳାଗତ କମିଟିକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବୈଠକରେ ସର୍ବସମ୍ମତିକ୍ରମେ ଏ ନେଇ ନିଷ୍ପତ୍ତି ନିଆଯାଇଥିଲା। ଟୁର୍ନାମେଣ୍ଟର ନିୟମ ଅନୁଯାୟୀ ଶୃଙ୍ଖଳାଗତ କମିଟି ଏ ସଂକ୍ରାନ୍ତରେ ନିଷ୍ପତ୍ତି ନେବ ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, ଏଆଇଏଫ୍‌ଏଫ୍‌ର ବୈମାତୃକ ମନୋଭାବ ନେଇ କେତେକ ଆଇ–ଲିଗ୍ କ୍ଲବ୍ ଅଭିଯୋଗ ଆଣି ସୁପର କପ୍‌ରୁ ଓହରି ଯାଇଥିଲେ ଓ ଏନେଇ ବିବାଦ ସୃଷ୍ଟି ହୋଇଥିଲା।

ଏଥିସହ ଆଗାମୀ ସବ୍– ଜୁନିୟର ଜାତୀୟ ଫୁଟବଲ ଚାମ୍ପିୟନଶିପ୍ ପାଇଁ ଖେଳାଳିଙ୍କ ବୟସ ନିରୂପଣ ଲାଗି ଟିଡବ୍ଲ୍ୟୁ୩ ପଦ୍ଧତି ଅବଲମ୍ବନ କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଇତିମଧ୍ୟରେ ହିରୋ ସବ୍– ଜୁନିୟର ଓ ଜୁନିୟର ଲିଗ୍ ୨୦୧୯–୨୦ ସେସନରେ ଅଂଶଗ୍ରହଣ କରିବା ପାଇଁ କମିଟି ଏହି ବୈଠକରେ ଯୋଗ୍ୟତା ନିର୍ଦ୍ଧାରଣ କରିଛି। ଏଆଇଏଫ୍‌ଏଫ୍ ଓ ବିଏଡିପି ଗାଇଡଲାଇନ୍ ଅନୁସାରେ ସବ୍‌ଜୁନିୟର ପ୍ରତିଯୋଗିତା ପାଇଁ ବୋନ୍ ଏଜ୍ ରେଟିଂ ୧୩.୪ ଓ ଜୁନିୟର ଲିଗ୍ ପାଇଁ ୧୫.୪ ବର୍ଷ ରଖାଯାଇଛି।

ହିରୋ ଆଇ–ଲିଗ୍ ୨୦୧୯–୧୯ ସେସନରେ ଫେବୃୟାରୀ ୧୮ରେ ଖେଳାଯିବାକୁ ଥିବା ରିୟଲ କଶ୍ମୀର– ମିନର୍ଭା ପଞ୍ଜାବ ମ୍ୟାଚ୍ ପୁଣି ଥରେ ଏକ ନୂଆ ତାରିଖରେ ଆୟୋଜନ କରାଯିବ ବୋଲି ଇମର୍ଜେନ୍ସି କମିଟି ସେତେବେଳେ ନିଷ୍ପତ୍ତି ନେଇଥିଲା। ତେବେ ଏଆଇଏଫ୍‌ଏଫ୍ ସହିତ ଏହି ଦୁଇଟି ଦଳ ଆଲୋଚନା କରିଥିଲେ ଓ ପଏଣ୍ଟ ଭାଗ କରିବା ପାଇଁ ରାଜି ହୋଇଥିଲେ। ଲିଗ୍ କମିଟି ମଧ୍ୟ ଏହାକୁ ଗ୍ରହଣ କରିଛି। ଫଳରେ ରିୟଲ କଶ୍ମୀର ୨୦ଟି ମ୍ୟାଚ୍ ଖେଳି ୩୭ ପଏଣ୍ଟ ପାଇବା ସହ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଅନ୍ୟପଟେ ପଞ୍ଜାବ ୨୦ଟି ମ୍ୟାଚ୍ ଖେଳି ୧୮ ପଏଣ୍ଟ ପାଇ ନବମ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଉଲ୍ଲେଖଥାଉ କି, ପୁଲୱାମାରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣରେ ୪୦ଜଣ ସିଆରପିଏଫ୍ ଯବାନ ଶହୀଦ ହୋଇଥିଲେ। ଫଳରେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଭଳି ପରିସ୍ଥିତିରେ ଘଟଣାର ୪ ଦିନ ପରେ ଶ୍ରୀନଗରରେ ମ୍ୟାଚ୍ ଖେଳିବାକୁ ଭ୍ରମଣକାରୀ କ୍ଲବ ମିନର୍ଭା ଅମଙ୍ଗ ହୋଇଥିଲା ଓ ଶେଷରେ ମ୍ୟାଚ୍ ବାତିଲ ହୋଇଥିଲା। ଏଥିରେ ଘରୋଇ ରିୟଲ କଶ୍ମୀର ଅସନ୍ତୋଷ ଜାହିର କରିଥିଲା। ତେବେ ଦୁଇ ଦଳ ପଏଣ୍ଟ ଭାଗ କରିବା ନେଇ ସମ୍ମତି ପ୍ରକାଶ କରିଥିବାରୁ ଏ ନେଇ ବିବାଦର ଏକପ୍ରକାର ଅନ୍ତ ଘଟିଛି।

ପୁଣି ଚେନ୍ନାଇ ସିଟି ଓ ମିନର୍ଭା ପଞ୍ଜାବ ମଧ୍ୟରେ ଅନୁଷ୍ଠିତ ହିରୋ ଆଇ– ଲିଗ୍ ମ୍ୟାଚ୍ ନେଇ ଏଆଇଏଫ୍‌ଏଫ୍ ଇଣ୍ଟିଗ୍ରିଟି ଅଫିସର ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରିଛନ୍ତି। ସବୁ ଦୃଷ୍ଟିକୋଣରୁ ବିଚାର କରି ଓ ସବୁ ପ୍ରାସଙ୍ଗିକ ଦସ୍ତାବିଜ୍‌କୁ ଆଖିରେ ରଖି ଏହି ମାମଲାର ତଦନ୍ତ କରାଯାଇଛି। କେତେକ ବ୍ୟକ୍ତିଙ୍କୁ ମଧ ପଚରାଉଚାର କରାଯାଇଛି। ତେବେ ଏହି ମ୍ୟାଚ୍‌ରେ କିଛି ଅନିୟମିତତା ହୋଇ ନ ଥିବା ଇଣ୍ଟିଗ୍ରିଟି ଅଫିସର ଜଣକ ସ୍ପଷ୍ଟ କରିଛନ୍ତି। ଫୁଟ୍‌ବଲର ମୂଳ ଭାବନା ସହିତ ଏହି ମ୍ୟାଚ୍‌ରେ କୌଣସି ଅନିୟମିତତା କରାଯାଇନାହିଁ ବୋଲି ସେ କହିଛନ୍ତି। ଏହି ମ୍ୟାଚ୍‌ରେ ଫିକ୍ସିଂ ହୋଇଥିବା ଅଭିଯୋଗ କରାଯାଇଥିଲ। ତେବେ ଏଥିରେ କୌଣସ ଭିତ୍ତି ନାହିଁ ବୋଲି ଅଧିକାରୀ ଜଣକ କହିଛନ୍ତି। କମିଟି ମଧ ଏହ ମତକୁ ଶେଷରେ ଗ୍ରହଣ କରିଛି।

ଏହି ବୈଠକରେ ଆଇ– ଲିଗ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ସୁନନ୍ଦୋ ଧାର ରୋଚକ ଲାଙ୍ଗରଙ୍କ ସମେତ ବି.କେ. ରୋକା, ଚିରାଗ ତନ୍ନା ଉପସ୍ଥିତ ଥିଲେ। ଆଇନଗତ ଉପଦେଷ୍ଟା କମିଟି ଅଧ୍ୟକ୍ଷ ରାହୁଲ ମାସ୍କାରେନହାସ ଓ ସ୍ପୋର୍ଟ୍ସ ମେଡିକାଲ କମିଟି ମୁଖ୍ୟ ଭେସ ପେସ ମଧ ଏହି ବୈଠକରେ ଯୋଗଦେଇଥିଲେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. | ଭୁବନେଶ୍ୱର, ରବିବାର, ଏପ୍ରିଲ ୧୪/୨୦୧୯ | Bhubaneswar, Sunday, April 14/ 2019




## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଶ୍ରମିକଙ୍କ ମୃତ୍ୟୁ

**କେନ୍ଦ୍ରାପଡ଼ା ଅଫିସ୍, ୧୩।୪:** ସଦର ଥାନା ଅଧୀନ ଜଜାଙ୍ଗସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ କାର୍ଯ୍ୟରତ ଶ୍ରମିକ ତରାଣ୍ଡୋ ଗ୍ରାମର କାହ୍ନା ମଲିକଙ୍କର ବିଦ୍ୟୁତ୍ ଆଘାତରେ ଶନିବାର ମୃତ୍ୟୁ ଘଟିଛି। ମୃତ ଶ୍ରମିକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଗ୍ରାମବାସୀ କୃଷି ବିଜ୍ଞାନ କେନ୍ଦ୍ର ଓ ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖ କଟକ ଚାନ୍ଦବାଲି ରାସ୍ତା ଅବରୋଧ କରିଥିଲେ। ଏ ନେଇ କିଛିସମୟ ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡିମୋଟର ଅଟକି ରହିଥିଲା। ଖବରପାଇ ପୋଲିସ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା ପରେ ରାସ୍ତାରୋକୋ ହଟିଥିଲା। ପ୍ରକାଶ ଯେ, କାହ୍ନା କୃଷି ବିଜ୍ଞାନ କେନ୍ଦ୍ରରେ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିଲେ। ଏକ ପାଣି ପାଇପ ବଗିଚା ମଧକୁ ନେଉ ଥିବାବେଳେ ପାଇପରେ ୧୧ କେଭିର ବିଦ୍ୟୁତ୍ ତାର ଲାଗି ଯାଇଥିଲା। ବିଦ୍ୟୁତ୍ ଆଘାତରେ ତାଙ୍କ ଶରୀରର କିଛି ଅଂଶ ଜଳିଯିବା ସହ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ସଦର ଥାନାରେ ପରିବାର ସଦସ୍ୟଙ୍କ ପକ୍ଷରୁ ଏତାଲା ଦିଆଯାଇଛି।

■ସହରାଞ୍ଚଳ ବସ୍ତିବାସିନ୍ଦାଙ୍କ ଭୋଟ ବର୍ଜନ ନିଷ୍ପତ୍ତି

# ‘ଘର ନାହିଁ ତ ଭୋଟ ନାହିଁ’

**କେନ୍ଦ୍ରାପଡା ଅଫିସ, ୧୩।୪**

ଚଳିତ ସାଧାରଣ ନିର୍ବାଚନ ପାଇଁ ଆସନ୍ତା ୨୯ ତାରିଖରେ କେନ୍ଦ୍ରାପଡ଼ାରେ ଭୋଟ ଗ୍ରହଣ ହେବ। ଏଥିପାଇଁ ନାମାଙ୍କନ ପତ୍ର ଦାଖଲ ସରିଥିବା ବେଳେ ପ୍ରାର୍ଥୀମାନେ ସମର୍ଥକଙ୍କ ପ୍ରଚାର କାର୍ଯ୍ୟ ଜୋରଦାର ଚଳାଇଛନ୍ତି। ଭୋଟରଙ୍କୁ ଆକୃଷ୍ଟ କରିବାକୁ ବିଭିନ୍ନ ଦଳ ପକ୍ଷରୁ କୁଢ଼ କୁଢ଼ ପ୍ରତିଶ୍ରୁତି ଦିଆଯାଉଛି। କିନ୍ତୁ କେନ୍ଦ୍ରାପଡା ଜିଲାରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ଭୋଟରଙ୍କ ମୁଖ୍ୟ ପ୍ରସଙ୍ଗ ହୋଇଛି।

ଗ୍ରାମାଞ୍ଚଳରେ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଆଦି ମୌଳିକ ସୁବିଧାକୁ ଭୋଟର ମୁଖ୍ୟ ଆୟୁଧ କରିଥିବା ବେଳେ ସହରରେ ବି ବାସସ୍ଥାନକୁ ନେଇ ଭୋଟ ବର୍ଜନ ସ୍ୱର ଶୁଣିବାକୁ ମିଳିଲାଣି। ବସ୍ତିବାସୀ ଏକତା ମଞ୍ଚ କେନ୍ଦ୍ରାପଡା ଜିଲା ଶାଖା ପକ୍ଷରୁ ‘ଘର ନାହିଁ ତ ଭୋଟ ନାହିଁ’ ଦାବିରେ ସହରର ଚଡ଼ଁରୀ ବରହମପୁରଠାରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସହରର ବସ୍ତି ନେତ୍ରୀ ସରସ୍ୱତୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବସ୍ତିବାସିନ୍ଦାଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ରାଜ୍ୟ ସଭାପତି ସେକ୍ ଅବଦୁଲ୍ଲା, ସମ୍ପାଦକ ହେମେନ୍ଦ୍ର ସାମଲ, ବସ୍ତି ନେତା ପ୍ରଭାକର ନାଏକ ଯୋଗଦେଇଥିଲେ। ବୈଠକରେ ବସ୍ତିବାସିନ୍ଦାଙ୍କ ଗୃହ ସମସ୍ୟା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଗୁଲନଗର, ଚଡ଼ଁରୀବରହମପୁର, ସାନ୍ତସାହି, ମାଧପୁର, କେନାଲ ଓ ଗୋବରୀ ନଦୀକୂଳ ବାସିନ୍ଦାଙ୍କୁ ଜମି ପଟ୍ଟା ମିଳୁ ନଥିବାରୁ ବୈଠରେ କ୍ଷୋଭ ପ୍ରକାଶ ପାଇଥିଲ। ସେମାନେ ପ୍ରକାଶ କରିଥିଲେ ଯେ, ରାଜ୍ୟ ସରକାର ବସୁଧା ଯୋଜନାରେ ଭୂମୀହିନଙ୍କୁ ଜମି ଯୋଗାଇ ଦେବା ନିମନ୍ତେ ଯୋଜନା ପ୍ରଣୟନ କରିଛନ୍ତି। ମାତ୍ର ଏହି ଯୋଜନାରେ ସହରର ବସ୍ତିବାସିନ୍ଦାଙ୍କ କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରାଯାଇଛି। ଚିହ୍ନଟ ୫୯୪ ହିତାଧିକାରୀଙ୍କ ମଧ୍ୟରୁ ମାତ୍ର କେତେଜଣଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇ ଯୋଜନାକୁ ବନ୍ଦ କରିଦିଆଯାଇଛି। ତା’ ସହିତ ଅନେକ ଯୋଗ୍ୟ ବ୍ୟକ୍ତି ମଧ୍ୟ ଚିହ୍ନଟ ହୋଇ ପାରିନାହାନ୍ତି। ଜମି ସହ ଘର ଯୋଗାଇ ଦିଆ ନଗଲେ ଚଳିତ ସାଧାରଣ ନିର୍ବାଚନରେ ବସ୍ତିବାସିନ୍ଦା ଭୋଟ ବର୍ଜନ କରିବେ ବୋଲି ଏଠାରେ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପପୁ ନାଏକ, ଲକ୍ଷ୍ମୀ ବିଶ୍ୱାଳ, ଗୀତାଞ୍ଜଳି ନାଏକ, ମୀରା ନାୟକ, ହୀରା ନାୟକ, କାଜଲ ମହାନ୍ତି, ନିରୁପମା ଦାସ, ସେକ୍ କରିମ, ବାବୁ ମିଆଁ, କବିତା ନାଏକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

**ବସୁଧା ଯୋଜନାରେ ପଟ୍ଟା ମିଳି ନ ଥିବା ଅଭିଯୋଗ**



ଭୋଟ ବର୍ଜନ ନିଷ୍ପତ୍ତି ବୈଠକରେ ଯୋଗଦେଇଥିବା ବସ୍ତିବାସିନ୍ଦା।

# ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ



ଅଗ୍ନିକାଣ୍ଡରେ ଜଳିଯାଇଥିବା ଘର।

**ପାଟକୁରା, ୧୩।୪ (ଡି.ଏନ୍.ଏ.)**

ଗରଦପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତ ନୂଆପଡ଼ା ଗ୍ରାମର ଶେଖ୍ ବାବୁ(୬୦)ଙ୍କ ଘରେ ଶୁକ୍ରବାର ରାତିରେ ଅଗ୍ନିକାଣ୍ଡ ଘଟି ୨ ବଖରା ସମେତ ଗୁହାଳ ପୋଡ଼ିଯାଇଛି। ଏଥିରେ ଘରର ସମସ୍ତ ଆସବାବ ପତ୍ର ଜଳିଯାଇଥିବା ବେଳେ ଗୋଟିଏ ଗାଈ ଓ ୧୦ କୁକୁଡ଼ା ଜୀବନ୍ତ ଦଗ୍ଧ ହୋଇଛନ୍ତି। ଏଥିସହ ଆଉ ଗୋଟିଏ ଗାଈ ଅର୍ଦ୍ଧଦଗ୍ଧ ହୋଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ବିଦ୍ୟୁତ୍ ଶର୍ଟ ସର୍କିଟକୁ ବାବୁଙ୍କ ଘରେ ନିଆଁ ଲାଗି ଯାଇଥିଲା। ଗ୍ରାମରେ ଯଜ୍ଞ ଉତ୍ସବ ଚାଲିଥିବାରୁ ଗ୍ରାମବାସୀ ଯଜ୍ଞ ନିକଟରେ ଥିବା ବେଳେ ଅଗ୍ନିକାଣ୍ଡ ସମ୍ପର୍କରେ କେହି ଜାଣିପାରି ନ ଥିଲେ। ଘରେ ନିଆଁ ଲାଗି ନଗଦ ଟଙ୍କା, ୧୦ ବସ୍ତା ଧାନ, ୧ କୁଇଣ୍ଟାଲ ମୁଗ, ୫୦କିଲୋ ବିରି, ୪୦ ବସ୍ତା ଚିନାବାଦାମ ସମେତ ସମସ୍ତ ଆସବାବ ପତ୍ର ମଧ୍ୟ ଜଳିଯାଇଛି। ଖବରପାଇ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚିବା ବେଳକୁ ଘର ସମ୍ପୂର୍ଣ୍ଣ ଜଳି ଯାଇଥିଲା। ଗରଦପୁର ପ୍ରାଣୀ ଚିକିତ୍ସକ ମୃତ ଗାଈର ବ୍ୟବଚ୍ଛେଦ କରାଇବା ସହ ଆହତ ଗାଈର ଚିକିତ୍ସା କରିଛନ୍ତି। ଗରଦପୁର ରାଜସ୍ୱ ନିରୀକ୍ଷକ ବିପନ୍ନ ପରିବାରକୁ ଏକ ପାଲ ଯୋଗାଇ ଦେଇଛନ୍ତି। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରମାର ଶେଖ୍ ଜୁମା, ଶେଖ୍ କରିମ୍, ଶେଖ୍ ସହିଦ୍ ଓ ପଦମ୍ପୁର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଭଜହରି ସେନାପତି ପ୍ରମୁଖ ଦାବି କରିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ



ପ୍ରେମର ସହିତ ମନୁଷ୍ୟର ଯେଉଁ ସେବା କରାଯାଏ, ତାହା ହିଁ ଭଗବାନଙ୍କର ପ୍ରକୃତ ସେବା।
- ଆବ୍ରାହମ୍ ଲିଙ୍କନ୍



## ଏଇ ସପ୍ତାହର କାର୍ଯ୍ୟକ୍ରମ

- ୧୪ ତାରିଖ (ରବିବାର)
  ରାଜ୍ୟସ୍ତରୀୟ ସାହିତ୍ୟିକ ବନ୍ଧୁମିଳନ, ସ୍ଥାନ- ବଂଶୀଧର ଡିଗ୍ରୀ ମହାବିଦ୍ୟାଳୟ, ଇଟାମାଟି, ନୟାଗଡ଼, ସମୟ- ପୂର୍ବାହ୍ନ ୧୦ଟା
- ଜିଲା ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚର ବିଷୁବ ମିଳନ, ସ୍ଥାନ- ରୋଟାରୀ କ୍ଲବ, ନୟାଗଡ଼, ସମୟ- ପୂର୍ବାହ୍ନ ୧୦ଟା
- ଜିଲାସ୍ତରୀୟ ଡ. ଭୀମରାଓ ଆମ୍ବେଦକର ଜୟନ୍ତୀ, ସ୍ଥାନ- ଜିଲାପାଳଙ୍କ ସଦ୍‌ଭାବନା ଗୃହ, ସମୟ- ପୂର୍ବାହ୍ନ ୧୧ଟା ୩୦
- ବିପ୍ଲବୀ ଗୋବିନ୍ଦ ମିଶ୍ରଙ୍କ ୫୩ତମ ଶ୍ରାଦ୍ଧବାର୍ଷିକୀ, ସ୍ଥାନ- ଗାନ୍ଧୀ ମଇଦାନ, ଦଶପଲ୍ଲା, ସମୟ- ଅପରାହ୍ନ ୫ଟା
- ପାଟଫୋଡ଼ା ଝାମୁଯାତ୍ରା, ସ୍ଥାନ- ପାଣୁସାହିପାଟଣା, କଣ୍ଟିଲୋ, ସମୟ- ଅପରାହ୍ନ ୩ଟା
- ଅରଟ ଯାତ୍ରା, ସ୍ଥାନ- ହରିସୁବିଦ୍ଧିପାଟଣା, କଣ୍ଟିଲୋ, ସମୟ- ଅପରାହ୍ନ ୪ଟା
- ହନୁମାନଜୀଉଙ୍କ ଚତୁର୍ଥ ବାର୍ଷିକ ଉତ୍ସବ, ସ୍ଥାନ- ରଙ୍ଗଦେଉଳି ଗ୍ରାମ, ରଣପୁର, ସମୟ-ପୂର୍ବାହ୍ନ ୯ଟା
- ଖାଦ୍ୟ ମେଳା, ସ୍ଥାନ- ଭିଲାମାର୍ଟ, ଘଡୁଆଳ, ନୟାଗଡ଼, ସମୟ- ଅପରାହ୍ନ ୩ଟା
- ୧୬ ତାରିଖ (ମଙ୍ଗଳବାର)
  ନୟାଗଡ଼ ଜିଲା ଟିକ୍‌ଟକ୍ ମହୋତ୍ସବ, ସ୍ଥାନ- ଖେଳପଡ଼ିଆ, ନୟାଗଡ଼, ସମୟ- ଅପରାହ୍ନ ୪ଟା

# ମା’ ଦକ୍ଷିଣକାଳୀଙ୍କ ଯାତ୍ରା ଆଜିଠାରୁ

- ମାନସିକଧାରୀଙ୍କ ବାଣ ଫୁଟା ସାଜେ ଆକର୍ଷଣ
- ୬ଦିନ ଧରି ହେବ ଯାତ୍ରା
- ଖୋଲା ମଞ୍ଚରେ ଯାତ୍ରାର ମଜା ନିଅନ୍ତି ଦର୍ଶକ

ନୟାଗଡ଼ ଅଫିସ, ୧୩।୪

ନୟାଗଡ଼ ସହରରେ ହେଉଥିବା କିଛି ଯାତ୍ରା ମଧ୍ୟରୁ ପଣା ସଂକ୍ରାନ୍ତିରେ ଦକ୍ଷିଣକାଳୀ ମନ୍ଦିର ଯାତ୍ରା ସବୁଠୁ ନିଆରା। ଏଥିରେ ଭକ୍ତମାନଙ୍କ ଭକ୍ତି ଓ ନିଷ୍ଠା ଦେଖିବାକୁ ମିଳିଥାଏ। ପଣାସଂକ୍ରାନ୍ତି ସନ୍ଧ୍ୟାରେ ଯାତ୍ରା ପଡିଆରେ ମାନସିକଧାରୀଙ୍କ ବାଣ ଫୁଟାଇବା ଦୃଶ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ। ବାଣ ଫୁଟାଇବା ପାଇଁ ମାନସିକଧାରୀଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ହୋଇଥାଏ। ପ୍ରତିବର୍ଷ ଯାତ୍ରା ୫ଦିନ ଧରି ଚାଲୁଥିବାବେଳେ ଚଳିତବର୍ଷ ଏହାକୁ ୬ଦିନ ବଢ଼ାଯାଇଛି। ପଣାସଂକ୍ରାନ୍ତି ଦିନ ସକାଳୁ ସକାଳୁ ମନ୍ଦିର ପରିସରରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥାଏ। ମୀନା ବଜାର, ଦୋଳିର ମଜା ନେବା ସହିତ ବିଭିନ୍ନ ଘରକରଣା ଜିନିଷ କିଣିବା ପାଇଁ ଯାତ୍ରା ପଡ଼ିଆରେ ଲୋକଙ୍କ ଗହଳି ଲାଗିଥାଏ। ୬ଦିନ ଧରି ଏଠାରେ ଅପେରା (ନାଟକ) ଦେଖିବାର ମଜା ନିଅନ୍ତି ଦର୍ଶକ। ଖୋଲା ପଡ଼ିଆରେ ଏହି ନାଟକ ପରିବେଷଣ ହେଉଥିବାରୁ ଏଥିପାଇଁ ଦର୍ଶକଙ୍କୁ ଟିକେଟ୍ କିଣିବାକୁ ପଡେନାହିଁ। ପାଖାପାଖି ୨୦୦ବର୍ଷ ହେଲା ଏହି ଯାତ୍ରା ପାଳନ ହୋଇଆସୁଥିବା ବଡ଼ପଣ୍ଡା ଗିରିଜା ଶଙ୍କର ଶତପଥୀ ପ୍ରକାଶ କରିଛନ୍ତି। ତାଙ୍କ କହିବାନୁସାରେ ରାଜାରାଜୁଡ଼ା ବେଳୁ ପଣା ସଂକ୍ରାନ୍ତିଠାରୁ ଏହି ଯାତ୍ରା ପାଳନ କରାଯାଇ ଆସୁଛି। ପଣାସଂକ୍ରାନ୍ତି ଦିନ ସକାଳ ୪ଟା ୩୦ରୁ ପହଡ଼ ଭଙ୍ଗାଯାଇ ଅବକାଶ ନୀତି କରାଯିବ। ଏହା ପରେ ୬ଟା ୩୦ରେ ବଲ୍ଲଭ ଭୋଗ, ୧୦ଟା ୩୦ରେ ଶଙ୍ଖୁଡି ଭୋଗ ଓ ଅପରାହ୍ନ ୧ଟାରେ ମଧ୍ୟାହ୍ନ ଧୂପ କରାଯାଇଥାଏ। ବଲ୍ଲଭ ଭୋଗ ଲଗାଯିବାର ୨୦ ମିନିଟ ପରେ ୬ଟା ୫୦ରେ ଭକ୍ତମାନଙ୍କ ଦର୍ଶନ ପାଇଁ ମନ୍ଦିର ଖୋଲାଯିବ। ୧୦ଟା ୩୦ରେ ଶଙ୍ଖୁଡ଼ି ଭୋଗ ସମୟରେ ଷୋଡ଼ଶ ପୂଜା ହେଉଥିବାରୁ ୪୫ ମିନିଟରୁ ୧ଘଣ୍ଟା ଧରି ପହଡ଼ ପଡ଼ିଥାଏ। ପରେ ଅନ୍ୟଦିନ ପରି ମନ୍ଦିର ଖୋଲା ରହେ ଓ ଭକ୍ତମାନେ ମା’ଙ୍କୁ ଦର୍ଶନ କରନ୍ତି। ଭକ୍ତମାନଙ୍କ ପାଇଁ ପଣାର ବନ୍ଦୋବସ୍ତ ମଧ୍ୟ କରାଯାଇଥାଏ। ମା’ଙ୍କ ଦୟାରୁ ସବୁ ସୁରୁଖୁରୁରେ ଚାଲୁଥିବା ବଡ଼ପଣ୍ଡା ଶତପଥୀ ପ୍ରକାଶ କରିଛନ୍ତି। ୧୯ ତାରିଖରେ ଶେଷ ହେବାକୁ ଥିବା ଏହି ଯାତ୍ରାରେ ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ଜିଲା ପୋଲିସ ପ୍ରଶାସନ ତରଫରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯିବା ବ୍ୟବସ୍ଥା ହୋଇଛି। ସେହିପରି କିଛି ସଙ୍ଗଠନ ତରଫରୁ ମନ୍ଦିରରେ ଭକ୍ତମାନଙ୍କ ପାଇଁ ପଣା ବଣ୍ଟନ ବ୍ୟବସ୍ଥା କରାଯାଇଛି।



ମନ୍ଦିରରେ ପୂଜା ପାଉଛନ୍ତି ମା’ ଦକ୍ଷିଣକାଳୀ।

## ଦଣ୍ଡ ଉପାସନାର ମେରୁ ପର୍ବ

**ବୋଲଗଡ଼, ୧୩।୪ (ଡି.ଏନ.ଏ.):** ବୋଲଗଡ଼ ବ୍ଲକର ବିଭିନ୍ନ ଗ୍ରାମରେ ଚାଲିଥିବା ଦଣ୍ଡକାଳୀଙ୍କ ଉପାସନାର ମେରୁ ପର୍ବ ଶନିବାର ଅନୁଷ୍ଠିତ ହୋଇଛି। ମେରୁ ଉତ୍ସବରେ ପାଟଦଣ୍ଡୁଆ, ପାଟଭକତା ଓ ଦଣ୍ଡୁଆମାନେ ଧୂଳିଦଣ୍ଡ, ପାଣିଦଣ୍ଡ ଆଦି ପାଳନ କରିଥିଲେ। ଅପରାହ୍ନରେ ଅଗ୍ନିକୁଣ୍ଡ ଉପରେ ଗୋଡ ଉପରକୁ ମୁଣ୍ଡ ତଳକୁ କରି ଓହଳତପ କରିଥିଲେ। ମେରୁ ଉତ୍ସବରେ ସଂପୁର, ସାନପଦର, ମାଣିକାଗୋଡା ଆଦି ସ୍ଥାନରେ ଓହଳତପ ପାଳନ ହୋଇଥିଲା। ହୋମକୁଣ୍ଡ ଉପରେ ଥିବା ଅରଗିରେ ପ୍ରଥମେ ଠାକୁରଙ୍କୁ ଓହଳତପ କରାଯାଇଥିଲା। ପରେ ରାଜଦଣ୍ଡୁଆ ଓ ମନ୍ତ୍ରୀ ଦଣ୍ଡୁଆଙ୍କ ସମେତ ଦଣ୍ଡୁଆମାନେ ଜଣକ ପରେ ଜଣେ ଅରଗିରେ ଉପରେ ଗୋଡ ବାନ୍ଧି ତଳକୁ ମୁଣ୍ଡ ଓହଳାଇ ଝୁଲିଥିଲେ। ଏହି ସମୟରେ ହୋମକୁଣ୍ଡର ଅଗ୍ନିକୁ ଝୁଣା ପକାଯାଉଥିଲା। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ଦର୍ଶକମାନଙ୍କ ପାଇଁ ଦହି ସରବତ ଆଦି ଥଣ୍ଡା ପାନୀୟ ବଣ୍ଟନ କରାଯାଇଥିଲା। ଏହି ଦଣ୍ଡ ଉପାସନା ପର୍ବ ଅବସରରେ ଠଣାପଲ୍ଲୀ, ଅସରଳା ଗ୍ରାମ ସମେତ ବିଭିନ୍ନ ସ୍ଥାନରେ ଦଣ୍ଡ ମେଳଣ ଅନୁଷ୍ଠିତ ହୋଇଯାଇଛି । ମହାବିଷୁବ ପଣା ସଂକ୍ରାନ୍ତି ରବିବାର ଦଣ୍ଡ ଉପାସନା ହେଉଥିବା ବିଭିନ୍ନ ସ୍ଥାନରେ ଝାମୁଯାତ୍ରା ଅନୁଷ୍ଠିତ ହେବ।

## ସଂକ୍ଷେପରେ

### ନବବଧୂ ଦେହରେ କିରୋସିନ ଢାଳି ନିଆଁ ଲଗାଇଦେଲେ



**ଭାପୁର, ୧୩।୪ (ଡି.ଏନ.ଏ.):** ଯୌତୁକ ପାଇଁ ଜଣେ ନବବଧୂ ଦେହରେ କିରୋସିନ ଢ଼ାଳି ନିଆଁ ଲଗାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ଫତେଗଡ଼ ଥାନା ଗୋଲାପୋଖରୀ ପଞ୍ଚାୟତ ତରବାଲୋ ଗ୍ରାମରେ ଶନିବାର ଏଭଳି ଘଟଣା ଘଟିଛି। ଏହି ଗ୍ରାମର ରବି ସାହୁ ୨ବର୍ଷ ତଳେ ଗୋବର୍ଦ୍ଧନପ୍ରସାଦ ଗ୍ରାମର ଅର୍ଜୁନ ସାହୁଙ୍କ କନ୍ୟା ସୁକାନ୍ତି ସାହୁଙ୍କୁ (୨୩) ବିବାହ କରିଥିଲେ। ବିବାହ ପରେ ଉଭୟ ଭଲରେ ରହୁଥିବାବେଳେ ସେମାନଙ୍କର ଏକବର୍ଷର ପୁତ୍ର ରହିଛି। ପରେ ଅଧିକ ଯୌତୁକ ପାଇଁ ଶାଶୁଘର ଲୋକେ ସୁକାନ୍ତିଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ଏପରିସ୍ଥଳେ ଶନିବାର ଶାଶୁଘର ଲୋକମାନେ ସୁକାନ୍ତିଙ୍କ ଦେହରେ କିରୋସିନ ଢ଼ାଳି ନିଆଁ ଲଗାଇ ଦେଇଥିବା ନେଇ ତାଙ୍କ ବାପା ଅର୍ଜୁନ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନିଆଁରେ ପୋଡ଼ି ହୋଇ ସୁକାନ୍ତି ଗୁରୁତର ହୋଇଥିବାରୁ ବାପଘର ଲୋକେ ତାଙ୍କୁ ପ୍ରଥମେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

### ଅବକାରୀ ବିଭାଗର ଚଢାଉ
### ମଦଭାଟି ଭାଙ୍ଗିବା ସହ ୮୦୦ ଲିଟର ପୋଚ ନଷ୍ଟ, ୨ ଗିରଫ

**ଓଡ଼ଗାଁ, ୧୩।୪ (ସ୍ୱ.ପ୍ର.):** ଓଡ଼ଗାଁ ଥାନା ଅନ୍ତର୍ଗତ ଢୋଲମସ୍କାରେ କିଛିଦିନ ବ୍ୟବଧାନରେ ପୁଣି ଥରେ ଜିଲା ଅବକାରୀ ବିଭାଗ ଚଢାଉ କରି ଏକ ବେଆଇନ ଦେଶୀ ମଦଭାଟି ଭାଙ୍ଗିଥିବା ଜଣାଯାଇଛି। ଜିଲା ଅବକାରୀ ଅଧୀକ୍ଷକ ହମିଦୁଲ୍ଲା ଖାନଙ୍କ ନିର୍ଦ୍ଦେଶକ୍ରମେ ନୟାଗଡ ଭାରପ୍ରାପ୍ତ ଅବକାରୀ ଅଧିକାରୀ ବାଳକୃଷ୍ଣ ପରିଡାଙ୍କ ନେତୃତ୍ୱରେ ଅବକାରୀ କର୍ମଚାରୀମାନେ ଏହି ଥାନା ଅନ୍ତର୍ଗତ ଓଡଗାଁ, ଦଲକ, ବାହାଡାପିଠା ଓ ଢୋଲମସ୍କାରେ ଶନିବାର ଚଢାଉ କରିଥିଲେ। ହେଲେ ଦଲକରୁ ରାମା ଦେବୀ ନାମ୍ନୀ ମହିଳାଙ୍କୁ ବେଆଇନ ଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗରେ ଗିରଫ କରିଥିବା ବେଳେ ଢୋଲମସ୍କାର ଏକ ବେଆଇନ ଦେଶୀ ମଦ ରନ୍ଧା ଭାଟିରୁ ସୁଶାନ୍ତ ଜାନିଙ୍କୁ ଗିରଫ କରିଥିଲେ। ବିଭାଗୀୟ କର୍ମଚାରୀମାନେ ମଦଭାଟିକୁ ସମ୍ପୂର୍ଣ୍ଣ ଭଙ୍ଗାରୁଜା କରିଥିବାବେଳେ ସେଠାରେ ଗଚ୍ଛିତ ଥିବା ପ୍ରାୟ ୮୦୦ ଲିଟର ପୋଚ ନଷ୍ଟ କରିଥିଲେ। ଏହାସହ ମଦ ରନ୍ଧା ନିମନ୍ତେ ବ୍ୟବହାର କରାଯାଉଥିବା ୧୫ ଡେକ୍‌ଚି ଓ ୨୭ ଲିଟର ଦେଶୀ ମଦ ଜବତ କରିଥିଲେ। ଗିରଫ ୨ ଅଭିଯୁକ୍ତଙ୍କୁ ସ୍ଥାନୀୟ ଜେଏମ୍‌ଏଫ୍‌ସିଙ୍କ କୋର୍ଟରେ ହାଜର କରାଯାଇଥିବା କର୍ମଚାରୀମାନେ ସୂଚନା ଦେଇଛନ୍ତି। ଏହି ଚଢାଉରେ ଅବକାରୀ ଏଏସ୍‌ଆଇ ପ୍ରଫୁଲ୍ଲ କୁମାର ଗୁରୁ, ପୁରୁଷୋତ୍ତମ ପ୍ରଧାନ, ବିଜୟ ନାୟକ ପ୍ରମୁଖ ସାମିଲ ହୋଇଥିଲେ।



## ଶ୍ରୀରାମ ନବମୀ ଉତ୍ସବ
# ୩୦ରେ ଗଣିଆ ଲଙ୍କାପୋଡ଼ି ଯାତ୍ରା

ଗଣିଆ, ୧୩।୪ (ଡି.ଏନ.ଏ.)

ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମଉତ୍ସବ ଶ୍ରୀରାମ ନବମୀ ଶନିବାର ଗଣିଆ ଅଞ୍ଚଳରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳୁ ଠାକୁରଙ୍କ ଦର୍ଶନ ନିମିତ୍ତ ଗଣିଆସ୍ଥିତ ରଘୁନାଥଜୀଉ ମନ୍ଦିର, ବେଲପଡା ଓ ହରିପୁର ଗ୍ରାମସ୍ଥିତ ରଘୁନାଥଜୀଉ ମନ୍ଦିର ପରିସରରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ସକାଳୁ ମନ୍ଦିରଗୁଡିକରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା, ହୋମଯଜ୍ଞ କରାଯିବା ସହ ବିକ୍ରମ ନରେନ୍ଦ୍ରଙ୍କ ବିରଚିତ ରାମାୟଣ ପାଠ କରାଯାଇଥିଲା। ସେହିପରି ଗଣିଆ ବ୍ଲକର ବିଭିନ୍ନ ଗ୍ରାମରେ ଗ୍ରାମବାସୀଙ୍କ ତରଫରୁ ଭାଗବତ ଟୁଙ୍ଗିରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି। ମଧ୍ୟାହ୍ନରେ ଠାକୁରଙ୍କ ଜନ୍ମୋତ୍ସବ ପରେ ସୂର୍ଯ୍ୟଦର୍ଶନ ଓ ବେଢା ପରିକ୍ରମା ନୀତି ଅନୁଷ୍ଠିତ ହୋଇଥିଲା। ଗଣିଆ ରାମଲୀଳା ପରିଷଦ ତରଫରୁ ଚଳିତ ବର୍ଷ ଲଙ୍କାପୋଡି ଯାତ୍ରା ଆରମ୍ଭ ହୋଇଛି। ସନ୍ଧ୍ୟାରେ ରାମଲୀଳା ପରିଷଦର କଳାକାରମାନଙ୍କ ଦ୍ୱାରା ମନ୍ଦିର ପରିସର ମୁକ୍ତାକାଶ ରଙ୍ଗମଞ୍ଚରେ ଶ୍ରୀରାମ ଜନ୍ମ ଓ ତାଡକା ବଧ ନାଟକ ପରିବେଷଣ କରାଯାଇଛି। ଚଳିତ ମାସ ୩୦ ତାରିଖରେ ଏହି ଯାତ୍ରାର ରାବଣ ବଧ ଓ ଲଙ୍କାପୋଡି ଉତ୍ସବ ଅନୁଷ୍ଠିତ ହେବ। ସେହିପରି ମନ୍ଦିର ପରିଚାଳନା କମିଟି ତରଫରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତ ମାସ ୧୫ ତାରିଖରେ ସୀତା ବିବାହ ଓ ପର୍ଶୁରାମ ଭେଟ, ୧୬ ରେ ଶ୍ରୀରାମ ବନବାସ, ୧୯ରେ ଭରତ ମିଳନ ଓ ବିରାଧ ବଧ, ୨୦ରେ ସୀତା ଚୋରି, ୨୧ରେ ଶ୍ରୀରାମ ବିଳାପ, ସୁଗ୍ରୀବ ଭେଟ ଓ ବାଳୀ ବଧ, ୨୨ରେ ସୀତା ଠାବ, ୨୪ରେ ସେତୁବନ୍ଧ ପ୍ରତିଷ୍ଠା, ରାବଣ ଛତ୍ରଭଙ୍ଗ ଓ ବିଭୀଷଣ ଶରଣ, ୨୬ରେ ନାଗଫାଶ ବନ୍ଧନ ଓ କୁମ୍ଭକର୍ଣ୍ଣ ବଧ, ୨୭ରେ ଇନ୍ଦ୍ରଜିତ ବଧ, ୨୮ରେ ରାବଣର ବ୍ରହ୍ମଜ୍ଞାନ ଚର୍ଚ୍ଚା ଓ ମହିରାବଣ ବଧ, ୨୯ତାରିଖରେ ଲକ୍ଷ୍ମଣ ଶକ୍ତିଭେଦ ଓ ବୀରବାହୁ ବଧ ଅନୁଷ୍ଠିତ ହେବ । ମେ ୧ ତାରିଖରେ ଶ୍ରୀରାମ ରାଜ୍ୟାଭିଷେକ ଉତ୍ସବ ଅନୁଷ୍ଠିତ ହେବ ।



ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କୁ ବେଢା ପରିକ୍ରମା କରାଯାଉଛି।

## ନିର୍ବାଚନ ପାଇଁ ଯାନବାହନ ବ୍ୟବସ୍ଥା
# ବିଭିନ୍ନ ପ୍ରକାର ୧୧୫୦ ଖଣ୍ଡ ଗାଡ଼ି ଲାଗିବ
### ଗଞ୍ଜାମରୁ ଆସିବ ୧୮୦ ଖଣ୍ଡ ବସ୍

ନୟାଗଡ଼ ଅଫିସ, ୧୩।୪

ନୟାଗଡ଼ ଜିଲାରେ ୧୮ ଓ ୨୩ ତାରିଖରେ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ୪ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ହେଉଥିବା ନିର୍ବାଚନ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା ପାଇଁ ନୟାଗଡ଼ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଯାନବାହନ ବ୍ୟବସ୍ଥା କରାଯାଇଛି। ନିର୍ବାଚନ କାର୍ଯ୍ୟରେ ବସ୍, ବୋଲେରୋ, ଟାଟା ମ୍ୟାଜିକ ଓ ଅନ୍ୟାନ୍ୟ ମୋଟ ୧୧୫୦ ଖଣ୍ଡ ଗାଡ଼ି ବ୍ୟବହାର କରାଯିବ। ଜିଲାରେ ଆବଶ୍ୟକ ସଂଖ୍ୟକ ବସ୍ ନ ଥିବାରୁ ପଡୋଶୀ ଗଞ୍ଜାମ ଜିଲାରୁ ୧୮୦ ଖଣ୍ଡ ବସ୍ ଅଣାଯାଇ ନିର୍ବାଚନ କାର୍ଯ୍ୟରେ ଲଗାଯିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ପ୍ରତାପ ପ୍ରୀତିମୟ ସୂଚନା ଦେଇଛନ୍ତି। ଯେଉଁ ଯାନଗୁଡ଼ିକ ସରକାରଙ୍କ ଦ୍ୱାରା ଅଧିଗ୍ରହଣ କରାଯାଇଛି ସେମାନେ ନିର୍ଦ୍ଧାରିତ ସମୟରେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆ ଓ ଜିଲା ପୋଲିସ କାର୍ଯ୍ୟାଳୟରେ ଉପସ୍ଥିତ ରହି ରିପୋର୍ଟ କରିବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି। ପ୍ରଶାସନ ପକ୍ଷରୁ ଯାନବାହନ ଚାଳକମାନଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା କରାଯାଇଛି। ଯଦି କୌଣସି ଚାଳକ କିମ୍ବା ଗାଡ଼ି ମାଲିକ ସମସ୍ୟାର ସମ୍ମୁଖୀନ ହୁଅନ୍ତି ତେବେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟଠାରେ ଯୋଗାଯୋଗ କରିବା ପାଇଁ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ସଡ଼କ ଦୁର୍ଘଟଣା: ଜଣେ ମୃତ, ଜଣେ ଗୁରୁତର

ଖଣ୍ଡପଡା, ୧୩।୪ (ସ୍ୱ.ପ୍ର.)

ଶନିବାର ସନ୍ଧ୍ୟାରେ ଏକ ସଡକ ଦୁର୍ଘଟଣାରେ ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବରପଲ୍ଲୀ ଗ୍ରାମର ଆର୍ତ୍ତବନ୍ଧୁ ନାୟକ। ଗୁରୁତର ହେଲେ ଶିଖରପୁର ଗ୍ରାମର ମୀନକେତନ ପ୍ରଧାନ।

ପ୍ରକାଶ ଯେ, ଖଣ୍ଡପଡା ଥାନା ଅନ୍ତର୍ଗତ ଶିଖରପୁର ଗ୍ରାମର ମୀନକେତନ ସନ୍ଧ୍ୟା ପ୍ରାୟ ସାଢେ ୭ଟାରେ ଏକ ମୋଟରସାଇକେଲ ଯୋଗେ ଖଣ୍ଡପଡା ଆସୁଥିଲେ । ଏହି ସମୟରେ ନୟାଗଡ–ଖଣ୍ଡପଡା ପୂର୍ତ୍ତ ବିଭାଗ ମୁଖ୍ୟରାସ୍ତା ବରପଲ୍ଲୀ ଗ୍ରାମର ଆର୍ତ୍ତବନ୍ଧୁ ସେହି ଗ୍ରାମ ରାସ୍ତା ଅତିକ୍ରମ କରୁଥିଲେ। ଏହି ସମୟରେ ପଛରୁ ବାଇକଟି ଧକ୍କା ଦେବା ଫଳରେ ଆର୍ତ୍ତବନ୍ଧୁ ରାସ୍ତା ଉପରେ ପଡିଯାଇଥିଲେ । ତାଙ୍କୁ ଦମକଳ ବାହିନୀ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖଣ୍ଡପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବାଇକ ଚାଳକ ପ୍ରଧାନ ଗୁରୁତର ହୋଇଥିବାରୁ ତାଙ୍କୁ ଖଣ୍ଡପଡା ଡ଼ାକ୍ତରଖାନାରୁ ନୟାଗଡ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ମୃତ୍ୟୁ ଘଟଣା ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି ।

## ଗିରି ହନୁମାନ ପୀଠରେ ପଞ୍ଚକୁଣ୍ଡୀୟ ମହାଯଜ୍ଞ ଆରମ୍ଭ

**ଖଣ୍ଡପଡା, ୧୩।୪ (ସ୍ୱ.ପ୍ର.):** ଖଣ୍ଡପଡା ସହରାଞ୍ଚଳ ଗିରି ହନୁମାନ ପୀଠରେ ଶୁକ୍ରବାର ଠାରୁ ପାରମ୍ପରିକ ପଞ୍ଚକୁଣ୍ଡୀୟ ମହାଯଜ୍ଞ ଆରମ୍ଭ ହୋଇଛି । ମହାବିଷୁବ ସଂକ୍ରାନ୍ତି ତଥା ବିଂଶତମ ମନ୍ଦିର ପ୍ରତିଷ୍ଠା ଦିବସ ଅବସରରେ ୩ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଉକ୍ତ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଖଣ୍ଡପଡାସ୍ଥିତ କୁସୁମୀ ନଦୀ ଘାଟରେ ପୂଜାର୍ଚ୍ଚନା ପରେ ଏକ କଳସ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଗିରି ହନୁମାନ ପୀଠରେ ପହଞ୍ଚିଥିଲା । କାର୍ଯ୍ୟକ୍ରମ ଅନୁଯାୟୀ ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ରବିବାର ମହାବିଷୁବ ସଂକ୍ରାନ୍ତି ଦିନ ଉଦ୍‌ଯାପନୀ ଦିବସ ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଗିରି ହନୁମାନ ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି ।

## କାଷ୍ଠା ଓ ନିଷ୍ଠାର ପର୍ବ ମେରୁ ଉତ୍ସବ



ଛାମୁଣ୍ଡିଆ ଗ୍ରାମରେ ଭଗତାମାନଙ୍କ ଧୂଳିଖେଳ।

ଗଣିଆ, ୧୩।୪ (ଡି.ଏନ.ଏ.)

ଗଣିଆ ବ୍ଲକର ବିଭିନ୍ନ ସ୍ଥାନରେ ଗତ ୧୩ ଦିନ ଧରି ଚାଲିଥିବା ମା’ ଦଣ୍ଡକାଳୀଙ୍କ କାଷ୍ଠା ଓ ନିଷ୍ଠାର ପର୍ବ ମେରୁ ଉତ୍ସବ ଶନିବାର ଉଦଯାପିତ ହୋଇଯାଇଛି । ମେରୁ ପର୍ବର ଅପରାହ୍ନରେ ଭଗତାମାନେ ଧୂଳିଖେଳ କରିବା ପରେ ପାଣିଦଣ୍ଡ ତୋଳିଥିଲେ। ଏହି ଅବସରରେ ଗ୍ରାମଦାଣ୍ଡରେ ଥିବା କାମନା ଘର ସମ୍ମୁଖରେ ହୋମକୁଣ୍ଡରେ ଅଗ୍ନିସ୍ଥାପନ କରାଯାଇଥିଲା । ହୋମକୁଣ୍ଡର ଦୁଇପାର୍ଶ୍ୱରେ ଥିବା ମଣିଖୁମ୍ବରେ ବଡଦଣ୍ଡୁଆ ଓ ପାଟଦଣ୍ଡୁଆଙ୍କ ଅରଟିଖେଳ କରାଯାଇଥିଲା । ବଡଦଣ୍ଡୁଆ ଓ ପାଟଦଣ୍ଡୁଆଙ୍କ ମୁଣ୍ଡ ହୋମକୁଣ୍ଡରେ କିଛି ସମୟ ଝୁଲି ରହିବା ସହ ଓହଳତପ ଦୃଶ୍ୟ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଏହି ଦୃଶ୍ୟ ଶ୍ରଦ୍ଧାଳୁଙ୍କ ମନରେ ଭକ୍ତିଭାବ ସୃଷ୍ଟି କରିଥିବା ଦେଖିବାକୁ ମିଳିଥିଲା । ସନ୍ଧ୍ୟାରେ ଠାକୁରଙ୍କୁ ପଟୁଆର ମାଧ୍ୟମରେ ଗ୍ରାମ ପରିକ୍ରମା କରାଯାଇ ରାତ୍ରିରେ ପାରମ୍ପରିକ ଦଣ୍ଡନୃତ୍ୟ ପରିବେଷଣ କରାଯାଇଥିଲା । ତେବେ ମଧ୍ୟରାତ୍ରରେ ମା’ ଦଣ୍ଡକାଳୀଙ୍କୁ ବରଣ କରାଯାଇ ମନ୍ଦିରକୁ ବିଜେ କରାଯାଇଥିଲା। ଗଣିଆ ବ୍ଲକର ବଡମୂଳ, ଛାମୁଣ୍ଡିଆ, ରାଜିଙ୍ଗି, ଡଙ୍କାରିସାହି, ରାସଙ୍ଗ, ରାଉତପଡା, ବିଜୟନଗର, ବେଲପଡା, ଗଣିଆ, ପତଣ୍ଡା, କରଡାପଡା, ଜଗନ୍ନାଥପ୍ରସାଦ ଓ କିଶୋରପ୍ରସାଦ ଗ୍ରାମରେ ଏହି ମେରୁ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

## ଭାଜପାର ବିଜୟ ସଂକଳ୍ପ ସମାବେଶ
# ‘ଚାଷୀ ପରିବର୍ତ୍ତେ ସୌମ୍ୟଙ୍କୁ ମିଳିଲା ପ୍ରାଇସ୍’

ଖଣ୍ଡପଡା, ୧୩।୪ (ସ୍ୱ.ପ୍ର.)

ସୌମ୍ୟବାବୁ ବୁଲିବୁଲି ଚାଷୀମାନଙ୍କର ପ୍ରାଇସ୍, ପ୍ରେଷ୍ଟିଜ ଓ ପେନ୍‌ସନ କଥା କହୁଥିଲେ। ହେଲେ ଚାଷୀଙ୍କ ପରିବର୍ତ୍ତେ ସୌମ୍ୟବାବୁଙ୍କୁ ପ୍ରାଇସ୍ ଓ ରାଜ୍ୟ ସଭାର ପ୍ରେଷ୍ଟିଜ ମିଳିଲା। ମାତ୍ର ରାଜ୍ୟର ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ମିଳିଲା ନାହିଁ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଖଣ୍ଡପଡା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ଟାର୍ଗେଟ କରି ଏହା କହିଛନ୍ତି।

ଖଣ୍ଡପଡା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉ ପୀଠର ପଲଟନ ପଡିଆଠାରେ ଶନିବାର ଭାଜପାର ବିଜୟ ସଂକଳ୍ପ ସମାବେଶ ତଥା ନିର୍ବାଚନ ପ୍ରଚାର ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ କଟକ ଲୋକ ସଭା ଏମ୍‌ପି ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ମିଶ୍ର, କେନ୍ଦ୍ର ପେଟ୍ରୋଲିୟମ ଓ ରସାୟନ ବିଭାଗ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଅପରାହ୍ନରେ ହେଲିକପ୍ଟରରେ ଅବତରଣ କରିବା ପରେ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଖଣ୍ଡପଡା ବିଧାନସଭା ପ୍ରାର୍ଥୀ ସିଦ୍ଧାର୍ଥ ଶେଖର ସିଂ, ଜିଲା ସଭାପତି ସନ୍ନ୍ୟାସୀ ନାୟକ ପ୍ରମୁଖ ଏହି ସମାବେଶରେ ଯୋଗ ଦେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବହୁ ଯୋଜନାକୁ କିପରି ରାଜ୍ୟ ସରକାର ଅଣଦେଖା କରୁଛନ୍ତି ତଥା କେନ୍ଦ୍ର ଓ ରାଜ୍ୟରେ ଏକ ସମନ୍ୱୟ ସରକାର ଗଠନ ହେଲେ ଲୋକେ କିପରି ସୁଫଳ ପାଇପାରିବେ ସେ ସମ୍ପର୍କରେ ମନ୍ତ୍ରୀ ପ୍ରଧାନ ଓ ପ୍ରାର୍ଥୀମାନେ ସୂଚନା ପ୍ରଦାନ କରିଥିଲେ। ସେହିପରି ଖଣ୍ଡପଡା ତଥା ଜଗନ୍ନାଥ ସଂସ୍କୃତିର ଆଦିପୀଠ ଓ ବିଶେଷକରି ବିଶ୍ୱବିଖ୍ୟାତ ପଣ୍ଡିତ ପଠାଣି ସାମନ୍ତଙ୍କ ଜନ୍ମ ମାଟିର ସର୍ବାଙ୍ଗୀନ ଉନ୍ନତି ପାଇଁ ଭାଜପାକୁ ଭୋଟ ଦେବାକୁ ନିବେଦନ କରିଥିଲେ । କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନା, ଚାଷୀମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ କିଷାନ ଯୋଜନାକୁ ରାଜ୍ୟ ସରକାର କାର୍ଯ୍ୟକାରୀ କରୁ ନ ଥିବାରୁ ଲକ୍ଷ ଲକ୍ଷ ଜନସାଧାରଣ ସ୍ୱାସ୍ଥ୍ୟବୀମାରେ ସାମିଲ ହୋଇପାରୁନାହାନ୍ତି ବୋଲି ମନ୍ତ୍ରୀ ପ୍ରଧାନ ପ୍ରକାଶ କରିଥିଲେ। ସେହିପରି ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ନିର୍ମାଣ ପାଇଁ ୨ହଜାର ଟଙ୍କା ଲାଞ୍ଚ ସହିତ ଆବାସ ଯୋଜନାରେ ୨୦ ହଜାର ଟଙ୍କା ଲେଖାଏ ହାତଗୁଞ୍ଜା ଚାଲିଥିବା ସେ ସୂଚନା ଦେଇଥିଲେ । ଖଣ୍ଡପଡାବାସୀ ଅତ୍ୟନ୍ତ ସ୍ୱାଭିମାନୀ, ଏଠାରେ କୌଣସି ବାହାର ଲୋକଙ୍କୁ କେବେ ବି ଗ୍ରହଣ କରିନାହାନ୍ତି। ବିଜୁ ଜନତା ଦଳ ଯାହାଙ୍କୁ ହଟାଇବା ପାଇଁ ୧୦ ବର୍ଷ ହେଲା ଯେଉଁ ସ୍ଲୋଗାନ ଦେଉଥିଲା, ତାହା ଭୁଲି ଯାଇ ଆଜି ତାଙ୍କୁ ଖଣ୍ଡପଡାରେ ବିଧାୟକ ପ୍ରାର୍ଥୀ ଭାବରେ ମନୋନୀତ କରିଛି । ଏଣୁ ଖଣ୍ଡପଡାବାସୀ ନିଜର ସ୍ୱାଭିମାନକୁ ବିକ୍ରି ନ କରି ଏପରି ବିଦେଶୀ ପ୍ରାର୍ଥୀଙ୍କୁ କିପରି ଖଣ୍ଡପଡାରୁ ହଟାଯିବ ସେ ଦିଗରେ ସଂକଳ୍ପ ନେବା ପାଇଁ ବିଧାୟକ ପ୍ରାର୍ଥୀ ସିଂ ନିବେଦନ କରିଥିଲେ । ଆୟୋଜିତ ସଭାରେ ଜିଲା ସଭାପତି ସନ୍ନ୍ୟାସୀ ନାୟକ ସଭାପତିତ୍ୱ କରିଥିବା ବେଳେ ଆଡଭୋକେଟ ବିକ୍ରମ କେଶରୀ ଦେଓ ଧନ୍ୟବାଦ ଦେଇଥିଲେ।



ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।






ତୁମ କଷ୍ଟର କାରଣ ଯାହା କିଛି ହୋଇଥାଉ ନା କାହିଁକି, ତୁମେ ଅପରକୁ କୌଣସି ପ୍ରକାର ଆଘାତ ଦିଅ ନାହିଁ।
- ଗୌତମବୁଦ୍ଧ



# ଶ୍ରୀରଘୁନାଥ ଜୀଉଙ୍କ ପୀଠରେ ଶ୍ରୀରାମନବମୀ

ଓଡ଼ଗାଁ, ୧୩।୪(ସ୍ୱ.ପ୍ର.)

- ଜନ୍ମ ନାରାୟଣ ବେଶରେ ଶ୍ରୀଜୀଉଙ୍କୁ ଦର୍ଶନ କଲେ ଶ୍ରଦ୍ଧାଳୁ
- ନିଃସନ୍ତାନ ମହିଳାଙ୍କ ନାଭି ପ୍ରସାଦ ଗ୍ରହଣ

ଓଡ଼ଗାଁରେ ବିଜେ ଶ୍ରୀରଘୁନାଥ ଜୀଉଙ୍କ ପୀଠରେ ଶନିବାର ଶ୍ରୀରାମନବମୀ ଯାତ୍ରା ନିମନ୍ତେ ଭୋର ୪ଟାରୁ ହିଁ ଗହଳି ଲାଗିଯାଇଥିଲା । ଭୋର ୪ଟାରେ ଦ୍ୱାରା ଫିଟା ହୋଇ ଭିତର ଶୋଧ ସହିତ ୫ଟାରେ ମଙ୍ଗଳ ଆଳତି ହୋଇ ଶ୍ରୀଜୀଉଙ୍କୁ ସ୍ନାନ ବେଶରେ ସଜ୍ଜିତ କରାଯାଇ ମଇଲମ, ତଡପଲାଗି ପରେ ପାଟ ବସ୍ତ୍ର ପରିଧାନ ଲାଗି ଖଟଣୀ କରାଯାଇଥିଲା । ସକାଳ ୭ଟାରେ ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ଶ୍ରୀଭଗବତଜୀଉ ପୂଜା ପରେ ଶ୍ରୀଜୀଉଙ୍କୁ ରତ୍ନ ବେଦୀ ନିକଟରେ ବଲ୍ଲଭ ଭୋଗ ଅର୍ପଣ କରାଯାଇଥିଲା। ଜନ୍ମ ବିଧାନ ସ୍ୱତନ୍ତ୍ର ନୀତି ନିମନ୍ତେ ସକାଳ ୮ଟାରେ ଖେଚୁଡ଼ି ଧୂପନୀତି ସହିତ ୧୦ଟା୩୦ରେ ଜନ୍ମକର୍ମାଙ୍ଗ ପାଇଁ ଜଗମୋହନକୁ ପ୍ରସ୍ତୁତ କରାଯାଇଥିଲା। ମଧ୍ୟାହ୍ନ ୧୨ଟାରେ ଶ୍ରୀରଘୁନାଥଜୀଉଙ୍କୁ ମଙ୍ଗଳାରୋପଣ କରାଯାଇ ବିଜେ ପ୍ରତିମାଙ୍କୁ ଆଜ୍ଞାମାଳ ଲାଗି ହେବା ପରେ ଜଗମୋହନକୁ ବିଜେ କରାଯାଇଥିଲା । ଅଟା, ଦହି, ଘିଅ, ମହୁ, ଗୁଡ, କ୍ଷୀର ମିଶ୍ରିତ ଜନ୍ମ ପାତ୍ରରେ ନାଭି ଚକ୍ର କ୍ଷେତ୍ରେ ବିଜେ ପ୍ରତିମାଙ୍କୁ ବିଜେ



ଜନ୍ମ ନାରାୟଣ ବେଶରେ ଶ୍ରୀଜୀଉ।

କରାଯାଇ ପାଟବସ୍ତ୍ର ଦ୍ୱାରା ଆଚ୍ଛାଦିତ କରାଇ ଗର୍ଭ ବନ୍ଦାପନା ସହିତ ଜନ୍ମ କର୍ମାଙ୍ଗ ଆରମ୍ଭ ହୋଇଥିଲା । ଅପରାହ୍ନ ୧ ଘଟିକା ସମୟରେ ଶ୍ରୀରାମଙ୍କ ଆବିର୍ଭାବ ସହିତ ନାଭି କଟାଯାଇ ପଞ୍ଚାମୃତ ସ୍ନାନ ପରେ ପାଟ ବସ୍ତ୍ର ପରିଧାନ କରାଇ ପୁରୋହିତ ପ୍ରଭୁଙ୍କୁ ସୂର୍ଯ୍ୟ ଦର୍ଶନ କରାଇଥିଲେ । ଜଗମୋହନ ବେଦୀରେ ଜନ୍ମ ଭୋଗ ଓ ଆଳତି ଲାଗି ହୋଇ ପ୍ରଭୁ ରତ୍ନ ବେଦୀକୁ ବିଜେ ହୋଇ ବନାରସୀ ଖଟୁଲିରେ ପାଟପତନୀ ଉପରେ ଆସ୍ଥାନ କରିଥିଲେ। ଅପରାହ୍ନ ସାଢେ ୨ଟାରେ ଅନ୍ନଧୂପ ସହିତ ୩ଟାରେ ଦିବା ପହୁଡ ଅନୁଷ୍ଠିତ ହୋଇଥିଲା। ପ୍ରଭୁଙ୍କ ଜନ୍ମ କର୍ମାଙ୍ଗ ଓ ରାମଲାଲାଙ୍କ ଜନ୍ମ ବିଧି ଦର୍ଶନ ନିମନ୍ତେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବହୁ ନିଃସନ୍ତାନ ମହିଳା ଶ୍ରୀରାମଲାଲାଙ୍କ ନାଭି ପ୍ରସାଦ ଗ୍ରହଣ ନିମନ୍ତେ ମାନସିକ ସହିତ ଉପବାସ କରିଥିଲେ । ଏହିଦିନରେ ପ୍ରଭୁ ନାଭିପ୍ରସାଦ ସେବନ ଦ୍ୱାରା ବହୁ ନିଃସନ୍ତାନ ମହିଳା ସନ୍ତାନ ପ୍ରାପ୍ତି କରିଥିବା ପ୍ରକାଶ କରିଛନ୍ତି । ସନ୍ଧ୍ୟା ୬ଟାରେ ଦ୍ୱାର ଫିଟା ହୋଇ ଆଳତି ସମୟରେ ପ୍ରଭୁ ଶ୍ରଦ୍ଧାଳୁଙ୍କୁ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରି ଜନ୍ମ ନାରାୟଣ ବେଶରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶନ ଦେଇଥିଲେ । ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ରଙ୍କ ସହିତ ପୂଜକ, ସେବକ, ସୁଆର ପରିଷଦର କର୍ମକର୍ତ୍ତା, ମନ୍ଦିର ପରିଚ୍ଛା ହରିବନ୍ଧୁ ଷଡଙ୍ଗୀ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ସ୍ଥାନୀୟ ଶ୍ରୀସତ୍ୟସାଇ ସେବା ସଂଗଠନର ସଦସ୍ୟମାନଙ୍କ ଦ୍ୱାରା ଶ୍ରଦ୍ଧାଳୁଙ୍କୁ ଗ୍ରୀଷ୍ମ ତାପରୁ ମୁକ୍ତି ଦେବା ନିମନ୍ତେ ଶୀତଳ ପାଣି ସିଞ୍ଚନ କରାଯିବା ସହିତ ଦହି ଅଭଡା ପାଣି ବିତରଣ କରାଯାଇଥିଲା ।

## ସଂକ୍ଷେପରେ

### ରଣପୁର ରଘୁନାଥ ମନ୍ଦିରରେ ରାମ ନବମୀ



ରଣପୁର, ୧୩।୪ (ସ୍ୱ.ପ୍ର.): ଶନିବାର ଶ୍ରୀରାମ ନବମୀ ତିଥିରେ ପ୍ରଭୁଙ୍କ ଜନ୍ମ ଉତ୍ସବ ଦର୍ଶନ କରିବାକୁ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ପଞ୍ଚୁଦୋଳପଡିଆ ଠାରେ ଥିବା ଶ୍ରୀ ରଘୁନାଥ ମନ୍ଦିରରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଏହି ଅବସରରେ ଠାକୁର ମାନଙ୍କୁ ନବ ଯଉବନ ବେଶରେ ସଜ୍ଜିତ କରାଯାଇଥିଲା। ଭକ୍ତ ମାନେ ଠାକୁରଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ।

### ବିଭିନ୍ନ ସ୍ଥାନରେ ଶ୍ରୀରାମନବମୀ



ବୋଲଗଡ଼,୧୩।୪(ଡି.ଏନ.ଏ.): ବୋଲଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ଶନିବାର ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ପର୍ଯ୍ୟଟନସ୍ଥଳ ମୁଣ୍ଡିଆପଡା ପାହାଡ ଶୀର୍ଷରେ ଥିବା ଶ୍ରୀ ରଘୁନାଥଜୀଉ ମନ୍ଦିରରେ ଶ୍ରୀରାମ ଜନ୍ମ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସେହିପରି ବାଙ୍କୋଇଗଡ ସାହିର ଶ୍ରୀରଘୁନାଥ ଦେବ ମନ୍ଦିର, ଯୋଡାପଡା ଶ୍ରୀରାମମନ୍ଦିର, ସଂପୁର ରାମମନ୍ଦିର, ଜଖଲା ମହାବୀର ମନ୍ଦିର, ଝିକିମିକି ପାହାଡ ଉପରେ ଥିବା ରଘୁନାଥ ଦେବ ମନ୍ଦିର, ବୋଲଗଡ ଶ୍ରୀରାମ ନଗର, ମାଣିବନ୍ଧ ମହାବୀର ମନ୍ଦିର, କନ୍ତାଇଲୋ ଓ ନାରାୟଣୀପଡା ଆଦି ସ୍ଥାନରେ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି। ସବୁଠି ଶ୍ରଦ୍ଧାଳୁମାନେ ଭକ୍ତିପୁତ ଭାବେ ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ।

### ପଦ୍ମାବତୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳିତ



ଭାପୁର,୧୩।୪(ଡି.ଏନ.ଏ.): ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ଶନିବାର ଭାପୁର ବ୍ଲକ ପଦ୍ମାବତୀସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ସଚେତନତା ଶୋଭାଯାତ୍ରା ଓ ପଥପ୍ରାନ୍ତ ନାଟକ ଆୟୋଜିତ ହୋଇଥିଲା। ମେଡ଼ିକାଲ ଅଫିସର ଡା. ପ୍ରଦୀପ କୁମାର ପାଇକରାୟଙ୍କ ନେତୃତ୍ୱରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡା. ପାଇକରାୟଙ୍କ ନିର୍ଦ୍ଦେଶନାରେ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ସୁପରଭାଇଜର ନାରାୟଣ ଶୁକ୍ଳା ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀଙ୍କ ସମେତ ପଦ୍ମାବତୀ ଗ୍ରାମର ବହୁ ଲୋକ ଉପସ୍ଥିତ ଥିଲେ।

### ଛାତ୍ରୀଙ୍କୁ ଶିକ୍ଷକଙ୍କ ଅଶ୍ଳୀଳ ମେସେଜ

ଖଣ୍ଡପଡା,୧୩।୪(ସ୍ୱ.ପ୍ର.): ନାବାଳିକା ଛାତ୍ରୀଙ୍କୁ ଫେସ୍‌ବୁକ୍ ଓ ହ୍ୱାଟସଅପ୍‌ରେ ମେସେଜ ପଠାଇବାକୁ ନେଇ ଜଣେ ଶିକ୍ଷକଙ୍କ ନାମରେ ଥାନାରେ ଅଭିଯୋଗ ହୋଇଛି । ଖଣ୍ଡପଡା ଥାନା ଅଧୀନ ଶାଳଝରିଆଠାରେ ୭ମ ଶ୍ରେଣୀର ଛାତ୍ରୀଙ୍କୁ ଶିକ୍ଷାକେନ୍ଦ୍ରର ଜଣେ ଶିକ୍ଷକ ଫେସ୍‌ବୁକ୍ ଓ ହ୍ୱାଟସଆପ୍‌ରେ ବାରମ୍ବାର ଅଶ୍ଳୀଳ ମେସେଜ ପଠାଉଥିବା ନେଇ ଛାତ୍ରୀଙ୍କ ପିତା ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ପକ୍ଷରୁ ଅନୁସନ୍ଧାନ ଜାରି ରହିଥିବା ଖଣ୍ଡପଡା ଥାନା ସୂତ୍ରରୁ ଜଣାପଡିଛି।

### ଟ୍ରକ୍ ଚକ ତଳେ ପଡ଼ି ହେଲପରଙ୍କ ମୃତ୍ୟୁ

ଖୋର୍ଦ୍ଧା ଅଫିସ,୧୩।୪: ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଟ୍ରକ ତଳେ ଚାପି ହୋଇ ଜଣେ ହେଲପରଙ୍କ ଶୁକ୍ରବାର ରାତିରେ ମୃତ୍ୟୁ ହୋଇଛି। ମୃତକଙ୍କ ଘର ପଶ୍ଚିମବଙ୍ଗ ହୋଇଥିବାବେଳେ ପରିଚୟ ଜଣାପଡିନି। ରବିବାର ହେଲପରଙ୍କ ପରିବାର ଲୋକ ପହଞ୍ଚିବା ପରେ ପରିଚୟ ଜଣାପଡିବ। ଅନ୍ୟପକ୍ଷେ ରବିବାର ମୃତଦେହକୁ ବ୍ୟବଚ୍ଛେଦ କରାଯିବ ବୋଲି ଆଦର୍ଶ ଥାନାର ଶିଳ୍ପାଞ୍ଚଳ ଫାଣ୍ଡି ଅଧିକାରୀ ସୋମିତା ମିଶ୍ର ସୂଚନା ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଏପାଖସେପାଖ



ସମାବେଶରେ ଯୋଗଦେଇଥିବା ମହିଳାପୁରୁଷ।

ନୟାଗଡ଼ ଅଫିସ,୧୩।୪

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଦଶପଲ୍ଲା ନିର୍ବାଚନମଣ୍ଡଳୀର ଦଶପଲ୍ଲାଠାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଯୋଗଦେଇଥିଲେ। ଏଥିପାଇଁ ଗାନ୍ଧୀ ପଡ଼ିଆରେ କର୍ମୀଙ୍କଠାରୁ ଆରମ୍ଭ କରି ସାଧାରଣ ଜନତାଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳିଥିଲା।

### ୪୫ ମିନିଟ ବିଳମ୍ବରେ ପହଞ୍ଚିଲା ହେଲିକପ୍ଟର

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହେଲିକପ୍ଟର ଯୋଗେ ଦଶପଲ୍ଲା ଗାନ୍ଧୀ ମଇଦାନଠାରେ ଅପରାହ୍ନ ୩ଟା ୪୦ ମିନିଟରେ ପହଞ୍ଚିବାର ଥିଲା। ହେଲେ ୪୫ ମିନିଟ ବିଳମ୍ବରେ ଅର୍ଥାତ୍ ୪ଟା ୨୫ରେ ତାଙ୍କ ହେଲିକପ୍ଟର ସଭାସ୍ଥଳରେ ପହଞ୍ଚିଥିଲା। ଫଳରେ ଅପରାହ୍ନ ୨ଟାରୁ ଗ୍ରୀଷ୍ମତାପରେ ଆଉଟପାଉଟ ହେଉଥିବା ଲୋକମାନଙ୍କୁ ଆଉ କିଛି ସମୟ ଅପେକ୍ଷା କରିବାକୁ ପଡ଼ିଥିଲା। ଆଦିବାସୀ ଅଧ୍ୟୁଷିତ ଲୋକମାନେ ହେଲିକପ୍ଟର ଦେଖିବା ପାଇଁ ଇଚ୍ଛା ଥିବାରୁ ସଭା ଛାଡ଼ି ଯାଇପାରୁ ନ ଥିଲେ।

### ଆପଣମାନେ ଖୁସିରୁ ବକ୍ତବ୍ୟ ଆରମ୍ଭ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଚର୍ଚ୍ଚିତ ସଂଳାପ ଆପଣମାନେ ଖୁସି ତ କଥାରୁ ଆରମ୍ଭ କରିଥିଲେ ବକ୍ତବ୍ୟ। ମୁଁ ଦଶପଲ୍ଲାକୁ ଆସି ଖୁସି ଅଛି, ଆପଣମାନେ ଖୁସି ତ ବୋଲି ସେ ସାଧାରଣ ଜନତାଙ୍କୁ ପଚାରିଥିଲେ।

### ବଦଳିଲା ୩ ମାଇକ୍ରୋଫୋନ୍

ମୁଖ୍ୟମନ୍ତ୍ରୀ ଭାଷଣ ଦେଉଥିବା ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଠିକ୍ ଭାବରେ ଭାଷଣ ଶୁଭାଯାଉ ନ ଥିଲା। ମାଇକ୍ରୋଫୋନ୍ ଖରାପ ଥିବ ଭାବି ସୁରକ୍ଷା କର୍ମୀମାନେ ଗୋଟିଏ ପରେ ଗୋଟିଏ ମାଇକ୍ରୋଫୋନ୍ ବଦଳାଉଥିବା ଦେଖିବାକୁ ମିଳିଥିଲା। ୩ଟି ମାଇକ୍ରୋଫୋନ୍ ବଦଳିବା ପରେ ଶେଷରେ ଭାଷଣ ଠିକ୍ ଭାବେ ଶୁଭିଥିଲା।

### ମୁଣ୍ଡିଆ ମାରିବା ପାଇଁ ପ୍ରତିଯୋଗିତା

ମୁଖ୍ୟମନ୍ତ୍ରୀ ମଞ୍ଚରେ ବସିଥିବା ବେଳେ ତାଙ୍କୁ ମୁଣ୍ଡିଆ ମାରିବା ପାଇଁ ପ୍ରତିଯୋଗିତା ଲାଗିଥିବା ଦେଖିବାକୁ ମିଳିଥିଲା। ମୁଖ୍ୟମନ୍ତ୍ରୀ ଆସିବା ପରେ ବିଧାୟକ ପ୍ରାର୍ଥୀ ଓ ଏମ୍‌ପି ପ୍ରାର୍ଥୀ ନିଜର ବକ୍ତବ୍ୟ ରଖିଥିଲେ। ଏହି ସମୟରେ ସ୍ଥାନୀୟ ଅଞ୍ଚଳର କର୍ମୀଙ୍କଠାରୁ ଆରମ୍ଭ କରି ନେତାମାନେ ମୁଖ୍ୟମନ୍ତ୍ରୀଙ୍କୁ ମୁଣ୍ଡିଆ ମାରିଥିଲେ। ଏପରି କି ଅନ୍ୟ ଦଳର କିଛି କର୍ମୀ ବିଜେଡିରେ ମିଶିଥିବାରୁ ମୁଖ୍ୟମନ୍ତ୍ରୀ ତାଙ୍କ ବେକରେ ଗାମୁଛା ପକାଇ ଦଳକୁ ସ୍ୱାଗତ କରିଥିଲେ।

### ଯିଏ ଯେଉଁଠି ପାରିଲା ବସିଲା

ନିର୍ବାଚନୀ ସଭାରେ କମ୍ ଚୌକି ପକାଯାଇଥିବାରୁ ଲୋକମାନେ ଯିଏ ଯେଉଁଠି ପାରିଲେ ବସିଥିଲେ। କିଛି ଲୋକ ୫୭ନଂ. ଜାତୀୟ ରାଜପଥ କଡ଼ରେ ଠିଆ ହୋଇଥିବା ଦେଖାଯାଇଥିଲା। କେତେକ ବିପଦସଙ୍କୁଳ ଅବସ୍ଥାରେ ଛାତ ଉପରେ ତ ଆଉ କିଛି ଲୋକ ଗଛ ଉପରେ ବସି ସଭାକୁ ଉପଭୋଗ କରୁଥିବା ଦେଖିବାକୁ ମିଳିଥିଲା।

# ଖଣ୍ଡପଡ଼ାରେ ଦଣ୍ଡଯାତ୍ରା ଉଦ୍‌ଯାପିତ

ଖଣ୍ଡପଡା,୧୩।୪(ସ୍ୱ.ପ୍ର.)

୨୧ଦିନ ବ୍ୟାପୀ ଚାଲିଥିବା ଦଣ୍ଡପର୍ବର ଶନିବାର ଥିଲା ଅନ୍ତିମ ଦିବସ । ଏହି ଅବସରରେ ଖଣ୍ଡପଡା ଅଞ୍ଚଳର ବିଭିନ୍ନ ଶୈବ ପୀଠରେ ମେରୁ ଯାତ୍ରା ପାରମ୍ପରିକ ରୀତିରେ ପାଳିତ ହୋଇ ଯାଇଛି । ସ୍ଥାନୀୟ ଅଞ୍ଚଳରେ କପିଳେଶ୍ୱର, କୃଷ୍ଣେଶ୍ୱର, ବଟେଶ୍ୱର, ଚୈତନ୍ୟ ଦେବ, ନୀଳକଣ୍ଠେଶ୍ୱର ଆଦି ମହାଦେବଙ୍କ ଦଣ୍ଡଯାତ୍ରା ପାରମ୍ପରିକ ରୀତିରେ ଆରମ୍ଭ ହୋଇ ଶନିବାର ଉପାସନାର ଶେଷ ଦିନ ଅର୍ଥାତ୍ ମେରୁ ପର୍ବ ପାଳିତ ହୋଇ ଯାଇଛି। ଭକ୍ତାମାନେ ଧୂଳି ଦଣ୍ଡ ଓ ପାଣି ଦଣ୍ଡ ଖେଳ ସାରିବା ପରେ ଠାକୁରଙ୍କୁ ଗ୍ରାମ ବିଜେ କରାଇ ଚାଟେରୀ ଭୋଗ ଖୁଆଇଥିଲେ । ପରେ ଦଣ୍ଡ ଠାକୁରଙ୍କ କୋଠି ନିକଟରେ ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ହୋମ କୁଣ୍ଡ ଉପରେ କାଷ୍ଠ ନିର୍ମିତ ଅରଟି ଦୋଳି ପ୍ରସ୍ତୁତ କରି ରଖା ଯାଇଥିବା ବେଳେ ହୋମ କୁଣ୍ଡରେ ନିଆଁରେ ଦଣ୍ଡୁଆମାନେ ଝୁଣା ମାରିବା ସମୟରେ ପାଟ ଭକ୍ତା ଅରଟିରେ ବସି ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ । ଏହି



କାଷ୍ଠ ନିର୍ମିତ ଅରଟି ଦୋଳିରେ ଜଣେ ଭକ୍ତା।

ଦୃଶ୍ୟ ଦେଖିବାକୁ ଶ୍ରଦ୍ଧାଳୁମାନଙ୍କ ପ୍ରବଳ ଭିଡ ହୋଇଥିଲା। ରବିବାର ଠାରୁ ଦଣ୍ଡ ଠାକୁର ଏକ ବର୍ଷ ପର୍ଯ୍ୟନ୍ତ କୋଠିରେ ଗୋପନ ବାସ କରିବେ। ସୂଚନାଯୋଗ୍ୟ, ଶିବ ପୁରାଣ ଅନୁସାରେ ମୁନି ଋଷି ତଥା ଦେବଗଣଙ୍କୁ ନିମନ୍ତ୍ରଣ କରି ଦକ୍ଷ ପ୍ରଜାପତି ଏକ ଯଜ୍ଞର ଆୟୋଜନ କରିଥିଲେ। ଦକ୍ଷ ଏହି ଉତ୍ସବରେ ନିଜ କନ୍ୟାସତୀଙ୍କୁ ଅପମାନ କରିବା ସହିତ ସ୍ୱାମୀ ଶିବଙ୍କୁ ଭର୍ତ୍ସନା କରିଥିଲେ । ସ୍ୱାମୀ ନିନ୍ଦା ଅସହ୍ୟ ହେବାରୁ ସତୀ ଯଜ୍ଞ କୁଣ୍ଡରେ ଝାସ ଦେଇଥିଲେ । ଶିବ ଧ୍ୟାନ ବଳରେ ଏ ଖବର ଜାଣିବା ପରେ ଯଜ୍ଞ ସ୍ଥଳରେ ପହଁଞ୍ଚି ତାଣ୍ଡବ ନୃତ୍ୟ ଆରମ୍ଭ କରିଥିଲେ। ଶିବଙ୍କର ମହାରୁଦ୍ର ରୂପକୁ ପ୍ରଶମିତ କରିବା ପାଇଁ ଦକ୍ଷଙ୍କ ପତ୍ନୀ ମେନକା ପୂଜାର୍ଚ୍ଚନା କଲେ। କିନ୍ତୁ ଶିବ ନିଜର ଲିଙ୍ଗ ପ୍ରଦର୍ଶନ କରାଇ ଶାଶୁଙ୍କ ଦ୍ୱାରା ଅଭିଶାପ ପ୍ରାପ୍ତ ହୋଇଥିଲେ। ମାତୃ ହରଣ ଦୋଷର ପ୍ରାୟଶ୍ଚିତ ପାଇଁ ଶିବ ଦଣ୍ଡବ୍ରତ ଗ୍ରହଣ କରିଥିଲେ । ଏହି ପୌରାଣିକ କଥା ବସ୍ତୁକୁ ଆଧାର କରି ଓଡିଶାର ବିଭିନ୍ନ ଅଞ୍ଚଳରେ ଦଣ୍ଡପର୍ବ ପାଳିତ ହୋଇ ଆସୁଛି । ଏହି ଅବସରରେ ଖଣ୍ଡପଡା, କଣ୍ଟିଲୋ, ବେଣାଗାଡିଆ, ମର୍ଦ୍ଦରାଜପୁର, ଖଳିସାହି, ବାଣପୁର, କୋଷକା ସିଧାମୂଳା, କୁମ୍ଭାରପଡା, ଢୋଲମାରା, ଜଗନ୍ନାଥପ୍ରସାଦ ଆଦି ଅଞ୍ଚଳରେ ଦଣ୍ଡ ଉତ୍ସବ ପାଳିତ ହୋଇ ଶନିବାର ଏହାର ଅନ୍ତିମ ଦିବସରେ ମେରୁ ଉତ୍ସବ ପାଳିତ ହୋଇ ଯାଇଛି ।

## ବୀଣାପାଣି ବିଦ୍ୟାମନ୍ଦିର ବାର୍ଷିକୋତ୍ସବ

ବୋଲଗଡ଼,୧୩।୪(ଡି.ଏନ.ଏ.)

ବୋଲଗଡ଼ ବ୍ଲକ ପିଚୁକୁଳିସ୍ଥିତ ବୀଣାପାଣି ବିଦ୍ୟାମନ୍ଦିରର ୧୫ତମ ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ଅନୁଷ୍ଠାନର ସଭାପତି ଅବସରପ୍ରାପ୍ତ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ଯତି ପୌରୋହିତ୍ୟ କରିଥିଲେ। ଶିକ୍ଷାବିତ୍ କାଳିଚରଣ ଜୟସିଂହ ମୁଖ୍ୟଅତିଥି, ସାହିତ୍ୟିକ ରାଜକିଶୋର ବ୍ରହ୍ମା ମୁଖ୍ୟବକ୍ତା ଓ ପିଚୁକୁଳି ସରପଞ୍ଚ ଅନନ୍ତ ନାରାୟଣ ସେଠୀ, ଅସରଳା ସରପଞ୍ଚ ଫକୀର ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ପ୍ରଧାନ ଆଚାର୍ଯ୍ୟା ପ୍ରମୋଦିନୀ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଶିଶୁମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରିଶେଷରେ କୁନି କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଦଶପଲ୍ଲା ଲଙ୍କାପୋଡି ଯାତ୍ରାର ପ୍ରଥମ ଦିବସ: ଶ୍ରୀରାମ ଜନ୍ମ ଉତ୍ସବ

ଦଶପଲ୍ଲା,୧୩।୪(ଡି.ଏନ୍.ଏ.)

ଦଶପଲ୍ଲାର ଆରାଧ୍ୟ ଶ୍ରୀ ମହାବୀର ଦେବ ଓ ଶ୍ରୀ ରଘୁନାଥ ଜୀଉଙ୍କ ପ୍ରସିଦ୍ଧ ଲଙ୍କାପୋଡି ଯାତ୍ରା ଶନିବାର ପବିତ୍ର ଶ୍ରୀରାମ ନବମୀଠାରୁ ଆରମ୍ଭ ହୋଇଛି। ଶାସ୍ତ୍ର ମତେ ପାଳିତ ହୋଇଆସୁଥିବା ଏହି ପ୍ରସିଦ୍ଧ ଯାତ୍ରା ଉତ୍ସବର ପ୍ରଥମ ଦିନରେ ଶ୍ରୀ ରଘୁନାଥଙ୍କ ଜନ୍ମବିଧି ରୀତି ଅନୁଯାୟୀ ମନ୍ଦିରରେ ପୂଜା ହୋଇଥିଲା। ରାଜ ପୁରୋହିତ ଯୋଗେଶ୍ୱର ମିଶ୍ର, ପୁରୋହିତ ଗଙ୍ଗାଧର ଦାଶ ଓ ମନ୍ଦିର ପୂଜକ ଲିଙ୍ଗରାଜ ଦାଶଙ୍କ ଦ୍ୱାରା ପୂଜା କାର୍ଯ୍ୟ କରାଯାଇଥିଲା। ଶ୍ରୀରାମଙ୍କ ଜନ୍ମବିଧି ମନ୍ଦିର ଜନ୍ମମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ଶ୍ରୀରାମ ଜନ୍ମ, କ୍ଷୀରପାନ ଓ ଦୋଳି ଖେଳ ଦେଖିବା ନିମନ୍ତେ ଉକ୍ତ ମଣ୍ଡପଠାରେ ଦିବସାରା ଭିଡ଼ ଲାଗିରହିଥିଲା। ଯାତ୍ରା



ଦୁର୍ଗାବଜାରଠାରେ ଠାକୁରଙ୍କୁ ଦୋଳିରେ ଝୁଲାଯାଉଛି।

କମିଟି ଓ ନାଟ୍ୟ କମିଟିର ବହୁ ସଦସ୍ୟ ଉପବାସ ବ୍ରତ କରି ରାମାୟଣ, ହନୁମାନ ଚାଳିଶା ଭଜନ ଓ ଜଣାଣ ଗାନ କରିଥିଲେ। ଶ୍ରୀରାମ ନବମୀ ଏଠିକାର ଜନସାଧାରଣଙ୍କର ଏକ ମୁଖ୍ୟ ପର୍ବ। ତେଣୁ ପ୍ରତ୍ୟେକଙ୍କ ଦ୍ୱାରରେ ପୂର୍ଣ୍ଣକୁମ୍ଭ ଓ ଦୀପ ପ୍ରଜ୍ୱଳନ ଦେଖିବାକୁ ମିଳେ। ଅଧିକାଂଶ ଲୋକ ଉପବାସ ମଧ୍ୟ କରିଥାନ୍ତି। ସେହିପରି ସାତପାଟଣାସ୍ଥିତ ରାମମନ୍ଦିର ଓ ଦୁର୍ଗାବଜାରସ୍ଥିତ ରାମମନ୍ଦିରଠାରେ ଶ୍ରୀରାମ ନବମୀ ପାଳିତ ହୋଇଛି।

# ନୀଳକଣ୍ଠେଶ୍ୱର ମହାଦେବଙ୍କ ୫୬ ପାଟଦଣ୍ଡ

ଖଣ୍ଡପଡା,୧୩।୪(ସ୍ୱ.ପ୍ର.)

ଖଣ୍ଡପଡା ବ୍ଲକ ଅନ୍ତର୍ଗତ ସିଧାମୂଳା ନୀଳକଣ୍ଠେଶ୍ୱର ମହାଦେବ ଜୀଉ କାମନା ଠାକୁରଙ୍କ କୋଠିର ୫୬ ପାଟଦଣ୍ଡ ମହୋତ୍ସବ ପାରମ୍ପରିକ ରୀତି ତଥା ମହାସମାରୋହରେ ଶୁକ୍ରବାର ପାଳିତ ହୋଇ ଯାଇଛି । ଅପରାହ୍ନ ପ୍ରାୟ ସାଢେ ୩ଟାରେ ନିକଟସ୍ଥ ମହାନଦୀରେ ସ୍ନାନ ପୂଜା ସମ୍ପନ୍ନ କରି ଠାକୁରଙ୍କୁ ଗ୍ରାମ ବିଜେ କରାଇ ପ୍ରତି ଦ୍ୱାରରେ ଠାକୁର ପୂଜା ପାଇଥିଲେ । ଗ୍ରାମବାସୀ ଶୁଦ୍ଧପୁତ ଭାବରେ ଦାଣ୍ଡ ରାସ୍ତା ପରିଷ୍କାର କରି ଗୋବରରେ ଲିପାପୋଛା କରିଥିଲେ । ଏହାଛଡା ଦଣ୍ଡଠାକୁର ଯିବା ରାସ୍ତାରେ ପ୍ରତି ସାହିମାନଙ୍କରେ ପାହୁଡ ବିଛାଯାଇଥିଲା । ଠାକୁର ଏବଂ ଦଣ୍ଡୁଆମାନେ ଏହି ନୂତନ ବସ୍ତ୍ର ଉପରେ ଯାତ୍ରା କରି ଗ୍ରାମ ପରିକ୍ରମା କରିଥିଲେ। ଏହି ଆଧ୍ୟାତ୍ମିକ ପରମ୍ପରା ଦର୍ଶନ ପାଇଁ ସିଧାମୂଳା ପଞ୍ଚାୟତ ଅନ୍ତର୍ଗତ ସିଧାମୂଳା, ବଳରାମପ୍ରସାଦ, ରାଜକିଆରୀ, ଦୁଆରଗାଁ, ହଟିଆପଲ୍ଲୀ, କନାସିଂ ଆଦି ଗ୍ରାମରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲେ । ପ୍ରତି ଦ୍ୱାରରେ ଦୀପ,କଳସ ଓ କଦଳୀ ଗଛ ବସାଇବା ସହ ଠାକୁରଙ୍କୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା । ଶ୍ରଦ୍ଧାଳୁଙ୍କ ହରିବୋଲ ହୁଳହୁଳି ଶବ୍ଦ ପରିବେଶକୁ ଅଧିକ ମନୋଜ୍ଞ ଓ ସରସ ସୁନ୍ଦର କରିଥିଲା ।

ଠାକୁରଙ୍କ ମହାମେରୁ ପର୍ବ

# ମଣିଖୁମ୍ବ ଓଲଟ ତପରେ ଝୁଲିଲେ ଭଗତା

ରଣପୁର,୧୩।୪ (ସ୍ୱ.ପ୍ର.)

ମେରୁପର୍ବ ଉପଲକ୍ଷେ ରଣପୁର ପାଟଦଣ୍ଡ କାମନା କୋଠିର ଭଗତା ମାନଙ୍କ ଦ୍ୱାରା ଶନିବାର କୋଠି ପରିସରରେ ବିଭିନ୍ନ ପ୍ରକାର ହଳୁଆ ନାଚ ଗୀତ ସହିତ ପାରମ୍ପରିକ ଧାନ ବୁଣା ଯାଇଥିଲା। ଠାକୁରଙ୍କ ପାଣିତୋଳା ପର୍ବ ନିକଟସ୍ଥ ବଧି ପୋଖରୀ ଘାଟରେ ସମାପନ ହୋଇଥିଲା। ମେରୁ ଉପବାସ କରିଥିବା ଶ୍ରଦ୍ଧାଳୁମାନେ ପୋଖରୀ ଘାଟରେ ବୁଡ ପକାଇଥିଲେ। କାମନା କୋଠି ପରିସରରେ ହୋମ ଯଜ୍ଞ,ପୂଜାର୍ଚ୍ଚନା ଓ ଭୋଗଲାଗି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୂଜାର୍ଚ୍ଚନା ସମୟରେ ଭକ୍ତମାନଙ୍କ ହରିବୋଲ, ହୁଳହୁଳି, ଢୋଲବାଦ୍ୟ ଓ ଶଙ୍ଖ ଧ୍ୱନୀରେ କୋଠି ପରିସର ପ୍ରକମ୍ପିତ ହୋଇଥିଲା। ପୂଜାର ଶେଷ ଭାଗରେ ମହାପ୍ରଭୁଙ୍କ ସମେତ ବାର ଭଗତା ହସ୍ତରେ ନଡିଆ ଧରି ମଣିଖମ୍ବ ଓଲଟ ତପରେ ଦୋଳି ଖେଳିଥିଲେ। ମହାପ୍ରଭୁ ଓ ଭଗତାଗଣଙ୍କ ହସ୍ତର ନଡିଆକୁ ଯେଉଁ ଭକ୍ତମାନେ ପ୍ରାପ୍ତ କରି ମାନସିକରେ ଭକ୍ଷଣ କରନ୍ତି ସେମାନେ ନିଃସନ୍ତାନ ହୋଇଥିଲେ ପୁତ୍ର ସନ୍ତାନ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏହା ଦେଖିବା ପାଇଁ କାମନା ଘର ଆଗରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ୧୭ ଦିନ ଧରି ନିଷ୍ଠାର ସହିତ ଥିବା ଦଣ୍ଡୁଆ ଓ ଭଗତା ମାନେ ଶନିବାର ସକାଳୁ ପାଟଦଣ୍ଡଙ୍କ ସହିତ ନିତ୍ୟକର୍ମ ସାରି ସକାଳ ୧୧ରୁ ୧୨ ଭିତରେ ନିଆଁ ଗାଡରେ ଚାଲିବା ସହିତ କଣ୍ଟା ଗଡିବାର ବିଧି ରହିଛି ।



ମଣିଖମ୍ବ ଓଲଟ ତପରେ ଝୁଲି ରହିଛନ୍ତି ଜଣେ ଭଗତା।

ଡାହୁକା ନଦୀ ସାଜିଛି ଯାତାୟାତରେ ବାଧକ

# ୪ ଗ୍ରାମ ଭୋଟରଙ୍କ ଭୋଟ ବର୍ଜନ ଚେତାବନୀ

ନୂଆଗାଁ,୧୩।୪ (ଡି.ଏନ.ଏ.)

ଆମ ଗାଁ ଦେଇ ଯାଇଥିବା ଡାହୁକା ନଦୀରେ ପୋଲଟିଏ ନିର୍ମାଣ କରିବା ପାଇଁ ପ୍ରଶାସନଠାରୁ ଆରମ୍ଭ କରି ନେତାମାନଙ୍କୁ ଅନେକ କାକୁତି ମିନତି ହୋଇ ଗୁହାରି କରିଛୁ । ସମସ୍ତଙ୍କଠାରୁ କେବଳ ପ୍ରତିଶ୍ରୁତି ପାଇଛୁ । କେହି କିଛି କରି ନାହାନ୍ତି। ତେଣୁ ଆମେ ଭୋଟ ଦେଇ ନେତା ବାଛିବା କୌଣସି ଆବଶ୍ୟକ ନାହିଁ । ତେଣୁ ଆଗାମୀ ନିର୍ବାଚନରେ ଆମେମାନେ ଭୋଟ ବର୍ଜନ କରିବା ପାଇଁ ନିଷ୍ପତି ନେଇଛୁ ବୋଲି କହିଛନ୍ତି ନୟାଗଡ ଜିଲା ନୂଆଗାଁ ବ୍ଲକ ଗୁମି ପଞ୍ଚାୟତର ବିଶ୍ୱନାଥ ପ୍ରଧାନ, ତ୍ରିନାଥ ପ୍ରଧାନ , ପ୍ରଦୀପ ମଳିକ, କେସନ ଜାନି, ଗଜେନ୍ଦ୍ର ପ୍ରଧାନ, କବି ଜାନି, ବରୁଣ ଜାନି, ବିଦୁର ପ୍ରଧାନ ଓ ସନାତନ ଜାନିଙ୍କ ସମେତ ଦୁଇଗୋଟି ୱାର୍ଡର ୪ଟି ଗ୍ରାମର ୩୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ।

ନୂଆଗାଁ ବ୍ଲକଠାରୁ ମାତ୍ର ୨୨ କିଲୋମିଟର ଦୂରରେ ଅବସ୍ଥିତ ଗୁମି ପଞ୍ଚାୟତର ୧୦ ନଂ ଓ ୧୧ ନଂ ୱାର୍ଡରେ ରହିଛି ଜାମୁସାହି , କେସେଣ୍ଡା , ମଣିଆକୋଟ ,ରାଣିଗୁମା ୪ଗୋଟି ଗ୍ରାମ। ଉକ୍ତ ଗ୍ରାମରେ ବାସ କରନ୍ତି ୩୫୦ରୁ ଊର୍ଦ୍ଧ୍ୱ



ଯାତାୟାତ ପାଇଁ ବାଧକ ସାଜିଥିବା ଡାହୁକା ନଦୀ।

ଆଦିବାସୀ । ଗ୍ରାମବାସୀଙ୍କ ପାଇଁ ପାନୀୟ ଜଳ ଓ ପକ୍କା ରାସ୍ତା ଆବଶ୍ୟକ ଥିବା ବେଳେ ତାହା ସେମାନଙ୍କ ପାଇଁ ପାଲଟିଛି ସାତ ସପନ । ଲୋକମାନଙ୍କର କୌଣସି ଜିନିଷ ଆବଶ୍ୟକ ପଡିଲେ , ପିଲାମାନେ ଉଚ୍ଚ ଶିକ୍ଷା ପାଇଁ ଯିବାକୁ ହେଲେ କିମ୍ବା କେହି ଜଣେ ରୋଗରେ ପଡିଲେ ତାହାର ସାଧାରଣ ଚିକିତ୍ସା ପାଇଁ ମଧ୍ୟ ଗ୍ରାମ ନିକଟ ଦେଇ ଯାଇଥିବା ଡାହୁକା ନଦୀ ପାର ହୋଇ ଯିବାକୁ ପଡିଥାଏ । ସେମାନେ ଘରୁ ପାଦ କାଢିଲେ ନଦୀ ପାର ହେବାକୁ ପଡେ । ଖରାଦିନେ ସେମାନେ ଯାହାଯେମିତି ଚଳିଯାଆନ୍ତି କିନ୍ତୁ ବର୍ଷାଦିନ ଆସିଲେ ସେମାନଙ୍କ ପାଇଁ ସତେ ଯେପରି ବିପଦ ମାଡି ଆସେ। ଭରା ନଦୀ ପାର ହୋଇ ଯିବା କଷ୍ଟସାଧ୍ୟ ହୋଇଥାଏ। ରୋଗୀଟିଏ ଯନ୍ତ୍ରଣାରେ ଛଟପଟ ହେଉଥିଲେ ମଧ୍ୟ ଚିକିତ୍ସାଳୟକୁ ନେବା ଅସମ୍ଭବ ହୋଇପଡେ । ରାସ୍ତା ଅଭାବରୁ ଏପରି ଦୟନୀୟ ଅବସ୍ଥାରେ ରହୁଥିବା ଗ୍ରାମବାସୀ ଜିଲାପାଳଙ୍କଠାରୁ ଆରମ୍ଭ କରି ରାଜନେତାମାନଙ୍କୁ ଅନେକବାର ଗୁହାରି କରିଥିଲେ ମଧ୍ୟ କେହି ସମସ୍ୟାର ସମାଧାନ କରୁ ନାହାନ୍ତି। ସେହିପରି ସରକାର ପାନୀୟ ଜଳର ବ୍ୟବସ୍ଥା ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ଏହି ୪ଗୋଟି ଗ୍ରାମର ଲୋକଙ୍କ ପାଇଁ ତାହା ସାତ ସପନ ପାଲଟିଛି । ୪ ଗୋଟି ଗ୍ରାମର ଲୋକଙ୍କ ପାଇଁ ୩ ପଥର କୂଅ ଓ ୪ ନଳକୂଅ ରହିଛି । କିନ୍ତୁ ଅନେକ ସମୟରେ ନଳକୂଅ ଖରାପ ରହିବା ସାଙ୍ଗକୁ ସେଥିରୁ ଲୁହାଗୁଣ୍ଡ ମିଶ୍ରିତ ପାଣି ବାହାରୁଛି। ଖରାଦିନେ ପଥର କୂଅଗୁଡିକରେ ପାଣିର ଅଭାବ ହୁଏ। ଯାହା ଫଳରେ ସେମାନଙ୍କୁ ନଦୀର ଚୂଆରୁ ପାଣି ଆଣି ବ୍ୟବହାର କରିବାକୁ ପଡେ। ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ମଧ୍ୟ କରାଯାଉନାହିଁ । ଏପରି ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହୋଇଥିବା ଗ୍ରାମବାସୀ ସମସ୍ୟା ସମାଧାନ ଦାବି କରି ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବାର ନିଷ୍ପତି ନେଇଛନ୍ତି ।ଏ ବିଷୟରେ ନୟାଗଡ ଜିଲାପାଳ ଡ.ଏନ. ତିରୁମାଲା ନାୟକଙ୍କୁ ପଚାରିବାରେ ସେ କୁହନ୍ତି ଭୋଟ ଦେବା ନାଗରିକଙ୍କ ମୌଳିକ ଅଧିକାର। ତେଣୁ ଭୋଟ ବର୍ଜନ କରିବା ଉଚିତ ନୁହଁ । ବର୍ତ୍ତମାନ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା ଯୋଗୁଁ କୌଣସି ପ୍ରତିଶ୍ରୁତି ଦେବା ସମ୍ଭବ ନୁହେଁ । ନିର୍ବାଚନ ପରେ ଯାହା ପଦକ୍ଷେପ ନିଆଯିବ ।